# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
30 APRIL 2026
ଗୁରୁବାର
୩୦ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 342 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୪୨ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


## ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

# ଭେଟିଦେଲେ ୧୩୩୦ କୋଟିର ୧୮୭ ପ୍ରକଳ୍ପ

ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:

କେନ୍ଦୁଝର ଜିଲ୍ଲାର ସାମଗ୍ରିକ ବିକାଶ ଓ ଗମନାଗମନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କେନ୍ଦୁଝର ଠାରେ ଏକାଧିକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ବିକାଶ ସମାବେଶରେ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ

**୭୦୫ କୋଟିର ୬୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**

**୨୫୧ କୋଟି ବ୍ୟୟରେ ନିର୍ମିତ ୨୪ ପ୍ରକଳ୍ପ ଲୋକାର୍ପିତ**

**୧୦୧ ନୂତନ ପ୍ରକଳ୍ପ ପାଇଁ ୩୭୫ କୋଟିର ପ୍ୟାକେଜ୍ ଘୋଷଣା**

**କେନ୍ଦୁଝରକୁ ଦେଶର ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା କରାଯିବ: ସିଏମ୍**



ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପ୍ରାୟ ୧,୩୩୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ଘୋଷଣା କରାଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୫ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ, ପ୍ରାୟ ୨୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ ▶▶ ୬

### ସମୃଦ୍ଧି ପଥରେ ନୂତନ ସୂର୍ଯ୍ୟୋଦୟ

## ଗଡ଼ିଲା ୨୫ ଇ-ବସ୍

ରାଜ୍ୟର ପ୍ରତିଟି ଅଞ୍ଚଳରେ ପ୍ରଗତିର ସୁଫଳ ପହଞ୍ଚାଇବା ସହ ଜନସାଧାରଣଙ୍କ ଜୀବନଧାରଣର ମାନକୁ ଅଧିକ ସୁଗମ ଓ ଉନ୍ନତ କରିବା ରାଜ୍ୟ ସରକାରଙ୍କ ମୁଖ୍ୟ ସଂକଳ୍ପ। ବିକାଶର ଏହି ଅତୁଟ ଅଭିଯାନରେ ବୁଧବାର କେନ୍ଦୁଝରର ସ୍ୱାଭିମାନ ଓ ସମୃଦ୍ଧି ପଥରେ

**୧୭ କୋଟି ବ୍ୟୟରେ ନିର୍ମିତ 'ଆମ ବସ୍' ଡିପୋ ଲୋକାର୍ପିତ**

ଏକ ନୂତନ ସୂର୍ଯ୍ୟୋଦୟ ହୋଇଛି। ଜିଲ୍ଲାବାସୀଙ୍କୁ ସ୍ମାର୍ଟ ପବ୍ଲିକ ଟ୍ରାନ୍ସପୋର୍ଟ ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୫ଟି ଅତ୍ୟାଧୁନିକ ଇ-ବସ୍ ସହିତ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଆମ ବସ୍' ଡିପୋର ଲୋକାର୍ପଣ କରିଛନ୍ତି। ଏହି ନୂତନ ଇ-ବସ ସେବାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁଲଭ ଭଡ଼ା। ମାତ୍ର ୫ ଟଙ୍କାରୁ ବସ୍ ଭଡ଼ା ଆରମ୍ଭ ହେଉଥିବାରୁ ଏହା ଦୈନନ୍ଦିନ ଯାତ୍ରା କରୁଥିବା ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ▶▶ ୬

# ଆଜି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:

ଆସନ୍ତାକାଲି ଅର୍ଥାତ ଗୁରୁବାର ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିବ। ମହିଳାଙ୍କୁ ଅଧିକାର ପ୍ରସଙ୍ଗରେ ବିରୋଧୀ ଦଳ ବିଜେଡି ଓ କଂଗ୍ରେସଙ୍କୁ କାଠଗଡ଼ାକୁ ଟାଣିବା ପାଇଁ ବିଜେପି ସରକାର ଏହି ସ୍ୱତନ୍ତ୍ର ଅଧିବେଶନ ଡାକିଥିବା ଚର୍ଚ୍ଚା ହେଉଛି। ବିରୋଧୀ ଦଳଙ୍କୁ ମହିଳା ବିରୋଧୀ ଦର୍ଶାଇବା ପାଇଁ ବିଧାନସଭାରେ ବିଧିବଦ୍ଧ ଭାବେ ସଂକଳ୍ପ ପାରିତ ହୋଇପାରେ ବୋଲି କୁହାଯାଉଛି। ଏଥିପାଇଁ ଶାସକ ଦଳ ସମସ୍ତ ପ୍ରସ୍ତୁତି ଶେଷ କରିଥିବା ଆଲୋଚନା ହେଉଛି। ସେହିପରି ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ନେଇ ବିଜେପିକୁ ପ୍ରତି ଆକ୍ରମଣ କରିବାକୁ ସୁଯୋଗ ଅପେକ୍ଷାରେ ଅଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଏଭଳି ସ୍ଥିତିରେ ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ବେଶ ସରଗରମ ରହିବ ବୋଲି କୁହାଯାଉଛି।

ଏହି ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ପାଇଁ ଗତ ୨୪ ତାରିଖ ଦିନ ରାଜ୍ୟ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ସମନ ଜାରି ହୋଇଥିଲା। ଏହି ସ୍ୱତନ୍ତ୍ର ଅଧିବେଶନରେ 'ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ' ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ରାଜ୍ୟ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ

- **ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**
- **ମୁତୟନ ହେବେ ୩୦ ପ୍ଲାଟୁନ ଫୋର୍ସ**
- **ସରଗରମ ହେବ ଗୃହ**



ଦ୍ୱାରା ଜାରି ସମନରେ କୁହାଯାଇଥିଲା। ତେବେ ସଂସଦରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ କାଟ୍ ଖାଇଯିବା ପରେ ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟ ଏବେ ବିରୋଧୀ ଦଳଗୁଡ଼ିକୁ ଘେରିବା ପାଇଁ ବଡ଼ ରଣନୀତି ପ୍ରସ୍ତୁତ କରିଛି। ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ସହ ବିଜେପି ଶାସିତ ରାଜ୍ୟଗୁଡ଼ିକର ବିଧାନସଭାରେ ଏନେଇ ଆଲୋଚନା ଓ ନିନ୍ଦା ପ୍ରସ୍ତାବ ଆଗତ ନିମନ୍ତେ ଯୋଜନା କରିଥିବା ଜଣାପଡ଼ିଛି। ବିଧାନସଭା ସଚିବାଳୟର ସମନ୍ ଅନୁସାରେ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୭୪ର ଖଣ୍ଡ (୧)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ରାଜ୍ୟପାଳ ଏହି ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଗୁରୁବାର ପୂର୍ବାହ୍ଣ ୧୧ଟା ସମୟରେ ବିଧାନସଭା ଭବନରେ ଏହି ଅଧିବେଶନ ଅନୁଷ୍ଠିତ ହେବ। ଏହି ଅଧିବେଶନରେ 'ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ' ସମ୍ପର୍କରେ ଏକ ବିସ୍ତୃତ ଆଲୋଚନା କରାଯିବ ବୋଲି ସମନରେ ଉଲ୍ଲେଖ କରାଯିବା ସହ ସମସ୍ତ ବିଧାୟକ ଓ ବିଧାୟିକାଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଥିଲା। ଯଦିଓ ସମନରେ ନିନ୍ଦା ପ୍ରସ୍ତାବ ଆଗତ ନେଇ କୌଣସି ଉଲ୍ଲେଖ ନାହିଁ ମାତ୍ର ବିଜେପି ଶାସିତ ଛତିଶଗଡ଼ ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ଦେଇଥିବା ବୟାନରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ନିନ୍ଦା ପ୍ରସ୍ତାବ ଆଗତ କରାଯିବ ବୋଲି ସୂଚନା ଦେଇଛନ୍ତି। ତେବେ କେବଳ ଓଡ଼ିଶା ନୁହେଁ, ବିଜେପି ଶାସିତ ରାଜ୍ୟଗୁଡ଼ିକରେ ମଧ୍ୟ ଅନୁରୂପ ଭାବେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ବିରୋଧୀ ଦଳଗୁଡ଼ିକ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ପାରିତ ନିମନ୍ତେ ଯୋଜନା ହୋଇଛି।

ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ତ୍ରିସ୍ତରୀୟ ବଳୟରେ ରହିବ ବିଧାନସଭା। ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏସ୍‌ଟିଫ୍, ଡଗ୍ ସ୍କ୍ୱାଡ, ବମ ସ୍କ୍ୱାଡ ସହ ଅଗ୍ନିଶମ ବିଭାଗକୁ ମଧ୍ୟ ନିୟୋଜନ କରାଯାଇଛି। ଲୋୟର ପିଏମ୍‌ଜିରେ ଆସନ୍ତାକାଲି ପାଇଁ ୧୪୪ ଧାରା ଜାରି କରାଯିବ। ସେହିପରି ବିଧାନସଭାକୁ ସଂଯୋଗ କରୁଥିବା ରାସ୍ତା ପାଇଁ ଟ୍ରାଫିକ କଟକଣା ଜାରି କରାଯାଇଛି। ପୁଲିସ କମିଶନର ଦେବିଦତ୍ତ ସିଂ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ଅବସରରେ କମିଶନର କହିଛନ୍ତି, '୧୦୦ରୁ ଉର୍ଦ୍ଧ୍ୱ ଅଫିସରଙ୍କ ନେତୃତ୍ୱରେ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ୧୧ଟି କ୍ୱିକ୍ ରିଆକ୍ସନ ଟିମ ନିୟୋଜିତ ହୋଇଛନ୍ତି। ୭ଟି କୁଇକ ରିଆକ୍ସନ ଟିମ ବିଧାନସଭା ଭିତରେ ଓ ୪ଟି କୁଇକ ରିଆକ୍ସନ ଟିମ ବିଧାନସଭା ବାହାରେ ରହିବେ। ଆତଙ୍କବାଦୀ-ନିରୋଧୀ ସ୍କ୍ୱାର୍ଡ ମଧ୍ୟ ରହିବ।

## ହାଜତରେ ଝୁଲିପଡ଼ିଲେ ଅଭିଯୁକ୍ତ

**ଏସ୍‌ଆଇ, ଦୁଇ କନ୍‌ଷ୍ଟେବଲ ନିଲମ୍ବିତ**

ନବରଙ୍ଗପୁର,୨୯।୪/ଏନ୍ଏନ୍ଏସ୍:

ପୁଲିସ ହେପାଜତରେ ଜଣେ ଅଭିଯୁକ୍ତର ସନ୍ଦେହଜନକ ମୃତ୍ୟୁ ହୋଇଛି। ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ହାଜତରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ନାବାଳିକା ଅପହରଣ ମାମଲାର ଅଭିଯୁକ୍ତ ପୁଲିସ ହେପାଜତରେ ଥିବା ସମୟରେ ଥାନାର ଶୌଚାଳୟରେ ଜୀବନ ହାରିଥିବା ପୁଲିସ ସୂଚନା ଦେଇଛି। ମୃତକ ଜଣକ ହେଲେ ମେଦେନା ପଞ୍ଚାୟତ ଅନ୍ତର୍ଗତ ଅଞ୍ଚଳା ଗ୍ରାମର ପୂର୍ଣ୍ଣ କଲାର। ଅନ୍ୟପକ୍ଷରେ ଏହି ଘଟଣାରେ ବିକ୍ରମ ସାହୁ ନାମକ ଜଣେ ସବ-ଇନ୍ସପେକ୍ଟର(ଏସ୍‌ଆଇ) ଏବଂ କର୍ଣ୍ଣ ପୂଜାରୀ ଓ ବୁଦୁରାମ ମାଝୀ ନାମକ ୨ଜଣ କନଷ୍ଟେବଲଙ୍କୁ ଏସ୍‌ପି ନିଲମ୍ବିତ କରିଛନ୍ତି। ଅପହରଣ ଓ ଦୁଷ୍କର୍ମ ମାମଲାରେ ଦୁଇ ଦିନ ତଳେ ଡାବୁଗାଁ ପୁଲିସ ତାଙ୍କୁ ଗିରଫ କରିଥିଲା। ଗତକାଲି ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ମଧ୍ୟ ଶେଷ ▶▶ ୬

## ଭଡ଼ାଘରେ ଯନ୍ତ୍ରୀଙ୍କ ଝୁଲନ୍ତା ମୃତଦେହ

ବଲାଙ୍ଗୀର,୨୯।୪/ଏନ୍ଏନ୍ଏସ୍:

ଭଡ଼ା ଘରେ ଜଣେ ଯନ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଛି। ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଗୁଡଭେଲା ଗାଁରେ। ମୃତ ଯନ୍ତ୍ରୀ ଜଣକ ଯାଜପୁର ଅଞ୍ଚଳର ପ୍ରବୀର ବେହେରା ବୋଲି ଜଣାପଡ଼ିଛି। ସେ ସ୍ଥାନୀୟ ମେଗା ଇରିଗିସେନ ପ୍ରୋଜେକ୍ଟରେ କାର୍ଯ୍ୟ କରୁଥିଲେ। ସୂଚନା ଅନୁସାରେ, ତୁଷୁରା ଅଞ୍ଚଳରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାମ ଚାଲିଛି। ପ୍ରକଳ୍ପରେ ଯାଜପୁର ଜିଲ୍ଲାର ପ୍ରବୀର ବେହେରା ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ତୁଷୁରା ଜଗନ୍ନାଥ ପଡ଼ାରେ ଏକ ଘରକୁ ଭଡ଼ା ନେଇ ରହୁଥିଲେ। ଆଜି ପ୍ରବୀରଙ୍କ ଭଡ଼ା ଘରର କବାଟ ଖୋଲା ଥିବା ବେଳେ ଫ୍ୟାନରେ ସେ ଝୁଲି ରହିଥିବା ପଡ଼ୋଶୀ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତୁଷୁରା ଥାନା ପୁଲିସକୁ ଖବର ଦିଆଯାଇଥିଲା।ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ଅନ୍ୟପକ୍ଷରେ ଭଡ଼ାଘରୁ ଆଜି ତାଙ୍କର ମୃତ ଦେହ ମିଳିଥିଲା ବେଳେ ସାଙ୍ଗରେ ରହୁଥିବା ଆଉ ଦୁଇ ଜଣ ଫେରାର ▶▶ ୬

### ୫୯୪ କିମି ବିଶିଷ୍ଟ ଗଙ୍ଗା ଏକ୍ସପ୍ରେସ୍‌ୱେ ଉଦ୍‌ଘାଟିତ

# ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବ: ମୋଦୀ



ଲକ୍ଷ୍ନୌ, ୨୯।୪/ଏଜେନ୍ସି:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଉତ୍ତର ପ୍ରଦେଶର ହାର୍ଦୋଇ ଠାରେ ୫୯୪ କିଲୋମିଟର ଲମ୍ବ ଆକ୍ସେସ କଣ୍ଟ୍ରୋଲଡ୍ ଗ୍ରୀନ୍‌ଫିଲ୍ଡ ଗଙ୍ଗା ଏକ୍ସପ୍ରେସ୍‌ୱେକୁ ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଏକ୍ସପ୍ରେସ୍‌ୱେକୁ ଉତ୍ତର ପ୍ରଦେଶର ବିକାଶ ପାଇଁ ଏକ 'ନୂତନ ଜୀବନରେଖା' ଭାବେ ଅଭିହିତ କରିଛନ୍ତି। ଏହାଦ୍ୱାରା ଶିଳ୍ପାୟନ ବଢ଼ିବା ସହ କୃଷକ ଏବଂ ବ୍ୟବସାୟୀମାନେ ଉପକୃତ ହେବେ ବୋଲି ସେ ମତ ପୋଷଣ କରିଛନ୍ତି।

ପ୍ରଧାନମନ୍ତ୍ରୀ ନିଜ ଭାଷଣରେ କହିଛନ୍ତି ଯେ, ଏ ସମଗ୍ର ଅଞ୍ଚଳ ଗଙ୍ଗାନଦୀର ଆଧ୍ୟାତ୍ମିକ ଏବଂ ପୁଷ୍ଟିକର କୃପାପ୍ରାପ୍ତ ଏକ ତୀର୍ଥସ୍ଥଳ। ଏହି ଏକ୍ସପ୍ରେସୱେ କିଛି ଘଣ୍ଟା ମଧ୍ୟରେ ପବିତ୍ର ସ୍ନାନକୁ ଯାତ୍ରାକୁ ରୂପାନ୍ତରିତ କରିବ ବୋଲି ଉଲ୍ଲେଖ କରି ମୋଦୀ କହିଥିଲେ,'ଉତ୍ତର ପ୍ରଦେଶକୁ ଏକ୍ସପ୍ରେସୱେ ମଧ୍ୟ ମା ଗଙ୍ଗାଙ୍କ ଆଶୀର୍ବାଦ।' ମୋଦୀ ନବନିର୍ମିତ ଏହି ରାଜପଥକୁ ଏକ ବିକଶିତ ଭାରତର ଜୀବନରେଖା ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କ କହିବାନୁସାରେ ଏହି ଆଧୁନିକ ଜୀବନରେଖା ଆଜି ଭାରତର ଉଜ୍ଜ୍ୱଳ ଭବିଷ୍ୟତର ଉଦ୍‌ଘୋଷଣା କରୁଛି। ସରକାରଙ୍କ ଦ୍ୱାରା ଭିତ୍ତିଭୂମି ବିକାଶର ଦ୍ରୁତ ଗତି ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଦେଶର ସବୁଠାରୁ ଦୀର୍ଘ ସବୁଜ କରିଡର ଏକ୍ସପ୍ରେସୱେ ଗଙ୍ଗା ଏକ୍ସପ୍ରେସୱେର କାର୍ଯ୍ୟ ପାଞ୍ଚ ବର୍ଷରୁ କମ୍ ସମୟ ମଧ୍ୟରେ ସମାପ୍ତ ହୋଇଛି। ଦ୍ରୁତ ଆଧୁନିକୀକରଣର ତାଙ୍କର ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରି ସେ ମନ୍ତବ୍ୟ ଦେଇଥିଲେ, 'ଏହା ହେଉଛି ବର୍ତ୍ତମାନ ସରକାରଙ୍କ କାର୍ଯ୍ୟର ଗତି ! ଏହା ହେଉଛି ▶▶ ୬

## ପୁନଃବ୍ୟବହାର ହେବ ଡ୍ରେନ୍‌ପାଣି

ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:

ଆଉ ନଷ୍ଟ ହେବନି ଡ୍ରେନ ପାଣି। କାରଣ ଏହାକୁ ପୁନଃ ବ୍ୟବହାର କରାଯିବ। ଜଳ ସଙ୍କଟକୁ ଦୃଷ୍ଟିରେ ରଖି ନଗର ଉନ୍ନୟନ ବିଭାଗ ବଡ଼ ପଦକ୍ଷେପ ନେବାକୁ ଯାଉଛି। ନାଳ, ନର୍ଦ୍ଦମାରେ ବୋହି ଯାଉଥିବା ଦୂଷିତ ଜଳକୁ ବିଶୋଧନ କରାଯାଇ ପୁନଃ ବ୍ୟବହାର ଯୋଗ୍ୟ କରାଯିବ। ଏହି ପାଣିକୁ କୃଷି, ଅଗ୍ନିଶମ ଓ ଶିଳ୍ପ କ୍ଷେତ୍ରରେ କରାଯିବ ବ୍ୟବହାର। ଏନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଡ୍ରେନ୍‌ରେ ବହିଯାଉଥିବା ପାଣିକୁ କିଭଳି ବିଶୋଧନ କରାଯାଇ ପୁନଃ ବ୍ୟବହାର କରାଯାଇ ପାରିବ ସେନେଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ସହରାଞ୍ଚଳର ପୁଷ୍କରିଣୀ ପୁନଃରୁଦ୍ଧାର ହୋଇ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ପଞ୍ଚାୟତ ପ୍ରଗତି ସୂଚକାଙ୍କ ରିପୋର୍ଟର ଦ୍ୱିତୀୟ ସଂସ୍କରଣ

# ଓଡ଼ିଶାର ପୋଟିଲିମାକୁ ସର୍ବଶ୍ରେଷ୍ଠ ପଞ୍ଚାୟତ ମାନ୍ୟତା

ନୂଆଦିଲ୍ଲୀ,୨୯।୪/ଏନ୍ଏନ୍ଏସ୍:

ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ପଞ୍ଚାୟତ ପ୍ରଗତି ସୂଚକାଙ୍କ ରିପୋର୍ଟର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ପ୍ରକାଶ ପାଇଥିବା ଏହି ରିପୋର୍ଟରେ ଦେଶର ୩୬୩୫ଟି ପଞ୍ଚାୟତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛନ୍ତି। ତୃଣମୂଳ ସ୍ତରର ପ୍ରଶାସନକୁ ସୁଦୃଢ଼ କରିବା ଏବଂ ସମାବେଶୀ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହନ ଦେବା ଦିଗରେ ଏହା ଏକ ପ୍ରମୁଖ ପଦକ୍ଷେପ। ଦେଶର ୧,୧୮,୮୨୪ଟି ପଞ୍ଚାୟତ ପ୍ରଦର୍ଶନକାରୀ ବର୍ଗରେ ସ୍ଥାନ ପାଇଛନ୍ତି। ତେବେ ଓଡ଼ିଶାରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର ପୋଟିଲିମା ପଞ୍ଚାୟତ ସାମଗ୍ରିକ ଭାବେ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ପଞ୍ଚାୟତ ଭାବେ 'ଏ' ମାନ୍ୟତା ହାସଲ କରିଛି।

**ଦେଶର ୩୬୩୫ ପଞ୍ଚାୟତ ହାସଲ କରିଛନ୍ତି ଉଲ୍ଲେଖନୀୟ ଅଗ୍ରଗତି**

ଦାରିଦ୍ର୍ୟ ଦୂରୀକରଣ ଓ ପଞ୍ଚାୟତରେ ଅଧିକ ଜୀବିକା ସୁଯୋଗ ଏବଂ ସୁସ୍ଥ ପଞ୍ଚାୟତ ବିଷୟବସ୍ତୁ ବର୍ଗରେ ମୋଟ୍ ୩,୩୧୩ ପଞ୍ଚାୟତ ଭଲ ପ୍ରଦର୍ଶନ କରିଛନ୍ତି। ଏସବୁ ପଞ୍ଚାୟତକୁ 'ଏ ପ୍ଲସ୍' ମାନ୍ୟତା ମିଳିଛି। ସେହିପରି ୧,୦୧୫ଟି ପଞ୍ଚାୟତ ସୁସ୍ଥ ପଞ୍ଚାୟତ ବର୍ଗରେ 'ଏ ପ୍ଲସ୍' ମାନ୍ୟତା ହାସଲ କରିଛନ୍ତି। ଏସବୁ ପଞ୍ଚାୟତ ନିରାକରଣ ଯୋଗ୍ୟ ସ୍ୱାସ୍ଥ୍ୟସେବା, ପୋଷଣ ସଚେତନତା, ସ୍ୱଚ୍ଛତା ଅଭ୍ୟାସ ଏବଂ ସାମାଜିକ ଅଂଶଗ୍ରହଣ କ୍ଷେତ୍ରରେ ଦୃଢ଼ ଫଳାଫଳ ପ୍ରଦର୍ଶନ କରିଛନ୍ତି। ପଞ୍ଚାୟତ ପ୍ରଗତି ସୂଚକାଙ୍କର ଦ୍ୱିତୀୟ ସଂସ୍କରଣରେ ଦେଶର ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ୯୭.୩୦ ପ୍ରତିଶତ ଅର୍ଥାତ୍ ପ୍ରାୟ ୨,୫୯,୮୬୭ଟି ପଞ୍ଚାୟତ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୩୬୩୫ଟି ପଞ୍ଚାୟତ 'ଏ', ୧୧୮୮୨୪ ପଞ୍ଚାୟତ 'ବି', ୧୨୩୭୧୯ ପଞ୍ଚାୟତ 'ସି' ଏବଂ ୧୩୬୮୯ଟି ପଞ୍ଚାୟତ 'ଡି' ବର୍ଗରେ ରହିଛନ୍ତି। ଓଡ଼ିଶାରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର ପୋଟିଲିମା ପଞ୍ଚାୟତ ସାମଗ୍ରିକ ଭାବେ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ପଞ୍ଚାୟତ ଭାବେ 'ଏ' ମାନ୍ୟତା ▶▶ ୬

### ପଶ୍ଚିମବଙ୍ଗରେ ୨ୟ ପର୍ଯ୍ୟାୟ

## ୯୨.୩୨% ଭୋଟିଂ



କୋଲକାତା, ୨୯।୪/ଏଜେନ୍ସି:

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ୭ଟି ଜିଲ୍ଲାର ମୋଟ୍ ୧୪୨ଟି ଆସନ ପାଇଁ ବୁଧବାର ମତଦାନ ଶେଷ ହୋଇଛି। ନିର୍ବାଚନ ଶେଷ ହେବା ସହ ଇଭିଏମ୍‌ରେ ଆଶାୟୀଙ୍କ ଭାଗ୍ୟ କଏଦ୍ ହୋଇଯାଇଛି। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ରାତି ୯ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ପ୍ରାୟ ୯୨.୩୨% ମତଦାନ ରେକର୍ଡ କରାଯାଇଛି, ଯାହାକି ଆହୁରି ବଢ଼ିବାର ସମ୍ଭାବନା ଅଛି। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୨୩ରେ ରେକର୍ଡ ୯୩.୧୯% ମତଦାନ ହୋଇଥିଲା। ତେବେ ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଏକାଧିକ ନିର୍ବାଚନୀ ପ୍ରାନ୍ତରେ ବ୍ୟାପକ ହିଂସାକାଣ୍ଡ ସଂଘଠିତ ହୋଇଥିବା ଜଣାପଡିଛି। ଏହାସତ୍ତ୍ୱେ ଭୋଟରମାନଙ୍କ ମଧ୍ୟରେ ଭୋଟ୍ ଦେବା ପାଇଁ ▶▶ ୬

**ଏକ୍‌ଜିଟ୍ ପୋଲ୍**

# ବଙ୍ଗରେ ଏଥର ବିଜେପି ସରକାର !

### ୭ରୁ ୫ ପୋଲ୍ସରେ ବିଜେପି ଆଗୁଆ

ନୂଆଦିଲ୍ଲୀ, ୨୯।୪/ଏନ୍ଏନ୍ଏସ୍:

ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ପାଇଁ ଏକ୍‌ଜିଟ୍ ପୋଲ୍ ଫଳାଫଳ ବୁଧବାର (୨୯ ଏପ୍ରିଲ, ୨୦୨୬) ସାମ୍ନାକୁ ଆସିଛି। ଆଜି ଦିନରେ ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିବା ବେଳେ ଆସାମ, କେରଳ, ପୁଡୁଚେରୀରେ ଏପ୍ରିଲ୍ ୯ରେ ଏବଂ ତାମିଲନାଡୁରେ ଏପ୍ରିଲ୍ ୨୩ରେ ଏକକ ପର୍ଯ୍ୟାୟ ଭୋଟିଂ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗରେ ମଧ୍ୟ ଗତ ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟିଂ ହୋଇଥିଲା। ତେବେ ସନ୍ଧ୍ୟା ୬ଟା ସୁଦ୍ଧା ଆଜି ପଶ୍ଚିମବଙ୍ଗରେ ୨ୟ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ଶେଷ ହେବା ପରେ ଏକାଧିକ ପୋଲ୍ ଏଜେନ୍ସିଗୁଡ଼ିକଙ୍କ ପକ୍ଷରୁ ଏକ୍‌ଜିଟ୍ ପୋଲ୍ ଆକଳନ ସାମ୍ନାକୁ ଆସିଛି। ଏକ୍‌ଜିଟ୍ ପୋଲ୍ ଫଳାଫଳ ଅନୁସାରେ ପଶ୍ଚିମବଙ୍ଗରେ ଏଥର ଟିଏମ୍‌ସିକୁ ପରାସ୍ତ କରି ବିଜେପି ସରକାର ଗଠନ କରିପାରେ। ଅନ୍ୟପକ୍ଷେ ଆସାମରେ ପୁଣିଥରେ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱାଧୀନ ବିଜେପି ସରକାର ଗଠନ କରିବା ସମ୍ଭାବନା ବେଶ୍ ଉଜ୍ଜ୍ୱଳ ରହିଛି। ସେହିପରି ଅନ୍ୟପକ୍ଷେ ତାମିଲନାଡୁରେ ମଧ୍ୟ ଡିଏମ୍‌କେ ପୁଣିଥରେ ଜନାଦେଶ ପାଇ ସରକାର ଗଠନ କରିବ ଯେତେବେଳେ କି କେରଳମ୍‌ରେ ଦୀର୍ଘ ୧୦ ବର୍ଷ ପରେ ୟୁଡିଏଫ୍ ମେଣ୍ଟ ସରକାର କରିବା ଆଶା ସଞ୍ଚାର ହୋଇଛି।

**ଆସାମରେ ପୁଣି ବିଜେପି, ତାମିଲନାଡୁରେ ଫେରିବ ଡିଏମ୍‌କେ**

**୧୦ ବର୍ଷ ପରେ କେରଳମ୍‌ରେ ଶାସନ କରିବ ୟୁଡିଏଫ୍**

**ପୁଡୁଚେରୀରେ ପୁଣି ଏନ୍‌ଡିଏ ମେଣ୍ଟ**

**ପଶ୍ଚିମବଙ୍ଗ:** ରାଜ୍ୟରେ ମୋଟ୍ ୨୯୪ ବିଧାନସଭା ଆସନ ରହିଥିବା ବେଳେ ସରକାର ଗଠନ ପାଇଁ ମ୍ୟାଜିକ୍ ନଂ ୧୪୮ ଆବଶ୍ୟକ ରହିଛି। ତେବେ ମାଟ୍ରିଜ୍ ପକ୍ଷରୁ କରାଯାଇଥିବା ଆକଳନ ଅନୁସାରେ ୨୯୪ ଆସନ ମଧ୍ୟରୁ କ୍ଷମତାସୀନ ଟିଏମ୍‌ସି ୧୨୫-୧୪୦ ଆସନ ହାତେଇବ। ଯେତେବେଳେ କି ବିଜେପି ଖାତାକୁ ୧୪୬ରୁ ୧୬୧ ଆସନ ଏବଂ ଅନ୍ୟାନ୍ୟ ଖାତାକୁ ୬-୧୦ ଆସନ ଯାଇପାରେ। ସେହିପରି ଚାଣକ୍ୟ ଷ୍ଟ୍ରାଟେଜିଜ୍ ବିଜେପିକୁ ୧୫୦ରୁ ୧୬୦ ଆସନ ଯିବ ବୋଲି ପୂର୍ବାନୁମାନ ଲଗାଇଛି। ଟିଏମ୍‌ସିକୁ ୧୩୦ରୁ ୧୪୦ ଆସନ ଏବଂ ଅନ୍ୟ ଖାତାରେ ୦-୫ ଆସନ ମିଳିବ ବୋଲି ଏହା ଦର୍ଶାଇଛି। ତେବେ ପିପୁଲ୍ସ ପ୍ଲସ୍ ଅନୁସାରେ ଟିଏମ୍‌ସି ୧୭୭-୧୮୭ ଆସନ ହାତେଇବ ଏବଂ ବିଜେପି ୯୫-୧୧୦ ଆସନରେ ସୀମିତ ରହିବ। ପି-ମାର୍କ ଅନୁସାରେ ୧୧୮ରୁ ୧୩୮ ଆସନ ଟିଏମ୍‌ସିକୁ ଏବଂ ବିଜେପିକୁ ୧୫୦ରୁ ୧୭୫ ଆସନ ମିଳିପାରେ। ଯଦି ହାରାହାରି ଭୋଟ୍ ଦେଖାଯାଏ ତେବେ ଟିଏମ୍‌ସି ଯେଉଁଠି ୧୪୨ ଆସନରେ ସୀମିତ ରହିବ ବୋଲି ଅଧିକାଂଶ ଏଜେନ୍ସିଗୁଡ଼ିକ ପୂର୍ବାନୁମାନ କରିଛନ୍ତି ସେତେବେଳେ ବିଜେପି ୧୪୫ ଆସନ ସହ ସଂଖ୍ୟା ଗରିଷ୍ଠ ଦଳ ଭାବେ ଉଭା ହୋଇପାରେ ଯଦିଓ ସରକାର ଗଢ଼ିବା ପାଇଁ ଦଳକୁ ଆହୁରି ୩ଟି ଆସନର ଆବଶ୍ୟକତା ପଡ଼ିବ। **ତାମିଲନାଡୁ:** ତାମିଲନାଡୁରେ ମୋଟ୍ ୨୩୪ ବିଧାନସଭା ଆସନ ଥିବା ବେଳେ ବହୁମତ ▶▶ ୬

| ଏଜେନ୍ସି | ପଶ୍ଚିମବଙ୍ଗ | | | ତାମିଲନାଡୁ | | | ଆସାମ | | | କେରଳମ୍ | | |
|---|---|---|---|---|---|---|---|---|---|---|---|---|
| | ଟିଏମ୍‌ସି | ବିଜେପି | ଅନ୍ୟ | ଡିଏମ୍‌କେ | ଏଆଇଏଡିଏମ୍‌କେ | ଅନ୍ୟ | ବିଜେପି | କଂଗ୍ରେସ | ଅନ୍ୟ | ଏଲ୍‌ଡିଏଫ୍, | ୟୁଡିଏଫ୍+ | ଅନ୍ୟ |
| ମାଟ୍ରିଜ୍ | ୧୨୫-୧୪୦ | ୧୪୬-୧୬୧ | ୬-୧୦ | ୧୨୨-୧୩୨ | ୮୭-୧୧୦ | ୧୦-୧୮ | ୮୫-୯୫ | ୨୫-୩୨ | ୬-୧୨ | ୬୦-୬୫ | ୭୫-୮୫ | ୩-୫ |
| ଚାଣକ୍ୟ | ୧୩୦-୧୪୦ | ୧୫୦-୧୬୦ | ୦-୫ | --- | --- | --- | ୮୮-୯୮ | ୨୨-୩୨ | ୩-୫ | ୫୮-୬୮ | ୭୦-୮୦ | ୦-୪ |
| ପିପୁଲ୍ସ ପ୍ଲସ୍ | ୧୭୭-୧୮୭ | ୯୫-୧୧୦ | ୧-୪ | ୧୨୫-୧୪୫ | ୬୫-୮୦ | ୨୦-୩୦ | ୬୮-୭୨ | ୨୨-୨୬ | ୩-୫ | ୫୫-୬୫ | ୭୦-୮୫ | ୦-୩ |
| ପି-ମାର୍କ | ୧୧୮-୧୩୮ | ୧୫୦-୧୭୫ | ୦-୦ | ୧୨୫-୧୪୫ | ୬୫-୮୫ | ୧୭-୨୭ | ୮୨-୯୪ | ୩୦-୪୦ | ୧-୫ | ୬୨-୬୯ | ୭୧-୭୯ | ୧-୭ |
| ପ୍ରଜାପୋଲ୍ | ୮୫-୧୧୦ | ୧୭୮-୨୦୮ | ୦-୫ | ୧୪୮-୧୬୮ | ୬୧-୮୧ | ୧-୯ | --- | --- | --- | --- | --- | --- |
| ଆକ୍ସିସ୍ ମାଇଁ ଇଣ୍ଡିଆ | --- | --- | --- | --- | --- | --- | ୮୮-୧୦୦ | ୨୪-୩୬ | ୦ | ୪୯-୬୨ | ୭୮-୯୦ | ୦-୩ |

## ସପ୍ତମ ଶ୍ରେଣୀ ଛାତ୍ର ନିଖୋଜ

**ବୟାଳିଶମୌଜା,୨୯।୪/ଏନ୍‌ଏନ୍‌ଏସ୍:** କଟକ ସଦର ବୟାଳିଶମୌଜା ଥାନା ଅନ୍ତର୍ଗତ କଳପଡ଼ା ବଜାରରୁ ସୋମବାର ସନ୍ଧ୍ୟାରୁ ଅଂଶୁମାନ ପରିଡା(୧୨) ନିଖୋଜ ଅଛନ୍ତି। ସେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ ତାଙ୍କର ସନ୍ଧାନ ନପାଇବାରୁ ମଙ୍ଗଳବାର ସକାଳେ ସମ୍ପୃକ୍ତ ବାଳକଙ୍କ ବଡ଼ବାପା ରଞ୍ଜନ ପରିଡ଼ା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ୍ କରି ତଦନ୍ତ ଚଳାଇଛି।

## ବେଟିଂ ର୍ୟାକେଟ୍‌ର ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ

**ପୁରୀ,୨୯।୪/ଏନ୍‌ଏନ୍‌ଏସ୍:** ପୁରୀ ପୋଲିସ ଏକ ବଡ଼ ସଫଳତା ହାସଲ କରିଛି, ଯେଉଁଥିରେ ବେଟିଂ ର୍ୟାକେଟ୍‌ର ମୁଖ୍ୟ ଅଭିଯୁକ୍ତ ପ୍ରସନ୍ନ ପୃଷ୍ଟି ସମେତ ଚାରିଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ମୁଖ୍ୟ ଆୟୋଜକ ପ୍ରସନ୍ନ ପୃଷ୍ଟି, ବି ନାଗେଶ୍ୱର ରାଓ, ବିଶ୍ୱନାଥ ଲେଙ୍କା ଏବଂ ରାମାକାନ୍ତ ସାହୁ। ସେମାନଙ୍କ ପାଖରୁ ପୋଲିସ ୨୫ ଲକ୍ଷ ୩୫ ହଜାର ଟଙ୍କା କ୍ୟାଶ୍ ଜବତ କରିଛି। ଗିରଫ ବ୍ୟକ୍ତିଙ୍କ ପାଖରୁ ପୋଲିସ ଏପର୍ଯ୍ୟନ୍ତ ମୋଟ ୧୦ଟି ବ୍ୟାଙ୍କ ଆକାଉଣ୍ଟ ଖୋଜି ବାହାର କରିଛି, ଯେଉଁଥିରେ ୩୧ ଲକ୍ଷ ୮୧ ହଜାର ୨୪୪ ଟଙ୍କା ରହିଛି। ଏହି ଆକାଉଣ୍ଟ ଗୁଡ଼ିକୁ ଫ୍ରିଜ୍ କରାଯାଇଛି। ଗିରଫ ବ୍ୟକ୍ତିମାନେ 'ସ୍କାଏ ଏକ୍ସଚେଞ୍ଜ' ନାମକ ଏକ ଆପ୍ଲିକେସନ ବ୍ୟବହାର କରି ଏହି ବେଟିଂ ର୍ୟାକେଟ ଚଲାଉଥିଲେ। ଏହି ଆପ୍ ମାଧ୍ୟମରେ ଲୋକମାନେ ଟଙ୍କା ଜମା କରୁଥିଲେ ଏବଂ ପଏଣ୍ଟ ପାଉଥିଲେ। ଏହି ପଏଣ୍ଟ ଗୁଡ଼ିକୁ ବ୍ୟବହାର କରି ଆଇପିଏଲ ମ୍ୟାଚରେ ବେଟିଂ କରାଯାଉଥିଲା। ପୋଲିସ ସେମାନଙ୍କ ପାଖରୁ ମୋବାଇଲ୍ ଫୋନ୍ ମଧ ଜବତ କରିଛି, ଯେଉଁଥିରେ ଏହି ଆପ୍ ମାଧମରେ ଅନେକ ଲୋକ ଟଙ୍କା ଜମା କରିଥିବା ଜଣାପଡ଼ିଛି। ଏହି ନେଟୱାର୍କରେ ସ୍ଥାନୀୟ ଅର୍ଗାନାଇଜର ମାନଙ୍କୁ ମଧ ସାମିଲ କରାଯାଇଥିଲା। ଅର୍ଗାନାଇଜରମାନଙ୍କୁ ଲୋକଙ୍କୁ ଏହି ନେଟୱାର୍କରେ ସାମିଲ କରିବା ପାଇଁ ମାସିକ ୨୨ହଜାର ଟଙ୍କା ଦିଆଯାଉଥିଲା, ଯାହା ବଦଳରେ ସେମାନେ ଲୋକଙ୍କୁ ଲକ୍ଷ ଲକ୍ଷ ଟଙ୍କାର ପଏଣ୍ଟ ପ୍ରଦାନ କରୁଥିଲେ। ଏହି ଘଟଣା ସମ୍ପର୍କରେ ପୁରୀ ସାଇବର କ୍ରାଇମ ପୋଲିସ ଷ୍ଟେସନରେ କେସ ପଞ୍ଜିକୃତ ହୋଇଛି।

## ଶିକ୍ଷକଙ୍କ ଅବସରକାଳୀନ କାର୍ଯ୍ୟକ୍ରମକୁ ବିରୋଧ

**କୋଣାର୍କ,୨୯।୪/ଏନ୍‌ଏନ୍‌ଏସ୍:** କୋଣାର୍କ ଥାନା ଅଧିନ ଗୋପ ବ୍ଲକ୍ ଓରେଇ ଗ୍ରାମ ଜାଗେଶ୍ୱରି ବିଦ୍ୟାପୀଠରେ ଶିକ୍ଷକ ଙ୍କ ଅବସର କାଳୀନ ସମର୍ଦ୍ଧନା କାର୍ଯ୍ୟକ୍ରମକୁ ବିରୋଧ କରିଛନ୍ତି କିଛି ଅବସପ୍ରାପ୍ତ ଶିକ୍ଷକ ଓ ଗ୍ରାମବାସୀ। ଏ ନେଇ ବିଦ୍ୟାଳୟ ପରିସରରେ ବିବାଦୀୟ ଅବସରକାଳୀନ ସମର୍ଦ୍ଧନା କାର୍ଯ୍ୟକ୍ରମ ନ କରିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭକରି ସମସ୍ତ ଶିକ୍ଷା ବିଭାଗରେ ଲିଖିତ ଅଭିଯୋଗ ହୋଇଛି। ସୂଚନାଥାଉ କି ଗତ ଫେବୃଆରୀ ୨୮ ତାରିଖରେ ବିଦ୍ୟାଳୟରୁ ବରିଷ୍ଠ କ୍ରୀଡ଼ାଶିକ୍ଷକ ଜୟନ୍ତ କୁମାର ରାୟ ଅବସର ନେବା ପରେ ତାଙ୍କୁ ସମର୍ଦ୍ଧନା ଦେବା ପାଇଁ ଉକ୍ତ ବିଦ୍ୟାଳୟ ପରିସରରେ ଶିକ୍ଷକମାନେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ମାତ୍ର ତାଙ୍କୁ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପାଇଁ ଉଦ୍ଦେଶ୍ୟମୂଳକ ଭାବେ ପ୍ରଧାନଶିକ୍ଷକ ଅନୁମତି ଦେଇ ନଥିଲେ। ଫଳରେ ଶିକ୍ଷକମାନେ ନିରାଶ ହୋଇ ବିଳମ୍ବରେ ଫେବୃଆରୀ ୮ ତାରିଖରେ ଅନ୍ୟ ଏକ ସ୍ଥାନରେ ବାଧ ହୋଇ ବିଦ୍ୟାଳୟଠାରୁ କିଛି ଦୂରରେ କ୍ରୀଡ଼ାଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେବା କାର୍ଯ୍ୟକ୍ରମ କରିଥିଲେ। କିନ୍ତୁ ଆସନ୍ତା ୩୦ତାରିଖ ଦିନ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅବସର ନେଉଥିବା ନେଇ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ବିଦ୍ୟାଳୟ ପରିସରରେ କରିବା ପାଇଁ ଅପର ଗୋଷ୍ଠୀ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ଯାହାକୁ ନେଇ ସାଧାରଣରେ ଜୋର୍‌ଦାର୍ ବିରୋଧ ହୋଇଛି। ପୂର୍ବରୁ ସେହି ବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ପାଇଁ ଅନୁମତି ଦିଆଯାଇ ନଥିବାବେଳେ ଏବେ କିପରି ସେହିପରି କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ପରିସରକୁ ଅନୁମତି ଦିଆଯିବ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ। ଏ ନେଇ ସ୍କୁଲ୍‌ର କେତେକ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କ ଅବସର କାର୍ଯକ୍ରମକୁ ଘୋର ବିରୋଧ କରିବା ସହିତ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ନ କରିବା ପାଇଁ ଦାବି କରିବା ସହିତ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## ନୃସିଂହ ସେବା ସମବାୟ ସମିତିରେ ଚାଷୀ ଅସନ୍ତୋଷ

**ଚାରିଛକ,୨୯।୪/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ବାହାରଣା ପଞ୍ଚାୟତ ଶ୍ରୀ ନୃସିଂହ ସେବା ସମବାୟ ସମିତିର ଚାଷମାନେ ପଞ୍ଜିକରଣରୁ ବାଦ୍ ପିଥିବାରୁ ସେମାନଙ୍କ ଭିତରେ ଘୋର ଅସନ୍ତୋଷ ଦେଖାଦେଇଛି। ସୂଚନା ମୁତାବକ ଗତ ମାର୍ଚ୍ଚମାସ ୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଷୀମାନଙ୍କ ଅନଲାଇନରେ ପଞ୍ଜିକରଣ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ୨୫ ତାରିଖ ଶେଷ ଦିନରେ ସର୍ଭର ଡାଉନ୍ ରହିବା ଫଳରେ ୧୧୨ଚାଷୀ ପଞ୍ଜିକରଣରୁ ବାଦ୍ ପଡ଼ିଛନ୍ତି। ଏ ସଂପର୍କରେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିବାପରେ ଉକ୍ତମାସ ୨୮ ତାରିଖରେ ଅନ୍‌ଲାଇନ ପଞ୍ଜିକରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଜିଲ୍ଲା କୃଷି ଅଧିକାରୀଙ୍କ ପ୍ରତିଶ୍ରୁତି ମୁତାବକ ସେହିଦିନ ପଞ୍ଜିକରଣ କରାଗଲା ନାହିଁ। ତୁରନ୍ତ ବାଦ୍ ପଡ଼ିଥିବା ଚାଷୀମାନଙ୍କ ନାମକୁ ପଞ୍ଜିକରଣ କରିବାକୁ ପୂର୍ବତନ ସରପଞ୍ଚ ଗୋବିନ୍ଦ ମଲିକ, ନିଶିକାନ୍ତ ସ୍ୱାଇଁ, ବୈଷ୍ଣବ ଚରଣ ମହାନ୍ତି, ବସନ୍ତ କୁମାର ସ୍ୱାଇଁ, ଈଶ୍ୱର ନାୟକ, ଅମରେଶ୍ୱର ଭୋଳ ପ୍ରମୁଖ ଚାଷୀମାନେ ଦାବି କରିଛନ୍ତି।

## ପ୍ରାଚୀ ମହୋତ୍ସବ ପାଇଁ ପ୍ରସ୍ତୁତି

**ଫୁଲନଖରା,୨୯।୪/ଏନ୍‌ଏନ୍‌ଏସ୍:** ଆସନ୍ତା ୪ତାରିଖଠାରୁ ତିନିଦିନ ଧରି ପ୍ରାଚୀ ମହୋତ୍ସବ ସଦର ଥାନା କୁରାଙ୍ଗଶାସନସ୍ଥ ହୋଟେଲ ଆମ୍ରପଲ୍ଲୀ ରିସର୍ଟ୍ସ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ଏ ପ୍ରସ୍ତୁତି ବୈଠକ ସଭାପତି ହଂସନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ଅଶ୍ୱିନୀ ମହାପାତ୍ର, ସମ୍ପାଦକ ଅନୁପ ସାସମଲ, ଅଜୟ କୁମାର ପତି, କୈଳାସଚନ୍ଦ୍ର ପାତ୍ର, ରମେଶଚନ୍ଦ୍ର ପ୍ରଧାନ, ସୁବୋଧ କୁମାର ପ୍ରଧାନ, ହିମାଂଶୁଶେଖର ମହାନ୍ତି, ଡା.ଭିକାରୀଚରଣ ସାହୁ, ଅରୁଣକୁମାର ସାହୁ ଓ ସୁବ୍ରତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାମାଜିକ ଓ ସାଂସ୍କୃତିକ ସଂଗଠନ 'ପ୍ରାଚୀ ପ୍ରଜ୍ଞା ପରିଷଦ' ଆନୁକୂଲ୍ୟରେ ଆୟୋଜିତ ଉକ୍ତ ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରାଚୀ ପ୍ରତିଭା ସମ୍ମାନ, ବିଶିଷ୍ଟ ବ୍ୟକ୍ତିଙ୍କଦ୍ୱାରା ଆଲୋଚନା ସଭା, ଖାଦ୍ୟ ପ୍ରତିଯୋଗିତା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଓ ନୃତ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବବୋଲି ଘୋଷଣା ହୋଇଥିଲା। ଏତଦ୍‌ସହିତ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ପ୍ରାଚୀ ପ୍ରତିଭା' ଅତିଥିଙ୍କଦ୍ୱାରା ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱଜିତ ବେହେରା, ବିନାୟକ ବେହେରା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଅନ୍ୟ ସଦସ୍ୟମାନେ ବୈଠକରେ ଉପସ୍ଥିତ ଥିଲେ। କଳ୍ପତରୁ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ନବନିର୍ମାଣ କୃଷକ ସଂଗଠନର ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା



**ନୟାଗଡ଼,୨୯।୪/ଏନ୍‌ଏନ୍‌ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ ଏପ୍ରିଲ ୨୮ କଟକ ସତ୍ୟଭାମାପୁରଠାରୁ ମେ ୧୪ତାରିଖ ଭୁବନେଶ୍ୱର ପର୍ଯ୍ୟନ୍ତ ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ନୟାଗଡ଼ରେ ପହଞ୍ଚିଲା ଚାଷୀ ସ୍ୱାଭିମାନ ଯାତ୍ରା। ଦ୍ୱିତୀୟ ଦିନରେ ନୟାଗଡ଼ରେ ପହଞ୍ଚିଛି ଏହି ସ୍ୱାଭିମାନ ଯାତ୍ରା। ମଧୁସୂଦନଙ୍କ ଜନ୍ମ ପୀଠରୁ ମଧୁସୂଦନଙ୍କ ଜନ୍ମ ଜୟନ୍ତୀରେ କଟକ ସତ୍ୟଭାମାପୁରରୁ ବାହାରି କଟକ ଗାନ୍ଧୀ ଭବନରେ ସଭାକରି ବଡମ୍ବା ନରସିଂହପୁର ହୋଇ ବଡ଼ ବାଣପୁର ବେଣା ଗାଡିଆ ଗାଁର ଚାଷୀମାନେ ଯାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ନୟାଗଡ଼ରେ ମୁଖ୍ୟ ଛକରେ ସ୍ୱାଭିମାନ ଯାତ୍ରାର କୃଷକ ନେତାମାନେ ପହଞ୍ଚିଲା ପରେ ଜିଲ୍ଲା ସଂଯୋଜକ ପ୍ରସନ୍ନ ପ୍ରଧାନ ଜିଲ୍ଲା ସଭାପତି ରଣଜିତ ଦଳବେହେରା ପୂର୍ବତନ ସଂଯୋଜକ ମହେଶ୍ୱର ଜେନା ଅଜୟ ମହାନ୍ତିଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ଯୁବ ଛାତ୍ର ସଂଯୋଜକ ମନହର ଅଲ୍ଲୀ, ଉତ୍କର କୁଳମଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଭିମାନ ଯାତ୍ରାର ରାଜ୍ୟ ସରକାରଙ୍କ ଏହି ଦମନ ନୀତିକୁ ବିରୋଧ କରାଯାଇଛି। ଅଷ୍ଟମ ବେତନ କମିଶନ ପାଇଁ ସରକାରଙ୍କର ଟଙ୍କା ଅଛି କିନ୍ତୁ ଚାଷୀ ପେନ୍‌ସନ୍ ଦେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚାଷୀଙ୍କ ପେନସନ ଦଶହଜାର, ବୁଢ଼ାବୁଢ଼ୀ ଅସହାୟ ଭିନ୍ନକ୍ଷମ ଭତ୍ତା ତିନିହଜାର ପାଞ୍ଚଶହ, ବେକାରୀ ସମସ୍ୟାକୁ ଦୂର କରିବା, ଉତ୍ପାଦିତ ଫସଲର ଉଚିତ ମୂଲ୍ୟକୁ ନେଇ ଶେଷଦେବ ନନ୍ଦ କହିଥିଲେ ଯେ ଏହି ସ୍ୱାଭିମାନ ଯାତ୍ରା ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ ବୁଲି ଚାଷୀ ସଂଗଠନକୁ କ୍ରିୟାଶୀଳ କରି ଚାଷୀ ପେନସନ ସହ ଅନ୍ୟ ସବୁ ମୂଳ ଲକ୍ଷ୍ୟକୁ ନେଇ ଆନ୍ଦୋଳନ ଜୋର୍‌ଦାର୍ କରାଯିବ। ସଭାରେ ଅନ୍ୟମାନଙ୍କ ମଧରେ ରଣପୁର ବ୍ଲକ ସଂଯୋଜକ ଅଜୟ ମହାନ୍ତି, ଭାଗବତ ପରିଡ଼ା, ଶିଶିର କୁମାର ଭଞ୍ଜ, ବାମଦେବ ମଚ୍ଛନ, ପ୍ରଫୁଲ୍ଲ ଲେଙ୍କା, ରବୀନ୍ଦ୍ର ବରାଡ, ସୁରେନ୍ଦ୍ର ନାୟକ, ତ୍ରିନାଥ ସାହୁ, ଅର୍ଜୁନ ପରିଡ଼ା, ଶଙ୍କର୍ଷଣ ବରାଡ, ବୈକୁଣ୍ଠ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

### ଦୁଆନ୍ତ ପୋଲ ନିର୍ମାଣକୁ ନେଇ ଚିନ୍ତାରେ ଅଞ୍ଚଳବାସୀ, ବର୍ଷା ପୂର୍ବରୁ ସରିବ ତ !

## ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି ଯାତ୍ରୀ



**ଓଡ଼ଗାଁ,୨୯।୪/ଏନ୍‌ଏନ୍‌ଏସ୍:** ଆଜକୁ ପାଞ୍ଚବର୍ଷ ତଳେ ଦୀର୍ଘ ବର୍ଷର ଦୁଆନ୍ତ ପୋଲ ଭୁଶୁଡ଼ି ପଡ଼ିଥିଲା। ସେବେଠାରୁ ସ୍ଥାନୀୟ ଲୋକଙ୍କ ସମେତ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ନୂଆଜଗନ୍ନାଥ ସଡ଼କ ରଣପୁର ଦେଇ ଗଞ୍ଜାମ, ଭଞ୍ଜନଗରକୁ ଯାଇଥିବାରୁ ପୋଲ ଉପରେ ଶହଶହ ଲୋକ ନିର୍ଭର କରୁଛନ୍ତି। ବର୍ଷାଦିନ ପୂର୍ବରୁ ପୋଲନିର୍ମାଣ ସରିବାନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଓଡ଼ଗାଁ ବ୍ଲକ୍ ଡ଼ିମିଶର ନିକଟସ୍ଥ ଦୁଆନ୍ତ ପୋଲ ମନ୍ଥରତା ଦେଇ ଦ୍ୱନ୍ଦଉପୁଜିଛି। ସୂଚନା ଅନୁଯାୟୀ ୨୦୨୧ ମସିହାରେ ଦୁଆନ୍ତପୋଲ ଭୁଶୁଡ଼ି ପଡ଼ିବାପରେ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଯାନବାହାନ ୧୦ ରୁ ୧୨ କିଲୋମିଟର ବୁଲିଯିବାକୁ ପଡୁଥିଲା। ପୂର୍ତ୍ତବିଭାଗ ପକ୍ଷରୁ ଡ଼ାଇଭର୍ସନ ନିର୍ମାଣ କରିଥିଲେ ମଧ ସବୁବେଳେ ଲୋକେ ବିପଦ ସଂକୁଳ ଅବସ୍ଥାରେ ଯାତାୟାତ କରୁଥିଲେ। ପୋଲ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୧କୋଟି ୪୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ କାର୍ଯ୍ୟକାରୀ ହେଲା। ୧୯/୨/୨୦୨୫ ମଧରେ ପୋଲ ନିର୍ମାଣ ସାରିବାକୁ ଟେଣ୍ଡର ହୋଇ ଠିକାଦାର ଚୁକ୍ତି କରିଥିଲା। କିନ୍ତୁ ଅବଧି ସରିବାର ୧ବର୍ଷ ବିତିଯାଇଥିଲେ ମଧ ପୋଲକାମ ସରିନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷାଦିନେ ଲୋକମାନେ ସେହି ଡ଼ାଇଭର୍ସନ ରାସ୍ତାରେ ଯିବା ଆସିବା କରିବେବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଅଞ୍ଚଳବାସୀ ଓ ଯାତ୍ରୀବାହୀ ବସ, ଟ୍ରକ୍, କାର ଆଦି ବିପଦପୂର୍ଣ୍ଣ ଅବସ୍ଥାରେ ଯିବାଆସିବା କରୁଥିଲେ ମଧ ପୂର୍ତ୍ତବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ଫଳରେ ବ୍ୟବସାୟୀ, ଛାତ୍ରଛାତ୍ରୀ ଓ ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ବର୍ଷାଦିନ ହେଲେ ଛାତ୍ରଛାତ୍ରୀଙ୍କ ପାଠପଢାରେ ରୋକ୍ ଲାଗୁଥିବାବେଳେ ରୋଗୀ ମୃତ୍ୟୁ ସହ ସଂଘର୍ଷକରି ଛଟପଟ ହେଉଛି। ପାଞ୍ଚବର୍ଷ ଧରି ସମସ୍ୟା ଲାଗି ରହିଥିଲେ ମଧ ବିଭାଗ କେବେ ଏଥିପ୍ରତି ଗୁରୁତ୍ୱ ଦେବ ଓ ପୋଲ ନିର୍ମାଣ ସଂପର୍ଣ୍ଣ କରିବ ତାହା ଦେଖିବାକୁ ବାକିରହିଲା। ଏଥିପ୍ରତି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେଇ ପୋଲ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀ ଦାବିକରିଛନ୍ତି।

## ବିଭିନ୍ନ କ୍ଷେତ୍ରରେ ଆର୍ଥିକ ଅନିୟମିତତା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦରଖାସ୍ତ



**ପୁରୀ,୨୯।୪/ଏନ୍‌ଏନ୍‌ଏସ୍:** କୃଷ୍ଣପ୍ରସଦ ବ୍ଲକ ଅନ୍ତର୍ଗତ ଚିଲିକା ଅଞ୍ଚଳର ପ୍ରତିନିଧିମାନେ ବିଭିନ୍ନ ସରକାରୀ ଯୋଜନାରେ ହୋଇଥିବା ଦୁର୍ନୀତି ବିରୁଦ୍ଧରେ ପ୍ରତିବାଦ କରିଛନ୍ତି। ଗ୍ରାମସଭା ପାଣ୍ଠିର ଅପବ୍ୟବହାର, ବାତ୍ୟା ଆଶ୍ରୟସ୍ଥଳ ରକ୍ଷଣାବେକ୍ଷଣରେ ଅନିୟମିତତା ଏବଂ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ହୋଇଥିବା ଆର୍ଥିକ ଅନିୟମିତତା ସମ୍ପର୍କରେ ସେମାନେ ଜିଲ୍ଲାପାଳଙ୍କୁ ଦରଖାସ୍ତ ପ୍ରଦାନ କରିଛନ୍ତି। ସରକାର ଗ୍ରାମସଭା ପାଇଁ ପ୍ରତି ପଞ୍ଚାୟତକୁ ବ୍ୟବସ୍ଥା ଦେଇଛନ୍ତି, କିନ୍ତୁ ଗରିବ ଲୋକମାନେ କିପରି ପାଇବେ ତାହା ଗ୍ରାମସଭା ମାଧ୍ୟମରେ ଜଣାଇବା କଥା। ଗ୍ରାମସଭା ମାଧ୍ୟମରେ ଜଣାଇବା ପରେ ମଧ ବ୍ଲକ ପ୍ରଶାସନ ଏହାକୁ ଗ୍ରହଣ କରୁନଥିଲା। ପ୍ରାୟ ଦେଢ ବର୍ଷ ହେବ ଏହା ପଡ଼ି ରହିଥିଲା, କିନ୍ତୁ ଗତ ୨୪ ତାରିଖରେ ପଞ୍ଚାୟତ ଦିବସରେ ଏହାକୁ ଅସିଦ୍ଧ କରିଦିଆଗଲା। ପିଟିଓଙ୍କୁ ପଚରାଯିବାରୁ ସେ କହିଲେ ଯେ ଉପର ନିର୍ଦ୍ଦେଶ ଅନୁସାରେ ଟଙ୍କା ଦିଆଯାଇଛି। ପୂର୍ବରୁ ଏକ ବାତ୍ୟା ସମୟରେ ଗୋଟିଏ ଭୁବନେଶ୍ୱର ଏଜେନ୍ସିକୁ ୨୧ ଟି ଆଶ୍ରୟସ୍ଥଳ ପାଇଁ ମାର୍କେଟ ନେଇ ଦୁଇ ଲକ୍ଷ ଟଙ୍କା ଲେଖାଏଁ ଦିଆଯାଇଥିଲା। କିନ୍ତୁ କେବଳ ଇନଭର୍ଟର, ବଲ୍‌ବ ଏବଂ ଫ୍ୟାନ ଲଗାଯାଇଛି। କିନ୍ତୁ ବିଲ୍ ଏ ପର୍ଯ୍ୟନ୍ତ ସରିନାହିଁ। ସେହିପରି ଅଙ୍ଗନବାଡ଼ି ଗୃହ ନିର୍ମାଣରେ ମଧ ଅନିୟମିତତା ହୋଇଛି। କୃଷ୍ଣପ୍ରଦ ଏକ ଅବହେଳିତ ଅଞ୍ଚଳ, ସେଠାରେ ଅଙ୍ଗନବାଡ଼ି ଗୃହ ପାଇଁ ୫ହଜାର କୋଟେସନ୍ ଦିଆଯାଇଥିଲା। କିନ୍ତୁ ତାକୁ ବିଚାରକୁ ନିଆଗଲା ନାହିଁ। ଅନ୍ୟପକ୍ଷରେ, ଗୋଟିଏ ଏଜେନ୍ସିକୁ ୧୭ହଜାରର ବିଲ୍ ପେମେଣ୍ଟ କରାଗଲା। ପ୍ରତିବାଦ କଲେ ମଧ ସେପଟୁ ଉପର ନିର୍ଦ୍ଦେଶ ଆସୁଥିବା ଉତ୍ତର ମିଳୁଥିଲା। ଏଭଳି ଚାଲିଥିବା ଦୁର୍ନୀତି ବିରୁଦ୍ଧରେ ଆଜି ପ୍ରତିଭାସୀ ଜିଲ୍ଲାପାଳ ମହୋଦୟଙ୍କୁ ଦରଖାସ୍ତ ମାଧମରେ ଜଣାଇଛନ୍ତି। ଯଦି ସରକାର କିମ୍ବା ଜିଲ୍ଲାପାଳ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆମେ ନିଶ୍ଚିତ ଭାବେ ରାଜପଥରେ ବିକ୍ଷୋଭ କରିବୁ ଏବଂ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ସୂଚନା ଦେଇଥିବା ଜଣାପଡ଼ିଛି।

## ମହାବିଦ୍ୟାଳୟର ଇତିହାସ ବିଭାଗ ଛାତ୍ରଛାତ୍ରୀଙ୍କ ଏନ୍‌ଇପି ଇଣ୍ଟର୍ଣ୍ଣସିପ୍ ଆରମ୍ଭ

**ପୁରୀ,୨୯।୪/ଏନ୍‌ଏନ୍‌ଏସ୍:** ଜାତୀୟ ଶିକ୍ଷା ନୀତି ଏନ୍‌ଇପି ୨୦୨୦ ର ଅଂଶବିଶେଷ ସ୍ୱରୂପ, ପୁରୀ ସ୍ଥିତ ଏସ୍.ସି.ଏସ୍. ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗର ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ଆଜି ଭୁବନେଶ୍ୱରର ଭାରତୀୟ ବିଦ୍ୟା ଭବନ ଠାରେ ସେମାନଙ୍କର ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଆଜି ଅର୍ଥାତ୍ ୨୦୨୬ ଅପ୍ରେଲ ୨୯ ତାରିଖ ସକାଳେ ମେଜର ଜେନେରାଲ ଅତନୁ ପଟ୍ଟ ନାୟକଙ୍କ ଏକ ପ୍ରାରମ୍ଭିକ ଉପସ୍ଥାପନା ସହିତ ଆରମ୍ଭ ହୋଇଥିଲା। ଭାରତୀୟ ବିଦ୍ୟା ଭବନରେ ଉଦବୋଧନ ଦେଇ ମେଜର ଜେନେରାଲ ପଟ୍ଟନାୟକ ଐତିହ୍ୟର ସଂରକ୍ଷଣ ଏବଂ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଭାରତର ସାଂସ୍କୃତିକ ଉତ୍ତରାଧିକାରର ସକ୍ରିୟ ରକ୍ଷକ ହେବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଇଣ୍ଟର୍ନସିପ୍ ଏନ୍‌ଇପି ୨୦୨୦ ର ଅନୁଭୂତିଜନ୍ୟ ଶିକ୍ଷା, ଦକ୍ଷତା ବୃଦ୍ଧି ଏବଂ ଶିଳ୍ପ-ଶିକ୍ଷା ସଂଯୋଗ ଉପରେ ଆଧାରିତ। ଏସ.ସି.ଏସ. ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପକ ଡ. ସଙ୍ଗୀତା ମିଶ୍ର ଏବଂ ଡ. ଅଜୟ କୁମାର ସେଠୀ ଛାତ୍ରଛାତ୍ରୀମାନଙ୍କ ସହ ଉପସ୍ଥିତ ଥିଲେ। ସେମାନେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଅଭିଲେଖାଗାର କାର୍ଯ୍ୟ, ଐତିହ୍ୟର ବ୍ୟାଖ୍ୟା ଏବଂ ସଂଗ୍ରହାଳୟ ଅଧ୍ୟୟନ କ୍ଷେତ୍ରରେ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିବ। ଏହି ଇଣ୍ଟର୍ନସିପ୍ ଆଗାମୀ କିଛି ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ଛାତ୍ରଛାତ୍ରୀମାନେ ପ୍ରଥମ ଦିନର ଅଭିଜ୍ଞତାକୁ 'ଜ୍ଞାନବର୍ଦ୍ଧକ ଏବଂ ପ୍ରେରଣାଦାୟକ' ବୋଲି ବର୍ଣ୍ଣନା କରିଛନ୍ତି। ବିଶେଷଜ୍ଞଙ୍କ ସହ ଆଲୋଚନା ଏବଂ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ ଦ୍ୱାରା ଐତିହାସିକ ଜ୍ଞାନକୁ ବାସ୍ତବ କ୍ଷେତ୍ରରେ କିପରି ପ୍ରୟୋଗ କରାଯାଏ, ସେ ସମ୍ପର୍କରେ ସେମାନେ ଏକ ସ୍ପଷ୍ଟ ଧାରଣା ପାଇଥିବା ପ୍ରକାଶ କରିଛନ୍ତି। ଇତିହାସ ବିଭାଗ ଏହି ଇଣ୍ଟର୍ନସିପରୁ ମିଳିଥିବା ଛାତ୍ରଛାତ୍ରୀଙ୍କ ଅନୁସନ୍ଧାନଗୁଡ଼ିକୁ ଦସ୍ତାବିଜ୍ କରିବାକୁ ଯୋଜନା ରଖିଛି ଏବଂ ଭବିଷ୍ୟତରେ କାର୍ଯ୍ୟକ୍ରମକୁ ଅଧିକ ମଜବୁତ କରିବା ପାଇଁ ଓଡ଼ିଶାର ବିଭିନ୍ନ ଐତିହ୍ୟ ପ୍ରତିଷ୍ଠାନ ସହିତ ସହଯୋଗ କରିବ ବୋଲି ଜଣାଯାଇଛି।

## ଏନ୍‌ଏସିର ୨୫ତମ ଅଧିବେଶନରେ ବର୍ଷା ପାଣି ନିଷ୍କାସନ ପାଇଁ ୨କୋଟି ମଞ୍ଜୁର

**ଦଶପଲ୍ଲା,୨୯।୪/ଏନ୍‌ଏନ୍‌ଏସ୍:** ବୁଧବାର ଦଶପଲ୍ଲା ଏନଏସିର ୨୫ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଙ୍ଗ ପୁନମ ପ୍ରିୟଦର୍ଶିନୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଅଧିବେଶନରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ଉପାଧକ୍ଷ କିଶୋର ଚନ୍ଦ୍ର ଦାସ୍, ଏମଇ ସନାତନ ଭୋଳଙ୍କ ସହ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଅଧିବେଶନର ପ୍ରାରମ୍ଭରେ ଏନ୍‌ଏସି ଅଧୀନରେ ଥିବା ଦୋକାନ ଗୃହ ଆବଣ୍ଟନ ସମୟରେ ସମସ୍ତ କାଉନସିଲରଙ୍କୁ ଡକାଯାଇ ନଥିବା ନେଇ କାଉନସିଲର ସୁକଦେବ ମିଶ୍ର ପ୍ରଶ୍ନ କରିବା ସହ କାଉନସିଲରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ଗୃହ ବଣ୍ଟନ ପାଇଁ ନିଲାମ ନେଇଥିବା ହିତାଧିକାରୀମାନେ ଏକ ଲକ୍ଷ ଟଙ୍କା ସେମାନଙ୍କ ସିକ୍ୟୁରିଟୀ ଦାଖଲ କରିଥିଲେ ମଧ ଏକ ମାସ ପରେ ବି ସେମାନଙ୍କୁ ଦୋକାନ ଘର ହସ୍ତାନ୍ତର କରାଯାଇ ନାହିଁ କାହିଁକି ବୋଲି ପ୍ରଶ୍ନ କରିଥିଲେ। ଏହାପରେ ବର୍ଷାପାଣି ନିଷ୍କାସନ ପାଇଁ ସ୍ୱତନ୍ତ୍ର ଡ୍ରେନେଜ ସିଷ୍ଟମ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏଥିପାଇଁ ଖୁବଶୀଘ୍ର ଟେଣ୍ଡର କରାଯିବା ପାଇଁ ଆଲୋଚନା ହୋଇଥିଲା। ଏହାସହ ଏନଏସି ର ୨୦୨୫-୨୬ ଓ ୨୦୨୬-୨୭ ର ବାର୍ଷିକ ଯୋଜନା ରେ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ସହରୀକରଣ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୀର୍ଘ ଦିନ ଧରି ଏକ ନମ୍ବର ୱାର୍ଡ଼ ରେ ଏକ କମ୍ୟୁନିଟି ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ ଆଜିପର୍ଯ୍ୟନ୍ତ ସ୍ଥାନ ଚିହ୍ନଟ ନ ହେବା ଓ ବିଦ୍ୟୁତ ସୌନ୍ଦର୍ଯ୍ୟକରଣକୁ ନେଇ କାଉନସିଲର ସୁକଦେବ ସିଠ ପ୍ରଶ୍ନ କରିବା ପରେ ଏହା ଉପରେ ଆଲୋଚନା ହେବାସହ ଏଥିପାଇଁ ପ୍ରସ୍ତାବ ଦିଆଯାଇଛି ଟଙ୍କା ମଞ୍ଜୁର ହୋଇ ନଥିବାରୁ ଏହା ହୋଇପାରି ନଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କଣ୍ଟାପଡ଼ାରେ ଜନଆକ୍ରୋଶ ମହିଳା ସମାବେଶ



**କଣ୍ଟାପଡ଼ା,୨୯।୪/ଏନ୍‌ଏନ୍‌ଏସ୍:** ଚଳିତ ପାର୍ଲ୍ୟାମେଣ୍ଟ ଅଧିବେଶନରେ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଯେଉଁଭଳି ଭାବରେ ମହିଳା ସଂରକ୍ଷଣ ବିଧେୟକକୁ ପାସ କରିବା ନେଇ କଡା ବିରୋଧ କରାଗଲା ଓ ବିଜେଡି ଦଳ ତରଫରୁ ଯେଭଳି ନାଟକୀୟ ଢଙ୍ଗରେ ମଧ ବିରୋଧ କରାଗଲା ତା'ର ପ୍ରତିବାଦରେ ବିଜେପି ଦଳ ପକ୍ଷରୁ କଣ୍ଟାପଡ଼ା ବ୍ଲକ ଗୋବିନ୍ଦପୁର ମଣ୍ଡଳ ପକ୍ଷରୁ ଏକ ଜନଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ନାରୀନେତ୍ରୀ ମଧୁସ୍ମିତା ମହାନ୍ତିଙ୍କ ଆବାହକତ୍ୱରେ ଓନାହାଳପୁର ସରପଞ୍ଚ ନିରୁପମା ଜେନାଙ୍କ ସହଯୋଗରେ ଶତାଧିକ ମହିଳା ଏକତ୍ରିତ ହୋଇ କଂଗ୍ରେସ ଓ ବିଜେଡି ବିରୋଧୀ ନାରାବାଜି ଦେବା ସହ ପ୍ଲାକାର୍ଡ ଧରି ବିରାଟ ଶୋଭାଯାତ୍ରା ଚଉପଡ଼ାମଦନମୋହନ ମନ୍ଦିରଠାରୁ ବାହାରି ପାଟସୁନ୍ଦରପୁର ରାଧାମୋହନ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରାରେ ଆସିଥିଲେ। ସେଠାରେ ସମସ୍ତ ମହିଳାମାନେ ସମବେତ ହୋଇ ବିଭିନ୍ନ ନାରାବାଜି ସହ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କର କୁଶପୁତଳିକା ଦାହ କରିଥିଲେ। ସମାବେଶକୁ ସମର୍ଥନ କରି ବ୍ଲକ ଆତ୍ମା ଅଧକ୍ଷ ପ୍ରଦୀପ୍ତ କୁମାର ପାତ୍ର, ଗୋବିନ୍ଦପୁର ମଣ୍ଡଳ ସଭାପତି ଲଲାଟେନ୍ଦୁପାତ୍ର, ମଣ୍ଡଳ ଉପସଭାପତି ସଂଜୟ କୁମାର ନାୟକ, ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, ବିଜେପି ଯୁବ ସଂଗଠକ ରଜନ କୁମାର ଦାସ, ଶଙ୍କର କୁମାର ଦାସ, ବ୍ରାହ୍ମଣସାଇଲୋ ଗ୍ରାମପଞ୍ଚାୟତର ଯୁବନେତା ସୁଦର୍ଶନ ଜେନା, ଶୁଶାନ୍ତ କୁମାର ରାଉତରାୟ, ଗଣେଶ ଚନ୍ଦ୍ର ମଲିକ, କାଳନ୍ଦୀ ଜେନା ପ୍ରମୁଖ କର୍ମକର୍ତ୍ତା ଓ ଦଳୀୟ ପଦାଧିକାରୀମାନେ ବହୁସଂଖ୍ୟାରେ ସାମିଲଥିଲେ।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ



**ଚାରିଛକ,୨୯।୪/ଏନ୍‌ଏନ୍‌ଏସ୍:** ଚାରିଛକ ଥାନା ଅନ୍ତର୍ଗତ ଭୋଦର ପଞ୍ଚାୟତ ଓଳାଂଶ (ଅଶ୍ୱରୀଡିପ) ଗ୍ରାମର ଧୂଳି ପ୍ରଧାନ(୯୫)ଙ୍କ ଆଜି ଅଂଶୁଘାତରେ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ଧୂଳି ଆଜି ଚାରିଛକସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କକୁ ଭତ୍ତା ଟଙ୍କା ଉଠାଇବାକୁ ଯାଇଥିବା ସମୟରେ ବ୍ୟାଙ୍କ ଭିତରେ ଟଳିପଡିଥିଲେ। ବ୍ୟାଙ୍କ କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ସେଠାରୁ ତାଙ୍କୁ ଉଦ୍ଧାରକରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଏକ ମାମଲା ରୁଜୁକରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ କୃଷକନେତା କୃଷ୍ଣଚନ୍ଦ୍ର ରାଉତ ଦାବି କରିଛନ୍ତି।

## ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଦାବିପତ୍ର ପ୍ରଦାନ




**ଖୋର୍ଦ୍ଧା,୨୯।୪/ଏନ୍‌ଏନ୍‌ଏସ୍:** ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପେନସନ ପ୍ରଦାନ,ସ୍ୱାସ୍ଥ୍ୟ ବୀମା ଯୋଜନା ରେ ସମ୍ପ୍ରସାରଣ,ବ୍ୟାପକ ଅଧି ସ୍ୱୀକୃତି ପ୍ରଦାନ, ଓଡ଼ିଶାପ୍ରେସ ଏକାଡେମୀ ଗଠନ ଓ ମୃତ୍ୟୁ ଅନୁକମ୍ପା ରାଶି ଦଶ ଲକ୍ଷ ଟଙ୍କା ବୃଦ୍ଧି ଦାବିରେ ଆଜି ଉତ୍କଳ ସାମ୍ବାଦିକ ସଂଘ, ଓଡିଶାର ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନ ରେ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଙ୍କ ନେତୃତ୍ୱ ରେ ଚାଳିଶିରୁ ଉର୍ଦ୍ଧ ସାମ୍ବାଦିକ ଏକାଠି ହୋଇ ନାରାବାଜି କରି ଏକ ଶୋଭାଯାତ୍ରା ଆସି ଓଡିଶା ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି କାର୍ଯ୍ୟରତ ସାମ୍ବାଦିକମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ଅପେକ୍ଷାକୃତ ଦୁର୍ବଳ। ଦେଶର ସଂଖ୍ୟାଧିକ ରାଜ୍ୟ, ସେ ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ କରୁଥିବା ବେଳେ ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ରେ ସୀମିତ ରହିଛି। ଦେଶର ୨୦ରୁ ଅଧିକ ରାଜ୍ୟରେ ସାମ୍ବାଦିକମାନଙ୍କୁ ୧୦ ହଜାରରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ୍, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମ୍ବାଦିକ ସୁରକ୍ଷା ଆଇନ ମାଧ୍ୟମରେ ବୃତ୍ତିଗତ ଅଭୟତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି। ମାତ୍ର ଓଡ଼ିଶା ସରକାର ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକ ମୌଳିକ ସୁବିଧାରୁ ସାମ୍ବାଦିକବର୍ଗଙ୍କୁ ବଞ୍ଚିତ କରାଯାଇଛି। ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ସାମ୍ବାଦିକମାନଙ୍କୁ ସୁରକ୍ଷା ପ୍ରଦାନ ସହ ଅନ୍ୟ ଦାବିଗୁଡିକୁ ପୂରଣ କରିବାକୁ ଦାବି ଜୋର୍ ଧରିଛି। ଆଗାମୀ ମେ ଏକ ତାରିଖ ଦିନ ଜିଲ୍ଲାର ସମସ୍ତ ସାମ୍ବାଦିକ କଳା ବ୍ୟାଚ ପରିଧାନ କରିବେ ବୋଲି ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଖାଡ଼ଙ୍ଗା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟନାରାୟଣ ପାଇକରାୟ, ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଦିଲ୍ଲୀପ କୁମାର ପାଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଉମା ଶଙ୍କର ପ୍ରସାଦ, ଈଶ୍ୱର ମଙ୍ଗରାଜ, ସଂଘ କୋଷାଧକ୍ଷ ପ୍ରଭାତ ପାଣିଗ୍ରାହୀ, ଉପ ସଭାପତି ପ୍ରଦୀପ ପ୍ରଧାନ, ପ୍ରବୀଣ ଭଞ୍ଜ, ରଞ୍ଜିତ ସାମନ୍ତରାୟ, ଲଳିତ ମୋହନ ମହାପାତ୍ର, ସୂର୍ଯ୍ୟନାରାୟଣ ମହାନ୍ତି, ପ୍ରଦୀପ ବେହେରା, ସୁଶାନ୍ତ ବିଶ୍ୱାଳ, ପ୍ରଶାନ୍ତ ସାହୁ, ରଙ୍ଗନାଥ ବେହେରା, ବିଭୂତି ଭୂଷଣ ମହାନ୍ତି, ଦେବପ୍ରସାଦ ଦାସ, ଶୁଭକାନ୍ତ ମହାପାତ୍ର, ସତ୍ୟପ୍ରକାଶ ସାହୁ, ବିଶ୍ୱଜିତ୍‌ଙ୍କ ସହ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ବହୁ ସାମ୍ବାଦିକ ଯୋଗ ଦେଇଥିଲେ।

ସଂଯୁକ୍ତ ସଂସଦୀୟ ସମିତି ବୈଠକ

# ଅପରାଧୀ ଜେଲ୍‌ରେ ରହି ଚଳାଇ ପାରିବେନି ସରକାର




**ଭୁବନେଶ୍ୱର,୨୯।୪/ଏନ୍‌ଏନ୍‌ଏସ୍:** ଲୋକତନ୍ତ୍ରକୁ ଆହୁରି ସଶକ୍ତ କରିବା ପାଇଁ ରାଜନୀତିରୁ ଆପରାଧିକରଣ କୁ ମୂଳୋତ୍ପାଟନ କରିବାକୁ ପଡ଼ିବ। ଅପରାଧୀ କିମ୍ବା ଗୁରୁତର ଅପରାଧର ଅଭିଯୁକ୍ତ ଜେଲ୍‌ରେ ରହି ଚଳାଇପାରିବେ ନାହିଁ ସରକାର। ସେ ମନ୍ତ୍ରୀ ହୁଅନ୍ତୁ, ମୁଖ୍ୟମନ୍ତ୍ରୀ ହୁଅନ୍ତୁ ଅଥବା ପ୍ରଧାନମନ୍ତ୍ରୀ,୩୦ ଦିନ କିମ୍ବା ତା ଠାରୁ ଅଧିକ ଦିନ ଜେଲ୍‌ରେ ରହିଲେ ପଦ ଛାଡ଼ିବାକୁ ପଡ଼ିବ। ଏଭଳି ଏକ ଗୁରୁତର ଲକ୍ଷ୍ୟ ନେଇ ଭାରତୀୟ ସମ୍ବିଧାନରେ ୧୩୦ତମ ସଂଶୋଧନ ବିଲ୍, ୨୦୨୫ ଓ ଅନ୍ୟାନ୍ୟ ବିଲ୍ ସମ୍ପର୍କରେ ସଂଯୁକ୍ତ ସଂସଦୀୟ ସମିତି ପକ୍ଷରୁ ୧୧ତମ ବୈଠକ ଭୁବନେଶ୍ୱରସ୍ଥ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି।

ସମ୍ବିଧାନ (୧୩୦ତମ ସଂଶୋଧନ) ବିଲ୍, ୨୦୨୫, ଜମ୍ମୁ ଓ କାଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ୍, ୨୦୨୫ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ବିଲ୍, ୨୦୨୫ର ପରୀକ୍ଷା ପାଇଁ ଗଠିତ ଯୁକ୍ତ ସଂସଦୀୟ ସମିତି (ଜେପିସି) ତାହାର ଦେଶବ୍ୟାପୀ ପରାମର୍ଶ ଓ ହିତାଧିକାରୀ ସହଭାଗିତା ପ୍ରକ୍ରିୟାର ଅଂଶ ଭାବେ ଭୁବନେଶ୍ୱରରେ ଏହି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ବୈଠକ ଆୟୋଜନ କରିଛି। କମିଟିର ଅଧକ୍ଷା ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦ ଅଗଷ୍ଟ ୨୦୨୫ରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ଲୋକସଭାରେ ପ୍ରସ୍ତୁତ କରାଯାଇଥିବା ଏବଂ ପରେ ୧୨ ନଭେମ୍ବର ୨୦୨୫ରେ ବିସ୍ତୃତ ପରୀକ୍ଷା ଓ ସଂସଦକୁ ରିପୋର୍ଟ ଦାଖଲ ପାଇଁ ଜେପିସିକୁ ପ୍ରେରଣ କରାଯାଇଥିବା ତିନୋଟି ବିଲ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୋଟ୍ ୩୧ ଜଣ ସାଂସଦ ଥିବା ଏହି କମିଟି ମଧ୍ୟରୁ, ୨୧ ଜଣ ଲୋକସଭାରୁ ଏବଂ ୧୦ ଜଣ ରାଜ୍ୟସଭାରୁ ଅଟନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସମିତି ୧୦ଟି ବୈଠକ କରିସାରିଛି ଏବଂ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ସରକାର, ଆଇନ ସଂସ୍ଥା, ବିଶ୍ୱବିଦ୍ୟାଳୟ ଏବଂ ସିଭିଲ ସୋସାଇଟି ସଂଗଠନ ସହ ଆଲୋଚନା କରିଛି। ପୂର୍ବରୁ ସମିତି ଗୃହ ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ଭାରତୀୟ ଆଇନ ଆୟୋଗ, ପ୍ରମୁଖ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ନୀତି ଗବେଷଣା ସଂସ୍ଥା ଏବଂ ରାଜସ୍ଥାନ, ହରିୟାଣା, ମଧ୍ୟ ପ୍ରଦେଶ ଓ ମହାରାଷ୍ଟ୍ର ସରକାରଙ୍କ ପ୍ରତିନିଧିମାନଙ୍କ ସହ ମତବିନିମୟ କରିଛି।

ଭୁବନେଶ୍ୱର ଗସ୍ତ ସମୟରେ ସମିତି ଓଡ଼ିଶା ସରକାର, ଓଡ଼ିଶା ମାନବାଧିକାର ଆୟୋଗ, ଓଡ଼ିଶା ନ୍ୟାୟିକ ଏକାଡେମୀ, କଟକ, ଗୋପବନ୍ଧୁ ପ୍ରଶାସନ ଏକାଡେମୀ ଏବଂ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନସିଡିଏସ) ର ପ୍ରତିନିଧିମାନଙ୍କ ମତାମତ ଗ୍ରହଣ କରିଥିଲା। ସମିତି ଉଲ୍ଲେଖ କରିଥିଲା ଯେ, ପ୍ରସ୍ତାବିତ ଆଇନର ଲକ୍ଷ୍ୟ ହେଉଛି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା, ସମ୍ବିଧାନିକ ନୈତିକତାକୁ ରକ୍ଷା କରିବା ଏବଂ ସାର୍ବଜନିକ ଜୀବନରେ ଜବାବଦେହିତା ବୃଦ୍ଧି କରିବା। ସମ୍ବିଧାନ (୧୩୦ତମ ସଂଶୋଧନ) ବିଲ୍, ୨୦୨୫ ଅନୁଯାୟୀ, ଗୁରୁତର ଆପରାଧିକ ମାମଲାରେ କ୍ରମାଗତ ୩୦ ଦିନ ଧରି ହିରାସତରେ ରହୁଥିବା ବ୍ୟକ୍ତିମାନେ ଉଚ୍ଚ ସମ୍ବିଧାନିକ ପଦରେ ରହି କାର୍ଯ୍ୟନିର୍ବାହୀ ଶକ୍ତି ପ୍ରୟୋଗ କରିପାରିବେ ନାହିଁ। ଭାରତର ଲୋକତନ୍ତ୍ରକୁ ବିଶ୍ୱର ସବୁଠାରୁ ବଡ଼ ଲୋକତନ୍ତ୍ର ଭାବେ ଗଣାଯାଉଥିବା ବେଳେ,ଜନତାଙ୍କ ଆଶା କେବଳ ନିର୍ବାଚନ ମଧ୍ୟରେ ସୀମିତ ନ ରହି ସୁଶାସନ, ପାରଦର୍ଶିତା ଓ ନୈତିକତା ଆଧାରରେ ଶାସନ ଦିଗରେ ଅଧିକ ଗୁରୁତ୍ୱ ଦେଉଛି। ତେବେ ରାଜନୀତିରେ ଅପରାଧିକରଣ ଓ ଅପରାଧୀ ମାନଙ୍କୁ ଦୂରେଇ ରଖିବା ଦିଗରେ ସରକାରଙ୍କ ଏହି ଦୃଢ଼

**ରାଜନୀତିରୁ ଅପରାଧିକରଣର ମୂଳୋତ୍ପାଟନ ପାଇଁ ଆସିବ ଆଇନ୍**

**ପ୍ରଧାନମନ୍ତ୍ରୀ ମଧ୍ୟ ଆଇନ୍‌ର ଉର୍ଦ୍ଧ୍ୱରେ ନୁହନ୍ତି: ଅପରାଜିତା**

ପଦକ୍ଷେପ ଏକ ମାଇଲଖୁଣ୍ଟ ରୂପେ ଉଭା ହେବାକୁ ଯାଉଥିବା ବେଳେ,ଯଦି ଏହି ସଂଶୋଧନକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯାଏ, ତେବେ ଏହା ନା କେବଳ ଶାସନରେ ପାରଦର୍ଶିତା ଏବଂ ଉତ୍ତର ଦାୟିତ୍ୱ କୁ ବଢ଼ାଇବ, ବରଂ ଲୋକଙ୍କ ମନରେ ଲୋକତନ୍ତ୍ର ଉପରେ ଆସ୍ଥା ବଢାଇବ ବୋଲି ସମିତିର ଅଧକ୍ଷା ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ସମିତି ସମସ୍ତ ହିତାଧିକାରୀଙ୍କ ସହ ସଂଲଗ୍ନ ହୋଇ ଏକ ସ୍ୱଚ୍ଛ, ସମାବେଶୀ ଓ ପରାମର୍ଶମୂଳକ ପ୍ରକ୍ରିୟା ଅନୁସରଣ କରୁଛି। ସମସ୍ତ ପରାମର୍ଶ ପ୍ରକ୍ରିୟା ସମାପ୍ତ ହେବା ପରେ ସମିତିର ଅନ୍ତିମ ରିପୋର୍ଟ ଲୋକସଭା ଅଧକ୍ଷଙ୍କ ମାଧ୍ୟମରେ ସଂସଦରେ ଉପସ୍ଥାପିତ କରାଯିବ ବୋଲି ସେ କହିଛନ୍ତି।

କମିଟି ଅଧକ୍ଷା ଶ୍ରୀମତୀ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସରୋଜ ପ୍ରସାଦ, ସାଂସଦ ବ୍ରିଜ୍ ଲାଲ୍, ଉଜ୍ଜ୍ୱଳ ନିକମ୍, ନିରଜ୍ ଶେଖର, ବୀରେନ୍ଦ୍ର ପ୍ରସାଦ ବୈଷ୍ୟ,ଅନୁରାଗ ଠାକୁର, ଭର୍ତ୍ତୃହରି ମହତାବ, ରାଜେଶ୍ ବର୍ମା, ସଚିବସ୍ତରୀୟ ଅଧିକାରୀ ଡି. ଆର୍ ଶେଖର, ଜଗମୋହନ ଖତ୍ରୀ, ସଲିଲ୍ ସରୋଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, କ୍ରାଇମ୍‌ବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ, ସ୍ୱତନ୍ତ୍ର ସଚିବ ରାଧାକୃଷ୍ଣ ଶର୍ମା ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଶାସକ-ବିରୋଧୀ ମୁହାଁମୁହିଁ





**ଭୁବନେଶ୍ୱର,୨୯।୪/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଅର୍ଥାତ ଗୁରୁବାର ବସିବ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ। ଏହା ପୂର୍ବରୁ ଶାସକ-ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ସ୍ୱତନ୍ତ୍ର ଅଧିବେଶନ ଡାକିବା ପଛରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି କହି ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଟାର୍ଗେଟ୍ କରିଛନ୍ତି। ସେପଟେ ବିରୋଧୀଙ୍କ ଅସଲ ମୁଖା ଖୋଲିଯାଇଛି କହି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପାଲଟା ଆକ୍ରମଣ କରିଛନ୍ତି। ସେପଟେ ଧୂଆଁବାଣ ସରକାର କହି କଂଗ୍ରେସ ବିଧାୟକ ତାରାବାହିନୀ ପତି କଟାକ୍ଷ କରିଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଅଭିଯୋଗ ଆଣିଛନ୍ତି ଯେ, କୌଣସି ବିଲ୍ ଆସିନି କି କାର୍ଯ୍ୟକ୍ରମ ବି ନାହିଁ। ସରକାର କେବଳ ଗୋଟିଏ ଡିବେଟ୍ କରିବେ। ଏହା ବାହାରେ ମଧ୍ୟ ହୋଇପାରି ଥାନ୍ତା। ଜୟଦେବ ଭବନରେ କରି ପାରିଥାନ୍ତେ। ହେଲେ ତାହା ନକରି କ'ଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ସରକାର। ଶ୍ରୀ ଆଚାର୍ଯ୍ୟ ପୁଣି କହିଛନ୍ତି ଯେ, ସରକାର ମହିଳା ସଂରକ୍ଷଣକୁ ରାଜନୈତିକ ଦୃଷ୍ଟିରେ ଦେଖୁଛନ୍ତି। ୨୦୨୩ରେ ଏହା ସଂସଦରେ ସର୍ବସମ୍ମତି କ୍ରମେ ପାରିତ ହୋଇଛି। ଏହାକୁ ତୁରନ୍ତ ଲାଗୁ କରନ୍ତୁ। ବିଧାନସଭାକୁ ଆମେ ସମ୍ମାନ ଦେଉ, ତେଣୁ ଆମେ ଯିବୁ। ହେଲେ ଏ ବିଧାନସଭା ଡାକିବା ପଛରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି। ଆମେ ଶୁଣୁଛୁ ବିରୋଧୀ ଦଳ ବିରୋଧରେ ନିନ୍ଦା ପ୍ରସ୍ତାବ ଆଣି ସମାଲୋଚନା କରିବାକୁ ସରକାର ବିଧାନସଭା ଡାକିଛନ୍ତି।

ଏହାର ଜବାବରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଓଡ଼ିଶାର ଜନ ସାଧାରଣ ବୁଝି ସାରିଲେଣି ବିରୋଧୀ ମହିଳାଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ। ତାଙ୍କର ଅସଲ ମୁଖା ଏବେ ଖୋଲି ଯାଇଛି। ବିଧାନସଭା ଓ ସଂସଦରେ ମହିଳାଙ୍କ ପ୍ରତିନିଧି ବଢ଼ିଥାନ୍ତା। ହେଲେ ବିରୋଧୀ ଏହାକୁ ହେବାକୁ ଦେଲେ ନାହିଁ। ନବୀନ ବାବୁ ଦୀର୍ଘ ଦିନ ଧରି

**ବିଧାନସଭା ଡାକିବା ପଛରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି: ପ୍ରସନ୍ନ**

**ବିରୋଧୀଙ୍କ ଅସଲ ମୁଖା ଖୋଲିଯାଇଛି: ନଗର ଉନ୍ନୟନ ମନ୍ତ୍ରୀ**

**ଲୋକଙ୍କ ସରକାର ନୁହେଁ ଧୂଆଁବାଣର ସରକାର: ତାରା**

ମହିଳାଙ୍କୁ ଠକି ଭୋଟ ନେଉଥିଲେ। ଯାହାର ଅସଲ ମୁଖ ଏବେ ଖୋଲି ଯାଇଛି। ଆସନ୍ତାକାଲି ଏ ବାବଦରେ ଆଲୋଚନା ହେବ।

ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ତାରାବାହିନୀ ପତି ଏନେଇ କହିଛନ୍ତି ଯେ, ପୂର୍ବ ବିଲକୁ ୨୦୨୪ ନିର୍ବାଚନରେ ଲାଗୁ କରେଇବା କଥା। ବର୍ତ୍ତମାନ ନିର୍ବାଚନକୁ ଆଖି ଆଗରେ ରଖି ସରକାର ଏ ବିଲ୍ ଆଣିଛନ୍ତି। ଆସନ୍ତାକାଲି ଅଧିବେଶନରେ ସରକାର ନିନ୍ଦା ପ୍ରସ୍ତାବ ଆଣିବେ। ଆମେ ମଧ୍ୟ ତାଙ୍କ ନାଁରେ ନିନ୍ଦା ପ୍ରସ୍ତାବ ଆଣିବୁ। ଆମେ ମଧ୍ୟ ତାଙ୍କୁ ଉଚିତ ଜବାବ ଦେବୁ। ସେମାନେ ବିଜେପିର ପ୍ରଚାର କରିବାରେ ଗରିବ ଲୋକଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ କରିବେ। ଏ ସରକାର ଲୋକଙ୍କ ସରକାର ନୁହେଁ ଧୂଆଁବାଣର ସରକାର ବୋଲି ତାରାବାହିନୀ ପତି କହିଛନ୍ତି।

ଜୟପୁରରେ 'ଗ୍ରେଟ୍ ଇଣ୍ଡିଆନ୍ ଟ୍ରାଭେଲ୍ ବଜାର'

# ଓଡ଼ିଶା ପର୍ଯ୍ୟଟନକୁ ୨ ସମ୍ମାନଜନକ ପୁରସ୍କାର

**ଭୁବନେଶ୍ୱର,୨୯।୪/ଏନ୍‌ଏନ୍‌ଏସ୍:** ଜୟପୁରଠାରେ ଆୟୋଜିତ 'ଗ୍ରେଟ୍ ଇଣ୍ଡିଆନ୍ ଟ୍ରାଭେଲ୍ ବଜାର' ରେ ଓଡ଼ିଶା ପର୍ଯ୍ୟଟନ ଦୁଇଟି ସମ୍ମାନଜନକ ପୁରସ୍କାର ହାସଲ କରିଛି। ପର୍ଯ୍ୟଟନ ଭିତ୍ତିଭୂମିର ସୁଦୃଢ଼ୀକରଣ, ନୀତିଗତ ସହାୟତା ଏବଂ ପର୍ଯ୍ୟଟନ ସ୍ଥଳୀର ପ୍ରଚାର ପ୍ରସାର କ୍ଷେତ୍ରରେ ନିରନ୍ତର ପ୍ରୟାସ ପାଇଁ ରାଜ୍ୟକୁ 'ଆଉଟଷ୍ଟାଣ୍ଡିଂ କଣ୍ଟ୍ରିବ୍ୟୁସନ୍ ଇନ୍ ଟୁରିଜିମ୍ ଡେଭ୍‌ଲପ୍‌ମେଣ୍ଟ' ବର୍ଗରେ 'ଟ୍ରାଭେଲ୍ ଆଣ୍ଡ ଟୁରିଜିମ୍ ଏକ୍ସଲେନ୍ସ ଆୱାର୍ଡ ୨୦୨୬' ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଓଡ଼ିଶା ପର୍ଯ୍ୟଟନ ପାଭିଲିୟନର ଆକର୍ଷଣୀୟ ଡିଜାଇନ୍ ଏବଂ ଅଭିନବ ଉପସ୍ଥାପନା ପାଇଁ ଏହାକୁ 'ସାର୍ବଜନୀନ କ୍ଷେତ୍ର' ବର୍ଗରେ 'ଶ୍ରେଷ୍ଠ ଷ୍ଟଲ୍' ପୁରସ୍କାର ମିଳିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ୧୧ ଜଣ ସହ-ପ୍ରଦର୍ଶକ ସାମିଲ ହୋଇଥିଲେ, ଯେଉଁଥିରେ ଟୁର୍ ଅପରେଟର ହସ୍ପିଟାଲିଟି ଷ୍ଟେକହୋଲ୍ଡର ଏବଂ ପର୍ଯ୍ୟଟନ ସେବା ପ୍ରଦାନକାରୀମାନେ ଏକ ବଜାର-ଉପଯୋଗୀ ପର୍ଯ୍ୟଟନ ବ୍ୟବସ୍ଥାକୁ ସମ୍ମିଳିତ ଭାବେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପାଭିଲିୟନ ଅନ୍ତର୍ଜାତୀୟ କ୍ରେତା, ବିଦେଶୀ ଟୁର୍ ଅପରେଟର୍ ଏବଂ ଡେଷ୍ଟିନେସନ୍ ମ୍ୟାନେଜମେଣ୍ଟ କମ୍ପାନୀ ମାନଙ୍କୁ ବହୁଳ ଭାବରେ ଆକର୍ଷିତ କରିଥିଲା। ୧୨୦ରୁ ଅଧିକ ଜି୨ବି ବୈଠକ ଏବଂ ରଣନୀତିକ ନେଟୱର୍କିଂ ଅଧିବେଶନ ମାଧ୍ୟମରେ ଓଡ଼ିଶା ପର୍ଯ୍ୟଟନ ଏହାର ଐତିହ୍ୟ, ଆଧାତ୍ମିକ, ଉପକୂଳବର୍ତ୍ତୀ, ଇକୋ ଏବଂ ଅନୁଭୂତିଭିତ୍ତିକ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ପ୍ରଦର୍ଶିତ କରିଛି। ନିକଟରେ ସଂଶୋଧିତ 'ଓଡ଼ିଶା ପର୍ଯ୍ୟଟନ ନୀତି ୨୦୨୬' ସହାୟତାରେ ରାଜ୍ୟ ବିଶ୍ୱସ୍ତରୀୟ ଭ୍ରମଣ ଏବଂ 'ମାଇସ୍' ସୁଯୋଗ ପାଇଁ ନିଜର ପ୍ରସ୍ତୁତିକୁ ହାଇଲାଇଟ୍ କରିଥିଲା। ଏହି ନୀତିର ଉଦ୍ଦେଶ୍ୟ ହେଉଛି ଭିତ୍ତିଭୂମିକୁ ସୁଦୃଢ଼ କରିବା, ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାକୁ ଏକ ପ୍ରତିଯୋଗୀ ତଥା ପୁଞ୍ଜିନିବେଶକ-ଅନୁକୂଳ ଗନ୍ତବ୍ୟ ସ୍ଥଳ ଭାବରେ ଗଢ଼ିତୋଳିବା। ଏହା ବ୍ୟତୀତ, ଓଡ଼ିଶାର ଅଂଶଗ୍ରହଣକାରୀ ଷ୍ଟେକହୋଲ୍ଡରମାନେ ଅନ୍ତର୍ଜାତୀୟ ବ୍ୟବସାୟୀମାନଙ୍କ ସହିତ ଏକାଧିକ ସଫଳ ବ୍ୟବସାୟିକ ବୈଠକ କରିଥିଲେ, ଯାହା ଫଳରେ ଭବିଷ୍ୟତରେ ସହଯୋଗ ଏବଂ ସାର୍ଥକ ଭାଗିଦାରୀ ପାଇଁ ନୂତନ ସୁଯୋଗ ସୃଷ୍ଟି ହୋଇଛି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ବିଶ୍ୱସ୍ତରୀୟ ଦୃଶ୍ୟମାନତା ବୃଦ୍ଧି ପାଇବ ଏବଂ ଅନ୍ତର୍ଜାତୀୟ ଟୁର୍ ଅପରେଟର୍‌ମାନଙ୍କ ସହ ସମ୍ପର୍କ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଏହା ଆସନ୍ତା ଅକ୍ଟୋବର ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା 'ଓଡ଼ିଶା ଟ୍ରାଭେଲ ବଜାର'ର ୭ମ ସଂସ୍କରଣ ପାଇଁ ଏକ ରଣନୀତିକ ପୂର୍ବ ପ୍ରସ୍ତୁତି ଭାବରେ କାର୍ଯ୍ୟ କରିବ, ଯାହା ରାଜ୍ୟକୁ ଅଧିକ ବିଦେଶୀ ପର୍ଯ୍ୟଟକ ଏବଂ ପୁଞ୍ଜିନିବେଶ ଆଣିବା ପାଇଁ ସହଯୋଗ କରିବ ବୋଲି ବିଭାଗର ଅଧିକାରୀ ଆଶା ରଖିଛନ୍ତି।

ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬

# ମେ' ୧ରୁ ୩୧ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ



**ଭୁବନେଶ୍ୱର,୨୯।୪/ଏନ୍‌ଏନ୍‌ଏସ୍:** ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଅନ୍ତର୍ଗତ କାର୍ଯ୍ୟକର୍ତ୍ତାମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଏହି ଅବସରରେ କାର୍ଯ୍ୟକର୍ତ୍ତାଙ୍କ ବିକାଶଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ବିଷୟ, ସାମ୍ପ୍ରତିକ ପରିସ୍ଥିତି ଓ ଅଞ୍ଚଳର ବିକାଶ ଉପରେ ଆଲୋଚନା କରାଯିବ। ବିଶେଷ କରି କାର୍ଯକର୍ତ୍ତାମାନଙ୍କ ମଧ୍ୟରେ ଗୁଣାତ୍ମକ ମାନର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏହି କ୍ରମରେ ଓଡ଼ିଶାର ୧୦୫୨ ମଣ୍ଡଳରେ ପ୍ରଶିକ୍ଷଣ ବର୍ଗ ସମାପ୍ତ ହୋଇସାରିଛି। ଆସନ୍ତା ମେ' ମାସ ୧ ତାରିଖ ଠାରୁ ପାର୍ଟିର ସମସ୍ତ ୩୭ଟି ସାଂଗଠନିକ ଜିଲ୍ଲାରେ ଏହି ପ୍ରଶିକ୍ଷଣ ବର୍ଗ ଆରମ୍ଭ କରାଯିବ। ମେ' ୩୧ ସୁଦ୍ଧା ଏହି କାର୍ଯ୍ୟକ୍ରମ ଶେଷ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ପ୍ରଦେଶସ୍ତରୀୟ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ମେ' ୧ ତାରିଖରୁ ଆରମ୍ଭ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉପରେ ବୈଠକରେ ଚର୍ଚ୍ଚା ଓ ଆଲୋଚନା ହୋଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ମଧ୍ୟରେ କିପରି ସମାପ୍ତ ହେବ ସେ ଉପରେ ବୈଠକରେ ଖସଡା ପ୍ରସ୍ତୁତ କରାଯାଇଛି। ବିଜେପି କାର୍ଯ୍ୟକର୍ତ୍ତାମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ରାଜନୈତିକ ବିକାଶ କରିବା ପାଇଁ ବିଭିନ୍ନ ସମୟରେ ଏଭଳି ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଥାଏ ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଆଜିର ବୈଠକରେ ସାଂସଦ ତଥା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ପ୍ରଭାତୀ ପରିଡ଼ା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ପୂର୍ବ ଭାରତ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

**କାର୍ଯ୍ୟକର୍ତ୍ତାମାନଙ୍କ ଗୁଣାତ୍ମକ ମାନର ବିକାଶ ମୂଳ ଉଦ୍ଦେଶ୍ୟ**

10001/89/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0008

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର





ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ପାଇଁ ରାଜ୍ୟପାଳଙ୍କୁ ଭେଟୁଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ



ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ସୁରକ୍ଷା ଯାଞ୍ଚ

# 'ନୂତନ ଜ୍ଞାନକୌଶଳ ବିକାଶ ସମୟରେ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ'




**ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:** ନୂତନ ଜ୍ଞାନକୌଶଳକୁ ବିକଶିତ କରିବା ସମୟରେ ଏହା ଯେପରି କୌଣସି ବିପଦ ସୃଷ୍ଟି ନକରେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଧବାର ଓଡ଼ିଶା ସିଆଇଡି-କ୍ରାଇମ୍ ବ୍ରାଞ୍ଚର ନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଙ୍ଗ ଟେକନୋଲୋଜିସ୍- ସିକ୍ୟୁରିଙ୍ଗ ଟୁମୋରୋଜ ଇଣ୍ଟେଲିଜେଣ୍ଟ୍ ସିଷ୍ଟମ୍' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ପରିପ୍ରେକ୍ଷୀରେ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଶ୍ରୀ ମିଶ୍ର କହିଥିଲେ ଯେ ନୂତନ ଜ୍ଞାନକୌଶଳ ବିକଶିତ କରିବା ସମୟରେ ସୁରକ୍ଷା ଦିଗକୁ ଯେଭଳି ସୁଦୃଢ଼ କରାଯିବ ସେଥି ନିମନ୍ତେ ସ୍ୱତନ୍ତ୍ର ଯତ୍ନ ନେବାର ଆବଶ୍ୟକତା ରହିଛି।

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ଗୁରୁତ୍ୱ ଦେଇ ଶ୍ରୀ ମିଶ୍ର କହିଥିଲେ ଯେ ଯେତେବେଳେ କୌଣସି ନୂତନ ଜ୍ଞାନକୌଶଳର ଉଦ୍ଭାବନ ହୁଏ ସେତେବେଳେ ମୂଳ ପ୍ରଶ୍ନ ଥାଏ ଏହାକୁ ବିକାଶ କରିଥିବା ସଂସ୍ଥା ଏହାର ନକାରାତ୍ମକ ଓ ସକାରାତ୍ମକ ପ୍ରଭାବ ଉପରେ ଅନୁଶୀଳନ କରିଛନ୍ତି ନା ନାହିଁ। ସେ କହିଥିଲେ ଯେ ସାଇବର ଅପରାଧ ମାଧ୍ୟମରେ ଗୋଟିଏ ବର୍ଷ ମଧ୍ୟରେ ୨୨ ହଜାର କୋଟି ଟଙ୍କା ଲୁଟ୍ ହୋଇଯାଇଛି। ବୁଦ୍ଧି, ଦକ୍ଷତା ଓ କିଛି ନୂଆ କରିବାର ଇଚ୍ଛା ରଖିବା ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଜ୍ଞାନକୌଶଳ ସଶକ୍ତ କରାଏ ଏବଂ ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ତେବେ ସୁରକ୍ଷିତ ଜ୍ଞାନକୌଶଳର ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ର କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡାଟା ସିକ୍ୟୁରିଟି କାଉନସିଲ୍ ଅଫ ଇଣ୍ଡିଆର ସିଇଓ ବିନାୟକ ଗଡସେ, ନ୍ୟାସନାଲ ସିକ୍ୟୁରିଟି କାଉନସିଲ୍ ସେକ୍ରେଟାରିଏଟ୍, ପିଏମଓର ପୂର୍ବତନ ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ୍ ଏମ.ୟୁ. ନାୟାର, ଇଣ୍ଟରନ୍ୟାସନାଲ ଟେଲିକମ୍ୟୁନିକେସନ ୟୁନିୟନ, ଜେନେଭା ପକ୍ଷରୁ କିଶୋର ନାରଙ୍ଗ, ସେଲୁଲାର ଅପରେଟର୍ସ ଆସୋସିଏସନ ଅଫ ଇଣ୍ଡିଆର ବରିଷ୍ଠ ଉପଦେଷ୍ଟା ବିକ୍ରମ ତିୱାଥିଆ ଓ ସାଇବର ସିକ୍ୟୁରିଟି ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଶ୍ରୀ ଏନ.କେ. ଗୋୟଲ ମଧ୍ୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରାଇସ୍ ୱାଟରହାଉସ୍ କୁପର୍ସ (ପିଡବ୍ଲୁସି) ଇଣ୍ଡିଆର ନିର୍ଦ୍ଦେଶକ ଡକ୍ଟର ଦେବବ୍ରତ ନାୟକ ଯୋଗଦେଇ ନିଜ ବକ୍ତବ୍ୟରେ ସାଇବର ସୁରକ୍ଷାକୁ କିଭଳି ଅଧିକ ଗୁରୁତ୍ୱ ଦିଆଯାଇପାରିବ ସେ ଦିଗରେ ସବୁ ବର୍ଗ ପକ୍ଷରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ନିଜ ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ ଡ଼ିଜିଟାଲ୍ ଭିତିଭୂମି ପରିବ୍ୟାପ୍ତ ହେଉଥିବା ବେଳେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସର ଉଦ୍ଭାବନ ଏବଂ ଏହାର ପ୍ରଭାବ ମଧ୍ୟ ଚିନ୍ତା ଉଦ୍ରେକ କରିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଇବର ସୁରକ୍ଷା ନେଇ ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି କୁଳପତି କହିଥିଲେ। ଏହି ପରିପ୍ରେକ୍ଷୀରେ ସୋଆ ଏବଂ ସାଇବର ସିକ୍ୟୁରିଟି ଆସୋସିଏସନ୍ ଅଫ ଇଣ୍ଡିଆ ମଧ୍ୟରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ମଞ୍ଚରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ଲେଫ୍ଟନାଣ୍ଟ ଜେନେରାଲ୍ ନାୟାର କହିଥିଲେ ଯେ ଭାରତ ହେଉଛି ବିଶ୍ୱର ବୃହତ ଡ଼ିଜିଟାଲ ଭିତିଭୂମି ଥିବା ଦେଶ। ଗତ ମାର୍ଚ୍ଚ ମାସରେ ୟୁପିଆଇରେ ୨୨ ହଜାର ୬୪୦ ମିଲିୟନ ଟଙ୍କାର ଆଦାନପ୍ରଦାନ ହୋଇଥିବା ବେଳେ ଏହାର ମୂଲ୍ୟ ହେଉଛି ୨୯୫୨ ଲକ୍ଷ କୋଟି ଟଙ୍କା। ସରକାର ନୂତନ ନିୟମ ଆଣିପାରିବେ କିନ୍ତୁ ନୂଆ ଜ୍ଞାନକୌଶଳ ମଧ୍ୟ ନୂଆ ସମସ୍ୟା ସୃଷ୍ଟି କରିପାରେ। ଏଆଇସି ସୋଆ ଫାଉଣ୍ଡେସନର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଉପସ୍ଥିତ ରହି ଅତିଥି ମାନଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଡିସିନାଲ ଡିନ୍ ଷ୍ଟୁଡେଣ୍ଟ ଆଫେୟାର୍ସ, ଆଇଟିଇଆର ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସମାପ୍ତ ହେବାପରେ ଅତିଥିମାନଙ୍କ ଦ୍ୱାରା ଏକ ଷ୍ଟାର୍ଟଅପ ପ୍ରଦର୍ଶନୀ ମଧ୍ୟ ଉଦ୍‌ଘାଟନ କରାଯାଇଥିଲା।

# ବିଭିନ୍ନ ସିଏସଆର୍ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ କୋଇଲା ଖଣି ଅଞ୍ଚଳରେ କମ୍ପାନୀମାନଙ୍କ ଦ୍ୱାରା ବିଭିନ୍ନ ସିଏସଆର୍ ପ୍ରକଳ୍ପମାନଙ୍କର ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଲୋକଙ୍କ ପାଇଁ ଜନକଲ୍ୟାଣକାରୀ କାର୍ଯ୍ୟ ସୁନିଶ୍ଚିତ କରିବାକୁ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଗୁଳ, ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲା ରାଜ୍ୟର ପ୍ରମୁଖ କୋଇଲା ଖଣି ଥିବା ଅଞ୍ଚଳ ଏନଟିପିସି, ଓପିଜିସି, ଏନଏଲସି ଏବଂ ଏମସିଏଲ୍ ଆଦି କମ୍ପାନୀମାନଙ୍କ ଦ୍ୱାରା ଖଣି ଖନନ, ତାପଜ ଶକ୍ତି ଉତ୍ପାଦନ ନିମନ୍ତେ ଏହି ସବୁ ଅଞ୍ଚଳ ଉପରେ ନିର୍ଭରଶୀଳ। ଏହି ପରିପ୍ରେକ୍ଷୀରେ ଏସବୁ ଅଞ୍ଚଳର ସାଧାରଣଜନତାଙ୍କ ନିମନ୍ତେ ବିଭିନ୍ନ ଜନକଲ୍ୟାଣକାରୀ ବ୍ୟବସ୍ଥା ସୁନିଶ୍ଚିତ କରିବା କମ୍ପାନୀମାନଙ୍କ ସାମାଜିକ ଏବଂ ନୈତିକ ଦାୟିତ୍ୱ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ବୈଠକରେ ଉପରୋକ୍ତ କମ୍ପାନୀମାନଙ୍କ ଦ୍ୱାରା ଚାରୋଟି ଜିଲ୍ଲାର ବିଭିନ୍ନ ସିଏସଆର୍ ପ୍ରକଳ୍ପ ବାବଦରେ ସବିଶେଷ ଆଲୋଚନା କରାଯାଇଥିଲା। ଝାରସୁଗୁଡ଼ାରେ ପ୍ରସ୍ତାବିତ ଏକ ବିଶ୍ୱବିଦ୍ୟାଳୟ ନିମନ୍ତେ ସିଏସଆର୍ ପାଣ୍ଠି ପ୍ରଦାନ ସୁନିଶ୍ଚିତ କରିବା ସହ ଯଥାଶୀଘ୍ର ଏଥି ନିମନ୍ତେ ସ୍ଥାନ ଚିହ୍ନଟ କରି ପ୍ରକଳ୍ପ ଆରମ୍ଭ କରିବାକୁ ମାନ୍ୟବର ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କାର୍ଡିଆକ୍ କେୟାର୍ ହସ୍ପିଟାଲ୍, ଲଖନପୁର ଠାରେ ଷ୍ଟାଡିୟମ୍ ଏବଂ ଅନ୍ୟାନ୍ୟ ପ୍ରକଳ୍ପମାନଙ୍କ ନିମନ୍ତେ ପାଣ୍ଠି ସଂଗ୍ରହ କରି ପ୍ରକଳ୍ପ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଏସଆର୍ ପ୍ରକଳ୍ପ ଅଧୀନରେ ବିଭିନ୍ନ ବକେୟା ଥିବା ପାଣ୍ଠି ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ ଏମସିଏଲର ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ପ୍ରଶାସନ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ପାଣ୍ଠିର ସମୁଚିତ ଉପଯୋଗ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମାନ୍ୟବର ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ଏନଟିପିସି, ଦରଲିପାଲିର ସାଧାରଣ ପରିଚାଳକ, ଓପିଜିସି, ବନହରପାଲିର ପରିଚାଳନା ନିର୍ଦ୍ଦେଶକ, ବିଭିନ୍ନ କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଉତ୍ତରାଞ୍ଚଳ ରାଜସ୍ୱ କମିସନର, ସମ୍ବଲପୁର, ଝାରସୁଗୁଡ଼ା, ଅନୁଗୁଳ ଏବଂ ସୁନ୍ଦରଗଡ଼ର ଜିଲ୍ଲାପାଳ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ, ଏମସିଏଲର ଏମଡି ଉଦୟ ଏ କାଓଲେ ଏବଂ ଏନଏଲସି ତଳବୀରାର ସାଧାରଣ ପରିଚାଳକ ତଥା ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀଗଣ ଉପସ୍ଥିତ ଥିଲେ।

## ଓଡ଼ିଶା ରିସୋର୍ସ ସେଣ୍ଟର୍ ଉପରେ ପରାମର୍ଶ କର୍ମଶାଳା

# ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ପ୍ରସ୍ତୁତ ହେବ ସମନ୍ୱିତ ରଣନୀତି

**ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:** ଓଡ଼ିଶାର ଜନସଂଖ୍ୟା ଗଠନରେ ପରିବର୍ତ୍ତନ ଏବଂ ବୟସ୍କ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଏକ ସମନ୍ୱିତ ତଥା ଭବିଷ୍ୟତ-ଉପଯୋଗୀ ବ୍ୟବସ୍ଥାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଭୁବନେଶ୍ୱରଠାରେ ପ୍ରସ୍ତାବିତ 'ଓଡ଼ିଶା ରିସୋର୍ସ ସେଣ୍ଟର୍ ଫର୍ ଏଜିଙ୍ଗ ଆଣ୍ଡ ଦିବ୍ୟାଙ୍ଗଜନ' ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜାତିସଂଘ ଜନସଂଖ୍ୟା ପାଣ୍ଠିର ମିଳିତ ସହଯୋଗରେ ଆୟୋଜିତ ଏହି ବୈଠକରେ ବରିଷ୍ଠ ସରକାରୀ ଅଧିକାରୀ, ଜାତିସଂଘର ବିଭିନ୍ନ ସଂସ୍ଥାର ପ୍ରତିନିଧି, ବିକାଶମୂଳକ ସଂଗଠନ ଏବଂ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ବୟସ୍କ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ସୁଗମ୍ୟତା ଏବଂ ସମନ୍ୱିତ ସେବା ପ୍ରଦାନ କ୍ଷେତ୍ରରେ ଏକ ରଣନୀତିକ ଆଧାର ଭାବରେ କାର୍ଯ୍ୟ କରିବ। 'ବିକଶିତ ଓଡ଼ିଶା ୨୦୩୬ ଏବଂ ୨୦୪୭'ର ସଂକଳ୍ପକୁ ସାକାର କରିବା ପାଇଁ ଏହି କେନ୍ଦ୍ର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ତଥ୍ୟ-ଭିତ୍ତିକ ନୀତି ପ୍ରଣୟନ ଏବଂ ପ୍ରଶାସନିକ ସ୍ତରରେ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ବିଭାଗୀୟ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏହି ଅବସରରେ କହିଥିଲେ ଯେ ଜନସଂଖ୍ୟା ପରିବର୍ତ୍ତନ ସହିତ ସୃଷ୍ଟି ହେଉଥିବା ଜଟିଳ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଏକ ଅନ୍ତର୍ଭୁକ୍ତ ବ୍ୟବସ୍ଥା ଅପରିହାର୍ଯ୍ୟ। ସମସ୍ତଙ୍କ ପାଇଁ ସମ୍ମାନ, ସ୍ୱାଧୀନତା ଏବଂ ସମାନ ସୁଯୋଗ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ବିଭାଗୀୟ ନିର୍ଦ୍ଦେଶିକା ପାରୁଲ ପଟାୱରୀ ଆଲୋକପାତ କରି କହିଥିଲେ ଯେ ଏହା ଏକ ଜ୍ଞାନ ଏବଂ ସମ୍ବଳ କେନ୍ଦ୍ର ଭାବେ କାର୍ଯ୍ୟ କରିବ, ଯାହା ଗବେଷଣା ଏବଂ ନୂତନ ନୀତି ପ୍ରଣୟନରେ ସହାୟତା କରିବ। ଏହି ପରାମର୍ଶ କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ପଞ୍ଚାୟତିରାଜ ଏବଂ ମହିଳା ଓ ଶିଶୁ ବିକାଶ ଭଳି ପ୍ରମୁଖ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରି ନିଜର ମୂଲ୍ୟବାନ ମତାମତ ରଖିଥିଲେ। ଜାତିସଂଘ ଜନସଂଖ୍ୟା ପାଣ୍ଠି ପକ୍ଷରୁ ପ୍ରସ୍ତାବିତ ରୂପରେଖ ଉପସ୍ଥାପନ କରାଯାଇଥିଲା। ଏହି ପଦକ୍ଷେପ ଓଡ଼ିଶାର ଶାସନ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବା ସହ କେବଳ କଲ୍ୟାଣମୂଳକ ଯୋଜନା ନୁହେଁ, ବରଂ ଅଧିକାର-ଭିତ୍ତିକ ସଂସ୍ଥାଗତ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବ।

# ବିଧାନସଭା ଓ ଉପ-ନିର୍ବାଚନ ପାଇଁ ଗଣନା ପର୍ଯ୍ୟବେକ୍ଷକଙ୍କୁ ପ୍ରଶିକ୍ଷଣ

**ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:** ଆସାମ, କେରଳ, ତାମିଲନାଡୁ, ପୁଡୁଚେରୀ ଏବଂ ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନ ବିଧାନସଭା ତଥା ୨୦୨୬ ମସିହାର ଉପ-ନିର୍ବାଚନ ନିମନ୍ତେ ନିଯୁକ୍ତ ଗଣନା ପର୍ଯ୍ୟବେକ୍ଷକ ମାନଙ୍କୁ ଏକ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପାଳନଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଡକ୍ଟର ଭବାନୀ ଶଙ୍କର ଚୟାନୀ, ଆଇ.ଏ.ଏସ୍. (ଅବସରପ୍ରାପ୍ତ), ପର୍ଯ୍ୟବେକ୍ଷକମାନଙ୍କୁ ଗଣନା ପ୍ରକ୍ରିୟାର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି ବିବୃତ୍ତିରେ ମୁଖ୍ୟତଃ ନିର୍ବାଚନ କମିଶନ୍‌ଙ୍କ ଗାଇଡ୍‌ଲାଇନ୍‌ର କଡ଼ାକଡ଼ି ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି। ଗଣନା କେନ୍ଦ୍ରରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପର୍ଯ୍ୟବେକ୍ଷକ ମାନେ କିଭଳି ଭୂମିକା ଗ୍ରହଣ କରିବେ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ ଭାବରେ, ଗଣନା ପ୍ରୋଟୋକଲ୍‌ର ସଠିକ୍ ପାଳନ, ଆଇନଗତ ବ୍ୟବସ୍ଥା, ଇଭିଏମ୍ ଓ ଭିଭିପାଟ୍ ମେସିନ୍‌ର ସୁରକ୍ଷିତ ପରିଚାଳନା ଏବଂ ରିୟଲ-ଟାଇମ୍ ରିପୋର୍ଟିଂ ସମ୍ପର୍କରେ ପର୍ଯ୍ୟବେକ୍ଷକ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ଅକ୍ଷୁର୍ଣ୍ଣ ରଖିବା ଏବଂ ଗଣନା ସମୟରେ କୌଣସି ପ୍ରକାର ତ୍ରୁଟି ନହେବା ପାଇଁ ପର୍ଯ୍ୟବେକ୍ଷକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଉକ୍ତ ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପଲନ, ଡକ୍ଟର ଭବାନୀ ଶଙ୍କର ଚୟାନୀଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ,ଡ଼େପୁଟି ସିଇଓ ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ପଲିଟେକ୍‌ନିକ୍‌ରେ କ୍ୟାମ୍ପସ ଟୁ କ୍ୟାରିୟର କାର୍ଯ୍ୟକ୍ରମ

# ୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ କମ୍ପାନୀର ନିଯୁକ୍ତିପତ୍ର




**ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:** ନିଯୁକ୍ତି ଶିକ୍ଷା ଗ୍ରହଣର ଶେଷ ନୁହେଁ ବରଂ ଏକ ନୂତନ ଅଧ୍ୟାୟର ଆରମ୍ଭ। ଭୁବନେଶ୍ୱର ସରକାରୀ ପଲିଟେକ୍‌ନିକ୍‌ରେ ଆୟୋଜିତ କ୍ୟାମ୍ପସ ଟୁ କ୍ୟାରିଅର କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠାନର ୪ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପତ୍ର ବିତରଣ କରି ଏହା କହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ବିଭିନ୍ନ ଟ୍ରେଡରେ ପ୍ରଶିକ୍ଷଣ ଶେଷ କରିବା ପରେ, ୩୨ରୁ ଅଧିକ ପ୍ରତିଷ୍ଠିତ କମ୍ପାନି ଯଥା ଟାଟା ପାୱାର, ଜେଓଏସଡବ୍ଲ୍ୟୁ, ପେଟିଏମ୍, ୟାଜାକି ଓ ମେଡ୍ ପ୍ଲସ ଆଦିରେ ଏହି ଛାତ୍ରଛାତ୍ରୀମାନଙ୍କୁ କ୍ୟାମ୍ପସ ପ୍ଲେସମେଣ୍ଟ ଜରିଆରେ ନିଯୁକ୍ତି ସୁଯୋଗ ମିଳିଛି। ଏମାନଙ୍କ ମଧ୍ୟରେ ୧୭୫ ଜଣ ଛାତ୍ର ଓ ୨୩୪ ଜଣ ଛାତ୍ରୀ ରହିଛନ୍ତି । ପେଟିଏମ୍ ଭଳି କମ୍ପାନି ବାର୍ଷିକ ସର୍ବାଧିକ ୩.୯୫ଲକ୍ଷରେ ନିଯୁକ୍ତି ସୁଯୋଗ ପ୍ରଦାନ କରିଛି।

ଏହି ଅବସରରେ ମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ଏହି ସଫଳତା, ରାଜ୍ୟରେ ଦକ୍ଷତା ବିକାଶର ପ୍ରକୃତ ଚିତ୍ରକୁ ପରିପ୍ରକାଶ କରୁଛି। କେବଳ ରୋଜଗାରକ୍ଷମ ହେବା ନୁହେଁ, ପ୍ରତିଯୋଗିତାମୂଳକ ବଜାରରେ ନିଜକୁ ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠିତ କରାଇବା ହିଁ ପ୍ରକୃତ ଦକ୍ଷତା ବିକାଶ ବୋଲି କହିଥିଲେ ମନ୍ତ୍ରୀ। ନିଯୁକ୍ତି ପତ୍ର ବିତରଣ ସହ କ୍ୟାମ୍ପସ୍ ପରିସରରେ ବିଭିନ୍ନ ପ୍ରଶିକ୍ଷଣ ୟୁନିଟ୍ ତଥା ଲ୍ୟାବରୁ ବାହାରୁ ଥିବା ବର୍ଜ୍ୟବସ୍ତୁ, ଅଦରକାରୀ ସାମଗ୍ରୀ ବା ଯନ୍ତ୍ରପାତିର ଭଗ୍ନାଂଶ ଆଦିକୁ ନେଇ ପ୍ରତିଷ୍ଠା କରାଯାଇଥିବା ୱେଷ୍ଟ ଟୁ ୱେଲଥ ସ୍କିଲ ପାର୍କର ଉଦ୍‌ଘାଟନ କରାଯାଇଥିଲା। ପରିବେଶ ସୁରକ୍ଷା ସହ ଗ୍ରୀନ ସ୍କିଲ ହାସଲ ଦିଗରେ ଏହି ପାର୍କଟି ବେଶ୍ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ସହ ପରିବେଶ ସୁରକ୍ଷା ଦିଗରେ ଏହି ଅଭିନବ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏହାସହ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସରକାରୀ ପଲିଟେକ୍‌ନିକ୍ ବୁଲି ଦେଖିଥିଲେ। ସେହିପରି ସୁଦକ୍ଷା ଯୋଜନା ଜରିଆରେ ସରକାରୀ ପଲିଟେକ୍ନିକ ଭୁବନେଶ୍ୱରରୁ ସଫଳତାର ସହ ତାଲିମ ଶେଷ କରି ନିଯୁକ୍ତି ପାଇବାକୁ ଥିବା ୧୬୮ ଜଣ ଛାତ୍ରୀଙ୍କ ସଫଳ ଯାତ୍ରାକୁ ନେଇ, ଅନୁଷ୍ଠାନ ତରଫରୁ ପ୍ରକାଶିତ ପୁସ୍ତକ ନାରୀ ବନ୍ଦନା, ଏମ୍ପାୱାରିଂ ନାରୀଶକ୍ତିର ଉନ୍ମୋଚନ କରିଥିଲେ ମନ୍ତ୍ରୀ ଶ୍ରୀ ସ୍ୱାଇଁ। ମନ୍ତ୍ରୀ ସଫଳ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସୁଦକ୍ଷା ଯୋଜନାର ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ, ରାଜ୍ୟ ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦର ସଚିବ ସ୍ୱପ୍ନ କୁମାର ମିଶ୍ର, ସରକାରୀ ପଲିଟେକ୍ନିକ ଅଧକ୍ଷ ଡକ୍ଟର ରଜତ ପାଣିଗ୍ରାହୀ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ୨୦୦୫ ବ୍ୟାଚ୍‌ର ବନ୍ଧୁମିଳନ



**ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:** ଏଚ.ଏନ୍.ଏସ ମହାବିଦ୍ୟାଳୟ, ଚାନ୍ଦୋଳର ୨୦୦୫ ମସିହା (କଳା) ବିଭାଗର ବନ୍ଧୁମିଳନ ରବିବାର ଦିନ ଅନୁଆପଡାସ୍ଥିତ ମାତୃବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଅବନି ରଞ୍ଜନ ନାୟକ, ରମାକାନ୍ତ ଦାସ, ବର୍ତ୍ତମାନର ସଂସ୍କୃତ ବିଭାଗ ଅଧ୍ୟାପିକା ଶ୍ରୀମତି ଦାସ, ଇଂରାଜୀ ବିଭାଗର ପ୍ରଭାକର ଦାସ ଓ ଶିକ୍ଷା ବିଭାଗର ସୁକନ୍ୟା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେମାନେ ସମସ୍ତେ ଗୁରୁ ଓ ଛାତ୍ରଛାତ୍ରୀ ସମ୍ପର୍କ ତଥା ବନ୍ଧୁତ୍ୱକୁ ଗୁରୁତ୍ୱ ଦେଇ କେମିତି ପ୍ରତିବର୍ଷ ଏହିପରି ଭାବେ କାର୍ଯ୍ୟକ୍ରମ କରି ପିଲାମାନଙ୍କ ମଧ୍ୟରେ ଏକଜୁଟତାର ସୂତ୍ର ମଜଭୁତ କରିବା ତଥା ସମୟ, ଶକ୍ତି ଓ ସମ୍ପତିକୁ କେମିତି ସୁବିନିଯୋଗ କରିହେବ ତାହା ଉପରେ ଆଲୋକପାତ କରିଥିଲେ। ଏକୋଇଶି ବର୍ଷର ବ୍ୟବଧାନ ପରେ ଏହିଭଳି କାର୍ଯ୍ୟକ୍ରମ ପାଇଁ ପୁରାତନ ପିଲାମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ବହୁ ଦୂରଦୂରାନ୍ତରୁ ପୁରୁଣା ଛାତ୍ରଛାତ୍ରମାନେ ଯୋଗଦେଇଥିଲେ। ଏଥିରେ ସମସ୍ତ ପୁରୁଣା ସ୍ମୃତିମାନ ନିଜନିଜ ମଧ୍ୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଭାପତି ଉତ୍ତମ ଦାସଙ୍କ ନେତୃତ୍ୱରେ ପରିଚାଳନା ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ଏଥିରେ ସମ୍ପାଦକ ସ୍ମୃତି ରଞ୍ଜନ ସ୍ୱାଇଁ ଓ ଉପଦେଷ୍ଟା ଡ. ମନୋରଞ୍ଜନ ପଣ୍ଡା ସହଯୋଗ କରିଥିଲେ। ଆଗାମୀ ବର୍ଷରେ ଅନୁପସ୍ଥିତ ରହିଥିବା ବନ୍ଧୁମାନଙ୍କୁ ଯୋଡ଼ିବା ଓ ସମୟକୁ ସଠିକ୍ ଭାବେ ପରିଚାଳନା କରାଯିବ ବୋଲି ସଭାପତି ଉତ୍ତମ ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

# 'ଯଥାର୍ଥରେ ମଧୁବାବୁ ଥିଲେ ସ୍ୱାଭିମାନୀ'



**ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:** ମାଷ୍ଟର କ୍ୟାଣ୍ଟିନ୍ ସ୍ଥିତ ଗୋକୁଲ ପ୍ଲାଜାର ନୂତନ ସଭାଗୃହର ଉଦ୍‌ଘାଟନ ଆଜି ସନ୍ଧ୍ୟାରେ ଲେଖକ ସାମ୍ମୁଖ୍ୟ, ଓଡ଼ିଶାର ଉପଦେଷ୍ଟା ମଣ୍ଡଳୀ ସଭ୍ୟ ତଥା ବର୍ଷିୟାନ ସାହିତ୍ୟିକ ପର୍ଶୁରାମ ଦ୍ୱିବେଦୀଙ୍କ ଦ୍ୱାରା ହୋଇଯାଇଛି। ଏହି ଅବସରରେ ସାମ୍ମୁଖ୍ୟ ର ସଭାପତି ଡକ୍ଟର ଅଲେଖ ଚନ୍ଦ୍ର ପଢିଆରୀଙ୍କ ସଭାପତିତ୍ୱରେ 'ସ୍ୱାଭିମାନୀ ମଧୁବାବୁ' ଶୀର୍ଷକ କବିତା ପାଠୋତ୍ସବ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଆବାହକ ରମାକାନ୍ତ ମିଶ୍ର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବନ୍ଦନା ଗାନ ସହ ପରିଚାଳନା କମିଟି ସଭ୍ୟା ସୌଦାମିନୀ ସାମନ୍ତରାୟ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ସମ୍ପାଦିକା ବିମଳା ସିଂହ ଆଜି ସଭାର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମଧୁବାବୁଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ ଡକ୍ଟର ଚକ୍ରଧର ଦାଶ, ଜୟଶ୍ରୀ ପଟ୍ଟନାୟକ, ଅରୁଣା କର, ସୁନିଲ୍ କୁମାର ମହାପାତ୍ର ଏବଂ ଅଲେଖ ଚନ୍ଦ୍ର ପଢିଆରୀ। 'ସ୍ୱାଭିମାନୀ ମଧୁବାବୁ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ପର୍ଶୁରାମ ଦ୍ୱିବେଦୀ, ସୀତା ବଲ୍ଲଭ ମହାପାତ୍ର, ଡକ୍ଟର ବାସନ୍ତୀ ମହାନ୍ତି, ଡକ୍ଟର ଚକ୍ରଧର ଦାଶ, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ନାଟ୍ୟକାର ବିଜୟ କୁମାର ମହାନ୍ତି, ରଜନୀକାନ୍ତ ପଟ୍ଟନାୟକ, ଡକ୍ଟର ରଜନୀ ରଣସିଂହ, ରାକେଶ ମହାନ୍ତି ଏବଂ ଧନଞ୍ଜୟ ରାୟ। ମଧୁବାବୁଙ୍କ ଜୀବନୀ ଉପରେ ବିଦ୍ୟାଳୟ ସ୍ତରରେ କିମ୍ବା ମହାବିଦ୍ୟାଳୟସ୍ତରରେ ପୁସ୍ତକ ମାନଙ୍କରେ ଅଧିକ ଜ୍ଞାନ ଆହରଣ ପାଇଁ ସିଲାବସ୍‌ରେ ସ୍ଥାନିତ କରାଇବାକୁ ଆଜିର ସଭାରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର କରାଗଲା। ଏତଦ୍‌ବ୍ୟତୀତ ମଧୁବାବୁଙ୍କ ସମ୍ପୂର୍ଣ୍ଣ ଜୀବନ କାଳର ସମସ୍ତ ତଥ୍ୟ ୭୦୦୦ ପୃଷ୍ଠାର ବିବରଣୀ ସଂଗ୍ରହ କରି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ଅନ୍ୟତମ ଉପଦେଷ୍ଟା ଶ୍ରୀରାମ ଦାଶ କହିଥିଲେ। ଶେଷରେ ସଭାପତି ନିଜେ ବାଲେଶ୍ୱରର ଜିଲ୍ଲାପାଳ ଥିବା ବେଳେ କିପରି ଓଡ଼ିଶା ସୀମାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ ସେ ବିଷୟରେ କହିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଡକ୍ଟର ଚକ୍ରଧର ଦାଶ ଧନ୍ୟବାଦ ଦେଇଥିଲେ।

# ଆଜି ଇଗ୍ନୋ ବିଦ୍ୟାର୍ଥୀଙ୍କ ସ୍ୱତନ୍ତ୍ର କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ଡ୍ରାଇଭ୍

**ଭୁବନେଶ୍ୱର,୨୯।୪ /ଏନ୍ଏନ୍ଏସ୍:** ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର, ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ରାଇରଙ୍ଗପୁର ସହିତ ମିଳିତ ଭାବରେ କ୍ୟାମ୍ପସ୍ ଟୁ କର୍ପୋରେଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତାକାଲି ଇଗ୍ନୋ ବିଦ୍ୟାର୍ଥୀମାନଙ୍କ ପାଇଁ ଏହାର ପ୍ରଥମ ସ୍ୱତନ୍ତ୍ର କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ୍ ଆୟୋଜନ କରୁଛି। ଏହି ଡ୍ରାଇଭ୍ ପାଇଁ ନିଯୁକ୍ତି ସଂଗଠନ ହେଉଛି ମୋଡାଇନ୍ ଥର୍ମାଲ୍ ପ୍ରାଇଭେଟ୍ ଲିମିଟେଡ୍, ଯାହା ଥର୍ମାଲ୍ ପରିଚାଳନା ସମାଧାନ କ୍ଷେତ୍ରରେ ବିଶ୍ୱ ସ୍ତରରେ ଏକ ଜଣାଶୁଣା ନାମ। ବିଭିନ୍ନ ଦେଶରେ ଏକ ଦୃଢ଼ ଉପସ୍ଥିତି ସହିତ, କମ୍ପାନୀ ଅଟୋମୋଟିଭ୍, ଶିଳ୍ପ ଏବଂ ବାଣିଜ୍ୟିକ ପ୍ରୟୋଗରେ ବ୍ୟବହୃତ ଅଭିନବ ଗରମ ଏବଂ କୁଲିଂ ପ୍ରଯୁକ୍ତିବିଦ୍ୟାରେ ବିଶେଷଜ୍ଞ। ଏହି ଡ୍ରାଇଭ୍ ପୂର୍ବରୁ ଶିଳ୍ପ ବିଶେଷଜ୍ଞଙ୍କ ନେତୃତ୍ୱରେ ୧୦ଟି ସଂରଚିତ ଅଧିବେଶନ ଶିକ୍ଷାର୍ଥୀମାନଙ୍କୁ ଯୋଗାଯୋଗ ଦକ୍ଷତା, ବୃତ୍ତିଗତ ଦକ୍ଷତା ଏବଂ କର୍ମକ୍ଷେତ୍ର ପ୍ରସ୍ତୁତି ସହିତ ସଜ୍ଜିତ କରିଛି। ଏହି କାର୍ଯ୍ୟକ୍ରମ ସିଧାସଳଖ ଶିଳ୍ପ ସଂଯୋଗ ପ୍ରଦାନ କରେ, ଯାହା ଶିକ୍ଷାର୍ଥୀମାନଙ୍କୁ କର୍ପୋରେଟ୍ ସଂସ୍କୃତି ଏବଂ ଦୀର୍ଘକାଳୀନ କ୍ୟାରିଅର୍ ବିକାଶ ସହିତ ବ୍ୟବହାରିକ ସମ୍ପର୍କ ପ୍ରଦାନ କରେ। ସାତ ଜଣ ଡୋମେନ୍ ବିଶେଷଜ୍ଞଙ୍କ ଦ୍ୱାରା ଆଠଟି ଅଧିବେଶନରେ ପ୍ରଦାନ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଧାରଣା, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ବୌଦ୍ଧିକ ସମ୍ପତ୍ତି, ବଜାର ବୈଧତା ଏବଂ ନିବେଶକ ପିଚିଂ କ୍ଷେତ୍ରରେ ୪୦୮ରୁ ଅଧିକ କ୍ରମାଗତ ଅଂଶଗ୍ରହଣକାରୀଙ୍କ ସମ୍ପର୍କ ରେକର୍ଡ କରାଯାଇଥିଲା। କାର୍ଯ୍ୟକ୍ରମ ଏକ ଡେମୋ ଡେ ସହିତ ଶେଷ ହୋଇଥିଲା ଯେଉଁଥିରେ ଓଡ୍ରା ବୋଲ୍ଟ ଏବଂ ଇନୋ ମାଇଣ୍ଡ ବାୟୋ-ଫିଜିକ୍ସ ସଲ୍ୟୁସନ୍ସକୁ ଅଧିକ ଇନକ୍ୟୁବେସନ୍ ସମର୍ଥନ ପାଇଁ ଉଚ୍ଚ-ସମ୍ଭାବ୍ୟ ଷ୍ଟାର୍ଟଅପ୍ ଭାବରେ ଚିହ୍ନଟ କରାଯାଇଥିଲା। ଏହି ପଦକ୍ଷେପଗୁଡ଼ିକ ନିଯୁକ୍ତି ଏବଂ ଉଦ୍ୟୋଗ ଉଭୟ ପାଇଁ ଦକ୍ଷତା ସହିତ ଶିକ୍ଷାର୍ଥୀମାନଙ୍କୁ ସଶକ୍ତ କରିବା ପାଇଁ ଇଗ୍ନୋର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏମ୍. କେ. ଦାଶ ମତ ଦେଇଛନ୍ତି ।

## ଘରଭିତରେ ପଶିଗଲା ଟ୍ରେଲର, ବର୍ତ୍ତିଗଲେ ପରିବାର

**କାମାକ୍ଷାନଗର, ୨୯/୪/ଏନ୍ଏନ୍ଏସ୍:** କାମାକ୍ଷାନଗର-ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତାର ମହୁଲପାଳ ଗ୍ରାମରେ ଅଘଟଣ। ଘରଭିତରେ ପଶିଗଲା ଟ୍ରେଲର, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକ। ସୂଚନା ଅନୁସାରେ, ବିଶାଖାପାଟଣାରୁ ରାଉରକେଲା ଯାଉଥିବା ଏକ ମାଲ୍ ବୋଝେଇ ଟ୍ରେଲର ଆଜି ଭୋର ସମୟରେ ମହୁଲପାଳ ଗ୍ରାମର ନିର୍ମଳ ସାସମଲଙ୍କ ଘର ଭିତରେ ପଶିଯାଇଛି। ଘରର ସାମ୍ନାରେ ଥିବା ଆଜବେଷ୍ଟସ ଭାଙ୍ଗିଯାଇ ବାରଣ୍ଡାରେ ଥିବା ଧାନବସ୍ତା ନଷ୍ଟ ହୋଇଯାଇଛି। ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ। ତେବେ ଟ୍ରେଲର ଡ୍ରାଇଭରଙ୍କ ଆଖି ଲାଗିଯାଇଥିବା ଯୋଗୁଁ ଏପରି ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି।

# ବିଧାୟକଙ୍କୁ ସମବେଦନା ଜଣାଇଲେ ସାଂସଦ



**କେନ୍ଦ୍ରାପଡ଼ା, ୨୯/୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କର ଭାଇ ସ୍ୱର୍ଗତଃ ସର୍ବେଶ୍ୱର ବେହେରାଙ୍କ ସଡକ ଦୁର୍ଘଟଣାରେ ପରଲୋକ ହୋଇଥିଲା। କେନ୍ଦ୍ରାପଡା ସାଂସଦ ତଥା ରାଷ୍ଟ୍ରୀୟ ବିଜେପି ଉପାଧ୍ୟକ୍ଷ ବୈଜୟନ୍ତ ଜୟ ପଣ୍ଡା ଖବରପାଇ ବିଧାୟକ ଶ୍ରୀ ବେହେରାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମବେଦନା ଜଣାଇବା ସହ ତାଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ସାଂସଦଙ୍କର ଏହି ସମବେଦନା ଜଣାଇବା ସମୟରେ ବିଜେପିର ବିଧାନସଭା ନେତ୍ରୀ ଗୀତାଞ୍ଜଳି ସେଠୀ, ଦୁର୍ଯ୍ୟୋଧନ ସାହୁ, ମହମ୍ମଦ ସଲ୍ଲିମ୍ ଖାଁଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୟୁଜେଏର ଧାରଣା

**ଯାଜପୁର, ୨୯/୪/ଏନ୍ଏନ୍ଏସ୍:** ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ୬ ଦଫା ଦାବି ନେଇ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଉତ୍କଳ ସାମ୍ବାଦିକ ସଂଘ (ୟୁଜିଏ) ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଧାରଣା ଓ ବିକ୍ଷୋଭ



ହୋଇଥିଲା। କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ, ଅନ୍ୟ ୨୨ଟି ରାଜ୍ୟପରି ଓଡ଼ିଶାରେ ବୃଦ୍ଧ ସାମ୍ବାଦିକମାନଙ୍କୁ ପେନ୍ସନ୍ ପ୍ରଦାନ, ସ୍ୱାସ୍ଥ୍ୟବିମା ଯୋଜନାରେ ପିତାମାତା ଓ ୨୫ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ, ରାଜ୍ୟରେ ପ୍ରେସ୍ ଏକାଡେମୀ ଗଠନ, ଅଧୀସ୍ୱୀକୃତି କମିଟିର ପୁନର୍ଗଠନ କରି ବ୍ଲକ୍ ଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ସାମ୍ବାଦିକମାନଙ୍କୁ ସେଥିରେ ସାମିଲ କରିବା ପ୍ରଭୃତି ଦାବି ନେଇ ରାଜ୍ୟ ସଂଘ ଡାକରାରେ ରାଜ୍ୟବ୍ୟାପି ଚାଲିଥିବା ଏହି ପ୍ରତିବାଦ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସଂଯୋଜକ ମଦନ ପାଣି, ଜିଲ୍ଲା ସାଧାରଣ ସଂପାଦକ ପବିତ୍ର ରଞ୍ଜନ ମହାନ୍ତି, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରିୟ ରଞ୍ଜନ କର, ବିପ୍ଳବ ବିଜୟ ପଣ୍ଡା, ଶରତ ମହାରଣା, ଶ୍ରୀମନ୍ତ କୁମାର ଜେନା, ସୁଦିପ କୁମାର ମିଶ୍ର, ଭାଗିରଥି ବାରିକ, ବିନୟ ରଞ୍ଜନ ଜେନାମଣି, ଆନନ୍ଦ ଚନ୍ଦ୍ର ସାହୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ପ୍ରଦ୍ୟୁମ୍ନ କୁମାର ବୋଇତେଇ, ଶୁଭାଶିଷ ଦାସ ମହାପାତ୍ର, ବିଦ୍ୟାଧର ବେହେରା, ଦେବେନ୍ଦ୍ର କୁମାର ବେହେରା, ରାକେଶ କୁମାର ସାହୁ, ଦିଲ୍ଲୀପ କୁମାର ପରିଡ଼ା, ବାବୁଲି ରାଉତ, ମନୋରଞ୍ଜନ ମଲ୍ଲିକ, ପ୍ରଦୀପ କୁମାର ଜେନା, ଜିତେନ୍ଦ୍ର ରାଉତ, ପ୍ରମୋଦ କୁମାର ପାତ୍ର, ଆଶୁତୋଷ ମହାନ୍ତି, ସଞ୍ଜୟ କର, ଲିଙ୍ଗରାଜ ସାହୁ, ପ୍ରହଲ୍ଲାଦ ଦାସ, ଅଭିମନ୍ୟୁ ମିଶ୍ର, ଦିବ୍ୟକାନ୍ତ କର, ପ୍ରଭାତ କୁମାର ମହାନ୍ତି, କୈଳାସ ଚନ୍ଦ୍ର ରାଏ, ଅଞ୍ଜନ କୁମାର ପତି, ପ୍ରଦୀପ, ଅଶୋକ କୁମାର ଦାସ, ଦୀପକ କୁମାର ମହାନ୍ତି, ମନୋଜ କୁମାର ନାୟକ, ଅଜିତ୍ କୁମାର ମିଶ୍ର, କପିଳେନ୍ଦ୍ର ରାଉତ, ଦର୍ଶନ ବେହେରା, ଶଙ୍କର ସେଠୀ, ଅସିତ୍ କୁମାର ମହାନ୍ତ, ସେକ୍ ବହୁର, ରଞ୍ଜିତ ଦଳାଇ, ଲମ୍ବୋଧର ବେହେରା, ଜ୍ୟୋତିପ୍ରକାଶ ମିଶ୍ର, ବାଦଲ ନାୟକ, ଚିତ୍ତରଞ୍ଜନ ସାହୁ, ଶ୍ରୀକାନ୍ତ ମହାପାତ୍ର, କ୍ଷୀରୋଦ ମୁଦୁଲି, ଜୟପ୍ରକାଶ ନାୟକ, ସିତାଂଶୁଶେଖର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନକରି ଖୁବ୍‌ଶୀଘ୍ର ସରକାର ସାମ୍ବାଦିକଙ୍କ ଦାବିପୁରଣ ନକଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଦୃଢ଼ ହେବବୋଲି ଚେତାବନୀ ଦେଇଥିଲେ। ଦୀର୍ଘ ସମୟ ଧାରଣା ଓ ପ୍ରତିବାଦ ସଭା ଚାଲିବା ପରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଧାରଣା ସ୍ଥଳରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ।

# ବେଆଇନ୍ ଘର ନିର୍ମାଣ ଉଚ୍ଛେଦ

**ପାରାଦୀପ, ୨୯/୪/ଏନ୍ଏନ୍ଏସ୍:** ବେଆଇନ ଭାବରେ ଜୋର ଜବରଦସ୍ତ ନିର୍ମାଣଧୀନ ଘର ଭଙ୍ଗାଜିବାକୁ ନେଇ ଉତ୍ତେଜନା। ଦୃଷ୍ଟିବାଧିତ ଖେଳାଳି, କୋଚ, ବନ୍ଦର ଇଷ୍ଟେଟ ବିଭାଗ, ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଭିତରେ ୭୦ଭାଗ ଘର ଭାଙ୍ଗିବାରେ ସଫଳ ହୋଇଛି ବନ୍ଦର ଇଷ୍ଟେଟ୍ ବିଭାଗ। ବନ୍ଦର ଇଷ୍ଟେଟ୍ ଆର୍ଆଇ ବିନା ନୋଟିସ୍‌ରେ ଘର ଭାଙ୍ଗିଥିବା ନେଇ ଜୁଡୋକୋଚ ଲୋପାମୁଦ୍ରା ପତିଙ୍କ ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିଛନ୍ତି ବନ୍ଦର ଆର୍ଆଇ। ବନ୍ଦର ଇଷ୍ଟେଟ୍‌ର ବିସ୍ଥାପିତମାନଙ୍କୁ ମିଳିଥିବା ପ୍ଲଟ୍‌ରେ ଜୋର୍ ଜବରଦସ୍ତ ଘର ନିର୍ମାଣ କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆମେ ଶୁକ୍ରବାର ଦିନ ଘର ଭାଙ୍ଗିବାକୁ କହିବା ସହିତ ଚାରିଦିନ ସମୟ ଦେଇଥିଲୁ ଏହି ସ୍ଥାନରୁ ଘର ହଟାଇବା ପାଇଁ, ତାହାକୁ ନମାନି ଓଲଟା ଅଭିଯୋଗ ଆଣୁଛନ୍ତି। ସେଥିରେ ଆମର କିଛି ନାହିଁ। ଜୋର ଜବରଦସ୍ତ ରାତିଅଧିଆ ଘର ନିର୍ମାଣ କରିଥିଲେ। ତାଙ୍କୁ ସମୟ ଦେଲୁ, ସେ ଭାଙ୍ଗିଲେ ନାହିଁ,ବାଧହୋଇ ଆଜି ଇଷ୍ଟେଟ୍ ବିଭାଗ ତରଫରୁ ଉଚ୍ଛେଦ କରାଯାଇଥିବା ନେଇ କହିଛନ୍ତି ବନ୍ଦର ଇଷ୍ଟେଟ ଆରଆଇ। ଏହିଭଳି ଘଟଣା ଦେଖିବାକୁ ମିଳିଛି ପାରାଦୀପ ଷଣ୍ଢକୁଦ ମାଛ ମାର୍କେଟ ଅଞ୍ଚଳରେ। ଜୁଡୋକୋଚ ଲୋପାମୁଦ୍ରା ପତିଙ୍କ ନେତୃତ୍ୱରେ ବିଭିନ୍ନ ଜିଲ୍ଲାରୁ ପ୍ରଶିକ୍ଷଣ ନେଉଥିବା ଦୃଷ୍ଟି ବାଧିତ ପାରାଜୁଡୋ ଖେଳାଳିମାନଙ୍କ ରହିବା ପାଇଁ କିଛିଦିନ ତଳେ ବନ୍ଦରର ବିସ୍ଥାପିତମାନଙ୍କୁ ଯୋଗାଇ ଦିଆଯାଉଥିବା ପ୍ଲଟ୍‌ରେ ଘର ନିର୍ମାଣ କରିଥିଲେ। ଯାହାକୁ ମଧ୍ୟ ଇଷ୍ଟେଟ ବିଭାଗ ତରଫରୁ ବିରୋଧ କରାଯାଇଥିଲା। କିଛିଦିନ ପରେ ଆମେ ଅନ୍ୟତ୍ର ଚାଲିଯିବୁ କହିବା ପରେ ଇଷ୍ଟେଟ କର୍ମଚାରୀମାନେ ଚାଲି ଯାଇଥିଲେ। ଧୀରେ ଧୀରେ ଅସ୍ଥାୟୀ ହଷ୍ଟେଲ ଭଳି ନିର୍ମାଣ କରାଯିବାକୁ ନେଇ ବାରମ୍ବାର ସ୍ଥାନୀୟ ଲୋକ ଅଭିଯୋଗ କରିବା ପରେ ଏହି ଘରକୁ ଭାଙ୍ଗି ଦିଆଯାଇଛି। ଯାହାକୁ ନେଇ ଜୁଡୋକୋଚ ଓ ଦୃଷ୍ଟିହୀନ ଖେଳାଳିମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖିବାକୁ ମିଳିଛି। ତେବେ ଘର ଭାଙ୍ଗିଦେଲେ ଆମେ କୁଆଡେ ଯିବୁ, ଘର ଭଡା କରି ରହିବା ଆମ ପାଖରେ ସମ୍ଭବ ନୁହେଁ, ଆମେ ଏହିଠାରେ ରହିବୁ ବୋଲି କହିଛନ୍ତି କୋଚ ଲୋପାମୁଦ୍ରା, ଷଣ୍ଢକୁଦ ବସ୍ତିରେ ଏତେଲୋକ ରହୁଛନ୍ତି ଆମେ କଣ ପାଇଁ ରହିପାରିବୁ ନାହିଁ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଜାତୀୟସ୍ତରରେ ଦୃଷ୍ଟିବାଧିତ ପାରାଜୁଡୋ କ୍ରୀଡ଼ାବିତମାନଙ୍କ ପ୍ରଶିକ୍ଷଣ ପାଇଁ



ପାରାଦୀପରେ ବ୍ୟାପକ ସୁବିଧା ଥିବାରୁ କ୍ରୀଡ଼ାବିତମାନଙ୍କୁ ଏହିଠାରେ ପ୍ରଶିକ୍ଷଣ ଦିଆଯାଉଛି। ଆର୍ଥିକ ଅଭାବ କାରଣରୁ ସେମାନଙ୍କୁ ବସ୍ତି ଅଞ୍ଚଳରେ ଘରଭଡ଼ା ନେଇ ରଖୁଥିବା ବେଳେ ତାହା ସମ୍ଭବ ନ ହେବା କାରଣରୁ ଏହି ସ୍ଥାନରେ ସେଡ୍ ନିର୍ମାଣ କରି ରହୁଥିବା ବେଳେ ଏହାକୁ ଇଷ୍ଟେଟ ଭାଙ୍ଗିଦେଇଛି ବୋଲି କହିଛନ୍ତି କୋଚ ଲୋପାମୁଦ୍ରା। ତେବେ ଏହି ଘଟଣାକୁ ନେଇ ଆମେ ତାଗିଦ କରିଥିଲୁ ବନ୍ଦର ତରଫରୁ ବିସ୍ଥାପିତ ଜାଗାରେ ବିନା ଟୋକନ୍‌ରେ ଘର ନିର୍ମାଣ ବେନିୟମ କାର୍ଯ୍ୟ, ଆମେ ଅଧିକାରୀମାନଙ୍କ ନିର୍ଦ୍ଦେଶକୁ ପାଳନ କରିଛୁ। ଏହି ଦୃଷ୍ଟିବାଧିତ କ୍ରୀଡ଼ାବିତମାନଙ୍କ ପାଇଁ ଘର ଯୋଗାଇବା କାର୍ଯ୍ୟ କ୍ରୀଡ଼ା ସଂଗଠନର। ଆମ ଜଗାରେ ଜୋର ଜବରଦସ୍ତ ରହିବା କେଉଁ ପ୍ରକାର ନିୟମ ବୋଲି କହିଛନ୍ତି ବନ୍ଦର ଆରଆଇ ରଞ୍ଜିତ ବମୀମାଳୀ।

### କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସହରାଞ୍ଚଳ ବିକାଶ ପ୍ରକଳ୍ପର ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

# ସହରାଞ୍ଚଳ ଯୋଜନା ଓ ଫ୍ଲାଗସିପ୍ ପ୍ରକଳ୍ପର ଗତିବେଗ ବଢ଼ାଇବାକୁ ନିର୍ଦ୍ଦେଶ

**ଯାଜପୁର, ୨୯/୪/ଏନ୍ଏନ୍ଏସ୍:** ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀ ଆଜି ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ବ୍ୟାପକ କ୍ଷେତ୍ରସ୍ତରୀୟ ପରିଦର୍ଶନ କରି ଭୂମି ବିକାଶ, ରଣନୈତିକ ଭିତ୍ତିଭୂମି ପଦକ୍ଷେପ ଓ ଜିଲ୍ଲାର ସହରାଞ୍ଚଳ ବିକାଶ ପ୍ରକଳ୍ପମାନଙ୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପରିଦର୍ଶନର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପ ଅଭିବୃଦ୍ଧି ଓ ସହରାଞ୍ଚଳ ଭିତ୍ତିଭୂମି ମଧ୍ୟରେ ସମନ୍ୱୟ ସୃଷ୍ଟି କରି ଏକ ସୁସଂଘଟିତ ଓ ନିବେଶ-ଅନୁକୂଳ ପରିବେଶ ଗଢ଼ି ତୋଳିବା। ପରିଦର୍ଶନ କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ପ୍ରାୟ ୬୦୦ ଏକର ଜମିର ଅନୁଧ୍ୟାନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ଭୂମି ବିକାଶର ଅବସ୍ଥା, ଲେଆଉଟ୍ ପ୍ଲାନିଂ ଏବଂ ଭବିଷ୍ୟତ ଶିଳ୍ପ ନିବେଶ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଏହାସହ ସେ ଶିଳ୍ପ ସମ୍ପ୍ରସାରଣ ପାଇଁ ଏହି ଅଞ୍ଚଳଗୁଡ଼ିକର ସମ୍ଭାବନା, ଭିତ୍ତିଭୂମି ସୁବିଧା ଓ ସଂଯୋଗ ସୃଷ୍ଟିର ପରିସ୍ଥିତି ଉପରେ ମୂଲ୍ୟାଙ୍କନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଶ୍ରୀମତୀ ପାଢ଼ୀ ଟାଟା ଷ୍ଟିଲ୍‌ର ଡି.ବି. ପ୍ଲଟ୍ ନଂ–୨ ପରିଦର୍ଶନ କରିଥିଲେ। ସେଠାରେ



ଶିଳ୍ପ ସଂସ୍ଥାପନାର ପ୍ରଗତି, ଭିତ୍ତିଭୂମି ସୁବିଧା ଓ ଲଜିଷ୍ଟିକ୍ସ ସମ୍ବନ୍ଧୀୟ ବିଷୟରେ ଜିଲ୍ଲା ପ୍ରଶାସନ ଓ ଟାଟାଷ୍ଟିଲ୍ ପକ୍ଷରୁ ତାଙ୍କୁ ବିସ୍ତୃତ ବ୍ରିଫିଂ ଦିଆଯାଇଥିଲା। ଶିଳ୍ପାଞ୍ଚଳ ସମୀକ୍ଷା ସହିତ ସେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ସହରାଞ୍ଚଳ ବିକାଶ ପ୍ରକଳ୍ପ ଓ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ଯୋଜନାମାନଙ୍କର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷକରି ପାଣି ଯୋଗାଣ, ସ୍ୱଚ୍ଛତା, ସହରୀ ସଡ଼କ ଓ ଡ୍ରେନେଜ୍ ନେଟୱର୍କ, ଏବଂ ସହରୀ ଜୀବନ ମାନ ଉନ୍ନତି ପାଇଁ ଚାଲିଥିବା ପଦକ୍ଷେପଗୁଡ଼ିକର ଗତି ବଢ଼ାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନୂତନ ଶିଳ୍ପ ସହରଗୁଡ଼ିକରେ 'ଲିଭେବିଲିଟି' ବୃଦ୍ଧି ଏବଂ ନାଗରିକ ସେବାର ଗୁଣାତ୍ମକ ଉନ୍ନତିକୁ ସେ ଅତ୍ୟାବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ପରେ କେଏନ୍‌ଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ସେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କଳିଙ୍ଗନଗର ଜାତୀୟ ଶିଳ୍ପ କରିଡରର ଦ୍ରୁତ ବିକାଶ ପାଇଁ ଆଗାମୀ ରୋଡ୍‌ମ୍ୟାପ୍ ଉପରେ ଚର୍ଚ୍ଚା ହୋଇଥିଲା। ଜମି ଆବଣ୍ଟନ ପ୍ରକ୍ରିୟାର ସରଳୀକରଣ, ଭିତ୍ତିଭୂମି ଯୋଗାଣର ସମୟୋପଯୋଗୀ ସୁନିଶ୍ଚିତତା, ଏବଂ ଶିଳ୍ପ ଅଭିବୃଦ୍ଧି ସହ ସହରୀ ସେବାମାନଙ୍କର ସମନ୍ୱୟ ବୃଦ୍ଧି ପାଇଁ ଜିଲ୍ଲାପାଳ, ଇଡ୍‌କୋ ଅଧିକାରୀ ଓ ଜିଲ୍ଲା ବିନିଯୋଗ ପ୍ରୋତ୍ସାହନ ଏଜେନ୍ସି ସହ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀମତୀ ପାଢ଼ୀ କ୍ଷେତ୍ର ସ୍ତରରେ ନିୟମିତ ମନିଟରିଂ, ଆନ୍ତଃ-ବିଭାଗୀୟ ସମନ୍ୱୟ ଓ ଦ୍ରୁତ ସିଦ୍ଧାନ୍ତ ଗ୍ରହଣକୁ ଶିଳ୍ପ ଓ ସହରାଞ୍ଚଳ ଅଭିବୃଦ୍ଧିର ମୂଳ ଆଧାର ବୋଲି ଉଲ୍ଲେଖ କରିଥିଲେ। ସେ ଏହାକୁ ମଧ୍ୟ ଉପସ୍ଥାପନ କରିଥିଲେ ଯେ, ଓଡ଼ିଶାରେ ଏକ ସ୍ଥାୟୀ, ସୁଦୃଢ଼ ଓ ପୁଞ୍ଜିନିବେଶ-ଅନୁକୂଳ ପରିବେଶ ସୃଷ୍ଟି ପାଇଁ ଶିଳ୍ପ ଭିତ୍ତିଭୂମି ସହ ସହରାଞ୍ଚଳ ସେବାର ସମନ୍ୱିତ ବିକାଶ ଅତ୍ୟାବଶ୍ୟକ। ଏହି ପରିଦର୍ଶନ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷେତ୍ରସ୍ତରୀୟ ନିରୀକ୍ଷଣକୁ ସୁଦୃଢ଼ କରିବା, ପ୍ରକଳ୍ପଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଏବଂ ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ ଓ ସହରାଞ୍ଚଳ ବିକାଶ କେନ୍ଦ୍ର ଭାବେ ପରିଣତ କରିବା ଦିଗରେ ରାଜ୍ୟର ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରିଛି।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପରଜଙ୍ଗ ମହାବିଦ୍ୟାଳୟ ପକ୍ଷରୁ କୃତଜ୍ଞତା



**ପରଜଙ୍ଗ, ୨୯/୪/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟକୁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଜରିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୫ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ଏବଂ ମହାବିଦ୍ୟାଳୟର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ୭ କୋଟି ୮୧ ଲକ୍ଷ ଟଙ୍କାର ଅନୁଦାନ ଅର୍ଥ ରାଶି ସହ ମୋଟ୍ ୧୨ ଲକ୍ଷ ୮୧ ହଜାର ଟଙ୍କା ମହାବିଦ୍ୟାଳୟର ବିକାସ କ୍ଷେତ୍ରରେ ଢେର ସହାୟକ ହୋଇପାରିବ। ଗ୍ରାମାଞ୍ଚଳର ଗରୀବ, ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ। ରାଜ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ ହେବାପରେ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହାକୁ ନେଇ ପରଜଙ୍ଗ ଅଞ୍ଚଳ ତଥା ମହାବିଦ୍ୟାଳୟର ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ଓ ବିଦ୍ୟାଳୟର କାର୍ଯ୍ୟକର୍ତ୍ତା ଏବଂ ଛାତ୍ରଛାତ୍ରୀମାନେ ପରସ୍ପରକୁ ମିଠା, ଲଡୁ ଖୁଆଇ ନିଜର ଖୁସି ବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଜେପିର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ଗୋଛାୟତ ମଧ୍ୟ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।

# 'ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ'

**ଅନୁଗୋଳ, ୨୯/୪/ଏନ୍ଏନ୍ଏସ୍:** ଅନୁଗୋଳ ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ସ୍ଥାନୀୟ ସଭାଘର ଠାରେ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ନ୍ୟାୟମୂର୍ତ୍ତି ଶଶିକାନ୍ତ ମିଶ୍ର, ନ୍ୟାୟଧିଶ ଓଡିଶା ଉଚ୍ଚ ନ୍ୟାୟାଳୟ ଯୋଗ ଦେଇ ଉତ୍କଳ ଗୌରବ ମଧୁବାବୁଙ୍କ ଜୀବନୀ, ଆଦର୍ଶ ତଥା ଓଡ଼ିଆଙ୍କ ପ୍ରତି ତାଙ୍କ ଶ୍ରଦ୍ଧା ଓ ସମ୍ମାନ ବିଷୟରେ ବହୁ ଶିକ୍ଷଣୀୟ ସୂଚନା ପ୍ରଦାନ କରିବା ସହିତ ମଧୁବାବୁଙ୍କ ତ୍ୟାଗ, ନିଷ୍ଠା ଓ ସାଧନା ଯୋଗୁଁ ଆଜି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇପାରିଛି ବୋଲି ପ୍ରକାଶ କରି ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଥିଲେ ବୋଲି କହିଥିଲେ। ମଧୁବାବୁଙ୍କ ଆଦର୍ଶକୁ ଜୀବନରେ ଉପଯୋଗ କରିପାରିଲେ ମଧୁବାବୁଙ୍କ ପାଇଁ ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ନ୍ୟାୟମୂର୍ତ୍ତି ଶ୍ରୀ ମିଶ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ କିଟ ଆଇନ ମହାବିଦ୍ୟାଳୟ, ଭୁବନେଶ୍ୱରର ସହକାରୀ ପ୍ରଫେସର ସର୍ବେସ ଶାହୀ, ସମ୍ମାନିତ ଅତିଥି ଭାବରେ ମାନ୍ୟବର ଜିଲ୍ଲା ଦୌରାଜଜ୍ ଅନୁଗୋଳ ନିରଞ୍ଜନ ପଣ୍ଡା ଯୋଗ ଦେଇ ମଧୁବାବୁଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।



ପ୍ରାରମ୍ଭରେ ଓକିଲ ସଂଘର ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପ ସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ, ସାଂସ୍କୃତିକ ସମ୍ପାଦିକା ଜ୍ୟୋତ୍ସ୍ନାମୟୀ ସାହୁ, କୋଷାଧ୍ୟକ ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଅନୁଗୋଳ ଓକିଲ ସଂଘର ସଦସ୍ୟଗଣ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ସଞ୍ଜୟ କୁମାର ସାହୁ ସଭାକାର୍ଯ୍ୟକୁ ସଞ୍ଚାଳନ କରିଥିଲେ। ମଧୁ ଜୟନ୍ତୀ ଓ ଓକିଲ ଦିବସ ସମାରୋହ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନୁଗୋଳ ଓକିଲ ସଂଘର ସଦସ୍ୟ ମାନଙ୍କ ଦ୍ୱାରା ନାଟକ ବାପା ହଜିଗଲେ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ କୁନି ପ୍ରତିଯୋଗୀ ମାନଙ୍କ ଦ୍ୱାରା ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ଦିବସ ଅବସରରେ ବରିଷ୍ଠ ଆଇନଜୀବୀ ସୁଦାମ ଚରଣ ସାହୁ ମାନସ କୁମାର ପ୍ରଧାନ, ସୁଶାନ୍ତ କୁମାର ମହାପାତ୍ର, ଆଠମଲ୍ଲିକ ଓକିଲ ସଂଘ, ତାଳଚେର ଓକିଲ ସଂଘ, ପାଲଲହଡା ଓକିଲ ସଂଘ, ଛେଣ୍ଡିପଦା ଓକିଲ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ମାନପତ୍ର ସହ ଟ୍ରଫି ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରିଥିଲେ। କୃତି କୁନି ପ୍ରତିଯୋଗୀଙ୍କୁ ଅତିଥିଗଣ ଟ୍ରଫି ସହ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମର ଶେଷରେ ସଂଘର ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୁବାସ ମିଶ୍ର, ଦୁର୍ଗା ଶଙ୍କର ମିଶ୍ର,ଭାସ୍କର ବେହେରା,ବସନ୍ତ ଦାସ,ସୁବାସ ସାହୁ, ମହେନ୍ଦ୍ର ବସ୍ତିଆ, ପ୍ରଦୀପ ଦେବତା, ଜିତେନ୍ଦ୍ର ସାହୁ, ରମେଶ ସାହୁ, ସୁଶୀଲ ପ୍ରଧାନ, ବିଭୂତି ଦାଶ, ସଞ୍ଜୟ ମହାପାତ୍ର, ରଜତ ଦାଶ, ବିପିନ ସାହୁ, ମମତା ପଟ୍ଟନାୟକ, ମମତା ପ୍ରଧାନ, ମମତା ମହାପାତ୍ର,ବେନଜୀର ଷଡ଼ଙ୍ଗୀ, ଶ୍ରିୟଙ୍କା ପ୍ରିୟଦର୍ଶିନୀ ନନ୍ଦଙ୍କ ସମେତ ସଂଘର ଶତାଧିକ ସଦସ୍ୟ, ସଦସ୍ୟା ଆଇନଜୀବୀ, ସହର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ଆୟତପୁରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ

**କେନ୍ଦ୍ରାପଡା, ୨୯/୪/ଏନ୍ଏନ୍ଏସ୍:** ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଆୟତପୁର ଗ୍ରାମର ଶ୍ରୀ ଶ୍ରୀ ବିନୋଦବିହାରୀ ପୀଠରେ ଚତୁର୍ଥ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହିତ ଶତାଧିକ ଭକ୍ତ ଯୋଗଦାନ କରିଥିଲେ। ଏହି ପବିତ୍ର ଅବସରରେ କୃତିବାସ ସାମଲ, ଶୁକଦେବ ସାମନ୍ତରାୟ, ପରମାନନ୍ଦ ସାମନ୍ତରାୟ, ଟୁନିଆ ବରାଳ, ନରହରି ସାମନ୍ତରାୟ, ନିଳକଣ୍ଠ ସାମନ୍ତରାୟ, ଅଶୋକ ନାୟକ, ଅଶୋକ ବରାଳ, ଗୋଲଖ ସାମଲ,ଶୁକାନ୍ତ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ସ୍ୱାମୀଙ୍କ ଦ୍ୱିତୀୟ ବିବାହ, ଥାନାରେ ଏତଲା

**ତାଳଚେର, ୨୯/୪/ଏନ୍ଏନ୍ଏସ୍:** ପ୍ରଥମ ସ୍ତ୍ରୀକୁ ବିବାହ କରି ମନ ବୁଝିଗଲା ପରେ ସ୍ୱାମୀ ଏବେ ଦ୍ୱିତୀୟ ମୁହାଁ। ଏପରି ଏକ ଘଟଣା ଘଟିଯାଇଛି ତାଳଚେର ବ୍ଲକ ଅନ୍ତର୍ଗତ ବ୍ରଜନାଥପୁର ପଞ୍ଚାୟତର ଅରଖପାଳ ଗ୍ରାମରେ। ସୂଚନା ମୁତାବକ, ଅରଖପାଳ ଗ୍ରାମର ଅରୁଣ କୁମାର ପ୍ରଧାନ ଜୈନିକା ଝିଅକୁ ପରିବାର ସହମତିରେ ମନ୍ଦିରରେ ବିବାହ କରିଥିଲେ ଏବଂ ସେ ୨୦୨୩ ମସିହାରେ ପୁନଶ୍ଚ କୋର୍ଟ ମ୍ୟାରେଜ କରିଥିଲେ ବୋଲି ମହିଳାଜଣଙ୍କ ଏହା ପ୍ରକାଶ କରିଛନ୍ତି। ଉଭୟ ତିନିବର୍ଷ ଏକତ୍ର ଭଡ଼ାଘରେ ରହିବା ପରେ ଯୁବକ ଜଣଙ୍କ ତାଙ୍କ ନିକଟରୁ ଆଠ ଦଶଦିନ ହେବ ତାଙ୍କ ଗ୍ରାମକୁ ଚାଲି ଆସିଥିଲେ ଓ ଉକ୍ତ ମହିଳା ଯୁବକଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ହେଁ ଯୁବକ ଫୋନ୍ ଉଠାଇ ନଥିଲେ। ତେବେ ଯୁବକ ଜଣଙ୍କ ବିବାହର ତିନିବର୍ଷ ପରେ ଲୁଚିଲୁଚି ପ୍ରଥମ ସ୍ତ୍ରୀକୁ ନଜଣାଇ ତାଳଚେର ଉପଖଣ୍ଡ ସମଲ ବ୍ୟାରେଜ ଜକ୍କା ଗ୍ରାମରେ ତାଙ୍କର ଦ୍ୱିତୀୟ ବିବାହ କରଥିବାର ମୋବାଇଲ ଷ୍ଟାଟସ୍‌ରୁ ଉକ୍ତ ମହିଳା ଜାଣିବାପରେ ସେ ଥାନାର ଦ୍ୱାରସ୍ଥ ହେବାସହ ଏହାକୁ ନେଇ ସେ ନ୍ୟାୟ ପାଇବାର ଦାବି ମଧ୍ୟ କରିଛନ୍ତି। ଥାନା ଅଧିକାରୀ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିବା ସହ ଅଧିକ ପଚରାଉଚରା କରୁଥିବା ଥାନା ପକ୍ଷରୁ ଜଣାପଡ଼ିଛି।



# ଫିଜିକାଲ୍ ଏକାଡେମୀ ପ୍ରତିଷ୍ଠାତାଙ୍କ ଅକାଳ ବିୟୋଗ



**ଧର୍ମଶାଳା, ୨୯/୪/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ ଭାବାନୀପୁର ପଞ୍ଚାୟତ ଭୁବନ ସାନମାଲସାହି ଗ୍ରାମର ଅବସରପ୍ରାପ୍ତ ସେନାକର୍ମଚାରୀ ତଥା ଧର୍ମଶାଳା ଫିଜିକାଲ ଏକାଡେମୀର ପ୍ରତିଷ୍ଠାତା ଚନ୍ଦ୍ରମଣି ନାୟକ(୪୩)ଙ୍କ ଆଜି ଅକାଳ ବିୟୋଗ ଘଟିଛି। ଗତ ଦୁଇ ଦିନ ତଳେ ସେ ହଠାତ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବା ବେଳେ ଆଜି ଭୋର ୩ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଅମାୟିକ, ପରୋପକାରୀ, ମିଷ୍ଟଭାଷୀ ଓ ହସଖୁଶ ମିଜାଜର ବ୍ୟକ୍ତିଥିଲେ। ସେ ୨୦୦୨ ମସିହାରୁ ଭାରତୀୟ ସେନାରେ ଭର୍ତ୍ତି ହୋଇ ୨୦ ବର୍ଷ ପରେ ୨୦୨୨ ମସିହାରେ କାର୍ଯ୍ୟରୁ ଅବସର ନେଇଥିଲେ। ଅବସର ପରେ ସେ ଭୁବନ ଫିଜିକାଲ ଏକାଡେମୀ ନାମରେ ଏକ ସଂସ୍ଥା କରି ବେକାର ଯୁବକ ଓ ଯୁବତୀମାନଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ କରି ସେନାରେ ଭର୍ତ୍ତି ହେବାର ସୁଯୋଗ ପ୍ରଦାନ କରିଥିଲେ। ପରବର୍ତ୍ତି ସମୟରେ ସେ ଭୁବନ ଏକାଡେମୀକୁ ପରିବର୍ତ୍ତନ କରି ଧର୍ମଶାଳା ଫିଜିକାଲ ଏକାଡେମୀ ନାମରେ ସଂସ୍ଥା କରି ବେକାରୀ ଯୁବକ ଓ ଯୁବତୀମାନଙ୍କୁ ଧର୍ମଶାଳା ଷ୍ଟାଡିୟମରେ ପ୍ରଶିକ୍ଷଣ ଦେଉଥିଲେ। ସ୍ୱର୍ଗତ ଚନ୍ଦ୍ରମଣି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଜଣେ ଦୃଢ଼ ସମର୍ଥକ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଧର୍ମଶାଳା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପ୍ରାଥମିକ କୃଷି ସମବାୟ ସମିତି ସଂଘର ସାଧାରଣ ସଭା

# ସମିତିରେ ତାଲା ପକାଇ ଭୋଜିଭାତରେ ମସ୍‌ଗୁଲ୍ ହେଲେ ସମିତି ସମ୍ପାଦକ

**କେନ୍ଦ୍ରାପଡ଼ା, ୨୯/୪/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲା ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୯ଟି ବ୍ଲକର ୧୧୮ରୁ ଊର୍ଦ୍ଧ୍ୱ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନେ ଆଜିର ଏହି ସଂଘ ବୈଠକରେ ଯୋଗ ଦେଇଥିଲେ। ତାହା ପୁଣି ଏକ କାର୍ଯ୍ୟ ଦିବସରେ। ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ସମ୍ପାଦକମାନେ କାର୍ଯ୍ୟାଳୟରେ ତାଲା ପକାଇ ଦିନ ତମାମ ଏହି ବୈଠକରେ ସାମିଲ ହେବା ସହିତ ଭୋଜିଭାତର ଆସରରେ ମଜା ନେଇଥିଲେ। ନିୟମାନୁଯାୟୀ ସମବାୟ ସମିତିର କିମ୍ବା ଅନ୍ୟ କୌଣସି ଅନୁଷ୍ଠାନର ସାଙ୍ଗଠନିକ କରିବାର ବିଧି ବ୍ୟବସ୍ଥା ଅନୁଯାୟୀ ହେବା ଉଚିତ୍। ଆଜିର ଏହି ବୈଠକ କାର୍ଯ୍ୟ ଦିବସରେ ହୋଇଅଛି। ଏହା ନିୟମ ବିରୁଦ୍ଧ ଅଟେ। ସାଙ୍ଗଠନିକ ବୈଠକ ହେବାର ମନା ନାହିଁ। ଏହା ପୁଣି ବିଧି ବ୍ୟବସ୍ଥା ଅନୁଯାୟୀ ହେବା ଉଚିତ୍। ସମ୍ପାଦକମାନେ ବୈଠକ କରିବା ପୂର୍ବରୁ ନିଜର ଉଚ୍ଚପଦସ୍ଥ ଏବଂ ବିଭାଗୀୟ ଅଧିକାରୀଙ୍କ କିମ୍ବା ଜିଲ୍ଲାପାଳଙ୍କ ଅନୁମତି ନେବା ନିହାତି ଆବଶ୍ୟକ। ଗୋଟିଏ ସରକାରୀ କାର୍ଯ୍ୟ ଦିବସରେ କାର୍ଯ୍ୟାଳୟରେ ତାଲା ପକାଇ ଏବଂ ବିନା ଅନୁମତିରେ ଏହି ସରକାରୀ ବେତନଭୋଗୀ ଅଧିକାରୀମାନେ କେଉଁ ନିୟମ ଆଧାରରେ ଏହି ବୈଠକ ଆଲୋଚନା କରିଥିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୈଠକ ଛୁଟି ଦିବସରେ ହୋଇପାରିଥାନ୍ତା। ଏହା




ହୋଇଥିଲେ। କେହି ଅଙ୍ଗୁଳି ଉଠାଇବାକୁ ସାହାସ କରିନଥାନ୍ତେ। ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କ ସହିତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟ ବନ୍ଦ କରି ଯେଉଁ ବୈଠକ କରିଛନ୍ତି ତାହା ସବୁ ନିୟମକୁ ଉଲଙ୍ଘନ କରୁଛି। ବିଶେଷକରି ଡି.ଆର.ଏସ୍ କିମ୍ବା ଜିଲ୍ଲାପାଳଙ୍କ ବିନା ଅନୁମତିରେ ଏ ବୈଠକ ଆୟୋଜନ ହୋଇଛି। ସେଥିରେ ପୁଣି ଡି.ଆର.ଏସ୍ ଏବଂ ଏ.ଆର.ଏସ୍ ଅତିଥି ହୋଇ ମଞ୍ଚାସୀନ ହୋଇଛନ୍ତି। ଏଭଳି ଏକ ବେନିୟମ କାର୍ଯ୍ୟକୁ ଚାଷୀମହଲରେ ନିନ୍ଦା କରାଯାଇଛି। ବିଭିନ୍ନ କାର୍ଯ୍ୟ ନେଇ ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତିକୁ ଯାଆନ୍ତେ। କାର୍ଯ୍ୟାଳୟରେ ତାଲା ପଡିଥିବା ଦେଖି ନିରାଶରେ ଫେରିଛନ୍ତି। ବିଭିନ୍ନ ସମସ୍ୟା ନେଇ ସମ୍ପାଦକମାନେ ଏକତ୍ରିତ ହୋଇ ସଂଘ ପକ୍ଷରୁ ନିଜର ଦାବୀ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାର ନୈତିକ ଅଧିକାରୀ ଥିଲେ ମଧ୍ୟ ତରିକା ନେଇ ସଂଘର ବୈଠକ କରିବାର ଥିଲା ବୋଲି କିଛି ବୁଦ୍ଧିଜୀବୀ ମତପୋଷଣ କରିଛନ୍ତି। କିନ୍ତୁ ସମ୍ପାଦକମାନେ କାର୍ଯ୍ୟାଳୟ ବନ୍ଦ କରି କାର୍ଯ୍ୟ ଦିବସରେ ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଛି।

**ନିତି ଭାରତୀ**

ଏହି ବିଶ୍ୱକୁ ଯଦି ଆମମାନଙ୍କୁ ପ୍ରକୃତ ଶାନ୍ତି ଶିକ୍ଷା ଦେବାକୁ ଅଛି ଏବଂ ଆମକୁ ଯଦି ଯୁଦ୍ଧ ବିରୁଦ୍ଧରେ ପ୍ରକୃତ ଯୁଦ୍ଧ ଲଢ଼ିବାର ଅଛି, ତା'ହେଲେ ଏହା ଆମେ ପିଲାମାନଙ୍କଠାରୁ ଆରମ୍ଭ କରିବା ଉଚିତ। - **ମହାତ୍ମା ଗାନ୍ଧୀ**

ନିତିଦିନ NITIDIN
ଗୁରୁବାର, ୩୦ ଏପ୍ରିଲ ୨୦୨୬

# ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ସ୍ୱାମୀ ଦୟାନନ୍ଦ



ଛାୟାକାନ୍ତ ଷଡ଼ଙ୍ଗୀ

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ଭାରତୀୟ ସମାଜ ବିଭିନ୍ନ ସଂପ୍ରଦାୟରେ ବିଭକ୍ତ ହୋଇ ପ୍ରାଚୀନ ବୈଦିକ ଧର୍ମରୁ ଦୂରେଇ ଯାଇଥିଲା। ଧର୍ମନାମରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ବ୍ୟାପିଯାଇଥିଲା। ଗୁଣ କର୍ମ ସ୍ୱଭାବରୁ ଜାତ ବର୍ଣ୍ଣବ୍ୟବସ୍ଥା ଜନ୍ମଗତ ଜାତି ବିଦ୍ୱେଷ ରୂପରେ ଓ ଯଜ୍ଞ ପରି ପବିତ୍ର କର୍ମରେ ପଶୁବଳି ବିଧାନରେ ପରିଣତ ହୋଇଥିଲା। ନାରୀମାନଙ୍କ ପାଇଁ ବେଦ ଅଧ୍ୟୟନ ନିଷିଦ୍ଧ କରାଯାଇଥିଲା। ଶୈବ, ଶାକ୍ତ, ଗାଣପତ୍ୟ ଆଦି ବିଭିନ୍ନ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ସଂଘଟିତ ହେଉଥିଲା। ମୂର୍ତ୍ତିପୂଜା ନାମରେ ଚାଲିଥିଲା ଶୋଷଣ ଓ ବ୍ୟଭିଚାର। ଇଂରେଜ ଶାସନର ସହାୟତାରେ ଖ୍ରୀଷ୍ଟିଆନ୍ ମିଶନାରୀମାନେ ହିନ୍ଦୁମାନଙ୍କୁ ଧର୍ମାନ୍ତରୀତ କରୁଥିଲେ। ଏହିଭଳି ସମୟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ (୧୮୨୭-୧୮୮୩) ଆବିର୍ଭାବ ହୋଇଥିଲା। ସେ ଏହିସବୁ ବିରୋଧରେ ସ୍ୱର ଉତ୍ତୋଳନ କରି ଆହ୍ୱାନ ଦେଲେ ବେଦକୁ ଫେରିଚାଲ। ସେ ବେଦର ବ୍ୟାଖ୍ୟା କରି ଉଭୟ ଖ୍ରୀଷ୍ଟଧର୍ମ ଓ ଇସଲାମ୍ ଧର୍ମଠାରୁ ହିନ୍ଦୁଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ସହିତ ହିନ୍ଦୁଧର୍ମରେ ଥିବା ବିଭିନ୍ନ କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ନବଜାଗରଣର ସୂତ୍ରପାତ କରିଥିଲେ। ଯଜୁର୍ବେଦର ମନ୍ତ୍ର 'ନ ତସ୍ୟ ପ୍ରତିମା ଅସ୍ତି' ଉଦ୍ଧାର କରି ସେ କହିଲେ ପରମାତ୍ମାଙ୍କ କୌଣସି ପ୍ରତିମା ନାହିଁ ତେଣୁ ସେ ମୂର୍ତ୍ତିପୂଜାର ବିରୋଧ କଲେ। ରଗବେଦର ମନ୍ତ୍ର 'ଏକଂ ସଦ ବିପ୍ରାଃ ବହୁଧା ବଦନ୍ତି' ଉଦ୍ଧାରକରି କହିଲେ ଶିବ, ଇନ୍ଦ୍ର, ଅଗ୍ନି ଇତ୍ୟାଦି ସମସ୍ତ ଦେବାଦେବୀ ଭିନ୍ନ ଭିନ୍ନ ନୁହନ୍ତି। ଏକ ପରମେଶ୍ୱରଙ୍କୁ ପଣ୍ଡିତମାନେ ବିଭିନ୍ନ ନାମରେ ସମ୍ବୋଧନ କରନ୍ତି। ଯିଏ ବେଦର ନିନ୍ଦା କରେ ସେ ନାସ୍ତିକ ବୋଲି ସ୍ୱାମୀ ଦୟାନନ୍ଦ କହୁଥିଲେ। ତାଙ୍କ ଦୃଷ୍ଟିରେ ବେଦ ଅପୌରୁଷେୟ ଓ ବେଦ ହିଁ ଚରମ ସତ୍ୟ। ଯାହା ଅବୈଦିକ ତାହା ଅଜ୍ଞାନ।

ସ୍ୱାମୀ ଦୟାନନ୍ଦଙ୍କ ମୃତ୍ୟୁ ହେଲା ୧୮୮୩ ମସିହାରେ। ସେତେବେଳକୁ ନରେନ୍ଦ୍ରଙ୍କ ବୟସ ମାତ୍ର କୋଡିଏ ଓ ସେ ସ୍ୱାମୀ ବିବେକାନନ୍ଦରେ ପରିଣତ ହୋଇ ନଥିଲେ। ଉଭୟଙ୍କର କେବେ ସାକ୍ଷାତ ହୋଇ ନଥିଲା। ମାତ୍ର ନରେନ୍ଦ୍ର ସ୍ୱାମୀ ଦୟାନନ୍ଦଙ୍କ ସଂପର୍କରେ ଅବଗତ ଥିଲେ। ସେ ତାଙ୍କର ସାହସ, ପାଣ୍ଡିତ୍ୟ ଓ ସଂସ୍କାର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ମାତ୍ର ଦୟାନନ୍ଦଙ୍କ ଦର୍ଶନକୁ ସଂପୂର୍ଣ୍ଣ ଭାବରେ ଗ୍ରହଣ କରିନାହାନ୍ତି। ତାଙ୍କ ଦୃଷ୍ଟିରେ ସେ ଥିଲେ ଏକ ପ୍ରଚଣ୍ଡ ଶକ୍ତି। ସମକାଳୀନ ମଣିଷମାନଙ୍କ ମଧ୍ୟରେ ସେ ଥିଲେ ଜଣେ ତୁଙ୍ଗ ବ୍ୟକ୍ତିତ୍ୱ। ମାତ୍ର ତାଙ୍କର ଧାରଣାଗୁଡ଼ିକୁ ସାର୍ବଜନୀନ ଭାବରେ ଗ୍ରହଣୀୟ ହେବାପାଇଁ ଅତ୍ୟନ୍ତ ସଂକୀର୍ଣ୍ଣ ଥିଲା ବୋଲି ସେ କହୁଥିଲେ। ୧୮୯୪ ମସିହାରେ ତାଙ୍କ ଶିଷ୍ୟ ଅଲାସିଙ୍ଗା ପେରୁମେଲଙ୍କୁ ଏକ ଚିଠିରେ ସେ ଏହି ମତ ଦେଇଥିଲେ। ଯେଉଁ ଧାରଣା ବେଦ ସହ ସାମଞ୍ଜସ୍ୟ ରକ୍ଷା କରେ ନାହିଁ ତାକୁ ଭୁଲ ବୋଲି କହିବା ଦୟାନନ୍ଦଙ୍କ ଏକ ଭ୍ରାନ୍ତ ଧାରଣା ବୋଲି ସ୍ୱାମୀ ବିବେକାନନ୍ଦ ମତବ୍ୟକ୍ତ କରିଥିଲେ। ମୂର୍ତ୍ତିପୂଜା ସଂପର୍କରେ ସେ କହୁଥିଲେ ହିନ୍ଦୁମାନେ ମୂର୍ତ୍ତିକୁ ପୂଜା କରନ୍ତି ନାହିଁ, ମୂର୍ତ୍ତିମାଧ୍ୟମରେ ପୂଜା କରନ୍ତି। ସେ ନିଜେ ଅଦ୍ୱୈତବେଦାନ୍ତ ଅନୁସାରେ ଈଶ୍ୱରଙ୍କୁ ନିରାକାର, ନିର୍ଲିପ୍ତ, ସର୍ବବ୍ୟାପୀ, ସର୍ବଭୂତାନ୍ତରାତ୍ମା ବୋଲି ବିଶ୍ୱାସ କରୁଥିଲେ ମଧ୍ୟ ମୂର୍ତ୍ତିପୂଜାକୁ ସଂପୂର୍ଣ୍ଣ ବିରୋଧ କରି ନଥିଲେ। ସେ ମନ୍ଦିର ମସଜିତ, ଗୀର୍ଜା ଯିବା, ଧର୍ମଶାସ୍ତ୍ର ବର୍ଣ୍ଣିତ ବିଭିନ୍ନ ପ୍ରତୀକକୁ ବିଭିନ୍ନ ଉପଚାରରେ ଉପାସନା କରିବା ଧର୍ମ ଚାଟଶାଳୀର ଶିଶୁଶ୍ରେଣୀ ବୋଲି କହୁଥିଲେ। ଆଧ୍ୟାତ୍ମିକ ଶିଶୁଟିଏ ସେଠାରୁ ପାଠ ଆରମ୍ଭ କରେ, ମାତ୍ର ସେହି ଶ୍ରେଣୀରେ ସେ ଜୀବନ ସାରା ପଡିରହେ ନାହିଁ। ଆଗକୁ ସେ ଅଧିକ ପଢେ। ପରିପକ୍ୱତା ହାସଲ କରେ। ତାର ଉତ୍ତରଣ ଘଟେ। ଚେତନାର ବିକାଶ ହୁଏ। ଆମେ ଯେତେବେଳେ ଚାରାଟିଏ ଲଗାଉ, ପ୍ରଥମେ ତାକୁ ରକ୍ଷା କରିବାପାଇଁ ତାର ଚାରିପଟେ ବାଡ ଘେରାଇ ଦେଉ, କାଳେ ଗୋରୁ ଖାଇଦେବେ। ମାତ୍ର ଗଛଟି ବଡ ହୋଇଗଲାପରେ ସେହି ବାଡକୁ ଉଠାଇଦେଉ। ଗଛଟି ସାନ ଥିବାବେଳେ ଯେଉଁ ବାଡର ଆବଶ୍ୟକତା ଥାଏ, ବଡ ହେବାପରେ ତାର ଆବଶ୍ୟକତା ଆଉ ରହେ ନାହିଁ। ଆଧ୍ୟାତ୍ମିକ ଜୀବନ ଠିକ୍ ସେହିପରି। ପ୍ରଥମ ଅବସ୍ଥାରେ ପ୍ରତୀକ ଓ ବିଭିନ୍ନ ଉପଚାର ରହିପାରେ, କାରଣ ଆଧ୍ୟାତ୍ମିକତା ରୂପକ ଚାରା ଗଛଟିକୁ ବଢିବାରେ ସାହାଯ୍ୟ କରିବ। ମନ୍ଦିର ମସଜିତ ଗୀର୍ଜାକୁ ଯାଇ ସେଠାରେ ପ୍ରତୀକ ଉପାସନା କରିବା ହେଉଛି ଆଧ୍ୟାତ୍ମିକ ଜୀବନର ଶିଶୁ ଶ୍ରେଣୀ ମାତ୍ର ସେଠାରେ ଚିରକାଳ ପଡି ନ ରହି ଉତ୍ତରିତ ହେବାକୁ ସେ ସର୍ବଦା ଆହ୍ୱାନ ଦେଉଥିଲେ। ନିରାକାର ବ୍ରହ୍ମଙ୍କୁ ଉପଲବ୍ଧି କରିବା ପାଇଁ ସାକାର ଉପାସନାକୁ ଏକ ସହଜ ପଦ୍ଧତି ଭାବରେ ସେ ଗ୍ରହଣ କରିଥିଲେ।

ସ୍ୱାମୀ ବିବେକାନନ୍ଦ ସ୍ୱାମୀ ଦୟାନନ୍ଦଙ୍କ ସଂପର୍କରେ କହୁଥିଲେ ପ୍ରତ୍ୟେକ ମହାପୁରୁଷମାନଙ୍କ ଏକ ଲକ୍ଷ୍ୟ ଥାଏ। ଦୟାନନ୍ଦଙ୍କ ଲକ୍ଷ୍ୟ ଥିଲା ସଂସ୍କାର, ମାତ୍ର ମୋର ଲକ୍ଷ୍ୟ ହେଉଛି ସମନ୍ୱୟ। ଦୟାନନ୍ଦ କେବଳ ହିନ୍ଦୁଧର୍ମକୁ ସ୍ୱୀକାର କରୁଥିବା ବେଳେ ବିବେକାନନ୍ଦ ଧର୍ମପ୍ରତି ଏକ ସମନ୍ୱିତ ଦୃଷ୍ଟିଭଙ୍ଗୀ ପୋଷଣ କରୁଥିଲେ। ସେ ନିଜକୁ ହିନ୍ଦୁ ବୋଲି ପରିଚୟ ଦେଇ ଗର୍ବ ଅନୁଭବ କରୁଥିଲେ ଓ କହିଥିଲେ, ଆମେ କେବଳ ସହନଶୀଳତାରେ ବିଶ୍ୱାସ କରୁନା , ବରଂ ସବୁ ଧର୍ମ ଈଶ୍ୱର ପ୍ରାପ୍ତି ପାଇଁ ସତ୍ୟ ବୋଲି ବିଶ୍ୱାସ କରୁ। ଚିକାଗୋ ଧର୍ମ ମହାସଭାରେ ସେ ଶିବ ମହିମ୍ନ ସ୍ତୋତ୍ରରୁ ଏକ ଶ୍ଳୋକ ଉଦ୍ଧାର କରି କହିଲେ, ପୃଥିବୀ ପୃଷ୍ଠରେ ବିଭିନ୍ନ ନଦୀ ଯେପରି ସରଳ, କୁଟିଳ ନାନା ପଥଦେଇ ଗତି କଲେ ମଧ୍ୟ ଶେଷରେ ସମୁଦ୍ରରେ ମିଶେ, ସେପରି ମଣିଷ ନିଜ ରୁଚି ଅନୁସାରେ ସରଳ, କୁଟିଳ ଯେ କୌଣସି ଧର୍ମମାର୍ଗରେ ଗତିକଲେ ମଧ୍ୟ ଶେଷରେ ସେହି ଏକ ପରମେଶ୍ୱରଙ୍କ ପାଖରେ ପହଞ୍ଚେ। ଏଣୁ ଧର୍ମ ମଧ୍ୟରେ କୌଣସି ସଂଘର୍ଷ ରହିବା ଉଚିତ ନୁହେଁ। ଈଶ୍ୱର ସନ୍ଧାନରେ ଗୋଟିଏ ଧର୍ମ ଛାଡି ଅନ୍ୟ ଏକ ଧର୍ମକୁ ଗ୍ରହଣ କରିବା ଆବଶ୍ୟକ ନୁହେଁ। ଜଣେ ଖ୍ରୀଷ୍ଟିଆନକୁ ହିନ୍ଦୁ ବା ବୌଦ୍ଧ ହେବାର ଅବଶ୍ୟକତା ନାହିଁ। ଜଣେ ହିନ୍ଦୁ ବା



ବୌଦ୍ଧକୁ ଖ୍ରୀଷ୍ଟିଆନ୍ ହେବାର ବି ଯଥାର୍ଥତା ନାହିଁ। ପ୍ରତ୍ୟେକ ବ୍ୟକ୍ତି ଯେଉଁ ଧର୍ମରେ ଥାଉ, ଅନ୍ୟ ଧର୍ମ ପ୍ରତି ବିଦ୍ୱେଷ ଭାବ ପ୍ରକଟ ନ କରି ନିଜ ଧର୍ମ ଅନୁଯାୟୀ ଜୀବନ ଧାରଣ କରୁ। ଆଜିର ଆବଶ୍ୟକତା ସହାୟତା- ସଂଘର୍ଷ ନୁହେଁ, ଗ୍ରହଣଶୀଳତା- ଧ୍ୱଂସ ନୁହେଁ, ସମନ୍ୱୟ ଓ ଶାନ୍ତି - କଳହ ନୁହେଁ। ଏହାଥିଲା ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିଭଙ୍ଗୀ। ଅପର ପକ୍ଷରେ ଏହି ଗ୍ରହଣଶୀଳତା ଓ ସମନ୍ୱୟ ସ୍ୱାମୀ ଦୟାନନ୍ଦଙ୍କ ଦର୍ଶନରେ ନ ଥିବାରୁ ତାହା ସର୍ବଜନଗ୍ରାହ୍ୟ ହୋଇପାରି ନ ଥିଲା। ବିଶାଳ ପୃଥିବୀର କୋଟିକୋଟି ଲୋକଙ୍କ ମାନସିକତା, ସ୍ୱଭାବ, ପ୍ରକୃତି କେବେ ସମାନ ହୋଇପାରିବ ନାହିଁ। ଏଣୁ ଗୋଟିଏ ନିର୍ଦ୍ଦିଷ୍ଟ ବିଶ୍ୱାସ ସମସ୍ତଙ୍କ ଉପରେ ଲଦି ଦିଆଗଲେ ତାହା ଗ୍ରହଣୀୟ ହେବ ନାହିଁ। ଏଣୁ ଚିକାଗୋ ଧର୍ମମହାସଭାରେ ସ୍ୱାମିଜୀ କହିଥିଲେ, ବିବିଧତା ମଧ୍ୟରେ ଏକତା ହେଉଛି ପ୍ରକୃତିର ନିୟମ। ପ୍ରତ୍ୟେକ ଆନୁଷ୍ଠାନିକ ଧର୍ମ କେତେକ ନିର୍ଦ୍ଦିଷ୍ଟ ନୀତି ନିୟମକୁ ଗ୍ରହଣ କରିବା ପାଇଁ ସମାଜକୁ ବାଧ କରେ। ଏହା ସମାଜପାଖରେ କେବଳ ଗୋଟିଏ କୋଟ୍ ପିନ୍ଧିବା ପାଇଁ ରଖେ ଯାହା ଜେକ୍, ଜନ୍, ହେନେରୀ ସମସ୍ତଙ୍କୁ ହେବ। ମାତ୍ର ଗୋଟିଏ ମାପର କୋଟ ବିଭିନ୍ନ ଆକାରର ମଣିଷକୁ କେବେ ହେବ ନାହିଁ। ଯଦି ସେହି କୋଟ୍‌ଟି କାହାର ଶରୀରକୁ ଉପଯୁକ୍ତ ନ ହୁଏ, ସେ ତାର ଶରୀରକୁ ଅନାବୃତ୍ତ ରଖିବାକୁ ବାଧ। ଏଣୁ ହିନ୍ଦୁମାନେ ବିଭିନ୍ନ ସ୍ୱଭାବ ଓ ମାନସିକତାର ଲୋକଙ୍କ ପାଇଁ ଆବିଷ୍କାର କରିଛନ୍ତି ବିଭିନ୍ନ ପ୍ରତୀକ। କିଏ ଶିବଙ୍କୁ ଆରାଧନା କରୁଛି ତ କିଏ ବିଷ୍ଣୁଙ୍କୁ ଆଉ କିଏ ଗଣେଶଙ୍କୁ ଉପାସନା କରୁଛି। ମାତ୍ର ସମସ୍ତ ଉପାସନା ସେହି ଏକମାତ୍ର ଈଶ୍ୱରଙ୍କ ନିକଟରେ ପହଞ୍ଚୁଛି। ସ୍ୱାମୀ ଦୟାନନ୍ଦ ଏକେଶ୍ୱରବାଦୀ ଥିଲେ ଓ ବହୁଦେବତା ଉପାସନାକୁ ପ୍ରତ୍ୟାଖ୍ୟାନ କରୁଥିଲେ। ଫଳରେ ବହୁଦେବଦେବୀଙ୍କୁ ବିଶ୍ୱାସ କରୁଥିବା ଲୋକେ ଦୟାନନ୍ଦଙ୍କ ଏକେଶ୍ୱରବାଦକୁ ଗ୍ରହଣ କରିପାରୁ ନ ଥିଲେ। ସ୍ୱାମୀ ବିବେକାନନ୍ଦ ବି ସମାନ ଦର୍ଶନରେ ବିଶ୍ୱାସ କରୁଥିଲେ। ମାତ୍ର ଦୟାନନ୍ଦଙ୍କ ଭଳି ସେ କଠୋର ନ ଥିଲେ। ସେ ଲୋକଙ୍କ ମନସ୍ତତ୍ତ୍ୱକୁ ଅଧ୍ୟୟନ କରି କୋଟ୍ ଉପମା ମାଧ୍ୟମରେ ଜଟିଳ ତତ୍ତ୍ୱକୁ ଅତ୍ୟନ୍ତ ସରଳ ଭାବରେ ବୁଝାଇଥିବାରୁ ତାଙ୍କ ବ୍ୟାଖ୍ୟାଟି ସର୍ବଜନାଦୃତ ହେଉଥିଲା। ବିବିଧ ରୁଚି ସ୍ୱଭାବ ଓ ମାନସିକତାକୁ ନେଇ ଗଠିତ ଏକ ବିଶାଳ ମାନବ ସମାଜକୁ ପ୍ରଭାବିତ କରିବା ପାଇଁ ଆବଶ୍ୟକ ଏକ ସମନ୍ୱୟବାଦୀ ଦର୍ଶନ ଏ କଥା ହୃଦୟଙ୍ଗମ କରିଥିଲେ ସ୍ୱାମୀ ବିବେକାନନ୍ଦ। ଏଣୁ ସେ ଦେଶ ବାହାରେ ସମଗ୍ର ୟୁରୋପରେ ମଧ୍ୟ ପ୍ରଭାବ ବିସ୍ତାର କରିପାରିଥିଲେ। ମାତ୍ର ସ୍ୱାମୀ ଦୟାନନ୍ଦ ବିବିଧତାକୁ ସ୍ୱୀକାର ନ କରି କେବଳ ବୈଦିକ ଧର୍ମର ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରିବାରୁ ସେ ଅଣହିନ୍ଦୁମାନଙ୍କୁ ପ୍ରଭାବିତ କରିପାରି ନ ଥିଲେ।

**ଟିଟିଲାଗଡ଼,**
**ଦୂରଭାଷ- ୭୦୦୮୩୬୯୨୦୦**

# ପରମାଣୁର ଶାନ୍ତି ଯାତ୍ରା



ନରେନ୍ଦ୍ର ସେଠୀ

୧୯୪୫ ମସିହା ଜୁଲାଇ ଷୋଳ ତାରିଖର ଏକ ବର୍ଷା ଭିଜା ସକାଳ, କିଛି ବୈଜ୍ଞାନିକ ଓ ସୈନିକ, ମେକ୍ସିକୋର ଜୋର୍ଣ୍ଣଡା ଡେଲ , ମରୁଭୁମିରେ ଏକତ୍ରିତ ହୋଇଥାନ୍ତି ଓ ସାଂକେତିକ ଭାଷାରେ 'ଗାଜେଟ' ବୋଲି କୁହାଯାଉଥିବା ଏକ ବଡ଼ ଧାତବ ବଲ ଶହେ ଫୁଟ ଉଚ୍ଚ ସ୍ତମ୍ଭର ଶୀର୍ଷରେ ରଖାଯାଇଥାଏ ଓ ଏହି ଗାଜେଟ ନାମକ ଗୁପ୍ତ ଅସ୍ତ୍ର ଭିତରେ ଆଉ ଏକ ଗୋଲାକାର ଧାତବ ପରଖ ଭିତରେ ଉପ କ୍ରାନ୍ତିକ ମାତ୍ରାରେ ପ୍ଲୁଟୋନିୟମ ରଖାଯାଇଥିଲା ଓ ଏହା ଥିଲା ବିଶ୍ୱର ପ୍ରଥମ ପରମାଣୁ ଅସ୍ତ୍ରର ଏକ ପ୍ରତିକୃତି ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ସମାପ୍ତ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା ଓ ଏହା ପରଠୁ ପରମାଣୁ ଯୁଗ ଏକ ବିସ୍ଫୋଟ ସହିତ ଆରମ୍ଭ ହୋଇଥିଲା ଓ ମାନବ ସମାଜ ପ୍ରଥମ କରି ଦୁଇଟି ସହର ହିରୋସୀମା ଓ ନାଗାସାକିର କରୁଣ ରୂପ ଦେଖିଲା ଓ ପରମାଣୁର ଅପାର ଶକ୍ତି, ଶୃଙ୍ଖଳ ପ୍ରତିକ୍ରିୟାରେ ଅଣାୟତ୍ତ ହୋଇଗଲେ କିପରି ବିନାଶ କରିପାରେ ଏହା ସମସ୍ତଙ୍କୁ ଭୟଭୀତ କରୁଥିଲା ଓ ସେହି ସମୟରେ ପରମାଣୁର ଏହି ଅପାର ଶକ୍ତିକୁ କିପରି ମାନବ କଲ୍ୟାଣ ଦିଗରେ ବିନିଯୋଗ କରାଯାଇପାରିବ, ମ୍ୟାନହାଟନ ପ୍ରକଳ୍ପ ଭାବରେ ପରିଚିତ ଏହି ଯୋଜନାର ବିଧାଣି ଥିବା ବୈଜ୍ଞାନିକ ଓପେନ ହାଇମର ପରମାଣୁର ବିନାଶଲୀଳା ଦେଖିବା ପରେ ଅଧ୍ୟାତ୍ମବାଦୀ ହୋଇ ଆଜୀବନ ଗୀତା ପାଠରେ ନିଜକୁ ନିୟୋଜିତ କରିଦେଲେ ଓ ଯୁକ୍ତରାଷ୍ଟ୍ର ଆମେରିକାର ୩୪ତମ ରାଷ୍ଟ୍ରପତି ଡ୍ୱାଇଟ୍ ଡେଭିଡ୍ ଆଇଜେନହାଓ୍ୱର୍ ଜାତିସଂଘରେ ବକ୍ତୃତା ଦେଇ କହିଥିଲେ ଯେ ଆଉ କେବେ ହେଲେ ଦ୍ୱିତୀୟ ଥର ପାଇଁ ପରମାଣୁ ବୋମାର ବ୍ୟବହାର ନହେଉ ଓ ସେ ଏହା ମଧ୍ୟ କହିଥିଲେ ଏହି ଅପାର ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବିନିଯୋଗ ପାଇଁ ଉଦ୍ୟମ ହେଉ ଓ କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ବୈଜ୍ଞାନିକ ମାନଙ୍କ ଦ୍ୱାରା ବିକଶିତ ଓ ସେନାଦ୍ୱାରା ନିୟନ୍ତ୍ରିତ ଏହି ପରମାଣୁ ବୋମାର ଜ୍ଞାନ କୌଶଳ ବିପକ୍ଷ ରୁଷିଆ ଓ ତାର ସହଯୋଗୀମାନଙ୍କୁ ଶୀତଳ ଯୁଦ୍ଧରେ ପଛରେ ପକାଇଦେଇଥିଲା ଓ ଆମେରିକା ଭାବିଥିଲାଯେ ସୋଭିଏତ ରୁଷକୁ ପରମାଣୁ ବୋମାର ଜ୍ଞାନ କୌଶଳ ବିକଶିତ କରିବା ପାଇଁ ହୁଏତ କୋଡ଼ିଏ ବର୍ଷ ଲାଗିଯାଇପାରେ ଓ କିନ୍ତୁ ପରମାଣୁ ଜ୍ଞାନ କୌଶଳ ବେଶୀ ଦିନ ପର୍ଯ୍ୟନ୍ତ ଗୁପ୍ତ ରହି ପାରିଲାନି ଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ସୋଭିଏତ ରୁଷ ୧୯୪୯ ରେ ପରୀକ୍ଷା ମୂଳକ ବିସ୍ଫୋରଣ କରିଦେଲା ଓ ତେବେ ଆମେରିକାରେ ପରମାଣୁ ଅସ୍ତ୍ରର ନିୟନ୍ତ୍ରଣ କାହା ହାତରେ ରହିବ ସେଥିପାଇଁ ତର୍କ ବିତର୍କ ହେବାକୁ ଲାଗିଲା ଓ ବୁଦ୍ଧିଜୀବୀ ଓ ବୈଜ୍ଞାନିକ ମାନେ ଏହାକୁ ବେସାମରିକ ନିୟନ୍ତ୍ରଣରେ ରଖିବାକୁ ଯୁକ୍ତି ବାଢିବା ବେଳେ ସେନା ଏହାକୁ ନିଜ ହାତରେ ରଖିବାକୁ ଚାହିଁଲା ଓ ଶେଷରେ ୧୯୪୬ରେ ମସିହାରେ ଆମେରିକା ସରକାର ପରମାଣୁ ଶକ୍ତି ଅଧିନିୟମ ଆଣିଲେ ଓ ପରମାଣୁ ଶକ୍ତି ସମ୍ପର୍କିତ ସବୁ ତଥ୍ୟ ଗୁପ୍ତ ରଖିବା ସହିତ ଏହାକୁ ବେସାମରିକ ନିୟନ୍ତ୍ରଣରେ ରଖିବାକୁ ନିଷ୍ପତ୍ତି ନେଲେ ଓଅବଶ୍ୟ ଏହା ପୂର୍ବରୁ ମାନହାଟନ ପ୍ରୋଜେକ୍ଟରେ ପରମାଣୁ ବୋମାର ପ୍ରସ୍ତୁତି ଏତେ ଗୁପ୍ତ ଥିଲା ଯେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତିଙ୍କ ରୁଜଭେଲଟଙ୍କ ଅକାଳ ବିୟୋଗ ପରେ ହ୍ୟାରୀ ଟ୍ରୁମ୍ୟାନ ନୂତନ ରାଷ୍ଟ୍ରପତି ହେଲା ପରେ ଏ ବିଷୟରେ ଜାଣିବାକୁ ପାଇଥିଲେ ଓ ତାଙ୍କ ଡାଏରୀରେ ସେ ଏହାକୁ 'ବିଶ୍ୱ ଇତିହାସର ସବୁଠାରୁ ଭୟଙ୍କର ବୋମା' ଭାବରେ ବର୍ଣ୍ଣନା କରି ଏହାକୁ ବାଇବେଲ ବର୍ଣ୍ଣିତ 'ଅଗ୍ନି ବିନାଶ' ଭବିଷ୍ୟବାଣୀ ସହିତ ତୁଳନା କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଷ୍ଟ୍ରପତି ଟ୍ରୁମ୍ୟାନ ପରମାଣୁ ବୋମାର ବ୍ୟବହାର ଜାପାନ ଉପରେ କରିବାକୁ ନିଷ୍ପତ୍ତି ନେଇଥିଲେ।ତେବେ ଗୋଟିଏପଟରେ ହିରୋସୀମା-ନାଗାସାକିର ଭୟାବହତାକୁ ଆଖିଆଗରେ ରଖି ଭବିଷ୍ୟତରେ ପରମାଣୁ ଅସ୍ତ୍ରର ପୁନଃ ପ୍ରୟୋଗ ନକରି ସବୁ ଦେଶକୁ ଆଗେଇ ଆସିବାକୁ ବିଶ୍ୱରେ ଚେଷ୍ଟା ଚାଲିଥିବା ବେଳେ ରୁଷ ଓ ଆମେରିକା ଭିତରେ ପରମାଣୁ ବୋମା ଗଚ୍ଛିତ କରିପାରିବାର ଏକ ପ୍ରତିଯୋଗିତା ଲାଗିଗଲା ଓ ସୋଭିଏତ ରୁଷର ୧୯୪୯ ରେ ପରୀକ୍ଷା ମୂଳକ ବିସ୍ଫୋରଣ ଜବାବରେ ଆମେରିକା ହିରୋସୀମା ଠାରୁ ୫୦୦ ଗୁଣ ଅଧିକ ଶକ୍ତିଶାଳୀ ତାପ-ଆଣବିକ ବୋମା ବିସ୍ଫୋଟ କରି ପରମାଣୁର ଶାନ୍ତି ଯାତ୍ରରେ ବ୍ୟାଘାତ ସୃଷ୍ଟି କଲା ଓ ପରମାଣୁ ଶକ୍ତିକୁ ବ୍ୟାପକ ଜନକଲ୍ୟାଣରେ ଉପଯୋଗ କରିବାର ଆଶା ରଖିଥିବା ବୈଜ୍ଞାନିକ ମାନଙ୍କ ଲକ୍ଷ ପଥଚ୍ୟୁତ ହୋଇ ଆମେରିକା ଓ ରୁଷ ମଧ୍ୟରେ ଅସ୍ତ୍ର ପ୍ରତିଯୋଗିତାରେ ପରିଣତ ହେଲା ଓ ୧୩୫୩ ମସିହାରେ ଆମେରିକୀୟ ରାଷ୍ଟ୍ରପତି ଆଇଜେନହାଓ୍ୱର ଜାତିସଂଘର ଭାଷଣରେ ଚେତାବନୀ ଦେଇ କହିଥିଲେ ଭବିଷ୍ୟତରେ ଆଣବିକ ପ୍ରଯୁକ୍ତିବିଦ୍ୟା ସହଜରେ ସବୁ ଦେଶ ପାଖରେ ପହଁଚିଯାଇପାରେ ଓ ତେଣୁ ପରମାଣୁ ବୋମାର ନିର୍ମାଣ ଜ୍ଞାନ କୌଶଳ ତଥା ଆଣବିକ ଶକ୍ତି ଉପରେ କଟକଣା ଲାଗୁ କରିବା ପାଇଁ ଏକ ଆନ୍ତର୍ଜାତିକ ସଂସ୍ଥା ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ ଯାହା ପରେ ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥା ଭାବରେ ଅଷ୍ଟ୍ରିଆର ରାଜଧାନୀ ଭିଏନାରେ



୧୯୫୭ ରେ ପ୍ରତିଷ୍ଠା ରାଯାଇଥିଲା ଓ ଆମେରିକା ପାଇଁ ଦିନେ ଖୁବ ଗୁପ୍ତଥିବା ପରମାଣୁ ପ୍ରଯୁକ୍ତି ବିଦ୍ୟା ମାତ୍ର କିଛି ବର୍ଷ ପରେ ସମ୍ପୂର୍ଣ୍ଣ ଉନ୍ମୁକ୍ତ ହୋଇ ଯିବା କାରଣରୁ ଅନେକ ଦେଶ ଏହି ଜ୍ଞାନ କୌଶଳକୁ ହାତେଇବା ପାଇଁ ଆଗଭର ହୋଇ ଥିଲେ ମଧ୍ୟ ସମସ୍ତଙ୍କୁ ବିଫଳତା ମିଳିଥିଲା ଓ ଯଦିଓ ଶୀତଳ ଯୁଦ୍ଧର ଦୁଇ ଶକ୍ତିଶାଳୀ ପ୍ରତିଯୋଗୀ ଆମେରିକା ଓ ରୁଷିଆ ପରମାଣୁ ଅସ୍ତ୍ର ପ୍ରସ୍ତୁତିରେ ପ୍ରତିଯୋଗିତା ଆରମ୍ଭ କରି ଦେଇଥିଲେ ବିଶ୍ୱର ଅନେକ ବୈଜ୍ଞାନିକ ଏହି ବିପୁଳ ଲୁକାୟିତ ଶକ୍ତିକୁ ବିଶ୍ୱ ଶାନ୍ତିରେ ଲଗେଇବାକୁ ଚିନ୍ତା କଲେ। ସୃଷ୍ଟିର ସବୁଠୁ ଶକ୍ତିଶାଳୀ ଜିନିଷ ନିଆଁକୁ ଆୟତ୍ତ କରିପାରିଥିବା ଓ ଅତିକାୟ ହାତୀକୁ ଗୃହପାଳିତ କରିପାରୁଥିବା ମାନବ ଆଣବିକ ଶକ୍ତିର ଉତ୍ସକୁ ଦେଖି ଆୟତ୍ତ କରିବାପାଇଁ ଲାଗିପଡିଲା। ଯଦିବା ଅନେକ ଦେଶ ଏହି ପରିକ୍ରିୟାରେ ଲାଗିପଡ଼ିଥିଲେ କିନ୍ତୁ ଏଥିରେ ରୁଷିଆ ବାଜିମାରି ନେଇ ୧୯୫୪ ମସିହାରେ ବିଶ୍ୱର ପ୍ରଥମ ପରମାଣୁ ବିଜୁଳି ଘର ନିର୍ମାଣ କରି ଆଶ୍ଚର୍ଯ୍ୟ କରିଦେଲା । ହିରୋସୀମା ଓ ନାଗାସାକିର ଭୟଙ୍କର ଜନ ସଂହାର ସହିଥିବା ଜାପାନ ବିସ୍ଫୋରଣର ଦଶ ବର୍ଷ ମଧ୍ୟରେ ୧୯୫୫ ମସିହାରେ ଜାପାନରେ ବିଜୁଳିଶକ୍ତି ନିମନ୍ତେ ଆଣବିକ ରିଆକ୍ଟର ତିଆରି କରିବାପାଇଁ ଆଇନ ପ୍ରଣୟନ କଲା। ପରମାଣୁର ଶାନ୍ତି ଯାତ୍ରା ଅତ୍ୟନ୍ତ କଠିନ ହୋଇଥିଲେ ମଧ୍ୟ ପରେ ପରେ ଏହା ସମାଜର ଅଭିନ୍ନ ଅଙ୍ଗ ପାଲଟିଗଲା ଓ ଶକ୍ତିଶାଳୀ ବିକିରଣ ଦେଉଥିବା ରେଡ଼ିଓ ଆଇସୋଟୋପ ବ୍ୟବହାର କରି କେମୋଥେରାପି ଦ୍ୱାରା କ୍ୟାନ୍ସର ଉପଶମକାରୀ ଭାବରେ ବିକିରଣ ସଫଳତାର ସହିତ ଜନକଲ୍ୟାଣରେ ବ୍ୟବହୃତ ହେଉଅଛି ଓ ପରମାଣୁ ଶକ୍ତିର ଉପଯୋଗ କରି ଅନେକ କିସମର ଉନ୍ନତ ଫସଲ କିସମ ବିକଶିତ ହୋଇଅଛି ଓ ଶଷ୍ୟଜାତ ଦ୍ରବ୍ୟର ସଂରକ୍ଷଣ ପାଇଁ ପରମାଣୁ ବିକିରଣ ସବୁଠୁ ଶସ୍ତା ଓ ସଫଳ ଉପାୟ ଭାବରେ ଉପଯୋଗ କରାଯାଉଛି ଓ ଭବିଷ୍ୟତରେ ପାରମ୍ପରିକ ଶକ୍ତି ଉତ୍ସର ଅବକ୍ଷୟ ପରେ ପରମାଣୁ ବିଜୁଳି ଏକମାତ୍ର ବିକଳ୍ପ ଭାବରେ ସାହା ହେବ ବୋଲି କୁହାଯାଉଛି ଓ ୨୦୨୬ ସୁଦ୍ଧା ୩୩ ଟି ଦେଶରେ ୪୪୦ ଟି ପରମାଣୁ ବିଜୁଳି ଶକ୍ତି ରିଆକ୍ଟର କାର୍ଯ୍ୟ କରି ବିଶ୍ୱର ପ୍ରାୟ ୯% ରୁ ୧୦% ବିଦ୍ୟୁତ୍ ଉତ୍ପାଦନ କରନ୍ତି।

**ଯାଦୁଗୁଡା, ମୋ: ୭୦୦୪୦୬୮୧୧୦**

**ସମ୍ପାଦକଙ୍କୁ ପତ୍ର**

## ପଥପାର୍ଶ୍ୱ ବୃକ୍ଷର ରକ୍ଷଣାବେକ୍ଷଣ

ବିଶ୍ୱ ପରିବେଶ ଦିବସ ଏବଂ ବନ ମହୋତ୍ସବ ଅବସରରେ ଉଭୟ ସରକାରୀ ଏବଂ ବେସରକାରୀ ଉଦ୍ୟମରେ ଆମ ରାଜ୍ୟର ଅନେକ ସ୍ଥାନରେ ଚାରା ରୋପଣ କରା ଯାଇଥିଲା। ଏହା ବାଦ୍ ବିଭିନ୍ନ ସମୟରେ ରାସ୍ତା କଡ଼ମାନଙ୍କରେ ମଧ୍ୟ ଅନେକ ଗଛ ଲାଗିଥିଲା। ବର୍ତ୍ତମାନ ବର୍ଷା ପ୍ରାୟତଃ ଛାଡ଼ି ଆସିଲାଣି। ଗଛ ଚାରି କଡ଼ରେ ଦିଆ ଯାଇଥିବା ବାଡ଼ଗୁଡ଼ିକ ମଧ୍ୟ ହୁଗୁଳି ଗଲାଣି, ଯାହା ଫଳରେ ଚାରାଗୁଡ଼ିକ ବଞ୍ଚି ରହିବା କଷ୍ଟକର ହୋଇଯିବ। ଏହାକୁ ଲକ୍ଷ୍ୟ ରଖି ବର୍ତ୍ତମାନଠାରୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳମାନଙ୍କରେ ଏ ଦିଗରେ ଶିଥିଳତା ସ୍ପଷ୍ଟ ବାରିହୁଏ। ଏଥିପାଇଁ ଦୀର୍ଘସୂତ୍ରୀ ଯୋଜନା କାର୍ଯ୍ୟକାରୀ ହେବା ସହିତ ପଞ୍ଚାୟତିରାଜ ବିଭାଗ ଓ ପୂର୍ତ୍ତ ଏବଂ ଗୃହ ନିର୍ମାଣ ବିଭାଗର ମିଳିତ ସହଯୋଗ ଏକାନ୍ତ କାମ୍ୟ।

**ସୀତାକାନ୍ତ ତ୍ରିପାଠୀ, ଭଦ୍ରକ**

## ପଶ୍ଚିମବଙ୍ଗରୁ ଶିକ୍ଷା

ବୁଧବାର ଦିନ ପଶ୍ଚିମବଙ୍ଗରେ ଅନୁଷ୍ଠିତ ହୋଇ ଯାଇଛି ଏହାର ବିଧାନସଭା ପାଇଁ ଦ୍ୱିତୀୟ ପର୍ଯ୍ୟାୟର ମତଦାନ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଭାରତର ନିର୍ବାଚନୀ ଇତିହାସରେ ଖୋଦ୍ ଏକ ଅନ୍ଧକାରମୟ ମୁହୂର୍ତ୍ତ ଭାବରେ ପରିଚିତ ହେବ, କାରଣ ଏହା ସମ୍ପୃକ୍ତ ପ୍ରକ୍ରିୟାରୁ ଏକ ବିଶାଳ ସଂଖ୍ୟକ ମତଦାତାଙ୍କୁ ସେମାନଙ୍କର କୌଣସି ଭୁଲ୍ ନଥାଇ ମଧ୍ୟ ମତଦାନ କରିବାରୁ ବଞ୍ଚିତ କରିବ। ଏହି ଅଧ୍ୟାୟ ସମ୍ପୂର୍ଣ୍ଣ ଭାବରେ ଅକ୍ଷମଣୀୟ, ଯେହେତୁ ଏହା ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ଏବଂ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ତଦାରଖରେ ସମ୍ପନ୍ନ କରାଯାଇଛି- ସେହିସବୁ ଅନୁଷ୍ଠାନ, ଯେଉଁଗୁଡ଼ିକ ଲୋକମାନଙ୍କର ସାମ୍ବିଧାନିକ, ମୌଳିକ ଏବଂ ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବାକୁ ସୃଷ୍ଟି ହୋଇଥିଲେ। ଗତ ବର୍ଷ ନଭେମ୍ବର ମାସରେ ନିର୍ବାଚନ କମିଶନ (ଇସି) ଯେତେବେଳେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଗଲେ, ସେ ସମୟରେ ପଶ୍ଚିମବଙ୍ଗରେ ଭୋଟର ତାଲିକା ପାଇଁ ୭.୬୬ କୋଟି ଲୋକଙ୍କ ନାମ ଭୋଟର ତାଲିକାରେ ଥିଲା। ଏହି ପ୍ରକ୍ରିୟାର ଏହି ଦୃଷ୍ଟିରୁ ବୈଧତା ରହିଥିଲା ଯେ ଏହା ସମସ୍ତ ଏବଂ କେବଳ ଯୋଗ୍ୟ ଭୋଟରମାନଙ୍କ ନାମ ଭୋଟର ତାଲିକାରେ ରହିଥିବାକୁ ସୁନିଶ୍ଚିତ କରିବା ପାଇଁ ଏହାର ସଂଶୋଧନ କରି ଏହାକୁ ସ୍ୱଚ୍ଛ କରିବାର ଉଦ୍ଦେଶ୍ୟ ବହନ କରୁଥିଲା, ଯାହା ହେଉଛି ନିର୍ବାଚନ ଅନୁଷ୍ଠିତ କରିବା ନିମନ୍ତେ ଏକ ମୌଳିକ ଦସ୍ତାବିଜ। ଇସି ଡିସେମ୍ବର ୧୬ ତାରିଖରେ ଏହାଙ୍କର ପ୍ରଥମ ଚିଠା ତାଲିକା ପ୍ରକାଶ କଲେ, ଯେଉଁଥିରେ ରହିଥିଲା ୭.୦୮ କୋଟି ଭୋଟରଙ୍କ ନାମ; ଚଳିତ ବର୍ଷ ଫେବ୍ରୁଆରୀ ୨୮ ତାରିଖରେ ଶେଷ ତାଲିକା ପ୍ରକାଶିତ ହେଲା, ଯେଉଁଥିରେ ସ୍ଥାନିତ ହୋଇଥିଲା ୬.୪୪ କୋଟି ଭୋଟରଙ୍କ ନାମ। ଶେଷ ବା ସିଦ୍ଧାନ୍ତମୂଳକ ତାଲିକା 'ତାର୍କିକ ଅସଙ୍ଗତି' ଯୋଗୁଁ ହାରାହାରି ୬୦ ଲକ୍ଷ ଭୋଟରଙ୍କୁ ବାଦ୍ ଦେଇଥିଲା। ପରେ ସୁପ୍ରିମ୍‌କୋର୍ଟଙ୍କ ସକ୍ରିୟ ସହାୟତାରେ ଇସିଙ୍କ ଦ୍ୱାରା ଏକ କଷ୍ଟକର କାର୍ଯ୍ୟ ସମ୍ପାଦନ କରାଯାଇ ଏହି ସଂଖ୍ୟାକୁ ୨୭.୧୦ ଲକ୍ଷକୁ ଅଣା ଯାଇଥିଲା। ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ପଶ୍ଚିମବଙ୍ଗ ଏବଂ ଏହାର ପଡ଼ୋଶୀ ରାଜ୍ୟମାନଙ୍କର ନିମ୍ନ ଅଦାଲତଗୁଡ଼ିକର ନ୍ୟାୟିକ ଅଧିକାରୀମାନଙ୍କ ଦ୍ୱାରା ଏହି ତାଲିକାର କିଛି ଅଂଶ ପ୍ରସ୍ତୁତ କରାଇ ଥିଲେ। ଅପିଲ ଟ୍ରିବ୍ୟୁନାଲଗୁଡ଼ିକଙ୍କ ନିକଟରେ ଏବେ ସୁଦ୍ଧା ସେମାନଙ୍କ ନିକଟରେ ବିଚାର ଅପେକ୍ଷାରେ ବକେୟା ରହିଥିବା ୨୭ ଲକ୍ଷ ଅପିଲରୁ ମାତ୍ର ୨ ହଜାର ଭୋଟରଙ୍କ ନାମକୁ ଭୋଟର ତାଲିକାରେ ସାମିଲ କରିବାକୁ ଅନୁମତି ଦେଇ ପାରିଥିଲେ।

ସଂକ୍ଷେପରେ କହିଲେ, ୨୭ ଲକ୍ଷ ଲୋକ, ଯେଉଁମାନେ ଏହି ରାଜ୍ୟରେ ମୋଟ ମତଦାତାଙ୍କର ପ୍ରାୟ ୪ ପ୍ରତିଶତ ହେବେ, ସେମାନଙ୍କର ଏହି ନିର୍ବାଚନରେ ମତଦାନ କରିବାର ଅଧିକାର ରହିଲା ନାହିଁ, କାରଣ ନିର୍ବାଚନ କମିଶନ (ଇସି) ନିଜ ଉପରକୁ ନେଇଥିବା ଦାୟିତ୍ୱକୁ ନିଜେ ସୁଚାରୁ ରୂପେ ନିର୍ବାହ କରିବାରେ ବିଫଳ ହେଲେ। ଇସି ହେଉଛନ୍ତି ସଂସଦର ଉଭୟ ସଦନ ତଥା ରାଜ୍ୟମାନଙ୍କର ବିଧାନସଭାଗୁଡ଼ିକର ସାବାଳକ ମତଦାନ ନୀତିରେ ନିର୍ବାଚନ ଅନୁଷ୍ଠିତ କରାଇବାକୁ ଆଦେଶପ୍ରାପ୍ତ ଏକ ସାମ୍ବିଧାନିକ ସଂସ୍ଥା। ଏହି ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଏବଂ ସାଧୁତା ବଜାୟ ରଖିବା ନିମନ୍ତେ ଏହାଙ୍କ ଉପରେ ବ୍ୟାପକ କ୍ଷମତା ନ୍ୟସ୍ତ କରାଯାଇଛି, ଯାହା ମଧ୍ୟରେ ଭୋଟର ତାଲିକା ପ୍ରସ୍ତୁତ କରିବାର କ୍ଷମତା ମଧ୍ୟ ଅନ୍ତର୍ଭୁକ୍ତ। ରାଜ୍ୟରେ ସରକାରଟିଏ ନିର୍ବାଚିତ କରିବା ପାଇଁ ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ଅଂଶ ଭାବରେ ପ୍ରତିଟି ଯୋଗ୍ୟ ଭୋଟରଙ୍କୁ ତାଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବା କ୍ଷେତ୍ରରେ ସୁନିଶ୍ଚିତ କରାଇ ନ ପାରି ପଶ୍ଚିମବଙ୍ଗରେ ନିର୍ବାଚନ କମିଶନ ସମ୍ବିଧାନ ଓ ଏହାର ନିର୍ବାଚନୀ ଗଣତନ୍ତ୍ର ଭଳି ଏକ ବଳିଷ୍ଠ ଧାରଣାକୁ ନିଜ ସହିତ ପଶ୍ଚିମବଙ୍ଗର ଲୋକମାନେ ଏବଂ ସମ୍ବିଧାନକୁ ବିଫଳ ସାବ୍ୟସ୍ତ କରାଇଛନ୍ତି। କହିବା ବାହୁଲ୍ୟ, ଯେଉଁମାନେ ନିର୍ବାଚନ କମିଶନ ସଂସ୍ଥାର ସର୍ବୋଚ୍ଚ ପଦ ପଦବୀରେ ଏବେ ବସିଛନ୍ତି, ସେମାନେ ସେମାନଙ୍କର ସେହି ପଦରେ ରହିବାର ଅଧିକାରକୁ ହରାଇଛନ୍ତି, ଯେତେବେଳେ କି ଲକ୍ଷ ଲକ୍ଷ ଲୋକ ନିସହାୟ ଭାବରେ ସେମାନଙ୍କର ରାଜ୍ୟରେ ସରକାରଟିଏ ଗଠିତ ହେବାକୁ ପରିଲକ୍ଷିତ କରୁଥିବେ, ଅଥଚ ସେହି ସରକାରଙ୍କୁ ପ୍ରତିଷ୍ଠିତ କରିବା ପଛରେ ସେମାନଙ୍କର କୌଣସି ଆଦେଶ ନଥିବ। ଏକ ଭାରତୀୟ ନିର୍ବାଚନରେ ଜନମତର ଗୋଟିଏ ଛୋଟିଆ ଦୋଳାୟମାନତା ମଧ୍ୟ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ; ଆଉ ଚାରି ପ୍ରତିଶତ ଅବଶ୍ୟ ଏକ ଅଗ୍ରହଣୀୟ ପର୍ଯ୍ୟାପ୍ତ ସଂଖ୍ୟା।

ଏକ ବୃହତ୍ତର ଦୃଷ୍ଟିକୋଣରୁ ବିବେଚନା କଲେ, ସମ୍ବିଧାନ ହେଉଛି ରାଷ୍ଟ୍ର ଏବଂ ଏହାର ନାଗରିକମାନଙ୍କ ମଧ୍ୟରେ ବିଶ୍ୱାସର ଏକ ଅନୁଚ୍ଛେଦ, ଯାହା କେତେକ ପବିତ୍ର କର୍ତ୍ତବ୍ୟ ସମ୍ବନ୍ଧିତ, ଯେଉଁଗୁଡ଼ିକ ଦ୍ୱିତୀୟ ପକ୍ଷ ଉପଭୋଗ କରିବା ନିମନ୍ତେ ଉଦ୍ଦିଷ୍ଟ। ସେଗୁଡ଼ିକ ମୌଳିକ ଅଧିକାର ହୋଇଥାନ୍ତୁ ଅଥବା ସାମ୍ବିଧାନିକ ଅଧିକାର; କିନ୍ତୁ ସେଗୁଡ଼ିକ ଅଲଂଘ୍ୟ। ଏହିସବୁ ଅଧିକାରକୁ ପଦ ଦଳିତ କରିବା ନିମନ୍ତେ ଯଦି ଏବଂ ଯେତେବେଳେ ରାଷ୍ଟ୍ର ଆଗେଇ ଆସେ, ସେତେବେଳେ ତାହା ଜଣେ ଲୋକ ପାଇଁ ହୋଇଥାଉ ପଛେ, ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ଏଥିରେ ହସ୍ତକ୍ଷେପ କରିବା ନିମନ୍ତେ ଅଧିକାରପ୍ରାପ୍ତ। ଦୁର୍ଭାଗ୍ୟବଶତଃ, ଯେତେବେଳେ ଏକ ବିଶାଳ ସଂଖ୍ୟକ ଲୋକଙ୍କୁ ଏହି ଗଣତାନ୍ତ୍ରିକ ପ୍ରକ୍ରିୟାରୁ ବାହାରେ ରଖାଗଲା, ନ୍ୟାୟପାଳିକାର ସର୍ବୋଚ୍ଚ ସଂସ୍ଥା ସୁପ୍ରିମ୍‌କୋର୍ଟ ସେତେବେଳେ ନିରବତା ଅବଲମ୍ବନ କରି ତାଙ୍କର କର୍ତ୍ତବ୍ୟକୁ ଠିକ୍ ଭାବରେ ନିର୍ବାହ କରିବାରେ ବିଫଳ ହୋଇଛନ୍ତି କହିବା ସମ୍ଭବତଃ ଅତିଶୟୋକ୍ତି ହେବନାହିଁ। ଶୀଘ୍ର ହେଉ ବା ବିଳମ୍ବରେ, ଦେଶର ମୌଳିକ ନୀତିଗୁଡ଼ିକର ଏପରି ଉଲ୍ଲଙ୍ଘନ କରିବା କ୍ଷେତ୍ରରେ ସାମ୍ବିଧାନିକ ସଂସ୍ଥାମାନଙ୍କ ଦ୍ୱାରା ସଂଘଟିତ ଏସବୁ ଗୁରୁତର ତ୍ରୁଟିଗୁଡ଼ିକୁ ଭାରତୀୟ ଜନସାଧାରଣ ଏବଂ ସଂସଦ ଅବଶ୍ୟ ଦେଖିବା ସହିତ ତହିଁରେ ସୁଧାର ଆଣିବା ଉଚିତ। ଯେତେ ଶୀଘ୍ର ଏହା ହୋଇ ପାରିବ, ଭାରତୀୟ ଗଣତନ୍ତ୍ର ପାଇଁ ତାହା ସେତେ ମଙ୍ଗଳକାରକ ହେବ।

## ଜଟିଳ କାର୍ଯ୍ୟ

ଆମେ ଅନେକ ଗୁଣ ବା ସ୍ୱଭାବକୁ ଛାଡ଼ିବା ପାଇଁ ଲୋକମାନଙ୍କୁ ଉପଦେଶ, ପରାମର୍ଶ ଦେଇଥାଉ। ହେଲେ ସେସବୁ ଛାଡ଼ିବା ଏତେ ସହଜ ହୋଇ ନଥାଏ। ମଣିଷ ଯଦିଓ ବୁଝିଥାଏ କେତୋଟି ଗୁଣ ତାକୁ ସମସ୍ୟାରେ ପକାଉଛି, ତଥାପି ଅଭ୍ୟାସବଶତଃ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ, ସେ ଉକ୍ତ ଗୁଣଟିକୁ ଛାଡ଼ିପାରି ନଥାଏ। ସେମିତି ଭଲ ଗୁଣଟିଏ ଆହରଣ କରିବା ପାଇଁ ମଧ୍ୟ ମଣିଷକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥାଏ। ଏ ଗୁଣସବୁକୁ ଧରିବା ବା ଛାଡ଼ିବା ଭିତରେ ରହିଛି ଆମମାନଙ୍କର ଅସଲ ପରିଚୟ। ତେବେ ସବୁଠୁ ଜଟିଳ କାର୍ଯ୍ୟଟି ହେଲା, ସରଳ ହେବା। ମଣିଷଟିଏ ସରଳ ହୋଇଗଲେ ଆପଣାଛାଏଁ ସମସ୍ତ ସୁଗୁଣ ତା'ଠାରେ ଆଶ୍ରୟ ନେଇ ଥାଆନ୍ତି। କେହି କହି ପାରନ୍ତି ଯେ ଭଲଗୁଣ ଆହରଣ କଲେ ମଣିଷ ସରଳ ହୋଇପାରେ। ତାହା ତ ଠିକ୍। ମାତ୍ର ସରଳ ହୋଇଗଲେ ସମସ୍ତ ଗୁଣ ବସା ବାନ୍ଧି ଥାଆନ୍ତି ମଣିଷ ଭିତରେ। ଆଉ ସେହି ସରଳତା ହିଁ ସବୁଠୁ ଜଟିଳ କାର୍ଯ୍ୟ।

ଆଶ୍ରମ ଶିକ୍ଷା ଶେଷ ପରେ ଗୁରୁ ଶିଷ୍ୟମାନଙ୍କ ପଠାଇ ଥାଆନ୍ତି ଜନ ବସତିକୁ। ଗଲାବେଳେ ଶିଷ୍ୟମାନଙ୍କୁ କହି ଥାଆନ୍ତି- 'ସରଳତା ହିଁ ତୁମର ସମ୍ପତ୍ତି।' ଶିଷ୍ୟମାନେ ଜନ ବସତିକୁ ଯାଇ କିଛି ଦିନ ରହି ଫେରି ଆସନ୍ତି। ଖୁବ୍ କମ୍ ପିଲାଙ୍କୁ ଗୁରୁ ଉପଯୁକ୍ତ ଶିଷ୍ୟ ଭାବରେ ଗ୍ରହଣ କରି ଥାଆନ୍ତି। ସେଥର ମଧ୍ୟ କିଛି ଶିଷ୍ୟ ଯାଇଥିଲେ ଜନ ବସତିକୁ। ସରଳତାର ଅର୍ଥ ଆମେ ଯେମିତି ସାଧାରଣତଃ ବୁଝିଥାଉ, ପିଲାମାନେ ମଧ୍ୟ ସେହିପରି ବୁଝିଥିଲେ। ପୋଷାକ ଥିଲା କମ୍ ଦାମ୍‌ର। ସେତେ ସଫା ଦିଶୁ ନଥିଲା। ପାଦରେ ଭଲ ଚପଲ ନଥିଲା। ବେଶରେ ମଧ୍ୟ ମଳିନତା ଥିଲା। ଭଲ ବାସନରେ ଖାଦ୍ୟପେୟ ପରଷା ଯାଉଥିଲେ ମଧ୍ୟ ଅତି ସାଧାରଣ ବାସନରେ ଭୋଜନ କରୁଥିଲେ। ଆଶ୍ରମରୁ ଆସିଥିବା ପିଲାଙ୍କୁ ଲୋକମାନେ ଖୁବ୍ ଆଦର କରୁଥିଲେ। ଖାଦ୍ୟ, ବସ୍ତ୍ର, ଦକ୍ଷିଣା ମଧ୍ୟ ଦେଉଥିଲେ। ସେବା କରିବାକୁ ଲୋକେ ଆଗେଇ ଆସୁଥିଲେ। ମାତ୍ର ସରଳତାର ପରିଚୟ ଦେବାକୁ ଯାଇ କେହି କେହି ଖାଦ୍ୟ, ବସ୍ତ୍ର ଓ ସେବାକୁ ପ୍ରତ୍ୟାଖ୍ୟାନ କରୁଥିଲେ। ଯାହା ଦକ୍ଷିଣା ମିଳିଥିଲା, ଗୁରୁଜୀଙ୍କୁ ନ ଦେଇ ନିଜେ ରଖିଲେ। ଜଣେ ଶିଷ୍ୟ ଗୁରୁଙ୍କ ନିକଟରେ ସବୁକିଛି ମାନିଗଲା। ଖାଦ୍ୟ ଓ ଅର୍ଥ ପ୍ରତି ଥିବା ଲୋଭ, ବସ୍ତ୍ର ପ୍ରତି ଥିବା ଆକର୍ଷଣ ବିଷୟରେ କହିଲା। ଗୁରୁ ଜାଣିଲେ, ଏ ହେଉଛି ସରଳ ପିଲା। ସରଳ ମଣିଷର ପଥ ହିଁ ସତ୍ୟ। ଯିଏ ଲଜ୍ଜା, ସଂକୋଚ ନରଖି ନିଜର ଚରିତ୍ର ତଥା ଜୀବନକୁ ଉପଯୁକ୍ତ ମଣିଷ ନିକଟରେ ଖୋଲି ଦେଇଥାଏ, ସେ ହିଁ ସରଳ। ବାସ୍ତବରେ ସରଳ ଭଳି ଆଚରଣ କରିବା ତ ସହଜ। ମାତ୍ର ବାସ୍ତବ ଜୀବନରେ ସରଳ ହେବା ଅତ୍ୟନ୍ତ ଜଟିଳ ବ୍ୟାପାର।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହରିପୁର ଗ୍ରାମର ଶତାଧିକ ମତ୍ସ୍ୟଜୀବୀଙ୍କ ବିକ୍ଷୋଭ

**ଛତ୍ରପୁର,୨୯।୪/ଏନ୍ଏନ୍ଏସ୍:** ଛତ୍ରପୁର ବ୍ଲକ କାଳୀପଲ୍ଲୀ ପଞ୍ଚାୟତ ହରିପୁର ଗ୍ରାମର ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଓ ଜୀବିକାର ସୁରକ୍ଷା ଦାବି କରିଛନ୍ତି। ନାର୍ଯ୍ୟ ଦାବି ପୂରଣ ପାଇଁ ଆଜି ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହରିପୁର ମତ୍ସ୍ୟଜୀବୀ ସମବାୟ ସମିତି ଲିଃ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ ପୂର୍ବରୁ ଏକ ବିରାଟ ରାଲି ଡିଆରଡିଏ ଛକରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି ହରିପୁର ମତ୍ସ୍ୟଜୀବୀ ସମବାୟ ସମିତି ଲିଃ ପକ୍ଷରୁ ଏକ ୫ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଗୋପାଳପୁର ବେଳାଭୂମି ଓ ହରିପୁର ବନ୍ଦର ସଂଲଗ୍ନ ପଶ୍ଚାତ୍ ଭାଗ ମତ୍ସ୍ୟଚାଷ ନିମନ୍ତେ ବ୍ୟବହୃତ ଜମି ଦୀର୍ଘକାଳୀନ ମିଆଦୀ ଲିଜ ସୂତ୍ରରେ ଦିଆଯିବାକୁ ଦାବି ହୋଇଛି। ସମୁଦ୍ର ବେକ୍ ୱାଟର ସଂଲଗ୍ନ ନନ୍ଦିନୀ ନାଳର ପୁନରୁଦ୍ଧାର ସହ ବିଭିନ୍ନ ଦାବି ପୂରଣ ପାଇଁ ମତ୍ସ୍ୟଜିବୀମାନେ ଦାବି କରିଥିଲେ। ବିକ୍ଷୋଭରେ ସଂଗଠନ ସଭାପତି ବିଜୟ ବେହେରା, ସମ୍ପାଦକ ଚିନ୍ତାମଣି ବେହେରାଙ୍କ ସମେତ ନାରୀନେତ୍ରୀ ପ୍ରମୁଖ ଶତାଧିକ ମତ୍ସ୍ୟଜୀବୀ ସାମିଲ ହୋଇଥିଲେ।

# ଉପଖଣ୍ଡ ଚିକିତ୍ସାଳୟରେ ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ



**ଆସିକା,୨୯।୪/ଏନ୍ଏନ୍ଏସ୍:** ଆସିକା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ବୁଧବାର ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ ହୋଇଯାଇଛି। ଆସିକା ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ବାଲ୍‌ଗୋପାଳ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓଡିଶା ସରକାରଙ୍କ ମିଶନ୍ ଶକ୍ତି ବିଭାଗର ଆର୍ଥିକ ଅନୁଦାନରେ ସ୍ଥାପିତ ହୋଇଥିବା ଏହି ସୁଭଦ୍ରା ଶକ୍ତି କାଫେକୁ ବିଧାୟକ ସରୋଜ କୁମାର ପାଢୀ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆସିକା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଶାନ୍ତି କରସୁଧା ପଟ୍ଟନାୟକ, ବିପିସି କିରଣ କୁମାର ସାହୁ, ସୁଭଦ୍ରା ଶକ୍ତି କାଫେ ପରିଚାଳନା ଦାୟିତ୍ୱରେ ଥିବା ଚିନିଶିଳ୍ପ ନୁଆଗାଁର ନାରାୟଣ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ସବିତା ସ୍ୱାଇଁ ଓ ସଂପାଦିକା ପ୍ରତିମା ଜେନା, ଆସିକା ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ କର୍ମଚାରୀ ରଂଜନ କୁମାର ସ୍ୱାଇଁ, ରମାକାନ୍ତ ସାହୁ, ଦୀପକ କୁମାର ରାଉତ, ସଙ୍ଗୀତାରାଣୀ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ନାୟକ, ଅମିତ୍ କୁମାର ଦାଶ, ଶୁଭେନ୍ଦୁ ମହାପାତ୍ର, ବିଶ୍ୱଜିତ୍ ପ୍ରଧାନ, ସ୍ୱର୍ଣ୍ଣଲତା ଗୋଛାୟତ, ସରସ୍ୱତୀ ରାଓ, ଆଲୋକ ନାୟକ, ଅଜିତ୍ ପ୍ରଧାନ, ସଂସିତା ସ୍ୱାଇଁ, ମନୋଜ କୁମାର ରାଉତ, ମୁନ୍‌ମୁନ୍ ସେଠୀ, ଦୀପକ କୁମାର ସାହୁ, ମନୋଜ କୁମାର ପାଢୀଙ୍କ ସମେତ ସଚେତନ ନାଗରିକ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା। ରାଜ୍ୟ ସରକାରଙ୍କ ମିଶନ୍ ଶକ୍ତି ଦ୍ୱାରା ଆସିକା ଉପଖଣ୍ଡ ଚିକିତ୍ସାଳୟରେ ସୁଭଦ୍ରା ଶକ୍ତି କାଫେକୁ ସୁପରିଚାଳନା ପାଇଁ ନିଯୁକ୍ତି ପାଇଥିବା ଚିନିଶିଳ୍ପ ନୁଆଗାଁର ନାରାୟଣ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଏହି କାଫେରେ ସକାଳରେ ଗରମା ଗରମର ଟିଫିନ୍ ସହ ମଧାହ୍ନ ଓ ରାତ୍ରରେ ସ୍ୱାଦିଷ୍ଟ ଭୋଜନ ବିକ୍ରୀ ହେବ ବୋଲି ଜଣାପଡିଛି । ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସ୍ୱାବଲମ୍ବି ଓ ଆତ୍ମନିର୍ଭରଶୀଳ କରିବା କ୍ଷେତ୍ରରେ ଏହି ସୁଭଦ୍ରା ଶକ୍ତି କାଫେ ବିଶେଷ ସହାୟକ ହୋଇପାରିବ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଥିଲା ବେଳେ ବଡ ବଡ ସହର ଭଳି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଖୋଲିଥିବା ସୁଭଦ୍ରା ଶକ୍ତି କାଫେରେ ଲୋକେ ସୁଆଦିଆ ଖାଦ୍ୟ ଖାଇପାରିବେ ବୋଲି ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି ।

### ପୁରୁଷୋତ୍ତମପୁର ପଞ୍ଚାୟତ ସମିତିର ଅଷ୍ଟମ ଅଧିବେଶନ

## ପାନୀୟ ଜଳ, ରାସ୍ତା ସମସ୍ୟାର ସମାଧାନ ଦାବିକଲେ ଜନ ପ୍ରତିନିଧି

**ପୁରୁଷୋତ୍ତମପୁର,୨୯।୪/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ ସଭା ଗୃହଠାରେ ଅଷ୍ଟମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ପିଙ୍କି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ବିଡ଼ିଓ ଶରତ କୁମାର ବେହେରା ସଂଯୋଜନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ କୁମାର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ତହସିଲଦାର ବିନୋଦ କୁମାର ବେହେରା, ଅତିରିକ୍ତ ବିଡ଼ିଓ ଜ୍ୟୋତିର୍ମୟୀ ନାୟକ, ବ୍ଲକ ଏଓ ନାଗଭୂଷଣ ଯାଦବ ମଞ୍ଚାସିନ ଥିଲେ । ଅଧିବେଶନରେ ୩୬ ନଂ ଜିଲ୍ଲା ପରିଷଦ ସଭ୍ୟ ଭଜମନ ବେହେରା, ୩୭ ନଂ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜିତ ବେହେରା, ବିଭିନ୍ନ ବିଭାଗୀୟ ଅଧିକାରୀ, ଖରିଡା ସମିତି ସଭ୍ୟ ଅନିଲ କୁମାର ଦାଶ, ଆଛୁଲି ସରପଞ୍ଚ ସୁଧାକର ଗୌଡ଼, ଭୀମପୁର ସମିତି ସଭ୍ୟ ଜଗନ୍ନାଥ ପାତ୍ର, ସୁନାଥର ସରପଞ୍ଚ ଅନିଲ କୁମାର ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧିନସ୍ଥ ବିଭିନ୍ନ ଅଞ୍ଚଳରେ ଲାଗି ରହିଥିବା ସମସ୍ୟାକୁ ନେଇ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ ଜନ ପ୍ରତିନିଧି। ପାନୀୟ ଜଳ ଯୋଗାଣରେ ଅନେକ ଗ୍ରାମପଞ୍ଚାୟତରେ ଅସୁବିଧା ଲାଗି ରହିଥିବା, ସୁନଥର ଗ୍ରାମରେ ପାନୀୟ ଜଳର ଘୋର ଅଭାବ, ବିଭିନ୍ନ ଅଞ୍ଚଳରୁ ଅଳିଆ ଆବର୍ଜନା ଉଠାଉଥିବା ଗାଡ଼ି ପରିଚାଳନାରେ ଅବ୍ୟବସ୍ଥା, ବାଘଲା ଗ୍ରାମ ପଞ୍ଚାୟତରେ ସୋଲାର ଲାଇଟ୍ ଏବଂ ପାନୀୟ ଜଳ ସମସ୍ୟାକୁ ନେଇ ଜନ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଆଛୁଲି ଛକରୁ ବଡ଼ ବରଗାଁର ରାସ୍ତା ମରାମତି ପାଇଁ ଡିପିଆର ମାଧ୍ୟମରେ କରାଯିବା ପାଇଁ କବିସୂର୍ଯ୍ୟ ନଗର ବିଧାୟକ ସ୍ଥାନୀୟ ଜେଇଙ୍କ ସହ ଆଲୋଚନା କରିଥିଲେ। ମାତୃବନ୍ଧନ ଯୋଜନାରେ ଗର୍ଭବତୀ ମା'ଙ୍କୁ ମିଳୁଥିବା ଆର୍ଥିକ ସହାୟତା, ସୁଭଦ୍ରା ଶକ୍ତିରେ ଚତୁର୍ଥ କିସ୍ତି ଅର୍ଥ ପ୍ରଦାନ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ସେହିପରି ମହିଳା ଶିଶୁ ବିକାଶ ସମନ୍ୱୟ ଯୋଜନା ଉପରେ ସିଡ଼ିପିଓ ଲଳିତା ମଲ୍ଲିକ ଆଲୋଚନା କରିଥିଲେ । ଜଳାତଙ୍କ ରୋଗର ନିରାକରଣ ପାଇଁ ପଶୁ, ମଣିଷଙ୍କୁ ୫ ଥର ଭେକ୍ସିନ୍ ମାଗଣାରେ ଦିଆଯିବ ବୋଲି ପ୍ରାଣୀ ଚିକିତ୍ସା ଅଧିକାରୀ ମନୋଜ ଶତପଥୀ କହିଥିଲେ। ବୈଠକ ପରିଚାଳନାରେ ବ୍ଲକ ଜିପିଓ ରାଜେନ୍ଦ୍ର ପ୍ରସାଦ ଗୁରୁ, ପୂର୍ବତନ ଇନଚାର୍ଜ ଜିପିଓ ମୀନକେତନ ବେହେରା ଏବଂ ବହୁ କର୍ମଚାରୀ ସହଯୋଗ କରିଥିଲେ।

## ସୋଲଣ୍ଡି ଗ୍ରାମରେ ମହାଦେବ ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ





**ବୁଗୁଡ଼ା,୨୯।୪/ଏନ୍ଏନ୍ଏସ୍:** ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ସୋଲଣ୍ଡି ଗ୍ରାମରେ ବାବା ସୁବର୍ଣ୍ଣେଶ୍ୱର ମହାଦେବ ଓ ଶ୍ରୀହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଓ ଗୋଯଜ୍ଞ ଅନୁଷ୍ଠିତ ହୋଇଥିଲା ବେଳେ ଚଢିଆପଲ୍ଲୀ, ନୂଆ ତନରଡା, ଭାମଶ୍ୟାଳି, ମହୁଲପଲ୍ଲୀ, ଚାଞ୍ଚରାସାହି ଓ ସୋଲଣ୍ଡି ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳ ନାମଯଜ୍ଞରେ ଅଂଶ ଗ୍ରହଣ କରିଥିଲେ। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ, ବନଯାଗ, ରତ୍ନମୁଦ୍ର, ଶାଳାପୂଜା, ସୂର୍ଯ୍ୟପୂଜା, ମହାସ୍ନାନ, ଜୀବନ୍ୟାସ, ପାର୍ଶ୍ୱଧ୍ୱଜ ସ୍ଥାପନ ହୋଇଥିବା ବେଳେ ଅନ୍ତିମ ଦିବସରେ ନାମଯଜ୍ଞ ସମାପନ ସାଙ୍ଗକୁ ଦଧିଭାଣ୍ଡ ଭଞ୍ଜନ ଓ ନଗର ଭ୍ରମଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଷଷ୍ଠଦିବସୀୟ ଉତ୍ସବରେ ପୁରୋହିତ ଭାବେ ରବିନ୍ଦ୍ର କୁମାର ମହାପାତ୍ର, ଗୋପାଳ ଚନ୍ଦ୍ର ହୋତା ଓ ଗୌରୀ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ସତ୍ୟ ନାରାୟଣ ଭୂୟାଁ ଦାୟିତ୍ୱ ନିର୍ବାହ କରିଥିଲେ। ସୋଲଣ୍ଡି ଗ୍ରାମ୍ୟ କମିଟି ସଭାପତି ସୁରତ ଭୂୟାଁ, ସମ୍ପାଦକ ନନ୍ଦ କିଶୋର ଭୂୟାଁ ଓ କୋଷାଧକ୍ଷ ସନ୍ତୋଷ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଏବଂ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା।

### ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର

## ସୁସ୍ଥ ରହିବାକୁ ହେଲେ ଉନ୍ନତ ଜୀବନଶୈଳୀ ଓ ନିୟମିତ ବ୍ୟାୟାମ ଜରୁରୀ: ଜିଲ୍ଲାପାଳ



**ଛତ୍ରପୁର,୨୯।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶରେ ଆଜି ସ୍ଥାନୀୟ ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ବ୍ରହ୍ମପୁର ସ୍ଥିତ ସ୍ୱାସ୍ଥ୍ୟ ସଦନର ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା. ସୁନୀଲ କୁମାର କୋଟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଡିଆରଡିଏ ଅଧିକାରୀ ଏବଂ କର୍ମଚାରୀ ପ୍ରାୟ ୧୫୦ ଜଣ ବ୍ୟକ୍ତିବିଶେଷଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଶିବିରରେ ମଧୁମେହ, ରକ୍ତଚାପ, ଲିପିଡ୍ ପ୍ରୋଫାଇଲ, ଲିଭର ଫଙ୍କସନ ଟେଷ୍ଟ, ୟୁରିକ ଏସିଡ, ଚକ୍ଷୁ ପରୀକ୍ଷା ଓ ଲିଭର ଆଦିର ପରୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ଏହି ସବୁର ପରୀକ୍ଷା କରାଇବା ସହିତ ଆଜିର ବ୍ୟସ୍ତ ବହୁଳ ଜୀବନରେ ଡାଇବେଟିସ, ଥାଇରଏଡ୍, ଉଚ୍ଚ ରକ୍ତଚାପ, ମୋଟାପଣ ଆଦି ପ୍ରାୟ ଲୋକଙ୍କ ପାଖରେ ପରିଲିକ୍ଷିତ ହେଉଛି ଏହି ସବୁକୁ କମାଇବାକୁ ହେଲେ ଉନ୍ନତ ଜୀବନଶୈଳୀ ଓ ନିୟମିତ ବ୍ୟାୟାମର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ଏହା ସହିତ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନର ମୁଖ୍ୟମାନଙ୍କୁ ନିୟମିତ ଏଭଳି ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଆୟୋଜନ କରିବାକୁ ପରାମର୍ଶ ଦେଇଛନ୍ତି। ଖରାପ ଜୀବନଶୈଳୀଜନିତ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉପରୋକ୍ତ ରୋଗ ଗୁଡିକୁ ଠିକ ସମୟରେ ଚିହ୍ନଟ ଓ ନିୟମିତ ପରୀକ୍ଷା ମାଧ୍ୟମରେ ଏସବୁର ଜଟିଳତା ରୋକାଯାଇପାରିବ ବୋଲି ଡା. କୋଟା କହିଥିଲେ । ବ୍ରହ୍ମପୁର ସ୍ଥିତ ରୁବି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଚକ୍ଷୁ ପରୀକ୍ଷା କରାଯାଇଥିଲା।

## ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଛତ୍ରପୁର,୨୯।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟିଙ୍କୁ ବିଦାୟ ଓ ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସଚ୍ଚିଦାନନ୍ଦ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ପରିଷଦସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଡ. ପୃଷ୍ଟିଙ୍କୁ ଜଣେ ଦକ୍ଷ ଅଧିକାରୀ ବୋଲି ବର୍ଣ୍ଣନା କରିଥିଲେ । ଗଞ୍ଜାମ ଜିଲ୍ଲାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ ଠାରୁ ଆରମ୍ଭ କରି ଓସୱାସ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ବଦାୟୀ ଅତିରିକ୍ତ ଜିଲ୍ଲାପାଳ ସଫଳତାର ସହ ସମ୍ପାଦନ କରିଛନ୍ତି । ନିଜର ପ୍ରଜ୍ଞା ଓ ପରିଶ୍ରମ ଦ୍ୱାରା ଗଞ୍ଜାମ ଜିଲ୍ଲାରେ ଯେଉଁଭଳି ସୁନାମ ଅର୍ଜନ କରିଛନ୍ତି ସେହିଭଳି ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ସୁନାମ ଅର୍ଜନ କରନ୍ତୁ ବୋଲି ଜିଲ୍ଲାପାଳ କହିଥିଲେ। ସେହିଭଳି ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହିତ ଶ୍ରୀ ନାୟକ ତାଙ୍କର ଗଞ୍ଜାମ ଜିଲ୍ଲାର ପୂର୍ବ ପ୍ରଶାସନିକ ଅଭିଜ୍ଞତାକୁ ପାଥେୟ କରି ସମସ୍ତ ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ସକ୍ଷମ ହେବେ ବୋଲି ଜିଲ୍ଲାପାଳ ଆଶା ବ୍ୟକ୍ତ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଡ.ପୃଷ୍ଟି ତାଙ୍କର ବିଦାୟୀ ବକ୍ତବ୍ୟରେ ଗଞ୍ଜାମ ଜିଲ୍ଲା ଏକ ଅନନ୍ୟ ଜିଲ୍ଲା ବୋଲି ବର୍ଣ୍ଣନା କରିବା ସହିତ ଜିଲ୍ଲାର ଅଭିଜ୍ଞ ତଥା ବରିଷ୍ଠ କର୍ମଚାରୀଙ୍କ ସରକାରୀ ନୀତିନିୟମ ସମ୍ପର୍କିତ ଜ୍ଞାନର ପ୍ରଶଂସା କରିଥିଲେ। ନୂତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଗଞ୍ଜାମ ଜିଲ୍ଲାକୁ ପ୍ରଶାସନିକ ଓ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ଆଗକୁ ନେବାପାଇଁ ଜିଲ୍ଲାପାଳଙ୍କ ମାର୍ଗଦର୍ଶନ ଓ ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ । ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ସୁନୀଲ କୁମାର କେର୍କେଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ବ୍ରହ୍ମପୁର ଉନ୍ନୟନ ପରିଷଦର ସମ୍ପାଦକ ରମେଶ ହାଁସଦା, ଜିଲ୍ଲାର ସମସ୍ତ ଅଧିକାରୀ ମାନେ ଯୋଗଦେଇ ଡ. ପୃଷ୍ଟିଙ୍କ କର୍ତ୍ତବ୍ୟନିଷ୍ଠା, ପ୍ରଶାସନିକ ଦକ୍ଷତା, ଅନୁଶାସନ ଓ ଅନ୍ୟାନ୍ୟ ସୁଗୁଣର ସ୍ତୁତି ଚାରଣ କରିଥିଲେ । ବ୍ରହ୍ମପୁର ମହାନଗର ନିଗମର ଉପ ଆୟୁକ୍ତ କଲ୍ୟାଣୀ ସଂଘମିତ୍ରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଜନଆକ୍ରୋଶ ମହିଳା ସମାବେଶ




**ଫୁଲବାଣୀ,୨୯।୪/ଏନ୍ଏନ୍ଏସ୍:** ଲୋକସଭାରେ ଆଗତ ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରି କଂଗ୍ରେସ ଓ ବିଜେଡି ମହିଳା ମାନଙ୍କ ପ୍ରଗତିରେ ବାଧକ ସାଜିଛନ୍ତି ବୋଲି କହିଛି ଭାରତୀୟ ଜନତା ପାର୍ଟି। ଫୁଲବାଣୀ ଗ୍ରାମୀଣ ମଣ୍ଡଳ ପକ୍ଷରୁ ଗୁମାଗଡ଼ ଠାରେ ଆୟୋଜିତ ଜନ ଅକ୍ରୋଶ ରାଲିରେ ଯୋଗ ଦେଇ ଦଳୀୟ ନେତା ଏ ପରିପ୍ରେକ୍ଷୀରେ ଉଭୟ ଦଳ ଉପରେ ବର୍ଷିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାରୀ ମାନଙ୍କ ସଶକ୍ତିକରଣ ପାଇଁ ଏହି ଐତିହାସିକ ବିଲ୍ ଆଣିଥିବା ବେଳେ କଂଗ୍ରେସ ଓ ବିଜେଡି ଏହାକୁ ବିରୋଧ କରିବା ଦୁର୍ଭାଗ୍ୟଜନକ ବୋଲି କହିଛି ଦଳ। ଏ ଅବସରରେ ଆୟୋଜିତ ଏହି ରାଲିରେ ଶତାଧିକ ମହିଳା ଯୋଗ ଦେଇ ଗୁମାଗଡ଼ ହାଟପଦାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ବିରୋଧୀ ଦଳ ନେତା ରହୁଲ ଗାନ୍ଧୀ ଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜିତ କୁମାର ମଣ୍ଡଳ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଆଦିତ୍ୟ କହଁର, ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର, ମଣ୍ଡଳ ସାଧାରଣ ସମ୍ପାଦକ ଲଳିତ ଦିଗାଲ, ମହିଳା ମୋର୍ଚ୍ଚା ର ସଭାପତି ଦିପ୍ତିମଞ୍ଜରୀ କହଁର ଓ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଲୋକ ମହୋତ୍ସବ ଓ ବାଣିଜ୍ୟ ମେଳା ଲାଭାଂଶ ରାଶି ରେଡ୍‌କ୍ରସ୍‌କୁ ପ୍ରଦାନ



**ଫୁଲବାଣୀ,୨୯।୪/ଏନ୍ଏନ୍ଏସ୍:** ଦ୍ୱିତୀୟ କନ୍ଧମାଳ ଲୋକ ମହୋତ୍ସବ ଓ ବାଣିଜ୍ୟ ମେଳା ଦୀର୍ଘ ୧୨ ଦିନ ଧରି କରୋନେସନ୍ ପଡ଼ିଆ ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇଥିଲା। ଏହାର ଲାଭାଂଶ ରାଶି ୧୧ହଜାର ୧୧୧ଟଙ୍କା ସନ୍ଧ୍ୟାରେ କନ୍ଧମାଳ ଜିଲ୍ଲାପାଳଙ୍କୁ ଚେକ୍ ଆକାରରେ ପ୍ରଦାନ କରାଗଲା। କନ୍ଧମାଳ ଜିଲ୍ଲାର ଗରୀବ ଅସହାୟ ଲୋକଙ୍କ ଶାରୀରିକ ଅସୁସ୍ଥତା ବେଳେ ସହାୟତା ନିମନ୍ତେ ରେଡ୍ କ୍ରସ୍ ଫଣ୍ଡକୁ ଏହି ରାଶି ପ୍ରଦାନ କରାଗଲା। ଉପଜିଲ୍ଲାପାଳଙ୍କୁ ମଧ ବାଣିଜ୍ୟ ମେଳା କମିଟି ପକ୍ଷରୁ ରେଡ୍ କ୍ରସ୍ ବାବଦକୁ ୩ହଜାର ଟଙ୍କା ପ୍ରଦାନ କରଯାଇଛି। ମୋଟ ୧୪ହଜାର ୧୧୧ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କୁ ଚେକ୍ ପ୍ରଦାନ କରିବାବେଳେ କନ୍ଧମାଳ ଲୋକ ମହୋତ୍ସବ ଓ ବାଣିଜ୍ୟ ମେଳା କମିଟି ଅଧ୍ୟକ୍ଷ ସୁନୀଲ ପଟ୍ଟ ନାୟକ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଧାମୋହନ ମହାପାତ୍ର, କୋଷାଧକ୍ଷ ପ୍ରସନ୍ନ ସ୍ୱାଇଁ, ବରିଷ୍ଠ ସଦସ୍ୟ ନୀଳ ମାଧବ ମିଶ୍ର ଉପସ୍ଥିତ ଥିଲେ। ଆର୍ଥିକ ସହଯୋଗ ପାଇଁ ଜିଲ୍ଲାପାଳ କମିଟିର ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଏହି ସାଧୁ ଉଦ୍ୟମ ପାଇଁ ପ୍ରଶଂସା କରିଛନ୍ତି।

## ଗୃହପାଳିତ ପଶୁଙ୍କ ପାଇଁ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା କାର୍ଯ୍ୟକାରୀ ଦାବି




**ଆସିକା,୨୯।୪/ଏନ୍ଏନ୍ଏସ୍:** ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ସେମାନଙ୍କୁ ଉନ୍ନତମାନର ତଥା ତ୍ୱରିତ୍ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ୧୦୮ ଆମ୍ବୁଲାନ୍ସ ସେବା କାର୍ଯ୍ୟକାରୀ କରାଯାଇଛ। ତେବେ ଗୃହପାଳିତ ପ୍ରାଣୀ ଯଥା ଗାଈ, ମଇଁଷି, ଛେଳି, ମେଣ୍ଢାକୁ ଆବଶ୍ୟକତା ସମୟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଯୋଗାଇଦେବା ପାଇଁ ବିଭିନ୍ନ ମହଲରେ ଦୃଢ ଦାବି ହେଉଥିବା ଦେଖିବାକୁ ମିଳିଛି। ପ୍ରାଣୀମାନଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ବିଗତ କିଛି ବର୍ଷ ତଳେ ଆରମ୍ଭ କରିଥିବା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍ ଜରିଆରେ ଆସିକା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡାକ୍ତର ଆଶୁତୋଷ ଚୌଧୁରୀ, ଏମ୍‌ଭିୟୁ ବିଦ୍ୟାସାଗର ସାହାଣୀ, ପ୍ରାଣୀଧନ ନୀରିକ୍ଷକ ସ୍ମୃତିରଂଜନ ବିଶ୍ୱାଳ, ସୁଶାନ୍ତ କୁମାର ଡାକୁଆ, ସସ୍ମିତା ପଣ୍ଡା, ପ୍ରିୟଜନ କହଁର, ଆଲୋକ ପାତ୍ର, ସୁଦର୍ଶନ ନାୟକଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ପ୍ରାଣୀଙ୍କ ରୋଗ ଚିହ୍ନଟ, ନମୁନା ପରୀକ୍ଷା, ଟୀକାକରଣ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରୁଥିବା ଦେଖିବାକୁ ମିଳୁଛି। ଆସିକା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ କାର୍ଯ୍ୟାଳୟରେ ଅଦ୍ୟାବଧି ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା କାର୍ଯ୍ୟକାରୀ କରାଯାଇନଥିବା ଯୋଗୁଁ ବିଭିନ୍ନ ସମୟରେ ଗାଈଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଗୋପାଳକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏ ସଂପର୍କରେ ଆସିକା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଯେ ରାଜ୍ୟ ସରକାର ଯୋଗାଇ ଦେଇଥିବା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍ ଜରିଆରେ ପ୍ରତ୍ୟେକ ଦିନ ୨ଟି ଗାଁକୁ ପରିଦର୍ଶନ କରାଯାଇ ଅସୁସ୍ଥ ପ୍ରାଣୀମାନେ କିପରି ଉନ୍ନତ ମାନର ଚିକିତ୍ସାସେବା ପାଇପାରିବେ ତାହାକୁ ଦୃଷ୍ଟିରେ ରଖି ସେବା ଯୋଗାଇ ଦିଆଯାଉଛି। ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଗୃହପାଳିତ ପଶୁ ଓ ବୁଲା ପ୍ରାଣୀ ମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଯୋଗାଇଦେବା ଦିଗରେ ପଦକ୍ଷେପ ନେବାକୁ ସଚେତନ ନାଗରିକ ମହଲରେ ଦୃଢ ମତ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଇଛି ।

## ମୃତକ ଓ ଅବସରପ୍ରାପ୍ତ ହୋମ୍‌ଗାର୍ଡଙ୍କ ପରିବାରଙ୍କୁ ସହାୟତା



**ଫୁଲବାଣୀ,୨୯।୪/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କ ନିଷ୍ପତ୍ତି ପ୍ରକାରେ ଗୃହରକ୍ଷୀ କମାଣ୍ଡେଣ୍ଟ ହରିଶ୍ ବିସିଙ୍କ ସହଯୋଗରେ ରୋଗ ଶଯ୍ୟାରେ ପଡ଼ି କୋଟଗଡ଼ ଥାନାରେ କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରିଥିବା ହୋମଗାର୍ଡ ନିଳାଞ୍ଚଳ ଦଣ୍ଡସେନାଙ୍କ ପରିବାର ସଦସ୍ୟଙ୍କୁ ଜିଲ୍ଲାର ସମସ୍ତ ଶୃଙ୍ଖଳିତ ହୋମଗାର୍ଡ କର୍ମଚାରୀ ମାନଙ୍କ ଗୋଟିଏ ଦିନର ଦରମା ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ତା ସହିତ ଫିରିଙ୍ଗିଆ ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ହୋମଗାର୍ଡ କର୍ମଚାରୀ ସରୋଜ ମାଝୀଙ୍କୁ ମଧ୍ୟ ସଗଠନ ତରଫରୁ ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଘ ଆବାହକ ତଥା ଉପ ସଭାପତି ବିରାଜ କୁମାର ପ୍ରଧାନ , କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ରାୟ, ଜୟନ୍ତୀ ଚୈଧୁରୀ ଉପସ୍ଥିତ ଥିଲେ।

# ମଦ ଜବତ, ୬ ଗିରଫ



**ସୋର,୨୯।୪/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶୀ ରନ୍ଧା ମଦ ଓ ବିଅର ଜବତ କରାଯିବା ସହ ୬ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ ଓ ଅବକାରୀ ଉପ-ଅଧୀକ୍ଷକ ସ୍ୱପ୍ନାରାଣୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସ୍ୱତନ୍ତ୍ର ଅଭିଯାନ ଚାଲିଥିଲା। ଜିଲ୍ଲା ଭ୍ରମ୍ୟମାଣ ନିରୀକ୍ଷକ ହରିହର ସିଂ, ବାଲେଶ୍ୱର-୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ ଏବଂ ଏପିଆର ଫୋର୍ସଙ୍କୁ ନେଇ ଗଠିତ ଟିମ୍ ରେମୁଣା ଓ ଖନ୍ତାପଡ଼ା ଥାନା ଅନ୍ତର୍ଗତ ଦୁର୍ଗାଦେବୀ, ଟିକିରାପାଳ, ଶିଳସୁଆଁ, ରେଡ ସାହି, କସାବାଜୟପୁର, ଡାଳିଂଗିଆ ଏବଂ ଶିମିଳିପାଳ ଗ୍ରାମାଞ୍ଚଳରେ ଚଢ଼ଉ କରିଥିଲେ। ଏହି କାର୍ଯ୍ୟାନୁଷ୍ଠାନ ସମୟରେ ୧୫୫ ଲିଟର ଦେଶୀ ରନ୍ଧା ମଦ ଓ ୧୩ ଲିଟର ବିଅର ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଏହି ମାମଲାରେ ପୁଲିସ ଭଦ୍ରସିଆ ଗ୍ରାମର ଜୟରାମ ମହାରଣା, ଶିମିଳିପାଳ ଗ୍ରାମର କଟିବାବୁ ସିଂ ଓ ପଞ୍ଚାନନ ସିଂ, ଟିକିରାପଲ ଗ୍ରାମର ରବୀନ୍ଦ୍ର ମହାଲିକ, କାଶବାଜୟପୁର ଗ୍ରାମର ଦମ୍ବରୁଧର ବେହେରା ଏବଂ ଡାଳିଂଗିଆ ଗ୍ରାମର ରାମଚନ୍ଦ୍ର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢ଼ଉରେ ଅବକାରୀ ସହ ଉପ-ନିରୀକ୍ଷକ ଲମ୍ବୋଦର ମହାନ୍ତ ଓ କନ୍ଷ୍ଟେବଲ ନହାନ ମୁର୍ମୁ, ସୁନାରାମ ସୋରେନ, ପଙ୍କଜ ମହାନ୍ତି, ସୁବୀରକାନ୍ତ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନଂ ୩୫, ୩୬/୨୬-୨୭ ଏବଂ ୨୨, ୨୩, ୨୪, ୨୫/୨୬-୨୭ ଅନୁଯାୟୀ ମୋଟ ୬ଟି ମାମଲା ରୁଜୁ କରାଯାଇଛି।

# ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଉତ୍କଳ ସାମ୍ବାଦିକ ସଂଘ



**ବାରିପଦା,୨୯।୪/ଏନ୍ଏନ୍ଏସ୍:** ସାମ୍ବାଦିକମାନଙ୍କ ମୌଳିକ ସମସ୍ୟା ଓ ସୁରକ୍ଷାକୁ ନେଇ ଆଜି ସାରା ରାଜ୍ୟରେ ଆନ୍ଦୋଳନର ସ୍ୱର ଶାଣିତ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ରାଜ୍ୟର ସର୍ବପୁରାତନ ସାମ୍ବାଦିକ ୟୁନିୟନ 'ଉତ୍କଳ ସାମ୍ବାଦିକ ସଂଘ' ମୟୂରଭଞ୍ଜ ଶାଖା ପକ୍ଷରୁ ଜିଲ୍ଲା ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ସହ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକମାନେ ସମାଜର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତା ଏବେ ବି ପ୍ରଶ୍ନଘେରରେ ଥିବା ବେଳେ ଏହି ଅବସରରେ ୬ ଦଫା ଦାବି ଉପସ୍ଥାପନା କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହ ଯୋଗ୍ୟ ସାମ୍ବାଦିକଙ୍କୁ ବ୍ୟାପକ ମାନ୍ୟତା ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ୬୦ ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ମାସିକ ୧୫ ହଜାର ଟଙ୍କାର ପେନସନ ବ୍ୟବସ୍ଥା ଏବଂ ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନ ଆଦି ଅନ୍ତର୍ଭୁକ୍ତ ରହିଛି। ଏଥିସହ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମ୍ବାଦିକଙ୍କ ପରିବାର ଓ ପିତାମାତାଙ୍କୁ ସାମିଲ କରିବା ସହ ଅନୁକମ୍ପାମୂଳକ ସହାୟତା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ସଂଘ ଦାବି କରିଛି। ସାମ୍ବାଦିକମାନେ ଜୀବନକୁ ପାଣି ଛଡ଼ାଇ ଖବର ସଂଗ୍ରହ କରୁଥିବା ବେଳେ ସରକାରଙ୍କ ଉଦାସୀନତାକୁ ବରିଷ୍ଠ ସାମ୍ବାଦିକମାନେ ସମାଲୋଚନା କରିଛନ୍ତି। ଏହି ପ୍ରତିବାଦ ସଭାରେ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ଶତାଧିକ ସାମ୍ବାଦିକ ସାମିଲ ହୋଇ ନିଜର ଏକତା ପ୍ରଦର୍ଶନ କରିବା ସହ ଆଗାମୀ ଦିନରେ ଦାବି ପୂରଣ ନହେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଏସ୍ପିଙ୍କୁ ଭେଟିଲେ ପରୀକ୍ଷାର୍ଥୀ



**ବାଲେଶ୍ୱର,୨୯।୪/ଏନ୍ଏନ୍ଏସ୍:** ବିଭିନ୍ନ ସରକାରୀ ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ବାଲେଶ୍ୱରର ବିଦ୍ୟାର୍ଥୀ ଓ ଯୁବାଗୋଷ୍ଠୀ ବୁଧବାର ଜିଲ୍ଲା ପୁଲିସ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ସାକ୍ଷାତ କରିଛନ୍ତି। ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ସହରର ବିଭିନ୍ନ ହଷ୍ଟେଲ ଓ ମେସରେ ରହି ପାଠ ପଢୁଥିବା ପ୍ରାୟ ୫୦ରୁ ଅଧିକ ବିଦ୍ୟାର୍ଥୀ ଏସପିଙ୍କ ସହ ଆଲୋଚନା କରିବା ସହ ନିଜର ସମସ୍ୟା ଜଣାଇଛନ୍ତି। ବିଶେଷ କରି ପ୍ରତିରକ୍ଷା ସେବା, ଏସଏସସି (ଜିଡି, ବିଏସଏଫ, ସିଆଇଏସଏଫ, ସିଆରପିଏଫ, ଏସଏସବି), ପୁଲିସ, ଟେରିଟୋରିଆଲ ଆର୍ମି, ଗୃହରକ୍ଷୀ, ବନ ବିଭାଗ, ଅଗ୍ନିଶମ ସେବା, ଓଡ୍ରାଫ ଓ ରେଲବାଇ ଭଳି ବିଭିନ୍ନ ନିଯୁକ୍ତି ପରୀକ୍ଷା ପାଇଁ ଶାରୀରିକ ତାଲିମ ନିହାତି ଜରୁରୀ ହୋଇଥିବା ବେଳେ ସହରରେ ଉପଯୁକ୍ତ ପଡ଼ିଆର ଅଭାବ ଥିବା ସେମାନେ ଦର୍ଶାଇଛନ୍ତି। ପୂର୍ବରୁ ବିଦ୍ୟାର୍ଥୀମାନେ ପୁଲିସ ଲାଇନ ପଡ଼ିଆରେ ଅଭ୍ୟାସ କରୁଥିଲେ, ମାତ୍ର କିଛି ମାସ ହେବ ଏହା ସାଧାରଣ ଜନତାଙ୍କ ପାଇଁ ବନ୍ଦ ରହିଥିବାରୁ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ବିଦ୍ୟାର୍ଥୀଙ୍କ ସଫଳତାରେ ବାଧକ ସାଜୁଥିବାରୁ ପ୍ରତ୍ୟହ ସକାଳେ ଅତିକମରେ ଦୁଇରୁ ତିନି ଘଣ୍ଟା ପାଇଁ ପଡ଼ିଆଟିକୁ ଖୋଲିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି। ଏହି ସାକ୍ଷାତ ସମୟରେ ବିଦ୍ୟାର୍ଥୀମାନେ ଏସପିଙ୍କ ଠାରୁ ପରୀକ୍ଷା ପ୍ରସ୍ତୁତି ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ମଧ୍ୟ ଗ୍ରହଣ କରିଛନ୍ତି। ଆଲୋଚନା ବେଳେ ଶୀତାଂଶୁ ଶେଖର ସେନାପତି, ପାପସ କୁମାର ପ୍ରଧାନ, ଅନିଲ ସ, ଦିଲ୍ଲୀପ ଜେନା, ପିଙ୍କୁନାଥ ବାରିକ, ହିମାଂଶୁ ଶେଖର ଜେନା, ଲକ୍ଷ୍ମୀପ୍ରିୟା ମହାନ୍ତି, ପୂର୍ଣ୍ଣିମା ନାୟକ, ସ୍ୱାଗତିକା ତରାଇ ଏବଂ ସସ୍ମିତା ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବାଇକ୍ ଦୁର୍ଘଟଣାକୁ ନେଇ ଦହପଡ଼ାରେ ଗୋଷ୍ଠୀ ସଂଘର୍ଷ

**ବାଲେଶ୍ୱର,୨୯।୪/ଏନ୍ଏନ୍ଏସ୍:** ବାଲେଶ୍ୱର ସହର ଉପକଣ୍ଠ ଦହପଡ଼ା ଅଞ୍ଚଳରେ ଏକ ବାଇକ ଦୁର୍ଘଟଣାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ଘଟିଥିବା ଏକ ବାଇକ ଦୁର୍ଘଟଣାକୁ ନେଇ ଦହପଡ଼ା ଏବଂ କଣ୍ଟାବଣିଆ ଗ୍ରାମର ଯୁବକମାନଙ୍କ ମଧ୍ୟରେ ବିବାଦ ସୂତ୍ରପାତ ହୋଇଥିଲା। ଏହି ଘଟଣାଟି ଗୁରୁବାର ଦିନ ଭୟଙ୍କର ରୂପ ନେଇଥିଲା, ଯାହାଫଳରେ ଉଭୟ ପକ୍ଷ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହି ସଂଘର୍ଷରେ କିଛି ଯୁବକ ଆହତ ହୋଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ସହଦେବଖୁଣ୍ଟା ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପୁଲିସ ପକ୍ଷରୁ ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଉଭୟ ଗ୍ରାମରେ ଉତ୍ତେଜନା ଲାଗି ରହିଥିଲେ ହେଁ ପୁଲିସର ଉପସ୍ଥିତି ଯୋଗୁଁ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ପୁଲିସ ଏହି ମାମଲାରେ ଅଧିକ ଅନୁଧ୍ୟାନ ଜାରି ରଖିଛି।

## ଅସୁରାଳିରେ ଜନ ଅଭିଯୋଗ ଶୁଣାଣି

# ସମସ୍ୟାର ସମାଧାନକୁ ପ୍ରାଥମିକତା: ମନ୍ତ୍ରୀ




**ଧାମନଗର,୨୯।୪/ଏନ୍ଏନ୍ଏସ୍:** ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୁଧବାର ଅସୁରାଳିଠାରେ ଏକ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କ ସମସ୍ୟା ବୁଝିଛନ୍ତି। ସ୍ଥାନୀୟ ବାଜପେୟୀ ଭବନଠାରେ ଆୟୋଜିତ ଏହି ଶୁଣାଣିରେ ମନ୍ତ୍ରୀ ଦୀର୍ଘ ସମୟ ଧରି ଉପସ୍ଥିତ ରହି ବ୍ୟକ୍ତିଗତ ଓ ସାମୁହିକ ଭାବେ ଆସିଥିବା ପାଖାପାଖି ୧୫୦ ଜଣଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ଡ୍ରେନେଜ୍, ଭତ୍ତା, ରାଜସ୍ୱ ଓ ବିଦ୍ୟୁତ୍ ବିଭାଗ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିବା ବେଳେ ଏହାର ସମାଧାନ ପାଇଁ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟରେ ଲୋକଙ୍କ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ନିଜେ ଅଭିଯୋଗ ଶୁଣି ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିଛନ୍ତି ଏବଂ ସେହି ଧାରାକୁ ପାଥେୟ କରି ଧାମନଗରରେ ସମସ୍ୟାର ସମାଧାନକୁ ହିଁ ପ୍ରାଥମିକତା ଦିଆଯାଉଛି। କାର୍ଯ୍ୟକ୍ରମ ସମୟରେ ଜଣେ ଦିବ୍ୟାଙ୍ଗ ଯୁବତୀ ପହଞ୍ଚି ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଶୁଣାଣି ସମୟରେ ବରିଷ୍ଠ ନେତୃତ୍ୱ ଅଶୋକ ପୁହାଣ, ମନୋରଞ୍ଜନ ମଲ୍ଲିକ, ଅଜୟ ବଳ, ବୁଦ୍ଧଦେବ ଜେନା, ରାଜେନ୍ଦ୍ର ସାହୁ, ବୈକୁଣ୍ଠ ନାଥ ସାହୁ, ଶ୍ରୀକାନ୍ତ ନାୟକ, ସରୋଜ ସ୍ୱାଇଁ, ମନୋଜ ଦାସ, ରଘୁନାଥ ଲେଙ୍କା, ରଞ୍ଜନ ମହାନ୍ତି, ମିନତୀ ସାହୁ, ସୂରଜ ସାହୁ ଏବଂ ହୃଷିକେଶ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଭଦ୍ରକରେ ରବି ଧାନ କ୍ରୟ ପ୍ରସ୍ତୁତି

# ମେ ୨୦ରୁ ସଂଗ୍ରହ, ଚାଷୀ ପାଇବେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା



**ଭଦ୍ରକ,୨୯।୪/ଏନ୍ଏନ୍ଏସ୍:** ଆସନ୍ତା ରବି ଧାନ କ୍ରୟ ଋତୁ-୨୦୨୬ ପାଇଁ ଭଦ୍ରକ ଜିଲ୍ଲାରେ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଆସନ୍ତା ମେ ୨୦ ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଜିଲ୍ଲାରେ ମଲ୍ଟିପର୍ପୋଜ୍ ପ୍ୟାକ୍ସ ଓ ସମସ୍ତ ବ୍ଲକରେ ମଡେଲ ମଣ୍ଡି ପ୍ରତିଷ୍ଠା କରିବା ପାଇଁ ସମବାୟ ସମିତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଧାନ ଓ ଚାଉଳ ସାଇତି ରଖିବା ପାଇଁ ଗୋଦାମ ଗୃହର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଜିଲ୍ଲାରେ ୬୫୯୮.୨ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ପ୍ରାୟ ୧୮୫୦୧.୦୯ ମେଟ୍ରିକ ଟନ୍ ବଜାରଯୋଗ୍ୟ ଧାନ ସଂଗ୍ରହ ହେବାର ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ ନୂତନ ବ୍ୟବସ୍ଥା ଅନୁଯାୟୀ, ଇନପୁଟ ସହାୟତା ମିଶାଇ ଚାଷୀମାନେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବେ। ରବି ଧାନ ପାଇଁ ଜିଲ୍ଲାରେ ମୋଟ ୨୯୦୬ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୨୬ଟି ପାକ୍ସ ଓ ୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମୋଟ ୩୨ଟି ପିପିସି ମାଧ୍ୟମରେ ଧାନ କ୍ରୟ କରାଯିବ। ବୈଠକରେ ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ମିଲର ସଂଘ ସମ୍ପାଦକ ଶେଖର ମହାପାତ୍ର ଏବଂ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ସୁରୁଖୁରୁରେ ଧାନ ସଂଗ୍ରହ ପାଇଁ ମତ ରଖିଥିଲେ। ବର୍ତ୍ତମାନ ଚାଷୀଙ୍କ ବ୍ୟାଙ୍କ ଖାତା ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବା ବେଳେ ସନ୍ଦିଗ୍ଧ ଜମିଗୁଡ଼ିକର ଓପିଏଲଏସ୍ ଜରିଆରେ ଅତିରିକ୍ତ ଯାଞ୍ଚ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ



**ସୋର,୨୯।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୯ ତମ ଜୟନ୍ତୀ ଓ ସ୍ୱାଭିମାନ ଦିବସ ସୋର ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍ତରେଶ୍ୱର ସ୍ଥିତ ସଂସ୍କୃତି ଭବନ ସଭାଗୃହରେ ପାଳିତ ହୋଇଯାଇଛି। ସମ୍ବାଦ ସାହିତ୍ୟ ଘରର ସଭାପତି ବିଜୟ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସୋର ନାଗରିକ ମଞ୍ଚର ସଭାପତି ନବକିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଧାନାଥ ପାଠାଗାରର ସମ୍ପାଦକ ଦାମୋଦର ଦାଶମହାପାତ୍ର ମୁଖ୍ୟବକ୍ତା ଭାବେ ଏବଂ ସମ୍ବାଦ ସାହିତ୍ୟ ଘର ସମ୍ପାଦକ ରବୀନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଧୁବାବୁଙ୍କ ମହାନ ଜୀବନୀ ଓ ଓଡ଼ିଶା ଗଠନରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ପଣ୍ଡା, ଚେମେଇ ଦାସ, ଚକ୍ରଧର ପାଢ଼ୀ, ସାମ୍ବାଦିକ ହେମନ୍ତ ବାରିକ, ଜ୍ୟୋତିପ୍ରକାଶ ଦୀକ୍ଷିତ, ସୀତାରାମ ପାତ୍ର, ରମାକାନ୍ତ ପଣ୍ଡା ଓ ଅଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଉତ୍କଳ ଗୌରବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଭୟ କୁମାର ପତ୍ରୀ ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମୋଦ କୁମାର ଦାସ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଶେଷରେ ପଥରଶିଳ୍ପୀ ନରେନ୍ଦ୍ର ସାମଲ ଧନ୍ୟବାଦ୍ ଦେଇଥିଲେ।

## ଏଫ୍ଏମୟୁରେ ଗ୍ରାମୀଣ ଫୁଟ୍ବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ପ୍ରତିଭା ଅନ୍ୱେଷଣରେ ବାହାରିବେ ୧୬ ଦଳ



**ବାଲେଶ୍ୱର,୨୯।୪/ଏନ୍ଏନ୍ଏସ୍:** ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ବହୁ ପ୍ରତୀକ୍ଷିତ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫-୨୬ର ଶୁଭାରମ୍ଭ ହୋଇଯାଇଛି। ଗ୍ରାମୀଣ ଅଞ୍ଚଳରୁ ପ୍ରତିଭାଶାଳୀ ଫୁଟବଲ୍ ଖେଳାଳିଙ୍କୁ ଚିହ୍ନଟ ଓ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ନିଷ୍ଠା ଓ ଶୃଙ୍ଖଳାର ସହ ଖେଳିବାକୁ ଆହ୍ୱାନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଗ୍ରାମୀଣ କ୍ରୀଡ଼ାର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିବା ବେଳେ କୁଳସଚିବ କୁକୁମୀନା ଦାସ ସମସ୍ତ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ କ୍ଲବ୍‌କୁ ପ୍ରତିନିଧିତ୍ୱ କରୁଥିବା ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ବାଲିଆପାଳ ବ୍ଲକ, ଦୁର୍ଗାଦେବୀପୁର (ରେମୁଣା), ବାଲେଶ୍ୱର ସଦର, ଚତୁରିଖୁଣ୍ଟା, ବାଲେଶ୍ୱର ପୌରପାଳିକା, ଏମ୍.ଜି କ୍ଲବ୍ (ନୂଆପାଢୀ), ନିମପାଳ (ନିଳଗିରି ବ୍ଲକ୍), ମଖାପଦା, ମହାବୀର କ୍ଲବ୍ ସିରେଇପୁର, ସିମୁଳିଆ ବ୍ଲକ୍, ଔପଦା ବ୍ଲକ୍, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାହାନଗା ବ୍ଲକ୍, ନିଳଗିରି ବ୍ଲକ୍, ଜଳେଶ୍ୱର ବ୍ଲକ୍ ଓ ରେମୁଣା ବ୍ଲକ୍ ସାମିଲ ଅଛନ୍ତି। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଏବଂ ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ସଂଗ୍ରାମ ବିଶୋଇଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଯୁବ ସଶକ୍ତିକରଣ ଓ ଗ୍ରାମୀଣ କ୍ରୀଡ଼ାବିତଙ୍କ ପାଇଁ ଏକ ମହତ୍ୱପୂର୍ଣ୍ଣ ସୋପାନ ହେବ ବୋଲି ଆଶା କରାଯାଉଛି।

# ହାତୀ ଉପଦ୍ରବ: ଆମ୍ବ ବଗିଚା ସହ ବ୍ୟାପକ ଫସଲ ନଷ୍ଟ

**ତେଲକୋଇ,୨୯।୪/ଏନ୍ଏନ୍ଏସ୍:** କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜରେ ବଣୁଆ ହାତୀଙ୍କ ଉପଦ୍ରବ ଜନଜୀବନକୁ ଅତିଷ୍ଠ କରିଦେଇଛି। ଗତକାଲି ରାତିରେ ତେଲକୋଇ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଖୁଣ୍ଟାପଡ଼ା ଗ୍ରାମରେ ଦୁଇଟି ହାତୀ ପଶି ବ୍ୟାପକ କ୍ଷୟକ୍ଷତି କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ବିରଞ୍ଚି କୁମାର ବେହେରାଙ୍କ ଡିମିରିବନ୍ଧ ଚକରେ ଥିବା ଫାର୍ମ ହାଉସରେ ହାତୀ ପଶି ଆମ୍ବ, ନଡ଼ିଆ, କଦଳୀ, ସପୁରୀ, ଲିଚୁ ଓ ବାଉଁଶ ପ୍ରଭୃତି ଗଛ ଉପାଡ଼ି ଖାଇବା ସହିତ ତାରବାଡ଼ ଓ ସିମେଣ୍ଟ ଖୁଣ୍ଟଗୁଡ଼ିକୁ ମାଡ଼ିଦଳି ନଷ୍ଟ କରିଦେଇଛନ୍ତି। ଏହାସହ ବ୍ରଜକିଶୋର ପ୍ରଧାନ, ଅଶୋକ କୁମାର ସାହୁ, ନିରଞ୍ଜନ ସାହୁ ଓ କଳାକର ସାହୁଙ୍କ



ଆମ୍ବ ବଗିଚା ମଧ୍ୟ ହାତୀପଲ ଉଜାଡ଼ି ଦେଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳରେ ବର୍ଷସାରା ହାତୀଙ୍କ ଉପଦ୍ରବ ଲାଗି ରହୁଥିବାରୁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ ବିଭାଗ ପକ୍ଷରୁ ହାତୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ସହିତ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


**ସର୍ବସାଧାରଣ ସୂଚନା**

ସ୍ୱତନ୍ତ୍ର ମାଇକ୍ରୋ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ୍ (Svatantra Micro Housing Finance Corporation Limited - CIN:U67190MH2008PLC182274) (SMHFC) ଦ୍ୱାରା ଭାରତୀୟ ରିଜର୍ଭ ବ୍ୟାଙ୍କ (ଅଣ-ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ ଶାଖା ଅନୁମୋଦନ) ନିର୍ଦ୍ଦେଶାବଳୀ, ୨୦୨୫ର ଧାରା ୧୧ ଅନୁଯାୟୀ ଏହି ସୂଚନା ଜାରି କରାଯାଉଛି। ଏହା ମାଧ୍ୟମରେ ଅବଗତ କରାଯାଉଛି ଯେ, ପ୍ରଶାସନିକ ଆବଶ୍ୟକତା କାରଣରୁ SMHFC ଏହାର ଶାଖା କାର୍ଯ୍ୟାଳୟ (ସାହାଜି ରୁମ୍ ନମ୍ବର-୨, ପ୍ରଥମ ମହଲା, ଗଣେଶ ଭବନ, ସିଦ୍ଧ ମହାବୀର ମନ୍ଦିର ନିକଟ, ଜିଲ୍ଲା-ପୁରୀ, ପିନ୍ ନମ୍ବର- ୭୫୨୦୦୨ ଠାରେ ଅବସ୍ଥିତ) କୁ ୩୦.୦୭.୨୦୨୬ରୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି।

**AFFIDAVIT**

By virtue of an affidavit sworn before the Executive Magistrate, Bhadrak on 16.03.2026, I, Subhasmita Swain, D/O- Ranjan Swain, Resident of Village- Rajendrapur, PO- Barikpurbazar, PS- Dhamnagar, Dist- Bhadrak, Odisha, do hereby declare that my actual and correct name is Subhasmita Swain. However, in my LIC Policy No. 588426797, my name has been erroneously mentioned as Baisakhi Swain. I solemnly affirm that Subhasmita Swain and Baisakhi Swain are the same and one identical person. This affidavit is being published to notify the concerned LIC Authority and the general public for the necessary correction of my name as Subhasmita Swain instead of Baisakhi Swain in all official records.

Deponent:
Subhasmita Swain
Village- Rajendrapur, Bhadrak

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)

OFFICE OF THE SENIOR GENERAL MANAGER, (PROJECTS) - II
OPTCL TECH TOWER, JANPATH, SAHEED NAGAR, BHUBANESWAR-751007

**NOTIFICATION**

No. SGM(P)-II/Tech/2025-26/409(6) Dated : 28.04.2026

In accordance with section 164 of the Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order no: R&R-11-10/2006/2353 dated 09.03.2006, the following transmission schemes, which are intended to be undertaken by the Odisha Power Transmission Corporation Limited for execution, are published for general information. The tentative estimated cost of the project is **Rs. 55.96 Crores.** It is also notified in the interest of the general public that any person interested in making a representation regarding the execution of the above scheme may submit such a representation in writing so as to reach the Senior General Manager, Project-II, OPTCL, Bhubaneswar, within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), E.H.T. (Project) Division, Jeypore, as mentioned against the work, on any working day during office hours.

**Name of the Work:-** Construction of 132KV DC Line from existing 132/33KV Grid Sub-Station, Sunabeda to 132/25KV RTSS, Manabar (Line Length=25.419KM).

**Name of the Village in which the line will Pass:**
**1. Tahasil:** Semiliguda, **a) R.I. Circle:** Sunabeda, **Revenue Villages-** Kaki, Chikapur; **2. Tahasil:** Koraput, **a) R.I. Circle:** Nighamangura, **Revenue Villages-** Chhagaon, Limika, Sapsil, **b) R.I. Circle:** Mahadeiput, **Revenue Villages-** Machhara, Badamput, Bilaput, **c) R.I. Circle:** Koraput, **Revenue Villages-** Dunguri, Bagraguda, Chindri, Kumbha, Mastiput, **d) R.I. Circle:** Kumbha, **Revenue Villages-** Jarigura, Manbar; **3. Tahasil:** Dasmantpur, **a) R.I. Circle:** Podagarh, **Revenue Villages-** Baunsagura.

**Perceived benefit that may accrue :** It will provide an alternate dedicated feeding arrangement towards Reliable, Stable and Quality power to ECo. Railway, RTSS, Manabar.

ER. ANTARYAMI BEHERA
Senior General Manager (Projects- II)

FIPR-09/2026-27

/optcl.odisha /optcl_odisha

OFFICE OF THE SUPERINTENDING ENGINEER
RURAL WORKS DIVISION-I, GANJAM, BERHAMPUR
25001/71/2627
************
E-Mail: eerw_gm1@yahoo.co.in

Government of Odisha e-Procurement Notice
**Bid Identification No. Online Tender //01// SERWDG-I // 2026-27**
Letter No. 2942 // RWDG-I//BAM// Date: 24.04.2026

| | | | |
|---|---|---|---|
| 1 | Name of the Work | :: | Road Works |
| 2 | Estimated Cost | :: | Rs.58.29 Lakhs to 90.26 Lakhs |
| 3 | Period of Completion | :: | 09 (Nine) Calendar Months as shown in Column No.06 of Annexure. |
| 4 | Date & Time of Availability of Bid Documents in the Portal | :: | From 30.04.2026 at 11.00 AM to 19.05.2026 up to 5.00 PM |
| 5 | Last Date/ Time for Receipt of Bids in the Portal | :: | 19.05.2026 up to 5.00 PM |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd/- Executive Engineer
R.W. Division-I, Ganjam, Berhampur

OIPR-25001/25085/1/26-27/0001

NOTIFIED AREA COUNCIL
BELLAGUNTHA-761119 (GANJAM)
Phone No. 06821 -250244
Sri Bibhuti Bhusan Behera (OAS)
Executive Officer
E-Mail ID :eonacbellaguntha@gmail.com

ବିଜ୍ଞାପିତ ଅଂଚଳ ପରିଷଦ

Letter No. 502 — **"e" Procurement Notice** — Date. 27.04.2026

**TENDER REFERENCE NO.: 01/2026-27_Bellaguntha NAC**

Bid documents consisting of work, estimated cost, Cost of Tender Paper, EMD, Time of completion, Class of contractor and the set of terms and conditions of contract and other necessary documents can be seen in Govt. website. i.e.www.tendersodisha.gov.in

1. Name of the Work : Civil construction works as mentioned in DTCN.
2. No. of works : 12 Nos.
3. Estimated cost (Execluding GST 18 %) : Rs.5.0 lakh to 19.99 lakh
4. Period of completion : As Per DTCN.
5. Date & time of availability of bid document in the portal : From 10.00 AM of 24.04.2026 to 5.00 PM of 07.05.2026.
6. Last date / Time for receipt of bids in the portal : 07.05.2026 up to 5.00 PM.
7. Last Date / Time of receiving of documents relating of tender Off-line : 10.00 A.M to 1.00 P.M 8.05.2026
8. Bids received online shall be opened on : 1.00 PM of 08.05.26
9. Name and address of the Officer Inviting Bid : Executive Officer, NAC, Bellaguntha .
10. Further details can be seen from the e-procurement portal https://tendersodisha.gov.in

OIPR-13001/13113/1/26-27/0001 13001/327/2627

Sd/- Executive Officer
NAC, Bellaguntha

## ଶିଶୁଭବନରେ ବିଶାଳ ରକ୍ତଦାନ ଶିବିର



**କଟକ,୨୯।୪/ଏନ୍ଏନ୍ଏସ୍:** ନାରାୟଣ ଚାରିଟେବୁଲ୍ ଟ୍ରଷ୍ଟ ଏବଂ ଶିଶୁଭବନର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିଶୁଭବନର ସମସ୍ତ ଡାକ୍ତର ଓ କର୍ମଚାରୀଙ୍କ ସହଯୋଗରେ ଏହି ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଆୟୋଗର ସଦସ୍ୟା କସ୍ତୁରୀ ମିଶ୍ର ଏବଂ ମନସ୍ମିତା ଖୁଣ୍ଟିଆ, ଶିଶୁଭବନର ଅଧ୍ୟକ୍ଷ ଡାକ୍ତର ପ୍ରଭାକର ମିଶ୍ର, ଓର୍‌ମାସ୍‌ର ଯୁଗ୍ମ ମୁଖ୍ୟ ପରିଚାଳକ ଅଧିକାରୀ ବିପିନ ବିହାରୀ ରାଉତ, ରସିଦ୍ ହାସନ୍ ଏହି ଅବସରରେ ଉପସ୍ଥିତ ଥିଲେ। ଶିବିରଟି ପ୍ରଶାସନିକ ଅଧିକାରୀ ଏଲିଜା ମିଶ୍ର ଏବଂ ହସ୍ପିଟାଲ୍ ମ୍ୟାନେଜର ସଂଗୀତା ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେବା ସହ ନାରାୟଣ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସଦାଶିବ ପରିଡା ଏବଂ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ମଧୁବାବୁ ଜଣେ ବ୍ୟକ୍ତି ନଥିଲେ, ଥିଲେ ଏକ ଅନୁଷ୍ଠାନ: ଦେବୀ




**କଟକ,୨୯।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ 'ଆଇନଜୀବୀ ଦିବସ' କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଦୋଳମୁଣ୍ଡାଇସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଲେ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁସୂଦନ ଦାସଙ୍କ ଅବଦାନ ଏକ ଇତିହାସ ନୁହେଁ, ବରଂ ଓଡ଼ିଆ ଜାତିର ସ୍ୱାଭିମାନ ଓ ସ୍ଥିତି ରକ୍ଷାର ମୂଳଦୁଆ। ମଧୁବାବୁ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ। ଆଜିର ଯୁବ ପିଢ଼ିଙ୍କ ପାଇଁ ମଧୁବାବୁଙ୍କ ଜୀବନାଦର୍ଶନର ବାର୍ତ୍ତା ହେଉଛି 'ଆମେ କାହାଠାରୁ କମ୍ ନୋହୁଁ' ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ରାଜ୍ୟ ବିଜୁ ଜନତା ଦଳ ଆଇନଜୀବୀ ସାମୁଖ୍ୟର ପ୍ରାକ୍ତନ ଅଧ୍ୟକ୍ଷ ମିଳନ କାନୁନ୍‌ଗୋ, କଟକ କ୍ରିମିନାଲ୍ ବାର୍ ଆସୋସିଏସନ୍ ସଭାପତି ବାଦଲ ରାୟ, ସାଧାରଣ ସମ୍ପାଦକ ଗଦାଧର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଆଇନ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଇନଜୀବୀ ଶଶିଭୂଷଣ ଦାସ, ରମାନାଥ ଆଚାର୍ଯ୍ୟ, ମନୋରଞ୍ଜନ ମିଶ୍ର, ନେପାଳ ଚନ୍ଦ୍ର ସାମନ୍ତଙ୍କ ସମେତ ୪୦ ଜଣଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ତାପସ ମହାନ୍ତି, ଶିଶିର ପରିଜା, ସୟଦ ଏକରାମ ହୁସେନ, ଅନିତା ବେହେରା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଜୟଦେବ ଜେନା, ଇତିଶ୍ରୀ ଦାସ, ଝିଲ୍ଲୀ ବିହାରୀ, ବନଲତା ପ୍ରଧାନ, ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ରଣା, ବିଷ୍ଣୁ ସାହୁ, ରାଜକୁମାରୀ ସ୍ୱାଇଁ, ଆକାଶୀ ସୁନିତା ଶେଖର, ସୌମିତ ମିତ୍ର, ମନୋରଞ୍ଜନ ମିଶ୍ର, ପ୍ରଭାତ ଦାସ, ଜନ୍‌ସନ୍ ମହାପାତ୍ର, ସେକ୍ ରିୟାଜୁଲ୍ଲା, ସ୍ୱଦେଶ ଦାସ, ସଂଗୀତା ଦାସ, ମିତାଲି ଭଞ୍ଜ, ଦେବେନ୍ଦ୍ର କାହାଳି, ଦେବେନ୍ଦ୍ର ପାଣିଗ୍ରାହୀ, ଲାଲା ପ୍ରତାପ ରାୟ, ଯୁଧିଷ୍ଠିର ବିଶ୍ୱାଳ, ଅଭୟ ବେହେରା, ସମ୍ପଦ ମଲ୍ଲିକ, ମନୋଜ ମହାନ୍ତି, ପ୍ରତାପ ନାୟକ, ଅଂଶୁମାନ ରଶ୍ମି ସାଗର, ଭବାନୀ ଶଙ୍କର ଦାସ, ନିହାର ରଞ୍ଜନ ମହାନ୍ତି, ଅନୁସୟା ଦାସ, ହିନା ଦାସ, ଡକ୍ଟର ବ୍ୟୋମକେଶ କାନୁନ୍‌ଗୋ, ନବ କିଶୋର ଭୋଳ, ଏସ୍ କ୍ରିଷ୍ଣା ୟାଡ଼ଲା ରାଓ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରଂଜିତା କାହାଳି ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାରଣ ଗୋଷ୍ଠୀ ଆନୁକୂଲ୍ୟରେ ନିଳାଦ୍ରୀ ମହୋତ୍ସବ



**କଟକ,୨୯।୪/ଏନ୍ଏନ୍ଏସ୍:** ଚଳିତ ବର୍ଷ ନିଳାଦ୍ରୀ ମହୋତ୍ସବ ଜୟ ଜଗନ୍ନାଥ ଚାରଣ ଗୋଷ୍ଠୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରୁ ଅଜ୍ଞାମାଳ ସାତ ଲହଡ଼ି ମଠ ମହନ୍ତ ପ୍ରଦୀପ୍ତ ଦାସ ମହାରାଜ ଆଣିଥିଲେ। ଚନ୍ଦ୍ର କାନ୍ତ ନାୟକ ଏକ ଶୋଭାଯାତ୍ରାରେ ପତିତପାବନ ମନ୍ଦିରରୁ ବାହାରି ରଘୁନାଥ ଜୀଉ ମନ୍ଦିରରେ ସ୍ଥାପନ କରାଯାଇଥିଲା। ୨୫ ଦିଗଭାଗ ସର୍ବାଧିକାରୀ ସୁରେଶ ସାହୁ ଓ ବଙ୍ଗାଳୀ ସାହି ମହନ୍ତ ବଂଶୀ ବଦନ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଚତୁର୍ଥ ପ୍ରହରୀ ନାମଯଜ୍ଞ କରାଯାଇଥିଲା। ମହେଶ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଶ୍ରୀ ଜଗନ୍ନାଥଙ୍କ ଷୋଡ଼ଷ ଉପଚାର ପୂଜା ବିଷ୍ଣୁ ସହସ୍ରନାମ ମହାଯଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ଅନୁଷ୍ଠାନ ତରଫରୁ ମାଗଣାରେ ଚକ୍ଷୁ ଶିବିର କରାଯାଇଥିଲା। ଜ୍ୟୋତିରେଖା ଜେନା ଓ ମିଶନ ଶକ୍ତିର ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ବାଲ୍ୟବିବାହ ରୋକିବା ପାଇଁ ପଦକ୍ଷେପ ନେବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ସାଂଧ୍ୟ ଅଧିବେଶନରେ ଶାରଦା ପ୍ରଶନ କର, ସନ୍ତୋଷ ସାହୁ ଶ୍ରୀଜଗନ୍ନାଥ କଥାମୃତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ, ଦେବୀ ପ୍ରସାଦ ଧଳ, ରଞ୍ଜିତା ଧଳ, ଦିବାକର ମିଶ୍ର, ବାବା ଆର୍ତ୍ତତ୍ରାଣ, ସମ୍ରାଟ କର, ଧରଣୀଧର ନାୟକ, ନିଗମାନନ୍ଦ ଦାସ, ଆଲୋକ ମହାପାତ୍ର, ଅଶୋକ ମଲ୍ଲିକ୍, ବାମଦେବ ବରାଳ, ମିଳନ ବଡୁ, ଶୈଳବାଳା ଧଳ, ସଞ୍ଜିବ ଶର୍ମା, ବିଶାଳ ଶର୍ମା, ବନଲତା ପ୍ରଧାନ, ଅଧିକାରୀ ଶିବ ସାହୁ, ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜୟ ଜଗନ୍ନାଥ ଚାରଣ ଗୋଷ୍ଠୀ ସମ୍ପାଦିକା ବନ୍ଦନା ଦାଶ, ମଞ୍ଜୁଲତା ସୁଆଇ, ସୁଜାତା ନନ୍ଦୀ, ଉର୍ବଶୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଡ଼ା, ମିନତି ପରିଡ଼ା, ସବିତା ନାୟକ, ନିହାରିକା ସାହୁ, ଜନ୍‌ସନ୍ ମହାପାତ୍ର, ନିରୁପମା ଭୁଇଁଆ, ନିରାକାର ଦାଶ, ନିବାରଣ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ବହୁ ବୟସ୍କ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା। ମୋନାଲିସା ମହାପାତ୍ର, ମୁସ୍କିଲ ଅଗ୍ରୱାଲ, ବନ୍ଦନା ଅଗ୍ରୱାଲ, ଆକାଶ ତୋଡି, ଜଗନ୍ନାଥ ପଣ୍ଡା ପ୍ରମୁଖଙ୍କୁ ନିଳାଦ୍ରୀ ରତ୍ନ ରୂପେ ସମ୍ମାନିତ କରାଯାଇଥିଲା। ପଣ୍ଡିତ ନିରାକାର ଦାଶ ଧନ୍ୟବାଦ ଦେଇଥିଲେ।

## ୧୬ ବର୍ଷରୁ କମ୍ ଓସିଏ ଆନ୍ତଃଜିଲ୍ଲା କ୍ରିକେଟ୍

# ଖୋର୍ଦ୍ଧା-ଭୁବନେଶ୍ୱର ଏ' ଫାଇନାଲ୍





**କଟକ,୨୯।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଓ ଭୁବନେଶ୍ୱର-ଏ' ୧୬ ବର୍ଷରୁ କମ୍ ଓସିଏ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଫାଇନାଲ୍ ମ୍ୟାଚ୍ ମେ' ୧ ତାରିଖରେ ରେଭେନ୍ସା-୧ ଗ୍ରାଉଣ୍ଡରେ ଖେଳାଯିବ। ଆଜି ଖେଳାଯାଇଥିବା ସେମିଫାଇନାଲ୍‌ରେ ଭୁବନେଶ୍ୱର-ଏ ୧୦ ୱିକେଟ୍‌ରେ ସୁନ୍ଦରଗଡ଼କୁ ଏବଂ ଖୋର୍ଦ୍ଧା ୧ ୱିକେଟ୍‌ରେ କଟକ-ଏ'କୁ ହରାଇଛନ୍ତି। ସନ୍‌ସାଇନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ ସୁନ୍ଦରଗଡ଼ ପ୍ରଥମେ ୨୯.୩ ଓଭର୍‌ରେ ୯୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଆୟନ୍ କେ ବାରା ସର୍ବାଧିକ ୩୭ ରନ୍ କରିଥିବା ବେଳେ ଭୁବନେଶ୍ୱର-ଏ'ର ଶ୍ଲୋକ ଏସ୍ ନାୟକ ୮ ରନ୍‌ରେ ୫ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଭୁବନେଶ୍ୱର ମିଦ୍ଧାସୁ ଦାସଙ୍କ ଅପରାଜିତ ୫୭ ରନ୍ ବଳରେ ୧୧.୧ ଓଭର୍‌ରେ ବିନା ୱିକେଟ୍‌ରେ ଲକ୍ଷ୍ୟ ହାସଲ କରିନେଇଥିଲା। ଶ୍ଲୋକଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

ସେହିପରି ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ନେଇଥିବା କଟକ-ଏ' ୪୬.୪ ଓଭର୍‌ରେ ୧୮୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ପ୍ରିୟାଂଶୁ ସାମଲ ୬୩ ରନ୍ କରିଥିବା ବେଳେ ଖୋର୍ଦ୍ଧାର ଓମ୍ ପି ବେହେରା ୧୬ ରନ୍ ଦେଇ ୩ଟି ୱିକେଟ୍ ନେଇଥିଲେ। ୧୮୪ ରନ୍‌ର ଲକ୍ଷ୍ୟକୁ ଖୋର୍ଦ୍ଧା ୪୬.୫ ଓଭର୍‌ରେ ୯ ୱିକେଟ୍ ହରାଇ ହାସଲ କରିନେଇଥିଲା। ଟିମ୍ ପକ୍ଷରୁ ଶୁଭ୍ରାଂଶୁ ଭୋଇ ଅପରାଜିତ ୪୪ ରନ୍ କରିଥିବା ବେଳେ କଟକ ଟିମ୍‌ର ଅଂଶୁମାନ ପଟ୍ଟନାୟକ ଓ ପ୍ରୀତିଶ ମିଶ୍ର ୩-୩ ୱିକେଟ୍ ନେଇଥିଲେ। ଖୋର୍ଦ୍ଧାର ଓମ୍ ପି ବେହେରାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଇଛି।

# ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ବିଶ୍ୱ ନୃତ୍ୟ ଦିବସ'




**ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆଜି 'ବିଶ୍ୱ ନୃତ୍ୟ ଦିବସ' ପାଳିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ବାଚସ୍ପତି ସୁରମା ପାଢ଼ୀ ନିଜର ଅଭିଭାଷଣରେ କହିଥିଲେ ଯେ, 'ଓଡ଼ିଶାର ନୃତ୍ୟ ପରମ୍ପରା ସମୃଦ୍ଧ। ଆମ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଓ ଆମର ଲୋକନୃତ୍ୟ ଆମ ରାଜ୍ୟ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛି। ବିଶ୍ୱ ନୃତ୍ୟ ଦିବସ ଅବସରରେ ସମସ୍ତ କଳାକାରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆଗାମୀ ଦିନରେ ମଧ୍ୟ ଆମ ନୃତ୍ୟଶିଳ୍ପୀମାନେ ନିଜର ନୃତ୍ୟ ମାଧ୍ୟମରେ ଓଡ଼ିଶାର ସଂସ୍କୃତିକୁ ବିଶ୍ୱ ବିଦିତ କରିବା ନିମନ୍ତେ ନିଜର ନିରନ୍ତର ପ୍ରୟାସ ଜାରି ରଖିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ମତପ୍ରକାଶ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ କସ୍ତୁରୀ ପଟ୍ଟନାୟକ, ବିଶିଷ୍ଟ ନୃତ୍ୟଶିଳ୍ପୀ ଶ୍ରୀମତୀ ଦୀପ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣରେ ଓଡ଼ିଶୀ ନୃତ୍ୟର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଗୁରୁ ଡ଼. ମନୋରଞ୍ଜନ ପ୍ରଧାନ, ଗୁରୁ ପୁଷ୍ପିତା ମିଶ୍ର, ଗୁରୁ ଡ଼. ଦୀପ୍ତି ରାଉତରାୟ ପ୍ରମୁଖ ଆଜି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ, ଘୁମୁରା, ପଶୁମୁଖା, ଢେମସା ଆଦି ନୃତ୍ୟ ପରିବେଷିତ ହୋଇଥିଲା। ବିଶିଷ୍ଟ ଗୋଟିପୁଅ ନୃତ୍ୟଗୁରୁ ଭାଗିରଥୀ ମହାପାତ୍ର ଓ ଗୁରୁ ଲିଙ୍ଗରାଜ ବାରିକଙ୍କୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଅର୍ଥ ପରାମର୍ଶଦାତା ପ୍ରମୋଦ କୁମାର ମଣ୍ଡଳ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# '୯୦ ବର୍ଷରେ ଓଡ଼ିଆ ସିନେମା' କାର୍ଯ୍ୟକ୍ରମ ପରିବେଷଣ



**କଟକ,୨୯।୪/ଏନ୍ଏନ୍ଏସ୍:** ସାହିତ୍ୟ ନାଟକ ଓ ଚଳଚ୍ଚିତ୍ର ପରସ୍ପର ସହ ଜଡିତ। ସାହିତ୍ୟରୁ ନାଟକ ଏବଂ ନାଟକରୁ ଚଳଚ୍ଚିତ୍ର ନିର୍ମାଣ କରାଯାଏ। ତେଣୁ ସାହିତ୍ୟ, ନାଟକ ଓ ଚଳଚ୍ଚିତ୍ର ପରସ୍ପରକୁ ଗୋଟିଏ ସୂତ୍ରରେ ବାନ୍ଧିଥାଏ। ଜନତା ରଙ୍ଗମଞ୍ଚ ସାହିତ୍ୟ ଓ ସଂସ୍କୃତିର ମିଳନର ମଂଚ। ଅତୀତରେ ଏହି ରଙ୍ଗମଂଚରୁ ବହୁ ନାଟକ ପରିବେଷଣ କରାଯାଇ ପରବର୍ତ୍ତୀ କାଳରେ ସେହି ନାଟକକୁ ଆଧାର କରି ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି। ୧୯୫୦ ମସିହାରେ ବିଜୁ ପଟ୍ଟନାୟକ ଜନତା ରଙ୍ଗମଂଚର ପୁନରୁଦ୍ଧାର କରିଥିଲେ। ଜନତା ରଙ୍ଗମଂଚ ପକ୍ଷରୁ ରଙ୍ଗମଂଚ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ '୯୦ ବର୍ଷରେ ଓଡିଆ ସିନେମା' ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ଦେବଦାସ ଛୋଟରାୟ, ପ୍ରାକ୍ତନ ଆଇପିଏସ୍ ବଟକୃଷ୍ଣ ତ୍ରିପାଠୀ ଏବଂ କଳାବିକାଶ କେନ୍ଦ୍ରର ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ଅତିଥି ଭାବରେ ଯୋଗଦେଇ ଓଡିଆ ଚଳଚ୍ଚିତ୍ରର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୩୬ ମସିହାରେ ନିର୍ମିତ ଓଡିଆ ଚଳଚ୍ଚିତ୍ରଠାରୁ ଆଜିପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ଚଳଚ୍ଚିତ୍ରର କ୍ରମବିକାଶ କାହାଣୀର ଏକ ବୃତ୍ତଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଚଳଚ୍ଚିତ୍ର ପ୍ରଯୋଜକ ବାପୁ ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଚଳଚ୍ଚିତ୍ର ଅଭିନେତ୍ରୀ ବନଜା ମହାନ୍ତି, ବୈଶାଳୀ ପରିଡା, ସୁରେଶ ମିଶ୍ର, ଡ.ଛୋଟରାୟ, କ୍ୟାମେରାମ୍ୟାନ୍ ସୁରେନ୍ଦ୍ର ସାହୁଙ୍କ ସମେତ କେତେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଙ୍ଗମଂଚର ସାଧାରଣ ସମ୍ପାଦକ ବିନୋଦ କୁମାର ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଗଠନ ସମ୍ପାଦକ ସୁକାନ୍ତ ପଣ୍ଡା, ସୁକାନ୍ତ ମହାପାତ୍ର, ଇନ୍ଦ୍ରଜିତ ଘୋଷ, ଶିବାନୀ ମହାପାତ୍ର, ଅନନ୍ତ ଦାସ, ଡ.ଅନଙ୍ଗ ଦ୍ୱିବେଦୀ, ଧୀରଜ ଚୌଧୁରୀ, ଗୌରବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ପୋଷ' ଆକ୍ଟ ସଚେତନତା କାର୍ଯ୍ୟକ୍ରମ

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ଓ ସମ୍ମାନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୯।୪ /ଏନ୍ଏନ୍ଏସ୍:** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ କମିଟି ପକ୍ଷରୁ ନୂତନ ପ୍ରେକ୍ଷାଳୟରେ ପୋଷ ଆଇନ-୨୦୧୩ର ସମୀକ୍ଷା ଏବଂ ଆଭ୍ୟନ୍ତରୀଣ କମିଟିର କାର୍ଯ୍ୟକାରିତା ଶୀର୍ଷକ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ୱାଗତ ଭାଷଣ ପ୍ରଦାନ କରି ଆଭ୍ୟନ୍ତରୀଣ କମିଟିର ଅଧ୍ୟକ୍ଷା ପ୍ରଫେସର ସୁଜାତା ମହାନ୍ତି କାର୍ଯ୍ୟକ୍ଷେତ୍ରରେ ଏକ ନିରାପଦ ଏବଂ ସମାବେଶୀ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୌନ ନିର୍ଯାତନା ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଅନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏଭଳି ସଚେତନତା କାର୍ଯ୍ୟକ୍ରମର ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ।

କୁଳସଚିବ ମନସ୍ୱିନୀ ସାହୁ ପୋଷ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଅନୁଷ୍ଠାନର ଦାୟିତ୍ୱ ବିଷୟରେ ସେ ମତ ରଖିଥିଲେ। କ୍ୟାମ୍ପସ ମଧ୍ୟରେ ଲିଙ୍ଗଗତ ସମାନତା ଏବଂ ନିର୍ଯାତନାମୁକ୍ତ ପରିବେଶ ପାଇଁ ନିରନ୍ତର ସଚେତନତାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ. ବି. ରାଉତରାୟ ସଭାକୁ ସମ୍ବୋଧିତ କରି କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସମ୍ମାନ ଏବଂ ସମାନତା ରକ୍ଷା କ୍ଷେତ୍ରରେ 'କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ ୨୦୧୩' (ପୋଷ ଆକ୍ଟ)ର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ଶିକ୍ଷାଦାନ ଏବଂ ବୃତ୍ତିଗତ ପରିବେଶ ସୁନିଶ୍ଚିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ପ୍ରତିବଦ୍ଧ ବୋଲି ସେ ଦୋହରାଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ନବନୀତା ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୋଷ ଆଇନ, ୨୦୧୩ର ବିଭିନ୍ନ ଧାରା, ଉଦ୍ଦେଶ୍ୟ ଏବଂ କାର୍ଯ୍ୟକ୍ଷେତ୍ରର ସୁରକ୍ଷା ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏଥିସହ ସେ ଆଭ୍ୟନ୍ତରୀଣ କମିଟିର ଗଠନ, ଭୂମିକା ଏବଂ ଦାୟିତ୍ୱ ବିଷୟରେ ବ୍ୟାଖ୍ୟା କରିବା ସହ ଅଭିଯୋଗର ସମାଧାନ ଏବଂ ଉଚିତ ପ୍ରକ୍ରିୟା ମାଧ୍ୟମରେ ନ୍ୟାୟ ପ୍ରଦାନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡକ୍ଟର କଲ୍ୟାଣୀ ଷଡ଼ଙ୍ଗୀ ଧନ୍ୟବାଦ୍ ଦେଇଥିଲେ।

# ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାରରେ ପଟ୍ଟଚିତ୍ର ପ୍ରଶିକ୍ଷଣ

**କଟକ,୨୯।୪/ଏନ୍ଏନ୍ଏସ୍:** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ଓରମାସ୍, କଟକ ଦ୍ୱାରା ନେତାଜୀ ବସ୍ ଟର୍ମିନାଲ୍‌ର ପ୍ରଥମ ମହଲାରେ ଥିବା 'ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର-ଦ ଭିଲେଜ ଷ୍ଟୋର୍'ରେ ପଟ୍ଟଚିତ୍ର କଳାର ଦୁଇଦିନିଆ ପ୍ରାୟୋଗିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଟ୍ଟ ଚିତ୍ର ହେଉଛି ଓଡ଼ିଶାର ଏକ ପ୍ରସିଦ୍ଧ ପାରମ୍ପରିକ ଚିତ୍ରକଳା ଶୈଳୀ। କପଡ଼ା ଉପରେ ଅଙ୍କିତ ଚିତ୍ରକଳାକୁ ପଟ୍ଟଚିତ୍ର କୁହାଯାଏ। ଏହି କଳାର ମୂଳ କେନ୍ଦ୍ର ପୁରୀ ଜିଲ୍ଲା ଅନ୍ତର୍ଗତ ରଘୁରାଜପୁର ଗ୍ରାମ, ଯେଉଁଠାରେ ଅନେକ ପରମ୍ପରାଗତ ଶିଳ୍ପୀ ପରିବାର ପିଢ଼ି ପରେ ପିଢ଼ି ଏହି କଳାକୁ ଅନୁସରଣ କରୁଛନ୍ତି। ଏହି କଳାରେ ପ୍ରାକୃତିକ ରଂଗରେ ସୂକ୍ଷ୍ମ, ନିଖୁଣ, ପୌରାଣିକ ବିଷୟ ଆଦି ସୁନ୍ଦର ଭାବେ ପ୍ରକାଶ ପାଇଥାଏ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଯୁବକ ଯୁବତୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ପ୍ରସିଦ୍ଧ ପଟ୍ଟଚିତ୍ର ଶିଳ୍ପୀମାନେ ଛାତ୍ରଛାତ୍ରୀଙ୍କୁ ପଟ୍ଟଚିତ୍ରର ଇତିହାସ, ପାରମ୍ପରିକତା, ପ୍ରାକୃତିକ ରଂଗର ବ୍ୟବହାର, ଚିତ୍ର ଅଙ୍କନର ବିଶେଷ ପ୍ରଣାଳୀ ଏବଂ ଏହାର ସାଂସ୍କୃତିକ ମହତ୍ୱ ସଂପର୍କରେ ବିସ୍ତୃତ ଧାରଣା ପ୍ରଦାନ କରିବା ସହ ଏହି କୌଶଳର ଗୁରୁତ୍ୱ ଓ ଏହା ମାଧ୍ୟମରେ ସ୍ୱୟଂ ରୋଜଗାର ସୃଷ୍ଟି କରିବାର ସୁଯୋଗ ସଂପର୍କରେ ଆଲୋଚନା କରିଥିଲେ। ଓଡ଼ିଶାର ପ୍ରାଚୀନ ଏବଂ ଗୌରବମୟ କଳା ଐତିହ୍ୟ ପଟ୍ଟଚିତ୍ରକୁ ନିକଟରୁ ଜାଣିବା, ବୁଝିବା ଏବଂ ଏହାର ସୃଜନଶୀଳ ପ୍ରକ୍ରିୟାକୁ ଅନୁଭବ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଓର୍‌ମାସ୍ ଯୁଗ୍ମ କାର୍ଯ୍ୟ ନିର୍ବାହୀ ବିପିନ ରାଉତ ମତ ପ୍ରକାଶ କରିଛନ୍ତି।

# ରାସ୍ତା କଡ଼ରେ ମାଂସ, ମାଛ ବ୍ୟବସାୟୀଙ୍କୁ ଥଇଥାନ କରାଯାଉ



**କଟକ,୨୯।୪/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ପରିଧି ମଧ୍ୟରେ ରାସ୍ତା କଡରେ ମଟନ, ଚିକେନ୍ ଓ ମାଛ ବ୍ୟବସାୟ କରି ନିଜର ପରିବାରର ଭରଣ ପୋଷଣ କରୁଥିବା ହଜାର ହଜାର ବ୍ୟବସାୟୀ ସର୍ବଦା ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ରାଜ୍ୟ ପ୍ରଶାସନ ପକ୍ଷରୁ ଅନୈତିକ ଭାବେ ଜୋର୍ ଜୁଲୁମ ହେଉଥିବା ବେଳେ କଟକ ମହାନଗର ନିଗମ ପକ୍ଷରୁ ରାସ୍ତା କଡ଼ ବ୍ୟବସାୟକୁ ବେଆଇନ ଦର୍ଶାଇ ଚଢ଼ଉ କରି ନାନା ଅସୁବିଧା ସୃଷ୍ଟି କରୁଛନ୍ତି। ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗୁହାରି କଲେ ମଧ୍ୟ କୌଣସି ଶୁଣାଣି ହେବା ତ ଦୂରେ ଥାଉ ସ୍ଥାୟୀ ଥଇଥାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। କଟକ ମହାନଗର ପରିଧି ମଧ୍ୟରେ ବ୍ୟବସାୟ କରୁଥିବା ମଟନ, ଚିକେନ ଓ ମାଛ ବ୍ୟବସାୟୀ ମହାସଂଘ 'କୁରେଶୀ ଫାଉଣ୍ଡେସନ୍' ପକ୍ଷରୁ ସଭାପତି ସାରିକ ରହେମାନଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ସେମିନାରୀ ସ୍କୁଲ ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସିଏମ୍‌ସି ମେୟର ସୁବାସ ସିଂହ କହିଲେ ଯେ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ସମସ୍ତ ଆମିଷ ବ୍ୟବସାୟୀ ଖୁବ ଶୀଘ୍ର ଥଇଥାନ କରାଯିବାକୁ ଯୋଜନାମାନ ପ୍ରସ୍ତୁତ କରାଯାଉଛି। ବିଶିଷ୍ଟ ଶ୍ରମିକ ନେତା ମହମ୍ମଦ ସକିଲଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସେଖ ଅବଦୁଲ୍ଲା, ବିଜେପି ନେତା ଲଲାଟେନ୍ଦୁ ବଡୁ, କର୍ପୋରେଟର ଗଗନ ଓଝା, ଆଇନଜୀବୀ ସ୍ୱଦେଶ ଦାସ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ, ନିମସାହି ମହଲ୍ଲା କମିଟି ସର୍ଦ୍ଦାର ସେକ ମନସୁର, ସମ୍ପାଦକ ସେକ ଇରଫାନ, କୁରେଶୀ ଫାଉଣ୍ଡେସନ୍‌ର ସମ୍ପାଦକ ସେକ ଫରିଦ, ଜଗନ୍ନାଥ ଦଳେଇ, ଚନ୍ଦନ କୁମାର ମଲ୍ଲିକ, ସୁନାକର ମଲ୍ଲିକ, ରବୀନ୍ଦ୍ର ମଣ୍ଡଳ, ନିର୍ମଳ ମଣ୍ଡଳ, ଦେବେନ୍ଦ୍ର ବେହେରା, ମହମ୍ମଦ ସଲିମ, ମହମ୍ମଦ ରିହିମ, ସେକ ପାପୁ, ସେକ ଅବଦୁଲ ନିଶାର ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ସେକ ଆଫତାବ ଧନ୍ୟବାଦ ଅର୍ପଣ କରିଥିଲେ।

# ତାଳଦଣ୍ଡା କେନାଲ ରୋଡ୍‌ରେ ହମ୍ପ୍‌ସ ନିର୍ମାଣ

**କଟକ,୨୯।୪/ଏନ୍ଏନ୍ଏସ୍:** କଟକ ମାତୃଭବନରୁ ନୂଆବଜାର ପର୍ଯ୍ୟନ୍ତ ନବନିର୍ମିତ ତାଳଦଣ୍ଡା କେନାଲ୍ ରୋଡ୍‌ରେ ଦୁର୍ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ନେଇ ବହୁବାର ରାସ୍ତା ଅବରୋଧ ସହ ଜନଆନ୍ଦୋଳନ ମଧ୍ୟ କରାଯାଇଛି। ୫୩ ନମ୍ବର ୱାର୍ଡ କର୍ପୋରେଟର୍ ଅରବିନ୍ଦ ଜେନା ଏ ନେଇ ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକଙ୍କ ହସ୍ତକ୍ଷେପ ଫଳରେ ଆର୍‌ଏଣ୍ଡ୍‌ବି ପକ୍ଷରୁ ଆଜି ମହାବୀର ଲେନ୍ ସମ୍ମୁଖରେ ହମ୍ପ୍‌ସ ନିର୍ମାଣ କରାଯାଇଛି। ଏହି ଅବସରରେ ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ ଭୋଳ, ନିବାସ ବେହେରା, ଲିଟୁ ପଣ୍ଡା, ଆଲୋକ ରଞ୍ଜନ ଦାସ, ଗୀତିରଞ୍ଜନ ମହାନ୍ତି, ବିଶ୍ୱଜିତ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# କଳାହାଣ୍ଡି-ନବରଙ୍ଗପୁରରେ ମୃଦୁ ଭୂମିକମ୍ପ

**ଭୁବନେଶ୍ୱର,୨୯।୪/ଏନ୍ଏନ୍ଏସ୍:** କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। କଳାହାଣ୍ଡି ଜିଲ୍ଲାରେ ବୁଧବାର ସନ୍ଧ୍ୟା ୭ଟା ୪୨ରୁ ୭ଟା ୪୫ ମଧ୍ୟରେ ଭୂମିକମ୍ପ ଅନୁଭୂତ ହୋଇଛି। ଏହି ସମୟରେ ପ୍ରଥମ ଶକ ହେବା ସହ ପ୍ରାୟ ୩ ସେକେଣ୍ଡ ଯାଏ କମ୍ପନ ଅନୁଭୂତ ହୋଇଥିଲା। ଫଳରେ ଭୟଭୀତ ହୋଇ ଲୋକେ ଘରରୁ ବାହାରି ଆସିଥିଲେ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଅଞ୍ଚଳରୁ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନଥିବା ବେଳେ ପ୍ରଶାସନ ସତର୍କ ରହିଛି। ସେହିପରି ନବରଙ୍ଗପୁରରେ ମଧ୍ୟ ସମାନ ସମୟରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଲୋକେ ଆତଙ୍କିତ ହୋଇ ଯାଇଥିଲେ। ଝେରିଆଁ ଗ୍ରାମ ସଦରର ଅନେକ ଲୋକ ଏହି ମୃଦୁ ଭୂମିକମ୍ପକୁ ଅନୁଭବ କରିଛନ୍ତି। ଲୋକ କହିବା ଅନୁଯାୟୀ, କମ୍ପନ ସମୟରେ ଜିନିଷପତ୍ର ସବୁ ହଲିବାକୁ ଲାଗିଥିଲା। କମ୍ପନ ଅନୁଭବ କରିବା ମାତ୍ରେ ଲୋକେ ଭୟଭୀତ ହୋଇ ନିଜ ନିଜ ଘରୁ ବାହାରକୁ ବାହାରି ଆସିଥିଲେ। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ତଥ୍ୟ ଅନୁଯାୟୀ, ବୁଧବାର ଅନୁଭୂତ ହୋଇଥିବା ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ କଳାହାଣ୍ଡି ରହିଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୧ ରହିଛି। ତେବେ ଏପର୍ଯ୍ୟନ୍ତ ଏହି ଭୂମିକମ୍ପ ଯୋଗୁ କୌଣସି କ୍ଷୟକ୍ଷତି ହୋଇଥିବା ନେଇ ସୂଚନା ମିଳିନାହିଁ।

## ପ୍ରଥମ ପୃଷ୍ଠାରୁ

## ଭେଟିଦେଲେ ୧୩୩୦...

ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହା ବ୍ୟତୀତ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଉ ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୭ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି, ଯାହା କେନ୍ଦୁଝରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ।

କେନ୍ଦୁଝରବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦୁଝର ଜିଲ୍ଲା ରାଜ୍ୟକୁ ଅନେକ କିଛି ଦେଇଛି, କିନ୍ତୁ ବିଗତ ଦିନରେ ଏହି ଜିଲ୍ଲା ଅବହେଳିତ ହୋଇ ରହିଥିଲା। ସେ ସ୍ପଷ୍ଟ କରିଛନ୍ତି ଯେ ଆମ ସରକାର ଆସିବା ପରେ କେନ୍ଦୁଝରର ବିକାଶ ତ୍ୱରାନ୍ୱିତ ହୋଇଛି। ଜିଲ୍ଲାରେ ଏକ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ ଶୀଘ୍ର ଏହାର ଶିଳାନ୍ୟାସ କରାଯାଇ କେନ୍ଦୁଝରକୁ ଦେଶର ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଗଢ଼ି ତୋଳାଯିବ। ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ନିବେଦନ କରି କହିଛନ୍ତି ଯେ, ଆସନ୍ତା ୧୦ ବର୍ଷ ହେଉଛି ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦଶନ୍ଧି। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ କେନ୍ଦୁଝରର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ୬ ଜଣ ହିତାଧିକାରୀଙ୍କୁ ମୋଟ୍ ୫,୭୫,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିରେ କେନ୍ଦୁଝରର ହେମନ୍ତ ମହାନ୍ତଙ୍କୁ ବିବାହ ସହାୟତା ବାବଦରେ ୫୦,୦୦୦ ଟଙ୍କା ଏବଂ ଲକ୍ଷ୍ମୀ ମହାନ୍ତଙ୍କୁ ମୃତ୍ୟୁକାଳୀନ ସହାୟତା ଭାବେ ୩,୦୫,୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି। ସେହିପରି 'ଉଦ୍ୟମୀ' ଯୋଜନାରେ ଚମ୍ପୁଆର ମା' ମଙ୍ଗଳା ଏସ୍ଏଚ୍ଜି, ଯୋଡ଼ାର ବନିତା ନାଏକ ଏବଂ ଝୁମ୍ପୁରାର କେଦାର ଚନ୍ଦ୍ର ନାଏକଙ୍କୁ ୬୦,୦୦୦ ଟଙ୍କା ଲେଖାଏଁ ଏବଂ ନୀଲମ ମହାକୁଡ଼ଙ୍କୁ ୪୦,୦୦୦ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ସମାରୋହରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡକ୍ଟର ଫକୀର ମୋହନ ନାଏକ, ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକଅଖିଳ ଚନ୍ଦ୍ର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ ଏବଂ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଗଢ଼ିଲା ୨୫ ଇ-ବସ୍...

ପାଇଁ ବେଶ୍ ସହାୟକ ହେବ। ସମସ୍ତ ବସ୍ ସମ୍ପୂର୍ଣ୍ଣ ଭାବେ ଏସି ହୋଇଥିବା ବେଳେ ଯାତ୍ରୀଙ୍କ ସୁରକ୍ଷାକୁ ଏଥିରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। ପ୍ରତିଟି ବସରେ ସିସିଟିଭି କ୍ୟାମେରା, ପ୍ୟାନିକ୍ ବଟନ ଏବଂ ଜିପିଏସ୍ ବ୍ୟବସ୍ଥା ରହିଛି, ଯାହାଦ୍ୱାରା ଯାତ୍ରୀମାନେ ବିଶେଷ କରି ମହିଳାମାନେ ନିର୍ଭୟରେ ଯାତ୍ରା କରିପାରିବେ। କେବଳ ପରିବହନ ନୁହେଁ, ବରଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ମଧ୍ୟ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ପ୍ରକଳ୍ପର ଅନ୍ୟତମ ବିଶେଷତ୍ୱ ହେଉଛି ନାରୀ ଶକ୍ତିର ସହଭାଗିତା। ଏହି ବସ୍ ସେବାରେ ମହିଳାମାନେ ସାରଥୀ (ଡ୍ରାଇଭର) ଏବଂ ଗାଇଡ୍ ଭାବେ ନିଯୁକ୍ତି ପାଇ ନିଜର ଦକ୍ଷତା ପ୍ରତିପାଦନ କରିବେ। ଏହି ଯୋଜନା ମାଧ୍ୟମରେ ପ୍ରାୟ ୧୫୦ ଜଣ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩୦ ଜଣ ମହିଳା ଗାଇଡ୍ ଏବଂ ୨ ଜଣ ମହିଳା ଡ୍ରାଇଭର ସାମିଲ ଅଛନ୍ତି। ମହିଳାମାନଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବା ରାଜ୍ୟ ସରକାରଙ୍କ 'ମହିଳା ଶକ୍ତି' ଅଭିଯାନକୁ ଆହୁରି ସୁଦୃଢ଼ କରିଛି। ସାମଗ୍ରିକ ଭାବେ, ଏହି ଇ-ବସ୍ ସେବା ସହରୀ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ମାତ୍ର ୫ ଟଙ୍କାରୁ ଆରମ୍ଭ ହେଉଥିବା ଟିକେଟ ମୂଲ୍ୟ ଏବଂ ଡିଜିଟାଲ ପେମେଣ୍ଟ ସୁବିଧା ଛାତ୍ରଛାତ୍ରୀ ଓ ଶ୍ରମିକମାନଙ୍କ ପାଇଁ ବେଶ ସହାୟକ ହେବ। ପରିବେଶ ଦୃଷ୍ଟିକୋଣରୁ ଏହି ଇ-ବସ୍ ସେବା ବାର୍ଷିକ ପ୍ରାୟ ୩୩୦ ରୁ ୩୯୦ ଟନ୍ କାର୍ବନ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ଏହି ସେବାକୁ ରାଜ୍ୟର ଅନ୍ୟ ସହରଗୁଡ଼ିକୁ ସମ୍ପ୍ରସାରିତ କରାଯିବ ଏବଂ ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୨୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ପଦକ୍ଷେପ ଓଡ଼ିଶାକୁ 'ଗ୍ରୀନ୍ ମୋବିଲିଟି' କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା କରିବ ବୋଲି ସେ କହିଛନ୍ତି।

## ହାଜତରେ ଝୁଲିପଡ଼ିଲେ...

ହୋଇଥିଲା। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥାନ୍ତା। କିନ୍ତୁ ତା' ପୂର୍ବରୁ ଗତକାଲି ବିଳମ୍ବିତ ରାତିରେ ସେ ନିଜ ଚାଦରକୁ ବେକରେ ଫାଶ ଲଗାଇ ଜୀବନ ହାରିଥିବା ପୁଲିସ ସୂଚନା ଦେଇଛି। ଥାନା ଭିତରେ ୨୪ ଘଣ୍ଟା ପୁଲିସ କର୍ମଚାରୀଙ୍କ ଉପସ୍ଥିତି ସତ୍ତ୍ୱେ ଜଣେ ଅଭିଯୁକ୍ତ କିପରି ଜୀବନ ହାରିଲେ ଏହାକୁ ନେଇ ପ୍ରଶ୍ନ ଉଠିଛି।

ତେବେ ଏ ନେଇ ପୁଲିସର ପ୍ରତିକ୍ରିୟା ମିଳିପାରିନି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ଏକ ସୁପରିକଳ୍ପିତ ହତ୍ୟା ସନ୍ଦେହ କରି ପରିବାର ଓ ସମ୍ପର୍କୀୟମାନେ ଡାବୁଗାଁ ଥାନା ଘେରାଉ କରିବା ସହ ବ୍ୟାପକ ହୋହଲ୍ଲା କରିଥିଲେ। ସ୍ଥିତି ଅଣାୟତ୍ତ ହେବା ଆଶଙ୍କାରେ ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ନବରଙ୍ଗପୁର ଏସ୍‌ପି ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ପରିବାରକୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଏବଂ କଂଗ୍ରେସ ସଭାନେତ୍ରୀ ଡ଼ଃ ଲିପିକା ମାଝୀ ପ୍ରମୁଖ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତ୍ୟୁର ରହସ୍ୟ ଉନ୍ମୋଚନ ପାଇଁ ଶବ ଦେଖିବାକୁ ଜିଦ୍ ଧରିଥିଲେ। ପ୍ରଶାସନର ବୁଝାବୁଝି ପରେ ସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ଓଡ଼ିଶାର ପୋଚିଲିମାକୁ...

ହାସଲ କରିଛି। ରାଜ୍ୟର ୫୫୫ଟି ପଞ୍ଚାୟତ ପ୍ରଥମ, ୪୫୬୬ ପଞ୍ଚାୟତ ଦ୍ୱିତୀୟ, ୧୬୨୭ଟି ପଞ୍ଚାୟତ ତୃତୀୟ ଏବଂ ୪୬ଟି ପଞ୍ଚାୟତ ଚତୁର୍ଥ ବର୍ଗରେ ରହିଛନ୍ତି। ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ସୋହପୁର ପଞ୍ଚାୟତ ଦାରିଦ୍ର୍ୟ ଦୂରୀକରଣ ଏବଂ ଉନ୍ନତ ଜୀବିକା ପଞ୍ଚାୟତ ବର୍ଗରେ 'ଏ ପ୍ଲସ୍' ମାନ୍ୟତା ହାସଲ କରିଛି।

ସେହିପରି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ୍ ରାୟପୁର ପଞ୍ଚାୟତ ସୁସ୍ଥ ପଞ୍ଚାୟତ ଭାବେ 'ଏ ପ୍ଲସ୍' ମାନ୍ୟତା ଲାଭ କରିଛି। ଜଗତସିଂହପୁର ଜିଲ୍ଲାର ଘୁନାଥପୁର ବ୍ଲକ୍ ତାରପୁର ପଞ୍ଚାୟତ ଶିଶୁ ଅନୁକୂଳ ପଞ୍ଚାୟତ ରୂପେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍ ପଡୁଆ ପଞ୍ଚାୟତ ଜଳ ସ୍ୱଚ୍ଛଳ ପଞ୍ଚାୟତ ରୂପେ 'ଏ ପ୍ଲସ୍' ମାନ୍ୟତା ପାଇଛି। ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ୍‌ର ହାତୀବନ୍ଧା ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ରୂପେ ସର୍ବଶ୍ରେଷ୍ଠ ମାନ୍ୟତା ହାସଲ କରିଛି। ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ୍ ଭଟକୁମରଡ଼ା ଆତ୍ମନିର୍ଭରଶୀଳ ଭିତ୍ତିଭୂମି ବିଶିଷ୍ଟ ପଞ୍ଚାୟତ ରୂପେ 'ଏ ପ୍ଲସ୍' ମାନ୍ୟତା ଲାଭ କରିଛି। ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ମନ୍ଦାର ପଞ୍ଚାୟତ ସାମାଜିକ ସମାନତା ଓ ସାମାଜିକ ସୁରକ୍ଷିତ ପଞ୍ଚାୟତ ଭାବେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି 'ଏ' ମାନ୍ୟତା ଲାଭ କରିଛି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ତୁରୁମୁ ପଞ୍ଚାୟତ ସୁଶାସନ ଏବଂ ପାତ୍ରପୁର ବ୍ଲକ୍ ଗୁଡ଼ିଆପଦର ମହିଳା ଅନୁକୂଳ ପଞ୍ଚାୟତ ଭାବେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି 'ଏ' ମାନ୍ୟତା ଲାଭ କରିଛି।

## ଭଡ଼ାଘରେ ଯନ୍ତ୍ରୀଙ୍କ...

ହୋଇଛନ୍ତି । ଏମିତିକି ମୃତଦେହ କ୍ଷତାକ୍ତ ହୋଇଥିବାରୁ ଏହା ଏକ ହତ୍ୟାକାଣ୍ଡ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି । ତେବେ ପ୍ରାଥମିକ ତଦନ୍ତ ପରେ ପୁଲିସ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ତେବେ ଏହା ଏକ ଆତ୍ମହତ୍ୟା ନା ହତ୍ୟା ମାମଲା, ତାହା ସ୍ପଷ୍ଟ ହୋଇପାରିନି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ।

## ସିଲେଇଯୋର ଗ୍ରାମବାସୀଙ୍କୁ ମିଳୁନି ଜମି ପଟ୍ଟା

# ଧନୀ ବ୍ୟକ୍ତିଙ୍କୁ ଜଙ୍ଗଲ ଜମି ଲିଜ୍ ଦେବା ନେଇ ବଢୁଛି ଅସନ୍ତୋଷ

**ଜୟପାଟଣା,୨୯।୪/ଏନ୍ଏନ୍ଏସ୍:** ଜୟପାଟଣା ବ୍ଲକ ବଡ଼କର୍ଲାକୋଟ ରାଜସ୍ୱ ନିରୀକ୍ଷକ ଅଧୀନରେ ଥିବା ସିଲେଇଯୋର ରାଜସ୍ୱ ଗ୍ରାମର ଅଧିବାସୀମାନେ ଜମି ପଟ୍ଟାରୁ ବଞ୍ଚିତ ହୋଇଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଦେଶ ସ୍ୱାଧୀନତା ପୂର୍ବରୁ ଏହି ଗ୍ରାମରେ ବସବାସ କରିଆସୁଥିବା ପ୍ରାୟ ୭୦ ପ୍ରତିଶତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ପାଖରେ ଆଜି ପର୍ଯ୍ୟନ୍ତ ଜମି ପଟ୍ଟା ଖଣ୍ଡିଏ ନଥିବା ବେଳେ ପ୍ରଶାସନର କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମର ଗରିବ ଶ୍ରେଣୀର ଲୋକଙ୍କୁ ଅବହେଳା କରାଯାଉଥିବା ବେଳେ ଅନ୍ୟ ଗ୍ରାମର ଜଣେ ଆର୍ଥିକ ସ୍ୱଚ୍ଛଳ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଜଙ୍ଗଲ ଜମି (ଖାତା ନଂ ୩୮, ପ୍ଲଟ ନଂ ୨୩୧) ଲିଜ୍ ପ୍ରଦାନ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ଓବିସି ବର୍ଗର ହୋଇଥିବା ବେଳେ ତାଙ୍କର ଦୁଇ ମହଲା କୋଠା ଘର, ଚାରି ଚକିଆ ଗାଡ଼ି, ବ୍ରଏଲର ସେଣ୍ଟର ଓ କିରାଣୀ ଦୋକାନ ରହିଛି। ଏପରିକି ଲିଜ୍ ପାଇବା ପରେ ସେହି ଜମିରେ ଥିବା ମହୁଲ ଓ ଚାହାର ଭଳି ଅମୂଲ୍ୟ ଗଛ କାଟି ଚାଷ ଜମି ପ୍ରସ୍ତୁତ କରାଯାଇଥିବା ମଧ୍ୟ ଜଣାପଡ଼ିଛି। ସରକାର 'ଏକ ପେଡ୍ ମାଆ କେ ନାମ୍' ଭଳି ଯୋଜନାରେ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ଜଙ୍ଗଲ ନଷ୍ଟ କରାଯିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏ ସମ୍ପର୍କରେ ସିଲେଇଯୋର ଗ୍ରାମବାସୀ ଜୟପାଟଣା ତହସିଲଦାର ଏବଂ ବଡ଼କର୍ଲାକୋଟ ଆର୍ଆଇଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଭଳି ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥା ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ବର୍ଷ ବର୍ଷ ଧରି ବସବାସ କରୁଥିବା ଆଦିବାସୀ ଓ ଦଳିତ ଶ୍ରେଣୀର ଲୋକଙ୍କୁ କେବେ ନ୍ୟାୟ ମିଳିବ, ତାହା ଦେଖିବାକୁ ବାକି ରହିଲା।



# ଜୁନ୍ ପହିଲାରୁ କାର୍ଯ୍ୟକ୍ଷମ ହେବ ରାୟଗଡ଼ା ରେଳ ଡିଭିଜନ୍



**ରାୟଗଡ଼ା,୨୯।୪/ଏନ୍ଏନ୍ଏସ୍:** ପୂର୍ବତଟ ରେଳବାଇର ନୂତନ ରାୟଗଡ଼ା ରେଳ ଡିଭିଜନ ଆସନ୍ତା ଜୁନ୍ ୧ ତାରିଖରୁ କାର୍ଯ୍ୟକ୍ଷମ ହେବ ବୋଲି ରେଳବାଇ ସୂତ୍ରରୁ ଜଣାପଡ଼ିଛି। ମଙ୍ଗଳବାର ଆନ୍ଧ୍ରପ୍ରଦେଶ ଗସ୍ତ ସମୟରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ ଯେ, ଜୁନ୍ ୧ରେ ବିଶାଖାପାଟନମ୍‌ଠାରେ ଅବସ୍ଥିତ ଦେଶର ୧୮ତମ ରେଳ ଜୋନ୍ 'ଦକ୍ଷିଣ କୋଷ୍ଟ ରେଳବାଇ' ଆନୁଷ୍ଠାନିକ ଭାବେ କାର୍ଯ୍ୟ ଆରମ୍ଭ କରିବ। ଏହି ନୂତନ ଜୋନ୍ ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ହିଁ ରାୟଗଡ଼ା ଡିଭିଜନକୁ କାର୍ଯ୍ୟକ୍ଷମ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷ ଜାନୁଆରୀ ୬ ତାରିଖରେ ଏହି ଡିଭିଜନ ଭବନର ମୂଳଦୁଆ ପକାଇଥିଲେ। ପ୍ରାୟ ୧୦୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ଡିଭିଜନରେ ଆଧୁନିକ ଡିଆରଏମ କାର୍ଯ୍ୟାଳୟ, ବିଭାଗୀୟ ନିୟନ୍ତ୍ରଣ କକ୍ଷ ଏବଂ କର୍ମଚାରୀଙ୍କ ପାଇଁ ବାସଗୃହ ସୁବିଧା ରହିବ। ଏହି ଡିଭିଜନ ଅଧୀନରେ କୋରାପୁଟ-ସିଙ୍ଗାପୁର ରୋଡ୍‌ର ୧୬୪ କିଲୋମିଟର, ଥେରୁବାଲି-କୋନେରୁର ୩୬ କିଲୋମିଟର, ଗୁରୁତ୍ୱପୂର୍ଣ୍ଣ କୋଟାଭାଲସା-କିରନ୍ଦୁଲ (କେ.କେ) ଲାଇନର ୪୪୨ କିଲୋମିଟର ଏବଂ ପାରଳାଖେମୁଣ୍ଡି-ଗୁଣପୁରର ୫୩.୫ କିଲୋମିଟର ରେଳପଥ ଅନ୍ତର୍ଭୁକ୍ତ ହେବ। ବିଶେଷ କରି ଉଚ୍ଚ ରାଜସ୍ୱ ପ୍ରଦାନକାରୀ କେ.କେ ଲାଇନକୁ ରାୟଗଡ଼ା ଡିଭିଜନ ଅଧୀନରେ ରଖିବାକୁ ସରକାର ସ୍ପଷ୍ଟ କରିଛନ୍ତି। ଏହି ନୂତନ ଡିଭିଜନ କାର୍ଯ୍ୟକ୍ଷମ ହେବା ଫଳରେ ଓଡ଼ିଶାର ରେଳ ଭିତ୍ତିଭୂମି ମଜଭୁତ ହେବା ସହ ଦକ୍ଷିଣ ଓଡ଼ିଶାର ଆଦିବାସୀ ବହୁଳ ଅଞ୍ଚଳରେ ବିକାଶର ଗତି ତ୍ୱରାନ୍ୱିତ ହେବ। ଏହା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧିରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଏହି ପ୍ରକଳ୍ପର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି।

## ବଙ୍ଗରେ ଏଥର...

ହାସଲ କରିବାକୁ ୧୧୮ ଆସନର ଆବଶ୍ୟକତା ରହିଛି। ତେବେ ସାମ୍ନାକୁ ଆସିଥିବା ଅଧିକାଂଶ ଏକ୍‌ଜିଟ୍ ପୋଲ୍ ଅନୁସାରେ ଏଥର ପୁଣିଥରେ ଏମ୍‌କେ ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର ଗଠନ କରିବା ସମ୍ଭାବନା ଅଧିକ ରହିଛି। ପିପୁଲ୍ସ ପ୍ଲସ୍ ଏବଂ ପି-ମାର୍କ ପକ୍ଷରୁ ଡିଏମ୍‌କେ ଏବଂ ଏହାର ସହଯୋଗୀ ମେଣ୍ଟକୁ ୧୨୫-୧୪୫ ଆସନ ମିଳିପାରେ ବୋଲି ଆକଳନ କରିଛନ୍ତି। ସେହିପରି ମାଟ୍ରିଜ୍ ଡିଏମ୍‌କେକୁ ୧୨୨-୧୩୨ ଆସନ ମିଳିବା ନେଇ ପୂର୍ବାନୁମାନ ଲଗାଇଛି। ପ୍ରଜା ପୋଲ୍ ଡିଏମ୍‌କେ ପାଇଁ ୧୪୮-୧୬୮ ଆସନ ମିଳିବା ନେଇ ପୂର୍ବାନୁମାନ କରିଥିଲେ ବେଳେ ଆକ୍ସିସ ମାଇଁ ଇଣ୍ଡିଆ ୯୨-୧୧୦ ଆସନର ଅନୁମାନ ଲଗାଇଛି। ସବୁଠୁ ବଡ଼ କଥା ହେଉଛି ଆକ୍ସିସ ମାଇ ଇଣ୍ଡିଆ ନୂଆ ରାଜନୈତିକ ଦଳ ତଥା ସୁପରଷ୍ଟାର ଥଲାପତି ବିଜୟଙ୍କ 'ଟିଭିକେ' ପାଇଁ ୯୮-୧୨୦ ଆସନ ମିଳିବା ନେଇ ଅନୁମାନ ଲଗାଇଛି। ଅନ୍ୟପକ୍ଷେ ଏଆଇଏଡିଏମ୍‌କେ ତଥା ଏହାର ସହଯୋଗୀ ଦଳଙ୍କ ମେଣ୍ଟ ହାରାହାରି ୮୨ ଆସନରେ ସୀମିତ ରହିବ ବୋଲି ଏକ୍‌ଜିଟ୍ ପୋଲ୍‌ରୁ ପ୍ରତୀତ ହେଉଛି। କିନ୍ତୁ ଡିଏମ୍‌କେ ହାରାହାରି ୧୧୮ ଆସନ ଜିତିବା ଏବଂ ଟିଭିକେ ଖାତାକୁ ୩୪ ଆସନ ଯିବା ସମ୍ଭାବନା ରହିଥିବା ଏହି ଏକ୍‌ଜିଟ୍ ପୋଲ୍‌ରୁ ଦେଖିବାକୁ ମିଳିଛି।

**ଆସାମ:** ରାଜ୍ୟର ମୋଟ୍ ୧୨୬ ବିଧାନସଭା ଆସନ ଥିବାବେଳେ ବହୁମତ ପାଇଁ ୬୪ ଆସନର ଆବଶ୍ୟକତା ରହିଛି। ଏକ୍‌ଜିଟ୍ ପୋଲ୍ ଫଳାଫଳ ଅନୁସାରେ ଏଥର ମଧ୍ୟ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ବିଜେପି ସରକାର ଗଠନ କରିବ। ଆକ୍ସିସ୍ ମାଇଁ ଇଣ୍ଡିଆ, ମାଟ୍ରିଜ୍, ପିପୁଲ୍ସ ପ୍ଲସ, ପି-ମାର୍କ, ଚାଣକ୍ୟ ଆଦି ଏକାଧିକ ଏକ୍ସଜିଟ୍ ପୋଲ୍ ଏଜେନ୍ସିଗୁଡ଼ିକ ବିଜେପିକୁ ୮୦-୧୦୦ କିମ୍ବା ଅଧିକ ଆସନ ମିଳିବା ନେଇ ପୂର୍ବାନୁମାନ ଲଗାଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଓ ଏହାର ସହଯୋଗୀ ଦଳଙ୍କ ପାଇଁ ଅତିବେଶୀରେ ୨୨-୪୦ ଆସନର ପୂର୍ବାନୁମାନ କରାଯାଉଛି।

**କେରଳମ୍:** କେରଳରେ ମୋଟ୍ ୧୪୦ ବିଧାନସଭା ଆସନ ରହିଛି। ସୁତରାଂ ଏଠାରେ ବହୁମତ ପାଇଁ ୭୧ ଆସନର ଆବଶ୍ୟକ। ଯଦି ଏକ୍‌ଜିଟ୍ ପୋଲ୍ ଫଳାଫଳକୁ ଦେଖାଯାଏ ତେବେ ଏଥର ଏଲ୍‌ଡିଏଫ୍‌କୁ ପଛରେ ପକାଇ ୟୁଡିଏଫ୍ ମେଣ୍ଟ ସରକାର ଗଠନ କରିବା ସମ୍ଭାବନା ଅଧିକ ଥିବା ଦେଖିବାକୁ ମିଳୁଛି। ଅଧିକାଂଶ ପୋଲ୍ ଏଜେନ୍ସିଗୁଡ଼ିକ ୟୁଡିଏଫ୍‌କୁ ୭୦ରୁ ୮୫ ଆସନ ଏବଂ ଏଲ୍‌ଡିଏଫ୍‌କୁ ୫୦-୭୦ ଆସନ ମିଳିବା ନେଇ ପୂର୍ବାନୁମାନ ଲଗାଇଛନ୍ତି। ହାରାହାରି ଦୃଷ୍ଟିକୋଣରୁ ୟୁଡିଏଫ୍ ଏବଂ ଏହାର ମେଣ୍ଟ ସହଯୋଗୀ ଦଳଙ୍କୁ ପ୍ରାୟ ୭୬ ଆସନ ମିଳିବ ବୋଲି ଏକ୍‌ଜିଟ୍ ପୋଲ୍ ଦର୍ଶାଇଛି। ଏପରି ହେଲେ ଦୀର୍ଘ ୧୦ ବର୍ଷ ପରେ ୟୁଡିଏଫ୍ କେରଳମ୍‌ରେ ସରକାର ଗଠନ କରିବ।

**ପୁଡୁଚେରୀ:** କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ମୋଟ୍ ୩୦ ବିଧାନସଭା ଆସନ ଥିବା ବେଳେ ଏଠାରେ ବହୁମତ ପାଇଁ ୧୬ ଆସନର ଆବଶ୍ୟକତା ରହିଛି। ତେବେ ପ୍ରାୟ ସମସ୍ତ ଏକ୍‌ଜିଟ୍ ପୋଲ୍ ଏଜେନ୍ସିଗୁଡ଼ିକ ବିଜେପି ସମର୍ଥନ (୧୬-୨୫ ଆସନ)ରେ ପୂର୍ବାନୁମାନ କରିଥିବା ଦେଖିବାକୁ ମିଳିଛି। କଂଗ୍ରେସ ଏବଂ ଏହାର ସହଯୋଗୀ ଦଳ ଅତିବେଶୀରେ ୮-୧୦ ଆସନ ଜିତିବେ ବୋଲି ଏକ୍‌ଜିଟ୍ ପୋଲ୍‌ରୁ ସ୍ପଷ୍ଟ ହୋଇଛି।

## ୯୨.୩୨% ଭୋଟିଂ...

ମାତ୍ରାଧିକ ଆଗ୍ରହ, ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରକାଶ, ଆଜିର ଏହି ୧୪୨ ଆସନ ମଧ୍ୟରେ ଉତ୍ତର ୨୪ ପ୍ରଗଣା (୩୩ ସିଟ୍), ଦକ୍ଷିଣ ୨୪ ପ୍ରଗଣା (୩୧), ନଦିଆ (୧୭), ହାଓଡ଼ା (୧୬), କୋଲକାତା (୧୧), ହୁଗୁଳି (୧୮) ଏବଂ ପୂର୍ବ ବର୍ଦ୍ଧମାନ (୧୬) ଅନ୍ତର୍ଭୁକ୍ତ ରହିଛି। ଆଜି ମତଦାନ ହୋଇଥିବା ୧୪୨ଟି ଆସନ ମଧ୍ୟରୁ ୨୦୨୧ ନିର୍ବାଚନରେ ଟିଏମ୍‌ସି ୧୨୩ଟି ସିଟ୍‌ରେ ବିଜୟୀ ହୋଇଥିଲା। ସୁତରାଂ ଏସବୁ ଆସନଗୁଡ଼ିକ ଟିଏମ୍‌ସି ଗଡ଼ ଭାବେ ବିବେଚନା କରାଯାଉଥିଲେ ମଧ୍ୟ ଭୋଟିଂ ପ୍ରତିଶତକୁ ଦେଖିଲେ ଏଥର ଏସବୁ ଆସନ ମଧ୍ୟରୁ ବିଜେପି ଖାତାକୁ ମଧ୍ୟ କିଛି ଆସନ ଯିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ପଶ୍ଚିମବଙ୍ଗ ବିଧାନସଭାର ସମସ୍ତ ୨୫୪ଟି ଆସନର ଫଳାଫଳ ମେ ୪ ତାରିଖରେ ପ୍ରକାଶ ପାଇବ। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ଅନୁଷ୍ଠିତ ହୋଇଥିବା ଏକକ ତାମିଲନାଡୁ ବିଧାନସଭା ନିର୍ବାଚନରେ ଐତିହାସିକ ୮୫.୧% ମତଦାନ ହୋଇଥିଲା। ସେହିପରି ଆସାମ, କେରଳ, ପୁଡୁଚେରୀରେ ଏପ୍ରିଲ୍ ୯ରେ ଭୋଟ୍ ଗ୍ରହଣ କରାଯାଇଥିଲା। ପୁଡୁଚେରୀରେ ୯୧.୨୩% ଭୋଟ୍‌ଦାନ ହୋଇଥିବା ବେଳେ ଆସାମରେ ୮୫.୯୧% ଏବଂ କେରଳରେ ୭୮.୨୭% ମତଦାନ ହୋଇଥିବା ରେକର୍ଡ କରାଯାଇଛି।

## ରାଜ୍ୟର ପ୍ରଗତିକୁ ...

ବର୍ତ୍ତମାନ ସରକାରଙ୍କ କାର୍ଯ୍ୟର ପଦ୍ଧତି!' ସେହିପରି ଏକ୍ସପ୍ରେସୱେର ରଣନୈତିକ ଗୁରୁତ୍ୱ କଥା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଏହାର ୬୦୦ କିଲୋମିଟର ପଥକୁ ବର୍ଣ୍ଣନା କରିଥିଲେ ଯାହା ପଶ୍ଚିମ ଉତ୍ତରପ୍ରଦେଶର ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ କେନ୍ଦ୍ରୀୟ ଉତ୍ତରପ୍ରଦେଶର କୃଷି କ୍ଷେତ୍ର ଦେଇ ପୂର୍ବ ଉତ୍ତରପ୍ରଦେଶର ସାଂସ୍କୃତିକ ସ୍ଥଳ ସହିତ ସଂଯୋଗ କରେ, ଯାହା ବାରଟି ଜିଲ୍ଲାର କୋଟି କୋଟି ନାଗରିକଙ୍କୁ ସିଧାସଳଖ ପ୍ରଭାବିତ କରିବ। 'ଗଙ୍ଗା ଏକ୍ସପ୍ରେସୱେ କେବଳ ଏକ ଦ୍ରୁତଗାମୀ ରାସ୍ତା ନୁହେଁ। ଏହା ନୂତନ ସମ୍ଭାବନା, ନୂତନ ସ୍ୱପ୍ନ ଏବଂ ନୂତନ ସୁଯୋଗର ପ୍ରବେଶ ଦ୍ୱାର' ବୋଲି ମୋଦୀ ଦୃଢ଼ ଭାବରେ କହିଛନ୍ତି। ମୋଦୀ କହିଛନ୍ତି, 'ଆମେ କେବଳ ସୁରକ୍ଷିତ ନୁହେଁ, ବରଂ ବିକାଶରେ ନୂତନ ମାଇଲଖୁଣ୍ଟ ମଧ୍ୟ ହାସଲ କରୁଛୁ। ଆମେ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଆଗକୁ ବଢ଼ାଉଛୁ। ଆମେ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରୁଛୁ।' ଗଙ୍ଗା ଏକ୍ସପ୍ରେସୱେକୁ ଏହି ବ୍ୟାପକ ବିକାଶ ଉଦାହରଣର ପ୍ରତୀକ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଥିଲେ ଯେ ଉତ୍ତର ପ୍ରଦେଶର ଲୋକେ ଏସବୁ ସମ୍ଭାବନାକୁ ସ୍ଥାୟୀ ସମୃଦ୍ଧିରେ ପରିଣତ କରିବେ। ଉତ୍ତର ପ୍ରଦେଶର ଲୋକମାନେ, ସେମାନଙ୍କର କଠିନ ପରିଶ୍ରମ ଏବଂ ପ୍ରତିଭା ମାଧ୍ୟମରେ, ଗଙ୍ଗା ଏକ୍ସପ୍ରେସୱେ ଆଣିଥିବା ସୁଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସାକାର କରିବେ ବୋଲି ସେ ଆଶାବାଦୀ ଥିବା ମୋଦୀ କହିଛନ୍ତି। ଏତଦ୍‌ବ୍ୟତୀତ ଉନ୍ନତ ସଂଯୋଗୀକରଣର ପରିବର୍ତ୍ତନଶୀଳ ସମ୍ଭାବନାକୁ ଦର୍ଶାଇ ସେ ଦୃଢ଼ ଭାବରେ କହିଛନ୍ତି, 'ଏହା ଆମର କୃଷକମାନଙ୍କ ଆୟ ବୃଦ୍ଧି କରିବ।' ଏକ୍ସପ୍ରେସୱେରେ ସୃଷ୍ଟି ହେଉଥିବା ଶିଳ୍ପ ସୁଯୋଗ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଔଷଧ, ବୟନଶିଳ୍ପ, ହସ୍ତତନ୍ତ, ଚମଡା ସାମଗ୍ରୀ ଏବଂ ହସ୍ତଶିଳ୍ପ ଭଳି ଶିଳ୍ପକୁ ଆକର୍ଷିତ କରିବା ପାଇଁ ହାର୍ଦ୍ଦୋଇ ଭଳି ଜିଲ୍ଲାରେ ଶିଳ୍ପ କରିଡର ଯୋଜନାବଦ୍ଧଭାବେ ବିକଶିତ କରାଯାଉଛି, ଯାହାଦ୍ୱାରା ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସୂଚନାଯୋଗ୍ୟ, ଏହି ଏକ୍ସପ୍ରେସୱେ ପଶ୍ଚିମ ଉତ୍ତର ପ୍ରଦେଶର ମିରଟକୁ ପୂର୍ବଭାଗର ପ୍ରୟାଗରାଜ ସହିତ ସିଧାସଳଖ ଯୋଡୁଛି। ଏହା ୧୨ଟି ଜିଲ୍ଲା ଏବଂ ୫୦୦ରୁ ଅଧିକ ଗ୍ରାମ ଦେଇ ଗତି କରୁଛି। ଏହି ଏକ୍ସପ୍ରେସ୍‌ୱେ ଦ୍ୱାରା ମିରଟରୁ ପ୍ରୟାଗରାଜ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୧୨ ଘଣ୍ଟାରୁ କମି ୬ ଘଣ୍ଟା ହୋଇଯିବ, ଯାହାଫଳରେ ଅନେକ ସମୟ ସଞ୍ଚିତ ହୋଇପାରିବ। ଏହି ବିଶାଳ ପ୍ରକଳ୍ପ ପ୍ରାୟ ୩୬,୨୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହା ବର୍ତ୍ତମାନ ୬-ଲେନ୍ ବିଶିଷ୍ଟ ହୋଇଥିବା ବେଳେ ଭବିଷ୍ୟତରେ ଏହାକୁ ୮-ଲେନ୍‌କୁ ସମ୍ପ୍ରସାରଣ କରାଯାଇପାରିବ। ଏହି ଏକ୍ସପ୍ରେସୱେର ଶାହାଜାହାନପୁର ଠାରେ ଏକ ୩.୫ କିମି ଲମ୍ବର ବିମାନ ପଟି ନିର୍ମାଣ କରାଯାଇଛି, ଯାହା ଜରୁରୀକାଳୀନ ସମୟରେ ବାୟୁସେନାର ଯୁଦ୍ଧ ବିମାନ ଅବତରଣ ପାଇଁ ବ୍ୟବହୃତ ହୋଇପାରିବ। ଏହି ଏକ୍ସପ୍ରେସୱେ ଭାରତର ଅନ୍ୟତମ ବୃହତ୍ତମ ଗ୍ରୀନଫିଲ୍ଡ ରୋଡ୍ ପ୍ରକଳ୍ପ ଅଟେ।

# ଚୁନି ଲଗାଇ ଯୁବକଙ୍କ ଆତ୍ମହତ୍ୟା



**ଲାଞ୍ଜିଗଡ଼,୨୯।୪/ଏନ୍ଏନ୍ଏସ୍:** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ମଟକେରା ଗ୍ରାମ ଖମନପଡ଼ାରେ ଏକ ଶୋଚନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହରୁ ଅତିଷ୍ଠ ହୋଇ ଭୀଷ୍ମ ବିଭାର (୨୪) ନାମକ ଜଣେ ଯୁବକ ନିଜ ଘର ଭିତରେ ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୁଲିସ ସୂଚନାନୁସାରେ, ମଙ୍ଗଳବାର ମଧ୍ୟାହ୍ନରେ କୌଣସି କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଭୀଷ୍ମ ରାଗିଯାଇ ଘର ଭିତରକୁ ଯାଇ କବାଟ ଭିତରପଟୁ ବନ୍ଦ କରି ଦେଇଥିଲେ। ସେହି ସମୟରେ ତାଙ୍କ ସ୍ତ୍ରୀ ନିକଟସ୍ଥ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିଲେ। କିଛି ସମୟ ପରେ ସ୍ତ୍ରୀ ଘରକୁ ଫେରି କବାଟ ବାଡ଼େଇଥିଲେ ହେଁ କୌଣସି ଉତ୍ତର ନମିଳିବାରୁ ପରିବାର ଲୋକଙ୍କ ସହାୟତାରେ କବାଟ ଭଙ୍ଗାଯାଇଥିଲା। ଭିତରକୁ ପଶି ଦେଖିବା ବେଳକୁ ଭୀଷ୍ମ ଘରର ଆଜବେଷ୍ଟ ପାଇପରେ ନିଜ ବେକରେ ଚୁନି ଗୁଡ଼ାଇ ଓହଳି ରହିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଶ୍ୱନାଥପୁର ଥାନାଧିକାରୀଙ୍କ ନେତୃତ୍ୱରେ ଏଏସ୍‌ଆଇ ପ୍ରବୀଣ କୁମାର ରଥ ପୁଲିସ ବଳ ସହିତ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼ ପଠାଇଥିଲେ। ମଙ୍ଗଳବାର ରାତି ହୋଇଯାଇଥିବାରୁ ବୁଧବାର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବିଶ୍ୱନାଥପୁର ଥାନାରେ କେସ୍ ନଂ ୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଭାରିଯାନ ଚଳାଚଳ ରୋକିବାକୁ ଓଁନଗରରେ ଲାଗିବ ବ୍ୟାରିକେଡ୍

**ଭବାନୀପାଟଣା,୨୯।୪/ଏନ୍ଏନ୍ଏସ୍:** ବଲାଙ୍ଗୀର ଓ କଳାହାଣ୍ଡି ସୀମାନ୍ତରେ ଅବସ୍ଥିତ ମହଦା ବାଲିଘାଟ ଯୋଗୁଁ କେସିଙ୍ଗା ଏନ୍ଏସି ଅଞ୍ଚଳରେ ଜନଜୀବନ ଅତିଷ୍ଠ ହୋଇପଡ଼ିଛି। ଦୈନିକ ଶହ ଶହ ସଂଖ୍ୟାରେ ବାଲି ବୋଝେଇ ହାଇଭା କେସିଙ୍ଗା ସହର ମଧ୍ୟ ଦେଇ ଯାତାୟାତ କରୁଥିବାରୁ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହେବା ସହ ଟ୍ରାଫିକ ସମସ୍ୟା ଗମ୍ଭୀର ରୂପ ଧାରଣ କରିଛି। ବିଶେଷ କରି କେସିଙ୍ଗା-ଟିଟିଲାଗଡ଼ ତେଲନଦୀ ରାସ୍ତା ଖାଲଖମାରେ ପରିଣତ ହୋଇଥିବା ବେଳେ ଚୋରା ଚାଲାଣ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ବାଲି ବୋଝେଇ ଗାଡ଼ିରୁ ପାଣି ଓ ବାଲି ଜରିବା ଫଳରେ ରାସ୍ତା କର୍ଦ୍ଦମାକ୍ତ ହେଉଛି, ଯାହାଦ୍ୱାରା ଦୈନିକ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି। ସ୍ଥାନୀୟ ଲୋକଙ୍କ ଆମୋଦ ପ୍ରମୋଦ ପାଇଁ ଏନଏସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ 'ଆଇ ଲଭ୍ କେସିଙ୍ଗା' ସ୍ଥଳ ଓ ସିଟିଜେନ୍ ଫୋରମର ଉଦ୍ୟମରେ ୨୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଓଁ ନଗର ରାସ୍ତା ଏବେ ବିପନ୍ନ। ଲକ୍ଷ ଲକ୍ଷ ଟଙ୍କାର



ରାସ୍ତାର ଦୁଇ ପାର୍ଶ୍ୱ ବାଲିମୟ ହୋଇ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ସୂଚନା ଅନୁଯାୟୀ, ମହଦା ବାଲିଘାଟକୁ ରଜତ କୁମାର ପାତ୍ର ନାମକ ଜଣେ ଲିଜଧାରୀଙ୍କୁ ୫ ବର୍ଷ ପାଇଁ ୫ ହଜାର କ୍ୟୁବିକ ମିଟର ବାଲି ଉଠାଇବାକୁ ଲିଜ୍ ଦିଆଯାଇଛି। ମାତ୍ର ଅଭିଯୋଗ ହେଉଛି ଯେ, ବଲାଙ୍ଗୀର ଖଣି ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା କରି ଲିଜଧାରୀ ଗତ ୪ ବର୍ଷ ମଧ୍ୟରେ ପ୍ରାୟ ୫ ଲକ୍ଷ କ୍ୟୁବିକ୍ ମିଟର ବାଲି ଉଠାଇ ସାରିଲେଣି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ରାତି ୯ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବାଲି ଉଠାଣ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲେ ହେଁ ଏହା ବାଲି ମାଫିଆଙ୍କ ପାଇଁ ବରଦାନ ସଦୃଶ ହୋଇଛି। ରାତି ତମାମ ପ୍ରୋକ୍‌ଲିନ୍ ମେସିନ୍ ସାହାଯ୍ୟରେ ଗଭୀର ନଦୀ ପଠାରୁ ବାଲି ଉତ୍ତୋଳନ କରାଯାଇ ବେଧଡ଼କ ରାଜସ୍ୱ ବଲାଙ୍ଗୀର ଜିଲ୍ଲା ପାଉଥିବା ବେଳେ ଏହାର କ୍ଷତି କେସିଙ୍ଗା ବାସୀ ଓ ଏନଏସି ପ୍ରଶାସନ ସହୁଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୁର୍ଘଟଣା ରୋକିବା ପାଇଁ ସମାଜସେବୀ ସୁରେଶ ରାଓ ଓ ସ୍ଥାନୀୟ ଠିକା ସଂସ୍ଥା 'ରାଜଲକ୍ଷ୍ମୀ' ସହାୟତାରେ ରାସ୍ତା ପାର୍ଶ୍ୱରୁ ବାଲି ସଫା କରାଯାଇଛି। ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ କହିଛନ୍ତି ଯେ, 'ବାଲିଘାଟରୁ ଲାଭ ବଲାଙ୍ଗୀର ଜିଲ୍ଲା ନେଉଛି, କିନ୍ତୁ କ୍ଷତି ସହୁଛନ୍ତି କେସିଙ୍ଗାବାସୀ। ତେଣୁ ଓଁ ନଗର ରାସ୍ତାରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଇବା ପାଇଁ ସେଠାରେ ବେରିଗେଟ୍ ସ୍ଥାପନ କରିବାକୁ ଯୋଜନା କରାଯାଇଛି।' ଏହି ନିଷ୍ପତ୍ତି ଲିଜଧାରୀଙ୍କ ମନମାନି ଉପରେ ଅଙ୍କୁଶ ଲଗାଇବ ବୋଲି ଆଶା କରାଯାଉଛି।

# ଶିକ୍ଷା ବିଭାଗ ପକ୍ଷରୁ କୃତଜ୍ଞତା ବୈଠକ

**ସିନାପାଲି,୨୯।୪/ଏନ୍ଏନ୍ଏସ୍:** ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ଆୟୋଜିତ ମେଗା ରକ୍ତଦାନ ଶିବିର ସଫଳତାପୂର୍ବକ ସମ୍ପନ୍ନ ହୋଇଯାଇଥିବା ବେଳେ ଏଥିପାଇଁ ଆଜି ଏକ କୃତଜ୍ଞତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଇଓ ଯତୀନ୍ଦ୍ର କୁମାର ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରକ୍ତଦାନ କରିଥିବା ୭୫ ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ବିଶେଷ କରି ଶିକ୍ଷକ-ଶିକ୍ଷୟିତ୍ରୀ, ବାହାରୁ ଆସିଥିବା ସ୍ୱେଚ୍ଛାସେବୀ, ମେଡିକାଲ ବିଭାଗ, ସିଆରସିସି, ବିଇଓ କାର୍ଯ୍ୟାଳୟ କର୍ମଚାରୀ ଏବଂ ସହଯୋଗ କରିଥିବା ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଭାଗ ପକ୍ଷରୁ କୃତଜ୍ଞତା ଜଣାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଆୟୋଜକ କମିଟିର କୋଷାଧ୍ୟକ୍ଷ ବୈଷ୍ଣବ ମେହେର ଶିବିରର ସମସ୍ତ ଆୟବ୍ୟୟ ଉପସ୍ଥାପନ କରିଥିଲେ। ରକ୍ତଦାନ ଭଳି ମହତ କାର୍ଯ୍ୟ ପରେ ଆଗାମୀ ଦିନରେ ଶିକ୍ଷା ସମ୍ପର୍କିତ ଆଲୋଚନା ଚକ୍ର, କବିତା ପାଠ ଓ ପତ୍ରିକା ପ୍ରକାଶନ ଭଳି ସୃଜନଶୀଳ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଶିକ୍ଷକ ସଂଘ ସମ୍ପାଦକ ବାଲାଜୀ ହରିଜନ, ସିଆର୍‌ସିସି ପ୍ରଦୀପ ନାଏକ, ଖଗେଶ୍ୱର ବାଗ, ବଂଶୀଧର ଜଗତ, ବରିଷ୍ଠ ଶିକ୍ଷୟିତ୍ରୀ ସତ୍ୟରୂପା ଯୋଷୀ, ବିଜ୍ଞାନ ଶିକ୍ଷକ ଅନିଲ ସା, ଶିକ୍ଷକ ଗୌତମ ମେହେର, ପ୍ରସନ୍ନ ସାହୁ, ଭାସ୍କର ପାତ୍ର ଏବଂ ଆଶିଷ ସା ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଫ୍ୟାସନ୍

# ହାତଫୁଲ ଜ୍ୱେଲେରୀ

**ଫ୍ୟାସନ୍ ଦୁନିଆରେ ପ୍ରତିଦିନ ନୂଆ ଚଳନର ପ୍ରଚଳନ ହେବାର ଦେଖିବାକୁ ମିଳୁଛି। ଏ ସମୟରେ ସୋସିଆଲ୍ ମିଡିଆରେ ଯେଉଁ ଜ୍ୱେଲେରୀର ଚର୍ଚ୍ଚା ଅଧିକ ହେଉଛି ତାହା ହେଉଛି ହାତଫୁଲ। ଏହି ଜ୍ୱେଲେରୀ ପାରମ୍ପରିକ ହେବା ସହିତ ଆଧୁନିକ ମଧ୍ୟ। ଏଥିପାଇଁ ଝିଅମାନଙ୍କ ମଧ୍ୟରେ ଏହାର କ୍ରେଜ୍ ଅଧିକ ଥାଏ। ତେଣୁ ଫେଷ୍ଟିଭ ସିଜିନ୍‌ରେ ଯଦି କିଛି ଅଲଗା ଜ୍ୱେଲେରୀ ଟ୍ରାଏ କରିବାକୁ ଚାହୁଁଛନ୍ତି ତେବେ ନିଜ ଆଉଟଫିଟ୍ ସହିତ ହାତଫୁଲ ଜ୍ୱେଲେରୀକୁ ଟ୍ରାଏ କରିପାରନ୍ତି।**

ହାତଫୁଲ ଜ୍ୱେଲେରୀର ଷ୍ଟାଇଲ୍ କିନ୍ତୁ ନୂଆ ନୁହେଁ ଏହା ଏକ ପୁରୁଣା ଫ୍ୟାସନ୍। ଏହାକୁ ହାତର କଲାଇ ଓ ଆଙ୍ଗୁଳିଗୁଡ଼ିକ ମଧ୍ୟରେ ଚେନ୍ ବା ମୋତିଗୁଡ଼ିକ ସହିତ ଯୋଡ଼ା ଯାଇଥାଏ। ପୂର୍ବରୁ ଏହାକୁ ବିବାହ ସମୟରେ ଝିଅମାନେ ଓ ବୋହୂମାନେ ପିନ୍ଧୁଥିଲେ କିନ୍ତୁ ଏବେ ଆଧୁନିକ ଡିଜାଇନ୍ ଭାବରେ ଫ୍ୟାସନ୍ ଦୁନିଆରେ ପୁଣି ଥରେ ହାତଫୁଲ ଡିଜାଇନ୍‌କୁ ଡିଜାଇନର୍‌ମାନେ ପେଶ୍ କରୁଛନ୍ତି।



ହାତଫୁଲ ଜ୍ୱେଲେରୀ ଓଜନିଆ ଆଭୂଷଣ ନୁହେଁ ଓ ଦେଖିବାକୁ ବହୁତ ସୁନ୍ଦର ଲାଗେ। ପ୍ରତି ଆଉଟ୍‌ଫିଟ୍-ଲେହେଙ୍ଗା, ଶାଢ଼ି, ଗାଉନ୍ ବା ଇଣ୍ଡୋ-ୱେଷ୍ଟର୍ଣ୍ଣ ସହିତ ଏହାକୁ ପିନ୍ଧିହେବ। ପ୍ରତି ଅବସରରେ ଏହାକୁ କ୍ୟାରି କରିବା ସହଜ ହୋଇଥାଏ। ବିବାହ, ରିସେପ୍ସନ ବା ମେହେନ୍ଦୀ ପରି ଅବସର ପାଇଁ ହାତଫୁଲର ଗହଣା ପୂରା ପରଫେକ୍ଟ। ଦୀପାବଳି ଓ ଅନ୍ୟ ଧାର୍ମିକ ଅବସରରେ ହାତଫୁଲ ଜ୍ୱେଲେରୀ ଆପଣଙ୍କ ଲୁକ୍‌ରେ ଯୋଡ଼ିଦେବ ଗ୍ଲାମର୍। ପାର୍ଟି ବା କାଜୁଆଲ୍ ଇଭେଣ୍ଟ୍‌ସରେ ମଧ୍ୟ ଆଧୁନିକ ଡିଜାଇନ୍‌ର ହାତଫୁଲ ଆପଣଙ୍କ ଉପରେ ଖୁବ୍ ସୁଟ୍ କରିବ।

ଆଜିକାଲି ବଜାରରେ ପର୍ଲ, କୁନ୍ଦନ, ଅକ୍ସିଡାଇଜ୍‌ଡ ଡାଇମଣ୍ଡ ଓ ଫ୍ଲୋରାଲ୍ ଡିଜାଇନ୍‌ର ହାତଫୁଲକୁ ଛୋଟ ଛୋଟ ଫଙ୍କସନ୍‌ଗୁଡ଼ିକରେ ପିନ୍ଧିପାରିବେ। ହାଇ-ପ୍ରୋଫାଇଲ୍ ପାର୍ଟି ପାଇଁ ଡାଇମଣ୍ଡ ଓ ଷ୍ଟୋନ୍-ଷ୍ଟଡେଡ୍ ଡିଜାଇନ୍‌ର ହାତଫୁଲ ହେଉଛି ସବୁଠାରୁ ଉପଯୁକ୍ତ। ହାତଫୁଲ ଜ୍ୱେଲେରୀ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଆମାଜନ, ଫ୍ଲିପ୍‌କାର୍ଟ ଓ ଇନ୍‌ଷ୍ଟାଗ୍ରାମ୍‌ର ଷ୍ଟୋରଗୁଡ଼ିକରେ ସହଜରେ ମିଳିଯିବ। ଏହାର ଦାମ୍ ୫୦୦ରୁ ଆରମ୍ଭ ହୋଇ ୧୦,୦୦୦ ପର୍ଯ୍ୟନ୍ତ ଥାଏ। ତେବେ ଏହାର ଦାମ୍ ଡିଜାଇନ୍ ଓ ମ୍ୟାଟେରିଆଲ୍‌କୁ ନେଇ ସ୍ଥିର କରାଯାଇଥାଏ। ହାତଫୁଲ ଜ୍ୱେଲେରୀ ଏ ସମୟରେ ଏକ ଆକ୍ସେସରି ଭାବରେ ନୁହେଁ ଏକ ଫ୍ୟାସନ୍ ଷ୍ଟେଟ୍‌ମେଣ୍ଟ ହୋଇଗଲାଣି। ତେଣୁ ଆପଣ ନିଜକୁ କ୍ଲାସି ଓ ୟୁନିକ୍ କରିବା ପାଇଁ ଯଦି ଚାହୁଁଛନ୍ତି ତେବେ ହାତଫୁଲର ଡିଜାଇନ୍ ଟ୍ରାଏ କରିପାରନ୍ତି।

ଖନ୍ଦାଶାଳ

# ପନିର୍ ମଖାନୀ ବିରିୟାନି

**ଏହା କେବଳ ଏକ ଡିସ୍ ନୁହେଁ। ସ୍ୱାଦ, ସୁଗନ୍ଧିତ ଓ ହୃଦୟକୁ ସ୍ପର୍ଶ କରିପାରୁଥିବା ମସଲାଗୁଡ଼ିକର ଏକ କମ୍ବିନେସନ୍। ଏଥିରେ ପନିର୍ ମଖାନୀର ମଲାଇଦାର ଗ୍ରେଭି ଓ ସୁଗନ୍ଧଯୁକ୍ତ ବିରିୟାନିର ଯାଦୁ ରହିଥାଏ ଯେଉଁ କାରଣରୁ ଏହା ସମସ୍ତଙ୍କର ଏକ ପସନ୍ଦଯୋଗ୍ୟ ଖାଦ୍ୟ ଭାବରେ ପରିଚୟ ପାଇଛି।**

**ଆବଶ୍ୟକ ସାମଗ୍ରୀ**-ଟମାଟୋ-୪ଟି, ପିଆଜ-୨ଟି, ଅଦା-ରସୁଣ ପେଷ୍ଟ-୧ ଚାମଚ, ପନିର୍-୨୦୦ ଗ୍ରାମ, କାଜୁ-୧୫-୨୦ଟି, ମଖନ-୨ ବଡ଼ ଚାମଚ, ତେଲ-୧ ବଡ଼ ଚାମଚ, ଲାଲ୍ ଲଙ୍କା ପାଉଡର୍, ଧଣିଆ ପାଉଡର୍, କସୁରୀ ମେଥି-୧ ଚାମଚ ଲେଖାଏଁ, ଗରମ ମସଲା-ଅଧା ଚାମଚ, ମହୁ କିମ୍ବା ଚିନି-୧ ଚାମଚ, ଲୁଣ-ସ୍ୱାଦାନୁସାରେ, ବାସୁମତୀ ଚାଉଳ- ଦେଢ଼ କପ୍, ପାଣି-୩ କପ୍, ତେଜପତ୍ର-୧ଟି, ଡ଼ାଲଚିନି-୧ ଖଣ୍ଡ, ଗୁଜୁରାତି, ଲବଙ୍ଗ-୨ଟି ଲେଖାଏଁ, ଏକ ଚୁଟ୍‌କି କେସର କ୍ଷୀରରେ ପଡ଼ିଥିବ, ପୋଦିନା ଓ ଧଣିଆ ପତ୍ର-କଟାଯାଇଥିବ, ଘିଅ-୨ ବଡ଼ ଚାମଚ, ପିଆଜ-୨ଟି (ଭଜାଯିବ)।



**ପ୍ରଣାଳୀ**-ଏକ ପ୍ୟାନ୍‌ରେ ଅଳ୍ପ ତେଲ ଓ ମଖନ ଗରମ କରିବେ। ଏଥିରେ ପିଆଜ, ଟମାଟୋ, କାଜୁ, ଅଦା-ରସୁଣ ପେଷ୍ଟ ଓ ଅଳ୍ପ ଲୁଣ ପକାଇ ଭାଜିବେ। ମିଶ୍ରଣ ଥଣ୍ଡା ହୋଇଯିବା ପରେ ଏହାକୁ ପେଷ୍ଟ କରନ୍ତୁ। ସେହି ପ୍ୟାନ୍‌ରେ ଏବେ ଅଳ୍ପ ମଖନ ପକାଇ ଏହି ପେଷ୍ଟକୁ ପକେଇବେ। ଏଥିରେ ଲାଲ୍ ଲଙ୍କା, ଧଣିଆ ପାଉଡର୍ ଓ ଗରମ ମସଲା ପକାଇ ଖୁବ୍ ଭଲ ଭାବରେ ଭାଜିଦେବେ। ଏବେ ଏଥିରେ ପନିର୍ ଖଣ୍ଡ, କସୁରୀ ମେଥି, ମହୁ ବା ଚିନି ପକାନ୍ତୁ। ୨-୩ ମିନିଟ୍ ଏହାକୁ ରାନ୍ଧିବା ପରେ ଗ୍ରେଭି ପ୍ରସ୍ତୁତ ହୋଇଯିବ। ଚାଉଳକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଭିଜେଇ ରଖିଦେବେ। ଏକ ପାତ୍ରରେ ଘିଅ ଗରମ କରିବେ। ସେଥିରେ ତେଜପତ୍ର, ଡ଼ାଲଚିନି, ଗୁଜୁରାତି ଓ ଲବଙ୍ଗ ପକାଇ ଭାଜିବେ। ଏଥିରେ ଚାଉଳ ଓ ପାଣି ଢ଼ାଳନ୍ତୁ। ଲୁଣ ମିଶାଇ ଚାଉଳକୁ ୮୦ ପ୍ରତିଶତ ହେବା ପର୍ଯ୍ୟନ୍ତ ଫୁଟେଇବେ। ଅନ୍ୟ ଏକ ବଡ଼ ପାତ୍ର ନେଇ ସେଥିରେ ତଳେ ମଖନ ଗ୍ରେଭିର ଏକ ସ୍ତର ପକାଇ ଖେଳେଇ ଦିଅନ୍ତୁ। ଏହା ଉପରେ ଅଧା ଭାତ ପକାଇ ଖେଳେଇଦେବେ। ଏବେ ଭଜା ଯାଇଥିବା ପିଆଜ, ପୋଦିନା ଓ ଧଣିଆ ପତ୍ର ପକାନ୍ତୁ। ପୁଣି ଥରେ ମଖନ ଗ୍ରେଭିର ଏକ ସ୍ତର ଓ ବାକି ଭାତକୁ ପକାଇ ଖେଳେଇ ଦିଅନ୍ତୁ। ଶେଷରେ କେସର ମିଶ୍ରିତ କ୍ଷୀର, ଭଜା ପିଆଜ ଓ ପୋଦିନା-ଧଣିଆ ପତ୍ର ପକାଇ ଘୋଡ଼େଇ ଦିଅନ୍ତୁ। ଧିମା ଆଞ୍ଚରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସିଝିବା ପାଇଁ ଛାଡ଼ିଦେବେ। ପରଷିବା ପୂର୍ବରୁ ବିରିୟାନିକୁ ଧୀରେ ଧୀରେ ମିଶାଇବେ ଯେପରି ଗ୍ରେଭି ଓ ଭାତ ଖୁବ୍ ଭଲ ଭାବରେ ମିଶିଯିବ। ଏହାକୁ ରାଇତା ଓ ସାଲାଡ୍ ସହିତ ଗରମ ଗରମ ଖାଇବାକୁ ଦିଅନ୍ତୁ।

**ଯୋଗ ଓ ଆସନର ଅଭ୍ୟାସ ଆପଣଙ୍କ ସମ୍ପୂର୍ଣ୍ଣ ସାସ୍ଥ୍ୟ ଓ ସମଗ୍ର କଲ୍ୟାଣ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ। ବିଶେଷ କରି ଗର୍ଭାବସ୍ଥା ସମୟରେ ବିଭିନ୍ନ ସାସ୍ଥ୍ୟ ସମସ୍ୟାରୁ ରକ୍ଷା କରିବାରେ ଏହା ସହଯୋଗ କରେ- ଶାରୀରିକ ସ୍ତରରେ ଏହା ସୁନିଶ୍ଚିତ କରେ ଯେ ଆପଣ ସକ୍ରିୟ ଅଛନ୍ତି ଓ ଆପଣଙ୍କ ଶରୀର ସେହି ପରିବର୍ତ୍ତନଗୁଡ଼ିକୁ ଆପଣାଇବା ପାଇଁ ପର୍ଯ୍ୟାପ୍ତ ଭାବରେ ମଜଭୁତ ଅଛି। ଗର୍ଭାବସ୍ଥା ସମୟରେ ପ୍ରାଣାୟାମ ହର୍ମୋନ୍‌ର ସନ୍ତୁଳନକୁ ବଜାୟ ରଖିବାରେ ସାହାଯ୍ୟ କରେ, ସାସ୍ଥ୍ୟରେ ସୁଧାର ଆଣିଥାଏ। ଆଧାତ୍ମିକ ଦୃଷ୍ଟିରୁ ଯଦି ଦେଖାଯାଏ ତେବେ ଜଣେ ମହିଳା ଗର୍ଭବତୀ ଥିବା ସମୟରେ ପ୍ରାଣାୟାମ କଲେ ଶିଶୁ ସହିତ ତାଙ୍କର ଖୁବ୍ ଭଲ ସମ୍ବନ୍ଧ ରହିଥାଏ ବୋଲି ସାଧାରଣରେ ବିଶ୍ୱାସ କରାଯାଏ।**

# – ଅଂଶୁକା ପରୱାନୀ



ଭାରତୀୟ ସମାଜରେ କୌଣସି ଏକ ସାଧାରଣ ଝିଅ ପରି ଅଂଶୁକାଙ୍କର ଲାଳନ ପାଳନ ହୋଇଥିଲା। ଜୀବନରେ ଆବଶ୍ୟକରୁ ଅଧିକ ସ୍ୱାଧୀନତା ମିଳିଥିଲା ଅଂଶୁକାଙ୍କୁ। ଏହି ସ୍ୱାଧୀନତା ଭିତରେ ରହି ଅଂଶୁକା ଜାତୀୟ ସ୍ତରରେ ଜଣେ ସ୍ୱିମର୍ ଓ ବ୍ୟବସାୟିକ ପାଇଲଟ୍ ହେବା ପାଇଁ ସ୍ୱପ୍ନ ଦେଖିଥିଲେ। କିନ୍ତୁ ଏକ ବାଇକ୍ ଦୁର୍ଘଟଣା ତାଙ୍କ ଉଡ଼ାଣ ଉପରେ ରୋକ୍ ଲଗାଇ ଦେଇଥିଲା। କିନ୍ତୁ ସେହିଠାରେ ଅଟକି ଯାଇନଥିଲେ ଅଂଶୁକା। ନିଜର ଅଥକ ପରିଶ୍ରମ ବଳରେ ଜଣେ ସେଲିବ୍ରିଟି ଯୋଗ ଟ୍ରେନର୍ ଭାବରେ ଅଂଶୁକା ନିଜର ପରିଚୟ ସୃଷ୍ଟି କରିଥିଲେ। ଆଜି ଅଂଶୁକା ଦେଶର ଜଣେ ଅଗ୍ରଣୀ ସେଲିବ୍ରିଟି ଯୋଗ ଓ ୱେଲ୍‌ନେସ୍ ବିଶେଷଜ୍ଞଙ୍କ ମଧ୍ୟରୁ ଅନ୍ୟତମ ହୋଇପାରିଛନ୍ତି। ବର୍ତ୍ତମାନ ସମୟରେ ବଲିଉଡ୍‌ର ଅନେକ କଳାକାରଙ୍କୁ ଯୋଗ ପ୍ରଶିକ୍ଷଣ ଦେଉଛନ୍ତି ଅଂଶୁକା। ଅଂଶୁକାଙ୍କ ଜୀବନ ଏହି କଥାର ଉଦାହରଣ ପେଶ୍ କରିଛି ଯେ ଜଣେ ବ୍ୟକ୍ତି କିପରି ଶାରୀରିକ, ମାନସିକ ଓ ଭାବନାତ୍ମକ ଭାବରେ ମଜଭୁତ ରହିପାରିବେ ଓ ଯୋଗ ଦ୍ୱାରା ମିଳୁଥିବା ଶାନ୍ତିକୁ ଅନୁଭବ କରିପାରିବେ।

ଅଂଶୁକାଙ୍କ ଅନୁସାରେ ଆମର ପିଲାଦିନ ପରବର୍ତ୍ତୀ ଜୀବନକୁ ଆକାର ଦେଇଥାଏ। ଅଂଶୁକାଙ୍କ ଜୀବନରେ ତାଙ୍କର ପରିବାର ସବୁଠାରୁ ବଡ଼ ସ୍ତମ୍ଭ ପରି କାମ କରିଥିଲା। ପ୍ରତି କ୍ଷେତ୍ରରେ ଅଂଶୁକା ପରିବାରର



ସହଯୋଗ ପାଇଥିଲେ। ତାଙ୍କୁ ଯାହା ବି ପସନ୍ଦ ଥିଲା ତାଙ୍କ ମାତାପିତା ତାଙ୍କୁ ସେସବୁ କରିବା ପାଇଁ ପ୍ରେରିତ କରୁଥିଲେ। ତେବେ ଜୀବନରେ ଦୁଇଟି ସ୍ୱପ୍ନ ନେଇ ଆଗକୁ ବଢ଼ିଥିଲେ ଅଂଶୁକା- ପହଁରିବା ଓ ଆକାଶରେ ଉଡ଼ିବା। ଏହି ଦୁଇଟି ସ୍ୱପ୍ନ ତାଙ୍କୁ ପିଲାଦିନରୁ ସଶକ୍ତ କରିଥିଲେ। ଗୋଟିଏ ସ୍ୱପ୍ନ ପ୍ରତି ସମସ୍ୟା ସହିତ ଲଢ଼ିବା ପାଇଁ ଶିଖାଇଥିଲା ତ ଅନ୍ୟଟି ଆକାଶ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲା। ଫୁସ୍‌ଫୁସ୍‌କୁ ମଜଭୁତ କରିବା ପାଇଁ ତାଙ୍କ ଘରର ଲୋକମାନେ ତାଙ୍କୁ ସ୍ୱିମିଂ ଶିଖିବା ପାଇଁ ପଠାଇଥିଲେ। କାରଣ ସେ ବଡ଼ ହେବା ପରେ ଆସ୍ଥମା ଦ୍ୱାରା ଆକ୍ରାନ୍ତ ହୋଇଗଲେ। ତାଙ୍କର ଜେଜେ ଓ ଜେଜେମା' ଦୁଇ ଜଣ ସାରା ଥିଲେ ଡାକ୍ତର। ସେମାନେ ଔଷଧ ଖାଇବା ପରିବର୍ତ୍ତେ ସ୍ୱିମିଂ ଶିଖି ଫୁସ୍‌ଫୁସ୍‌କୁ ପ୍ରାକୃତିକ ଭାବରେ ମଜଭୁତ କରିବା ପାଇଁ ଚାହିଁଥିଲେ। ଏଥିପାଇଁ ତାଙ୍କର ସ୍ୱିମିଂ ଯାତ୍ରା ଆରମ୍ଭ ହୋଇଥିଲା। ଏହା ସହିତ ଅନ୍ୟ ଏକ ଯାତ୍ରା ଆଡ଼କୁ ସେ ଗତି କଲେ। ବିମାନ ପ୍ରତି ଅଂଶୁକାଙ୍କର ବିଶେଷ ଦୁର୍ବଳତା ରହିଥିଲା। ସେ ବିମାନ ପ୍ରତି ଆକର୍ଷିତ ହେଉଥିଲେ। ଆଡ୍ରେନାଲାଇନ୍, ଗତିଶୀଳ ରହିବା ଓ ବିଭିନ୍ନ ସ୍ଥାନକୁ ଯାତ୍ରା କରିବାକୁ ପସନ୍ଦ କରୁଥିଲେ ଅଂଶୁକା। ସେ ବିମାନ ଉଡ଼େଇବାକୁ ଚାହୁଁଥିଲେ। ପୂରା ଦୁନିଆକୁ ଯାତ୍ରା କରିବାକୁ ଚାହୁଁଥିଲେ। ଏହି ଆଶା ହିଁ ତାଙ୍କୁ ପାଇଲଟ୍ ହେବା ପାଇଁ ପ୍ରେରିତ କରିଥିଲା।

୨୦୦୮ ମସିହାର ଘଟଣା। ଏକ ଭୟଙ୍କର ମୋଟର୍‌ବାଇକ୍ ଦୁର୍ଘଟଣା କାରଣରୁ ଅଂଶୁକା ମାସ ମାସ ଧରି ବିଛଣାରେ ପଡ଼ି ରହିଲେ। ତାଙ୍କ ଶରୀରରେ ଅନେକ ଆଘାତ ଲାଗିଥିଲା ଯେଉଁଥି ପାଇଁ କମର୍ସିଆଲ୍ ପାଇଲଟ୍ ପାଇଁ ମେଡିକାଲ୍ ଅନ୍‌ଫିଟ୍ ପ୍ରମାଣିତ ହେଲେ ଅଂଶୁକା। ଶାରୀରିକ ଆଘାତଗୁଡ଼ିକ ସହିତ ଦୁର୍ଘଟଣାର ଅନୁଭବ ଅଂଶୁକାଙ୍କୁ ଭାବନାତ୍ମକ ଓ ମାନସିକ ସ୍ତରରେ ଅସହନୀୟ ଯନ୍ତ୍ରଣା ଦେଇଥିଲା। ଏହି ଅସୁସ୍ଥତା ମଧ୍ୟରୁ ରକ୍ଷା ପାଇବା ପାଇଁ ତାଙ୍କୁ କେତେ ବର୍ଷର ସମୟ ଲାଗିଗଲା। ତେବେ ଅଂଶୁକାଙ୍କ ମା' ଜଣେ ଯୋଗ ଶିକ୍ଷୟିତ୍ରୀ ହୋଇଥିବାରୁ ଯୋଗ ମାଧ୍ୟମରେ ଅଂଶୁକାଙ୍କୁ ଠିକ୍ କରିବା ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଯୋଗ ପରି ପ୍ରାଚୀନ ଅଭ୍ୟାସ ଶରୀରକୁ ଶ୍ୱାସ ଓ ମନ ସହିତ ଯୋଡ଼ିଥାଏ। ଅଂଶୁକାଙ୍କ ପାଇଁ ଯୋଗ ପ୍ରକ୍ରିୟା ନୂଆ ନଥିଲା। ପିଲାଦିନରୁ ଆସ୍ଥମାରୁ ରକ୍ଷା ପାଇବା ପାଇଁ ସେ ଯୋଗ ଓ ପ୍ରାଣାୟାମ ଆଦିର ସହାଯ୍ୟ ନେଉଥିଲେ। ଏ ସମୟରେ ଯୋଗ ଓ ପ୍ରଣାୟାମ ତାଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସହାଯ୍ୟ କରିଥିଲା। ଦୁର୍ଘଟଣା ପରେ ତାଙ୍କୁ ଫିଜିଓଥେରାପି ସେସନ୍ ନେବାକୁ ପଡ଼ିଥିଲା। ଏହା ସହିତ ଅଂଶୁକା ଯୋଗ ଥେରାପି ମଧ୍ୟ ନେଇଥିଲେ। ଏୟାରଲାଇନ୍ ପାଇଁ ଅଯୋଗ୍ୟ ଘୋଷିତ ହେବା ମୋ ପାଇଁ ଅଧିକ କଠିନ ଥିଲା ଓ ଏହି ନିରାଶାରୁ ବାହାରିବା ପାଇଁ କେବଳ ଯୋଗ ହିଁ ଏକମାତ୍ର ରାସ୍ତା ଥିଲା। ମାତ୍ର ନଅ ମାସ ପରେ ଶିକ୍ଷକଙ୍କ ପ୍ରଶିକ୍ଷଣପତ୍ର ସହିତ ବାହାରକୁ ବାହାରି ପାରିଥିଲେ ଅଂଶୁକା।

ଯୋଗ ତାଙ୍କ ଜୀବନରେ ଯାଦୁ ପରି କାମ କରିଥିଲା। ଯୋଗ ତାଙ୍କୁ ନୂଆ ଜୀବନ ପ୍ରଦାନ କରିଥିବା କଥା କହନ୍ତି ଅଂଶୁକା।

ତେବେ ଏ ସମୟରେ ଅଂଶୁକା ବଲିଉଡ୍ ସହିତ ଜଡ଼ିତ ଅଛନ୍ତି। ଜଣେ ଟ୍ରେନର୍ ଭାବରେ ସେ ବଲିଉଡ୍ ଫିଲ୍ମ 'ଗହରାଇୟାଁ'ର ଯୋଗ ଦୃଶ୍ୟଗୁଡ଼ିକୁ କୋରିଓଗ୍ରାଫ୍ କରିଛନ୍ତି। ଆଜି ଦୀପିକା ପାଦୁକୋନ୍, ଆଲିଆ ଭଟ୍ଟ, କରୀନା କପୁର ଖାନ, ଅନନ୍ୟା ପାଣ୍ଡେ ଓ ରକୁଲପ୍ରୀତ ସିଂହଙ୍କ ପରି ଅନେକ ସେଲିବ୍ରିଟିଙ୍କୁ ସେ ପ୍ରଶିକ୍ଷଣ ଦେଉଛନ୍ତି। ଅଂଶୁକାଙ୍କର ଯୋଗ ଷ୍ଟୁଡିଓ ମଧ୍ୟ ରହିଛି ଯେଉଁଠି ସେ ପାରମ୍ପରିକ ହଠ ଯୋଗ, ଅଷ୍ଟାଙ୍ଗ ବିନ୍ୟାସ, ଏୟର୍ ଯୋଗ, ପ୍ରସବ ପୂର୍ବ ଓ ପ୍ରସବ ପରବର୍ତ୍ତୀ କରାଯାଉଥିବା ଯୋଗ, ପିଲାମାନଙ୍କ ପାଇଁ ଯୋଗ ଓ ପିଲେଟ୍ସ ଆଦି ଶିଖାନ୍ତି। ବ୍ୟକ୍ତିଗତ ଓ ପେସାଗତ ସ୍ତରରେ ପାଇପ୍‌ଲାଇନ୍‌ରେ ଫସି ରହିଛି ତାଙ୍କର ଅନେକ ଯୋଜନା। ପ୍ରତି ବ୍ୟକ୍ତି ନିଜ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ଥାଆନ୍ତି ତେଣୁ ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ସଚେତନ ରହିବା ପାଇଁ ଯୋଗ କ୍ରିୟାକୁ ଆପଣାଇବା ଉଚିତ ବୋଲି ପରାମର୍ଶ ଦିଅନ୍ତି ଅଂଶୁକା।

## ଅଂଶୁକାଙ୍କ ଖାଦ୍ୟ ଟିପ୍‌ସ



ସୁସ୍ଥ ଓ ମଜଭୁତ ଜୀବନଶୈଳୀ ବଜାୟ ରଖିବା ପାଇଁ ପ୍ରଥମେ ପୌଷ୍ଟିକ ଆହାରର ରୁଟିନ୍‌କୁ ଫଲୋ କରିବା ଉପରେ ଧ୍ୟାନ ଦେବା ଉଚିତ। ଉତ୍ତମ ଖାଦ୍ୟପେୟ ଆପଣଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ମୂଳଦୁଆ ପକାଇଥାଏ। ସେଥିପାଇଁ ଦୈନନ୍ଦିନ ଜୀବନରେ ଉଚିତ ଭୋଜନକୁ ସାମିଲ କରିବା ଆବଶ୍ୟକ ହୋଇଯାଏ। ସନ୍ତୁଳିତ ଆହାର ଶରୀରକୁ ସଠିକ୍ ପୋଷକ ତତ୍ତ୍ୱ ପ୍ରଦାନ କରେ ଯେପରି ପ୍ରଭାବୀ ଢ଼ଙ୍ଗରେ ଏହା କାମ କରିବ। ଏହା ଉର୍ଜା ସ୍ତରକୁ ଯେ ବଜାୟ ରଖେ ତାହା ନୁହେଁ ମସ୍ତିଷ୍କର କାମରେ ମଧ୍ୟ ସହାୟତା କରିଥାଏ, ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ। ଏହା ବ୍ୟତୀତ ସୁସ୍ଥ ଖାଦ୍ୟପେୟର ଅଭ୍ୟାସ ହୃଦୟ ରୋଗ, ମୋଟାପଣ ଓ ମଧୁମେହ ପରି ଦୀର୍ଘକାଳୀନ ରୋଗଗୁଡ଼ିକରୁ ରକ୍ଷା କରିପାରେ ଯେଉଁଥି ପାଇଁ ଭାବନାତ୍ମକ ଓ ମାନସିକ ସ୍ଥିରତା ମିଳିଥାଏ। ତେଣୁ ଏହି ଅଭିଯାନରେ ଆପଣଙ୍କୁ ସାହାଯ୍ୟ କରିପାରିବେ ଯୋଗ ବିଶେଷଜ୍ଞ ଅଂଶୁକା ପରୱାନୀ।

ସକାଳେ- ଅଂଶୁକା ସକାଳର ଆରମ୍ଭ କରନ୍ତି ଡ଼ାଲଚିନି ଓ ଲେମ୍ବୁ ମିଶ୍ରିତ ଏକ ଗ୍ଲାସ୍ ଗରମ ପାଣିରୁ। ଏହା ଶରୀରକୁ ହାଲୁକା ଓ ଡିଟକ୍ସ କରେ। ଏହାପରେ ସେ ପ୍ରୋଟିନ୍‌ଯୁକ୍ତ ଭରପୂର ସ୍ୱାଦିଷ୍ଟ ଜଳଖିଆ ଗ୍ରହଣ କରନ୍ତି ଯେଉଁଥିରେ ସାମିଲ ଥାଏ ୩ଟି ଅଣ୍ଡାର ଆମ୍‌ଲେଟ (ତିନୋଟି ଅଣ୍ଡାର ଧଳା ଭାଗ ଓ ଗୋଟିଏର ହଳଦିଆ ଭାଗ), ଦୁଇଟି ଖମିର ଟୋଷ୍ଟ ଓ ଏକ ବଡ଼ ମଗ୍‌ରେ ବ୍ଲାକ୍ କଫି।

ଦିନବେଳେ- ତାଙ୍କର ଦ୍ୱିପହର ଭୋଜନ ଆରାମଦାୟକ ହୋଇଥାଏ। ତେବେ ଅନେକ ଲୋକଙ୍କୁ ଘରର ଖାଦ୍ୟ ଆରାମ ଦେଇଥାଏ। ଦ୍ୱିପହରରେ ଅଂଶୁକା ଦୁଇଟି ଗ୍ଲୁଟେନ-ମୁକ୍ତ ରୁଟି, ଦୁଇ ପ୍ରକାରର ପରିବା ତରକାରି, ରସୁଣ ଚଟଣି, ଆଚାର ଓ ଘିଅ ସହିତ ଏକ ଗିନା ଡ଼ାଲି ଖାଆନ୍ତି। ତାଙ୍କର ହାଲୁକା ଖାଦ୍ୟ ଆଣ୍ଟିଅକ୍ସିଡେଣ୍ଟରେ ଭରପୂର ଥାଏ ଯେଉଁଥିରେ ରସଯୁକ୍ତ ବ୍ଲୁବେରୀ ଓ ଷ୍ଟ୍ରବେରୀ ସାମିଲ ଥାଏ।

ରାତ୍ରି ଭୋଜନରେ-ଝାଳ ବୁହାଇବାର ପ୍ୟାଡ୍‌ଲିଂ ସେସନ୍ ପରେ ଅଂଶୁକା ହାଇଡ୍ରେଟେଡ୍ ରହିବା ପାଇଁ ଇଲେକ୍ଟ୍ରୋଲାଇଟ୍ସ ପିଇଥାନ୍ତି। ଶେଷରେ କ୍ୱିନୋଆ ଭାତ ଓ ତାଜା ସାଲାଡ୍ ସହିତ ସ୍ୱାଦିଷ୍ଟ ଗ୍ରୀଲ୍ଡ ଚିକେନ୍‌ର ମଜା ଉଠାଇ ଥାଆନ୍ତି। କୌଣସି ସ୍ଥାନକୁ ଯାତ୍ରା କରିବା ସମୟରେ ଅଂଶୁକା ଡାର୍କ ଚକୋଲେଟ୍ ଖାଆନ୍ତି।



## ଯୋଗ ଟିପ୍‌ସଃ

**ଆଧୁନିକ ଜୀବନଶୈଳୀ-ବ୍ୟସ୍ତ ଦିନଚର୍ଯ୍ୟା, ଲମ୍ବା ଯାତ୍ରା ଓ ଘଣ୍ଟା ଘଣ୍ଟା ଧରି ଉପକରଣଗୁଡ଼ିକ ଆଗରେ ବସିବା କାରଣରୁ ଶରୀରର ମାଂସପେଶୀ ଟାଇଟ୍ ହୋଇଯିବା ସହିତ ମଣିଷ କ୍ଲାନ୍ତ ଅନୁଭବ କରିଥାଏ। ଏଥିପାଇଁ ଯୋଗର ମହତ୍ତ୍ୱ ଅଧିକ ବୃଦ୍ଧିପାଏ। ନିୟମିତ ଭାବରେ ଯୋଗ କରିବା ଅଭ୍ୟାସ ରକ୍ତ ସଂଚାରକୁ ଉତ୍କୃଷ୍ଟ କରାଇଥାଏ, ନମନୀୟତା ବୃଦ୍ଧି ହୁଏ ଓ ମାଂସପେଶୀରେ ଚାପ କମ୍ ରହେ। ଶାରୀରିକ ମୁଦ୍ରାରେ ଏହା ସୁଧାର ଆଣିଥାଏ। ଚାପରୁ ମୁକ୍ତି ଦିଏ। ମନକୁ ଶାନ୍ତ ରଖେ। ଏଥିପାଇଁ ମାର୍ଜରୀ ଆସନ-ବିଟିଲାସନ, ଅର୍ଦ୍ଧ-ମତ୍ସ୍ୟେନ୍ଦ୍ରାସନ, ସୁପ୍ତ କପୋତାସନ, ଗ୍ରୀବା ସଞ୍ଚାଳନ ଆଦି ଆସନ ଦୈନନ୍ଦିନ କରିବା ଉଚିତ। ତେବେ ପ୍ରାଣାୟାମ ବା ଶ୍ୱାସ ନିୟନ୍ତ୍ରଣ ବିନା ଯୋଗ କ୍ରିୟା ଅସମ୍ପୂର୍ଣ୍ଣ।**

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ବ୍ୟସ୍ତତାଭରା ଦିନଟିଏ। ଦିନ ଶେଷରେ ଶାନ୍ତି ମିଳିବ। ଅଟକିଥିବା କାମ ପୂରା କରିବେ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ଜରୁରୀ। ଦାମ୍ପତ୍ୟ ଜୀବନରେ ପୁରୁଣା ମତଭେଦ ଦୂର କରିବେ।

**ବୃଷ** - ଦିନଟି ସୁଖ ଓ ସଫଳତା ନେଇ ଆସିବ। ଉନ୍ନତି ଓ ବେତନ ବୃଦ୍ଧିର ସଂକେତ ପାଇବେ। ଆର୍ଥିକ ସ୍ଥିତି ମଜଭୁତ ରହିବ। ଧାର୍ମିକ ବା ଆଧାତ୍ମିକ ଯାତ୍ରାର ଯୋଗ ରହିଛି। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**ମିଥୁନ** - ବ୍ୟସ୍ତରେ ରହିବେ। ମହତ୍ତ୍ୱପୂର୍ଣ୍ଣ କାମ ପୂରା କରିବେ। ଯୋଜନାଗୁଡ଼ିକରେ ସଫଳ ହେବେ। ଧନ ଲାଭର ଯୋଗ ରହିଛି। ସହକର୍ମୀଙ୍କ ସହଯୋଗ ପାଇପାରନ୍ତି। ବୈବାହିକ ଜୀବନରେ ତାଳମେଳ ରହିବ।

**କର୍କଟ** - ଦିନଟି ଶୁଭ ପରିଣାମ ଦେବ। କୌଣସି ଖୁସି ଖବର ପାଇପାରନ୍ତି। ମନ ପ୍ରସନ୍ନ ରହିବ। ନୂଆ ଦାୟିତ୍ୱ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ। ସର୍ଦ୍ଦି-କାଶ ଆଦି ସମସ୍ୟା ଦେଖାଦେଇପାରେ।

**ସିଂହ** - କିଛି ଆହ୍ୱାନର ସମ୍ମୁଖୀନ ହେବେ। ମନରେ ଅନାବଶ୍ୟକ ଚିନ୍ତା ରହିବ। ସମୟ ଅନୁସାରେ କାମ କରିବେ। ଅଟକିଥିବା ଧନ ଫେରିପାଇବେ। ଦିନର ଦ୍ୱିତୀୟ ଭାଗରେ କିଛି ଭଲ ଖବର ପାଇବେ।

**କନ୍ୟା** - ଆଜିର ଦିନରେ ଲାଭକାରୀ ରହିବେ। ଭାଗ୍ୟର ସହଯୋଗ ରହିବ। ଅଚାନକ ଧନ ଲାଭର ଯୋଗ ରହିଛି। ଖାସ୍ ଇଚ୍ଛା ପୂରଣ ହୋଇପାରେ। ପ୍ରେମ ଜୀବନରେ ମଧୁରତା ବଜାୟ ରହିବ।

**ତୁଳା** - ଦିନଟି ଶୁଭ ପରିଣାମ ଦେବ। ସହକର୍ମୀଙ୍କ ସହଯୋଗ ପାଇବେ। ନୂଆ କାମର ଆରମ୍ଭ ହୋଇପାରେ। ଅତିରିକ୍ତ ଆୟର ରାସ୍ତା ଖୋଲିବ। ପରିବାର ସହିତ ସମୟ ବିତେଇବେ।

**ବିଛା** - ଦିନଟି ମିଶ୍ରିତ ଫଳ ଦେବ। ଭାଗ୍ୟର ସାଥି ପାଇବେ। ଲାଭର ସଂକେତ ରହିଛି। ନୂଆ ଦାୟିତ୍ୱ ମିଳିପାରେ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିପାରେ। ଧନ ଲାଭର ଅବସର ପାଇବେ।

**ଧନୁ** - ସାବଧାନ ହୋଇ କାମ କରିବାର ଆବଶ୍ୟକ ରହିଛି। କୌଣସି ନିର୍ଣ୍ଣୟ ଶୀଘ୍ର ନିଅନ୍ତୁ ନାହିଁ। ଚାକିରିରେ ନୂଆ ଅବସର ଓ ଦାୟିତ୍ୱ ମିଳିପାରେ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ଜରୁରୀ। କାମର ପ୍ରଶଂସା ହେବ।

**ମକର** - ଦିନଟି ଉପଲବ୍ଧିରେ ଭରି ରହିଛି। ପରିଶ୍ରମର ପୂରା ଫଳ ମିଳିବ। ସମାଜରେ ମାନ-ସମ୍ମାନ ବୃଦ୍ଧି ହେବ। ଜୀବନସାଥିର ସହଯୋଗ ପାଇବେ। ସମ୍ପର୍କ ମଜଭୁତ ହେବ।

**କୁମ୍ଭ** - ଆଜି କୌଣସି ରିସ୍କ ନିଅନ୍ତୁ ନାହିଁ। ବଡ଼ ନିଷ୍ପତ୍ତି ଚିନ୍ତା କରି ନିଅନ୍ତୁ। ମନକୁ ଶାନ୍ତ ରଖନ୍ତୁ। ପିତାଙ୍କ ସହିତ ସମ୍ପର୍କ ମଜଭୁତ ହେବ। ଘରେ ପରିବର୍ତ୍ତନ ହୋଇପାରେ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ଜରୁରୀ।

**ମୀନ** - ଦିନଟି ସୁଖମୟ ରହିବ। ନିଜ ପସନ୍ଦର କାମ କରିବା ପାଇଁ ସୁଯୋଗ ମିଳିବ। କାମ ପାଇଁ ଯାତ୍ରା ଯୋଗ ରହିଛି। ନୂଆ ଅବସର ପାଇବେ। ଆୟ ବୃଦ୍ଧି ହେବ। ବୈବାହିକ ଜୀବନରେ ଧୈର୍ଯ୍ୟ ବଜାୟ ରଖନ୍ତୁ।



**ଆଜିର ମ୍ୟାଚ୍**

**ଗୁଜରାଟ ଟାଇଟନ୍ସ ବନାମ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ**

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଅହମଦାବାଦ

# ମୁମ୍ବାଇର ସିଜନ୍‌ରେ ୬ଷ୍ଠ ପରାଜୟ

## ୬ ୱିକେଟ୍‌ରେ ହରାଇଲା ହାଇଦ୍ରାବାଦ

### ହେଡ୍-କ୍ଲାସେନ୍‌ଙ୍କ ଅର୍ଦ୍ଧଶତକ, ରିକେଲ୍‌ଟନ୍‌ଙ୍କ ଶତକ ବେକାର

**ମୁମ୍ବାଇ,୨୯।୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଷଷ୍ଠ ପରାଜୟର ସାମ୍ନା କରିଛି। ବୁଧବାର ସନ୍‌ରାଇଜର୍ସ ହାଇଦ୍ରାବାଦ ଟିମ୍‌କୁ ୬ ୱିକେଟ୍‌ରେ ହରାଇଛି। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ପ୍ରଥମେ ର୍‍ୟାନ୍ ରିକେଲ୍‌ଟନ୍‌ଙ୍କ ୧୨୩ ରନ୍‌ର ଶତକୀୟ ଇନିଂସ୍ ବଳରେ ୫ ୱିକେଟ୍ ହରାଇ ୨୪୩ ରନ୍ କରିଥିଲା। ଜବାବରେ ହାଇଦ୍ରାବାଦ ୧୮.୪ ଓଭର୍‌ରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି।

୨୪୪ ରନ୍‌ର ପିଛା କରୁଥିବା ହାଇଦ୍ରାବାଦ ପକ୍ଷରୁ ଟ୍ରାଭିସ୍ ହେଡ୍ ୭୬ ରନ୍‌ର ଅର୍ଦ୍ଧଶତୀୟ ଇନିଂସ୍ ଖେଳିଥିଲେ। ସେ ଅଭିଷେକ ଶର୍ମା (୪୫)ଙ୍କ ସହ ପ୍ରଥମ ୱିକେଟ୍ ପାଇଁ ୧୨୯ ରନ୍ ଯୋଡ଼ିଥିଲେ। ଏହି ପାର୍ଟନରଶିପ୍ ରନ୍ ଚେଜ୍‌କୁ ସହଜ କରିଥିଲା। ଶେଷରେ ହେନ୍‌ରିକ୍ କ୍ଲାସେନ୍ ଅପରାଜିତ ୬୫ ରନ୍‌ର ଇନିଂସ୍ ଖେଳି ଟିମ୍‌କୁ ବିଜୟୀ କରାଇଥିଲେ। ତାଙ୍କ ସହିତ ସଲିଲ୍ ଆରୋରା ୧୦ ବଲ୍‌ରେ ୩୦ ରନ୍ କରି ଅପରାଜିତ ଫେରିଥିଲେ। ଈଶାନ୍ କିଶନ୍ ଖାତା ଖୋଲିପାରି ନଥିବା ବେଳେ ନୀତୀଶ ରେଡ୍ଡୀ ୨୧ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ଏଏମ୍ ଗଜନଫର୍ ଦୁଇଟି ୱିକେଟ୍ ନେଇଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଟ୍ରେଣ୍ଟ୍ ବୋଲ୍ଟଙ୍କୁ ୧-୧ ସଫଳତା ମିଳିଥିଲା।



ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ମୁମ୍ବାଇ ପକ୍ଷରୁ ଦୁଇ ଓପ୍ନର୍ ୱିଲ୍ ଜ୍ୟାକ୍ସ ଓ ର୍‍ୟାନ୍ ରିକେଲ୍‌ଟନ୍ ବିସ୍ଫୋରକ ବ୍ୟାଟିଂ କରି ପାୱାର୍‌ପ୍ଲେରେ ସ୍କୋର୍ ୭୮ ରନ୍‌ରେ ପହଞ୍ଚାଇଥିଲେ। ଦୁହିଁଙ୍କ ମଧ୍ୟରେ ୯୩ ରନ୍‌ର ପାର୍ଟନରଶିପ୍ ହେବାପରେ ୮ମ ଓଭର୍‌ରେ ଜ୍ୟାକ୍ସ ୨୨ ବଲ୍‌ରେ ୪୬ ରନ୍ କରି ଆଉଟ୍ ହୋଇଥିଲେ। ସୂର୍ଯ୍ୟକୁମାର ପୁଣିଥରେ ଫ୍ଲପ୍ ହେବା ସହିତ କେବଳ ୫ ରନ୍ କରି ଈଶାନ୍ ମାଲିଙ୍ଗାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହାପରେ ରିକେଲ୍‌ଟନ୍ ଇନିଂସ୍ ସମ୍ଭାଳି ନମନ ଧୀର (୨୨)ଙ୍କ ସହ ୫୫ ଏବଂ କ୍ୟାପ୍‌ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା (୩୧)ଙ୍କ ସହ ୫୬ ରନ୍‌ର ପାର୍ଟନରଶିପ୍ କରିଥିଲେ। ତିଳକ ବର୍ମା ମାତ୍ର ୭ ରନ୍ କରି ଆଉଟ୍ ହୋଇଥିଲେ। ୪୪ ବଲ୍‌ରେ ଆଇପିଏଲ୍ କ୍ୟାରିୟର୍‌ର ପ୍ରଥମ ଶତକ ପୂରା କରିଥିବା ରିକେଲ୍‌ଟନ୍ ୫୫ ବଲ୍‌ରେ ଅପରାଜିତ ୧୨୩ ରନ୍‌ର ଅପରାଜିତ ଇନିଂସ୍ ଖେଳି ମୁମ୍ବାଇ ସ୍କୋର୍ ୨୪୩ ରନ୍‌ରେ ପହଞ୍ଚାଇଥିଲେ। ରିକେଲ୍‌ଟନ୍‌ଙ୍କ ଏହି ଶତକ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଦ୍ରୁତତମ ଶତକ ଥିଲା। ହାଇଦ୍ରାବାଦ ପକ୍ଷରୁ ପ୍ରଫୁଲ୍ଲ ହିଙ୍ଗେ ଦୁଇଟି ୱିକେଟ୍ ନେଇଥିବା ବେଳେ ଈଶାନ୍ ମାଲିଙ୍ଗା, ସାକିବ୍ ହୁସେନ୍ ଏବଂ ନୀତୀଶ କୁମାର ରେଡ୍ଡୀଙ୍କୁ ୧-୧ ସଫଳତା ମିଳିଥିଲା।

# ଡ୍ରେସିଂ ରୁମ୍‌ରେ ଇ-ସିଗାରେଟ୍ ଟାଣି ବିବାଦରେ ରିୟାନ୍ ପରାଗ

## କାର୍ଯ୍ୟାନୁଷ୍ଠାନ କରିପାରେ ବିସିସିଆଇ

**ନ୍ୟୁ ଚଣ୍ଡିଗଡ଼,୨୯।୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ରେ ରାଜସ୍ଥାନ ରୟାଲ୍ସ କ୍ୟାପ୍‌ଟେନ୍ ରିୟାନ୍ ପରାଗ ଏକ ବିବାଦରେ ଛନ୍ଦି ହୋଇପଡ଼ିଛନ୍ତି। ମଙ୍ଗଳବାର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ଅବସରରେ ସେ ଡ୍ରେସିଂ ରୁମ୍‌ରେ ଇ-ସିଗାରେଟ୍ ଟାଣୁଥିବା କ୍ୟାମେରାରେ କଏଦ ହୋଇଛି। ଏହି ମାମଲାରେ ଭାରତୀୟ କ୍ରିକେଟ୍ ବୋର୍ଡ ବିସିସିଆଇ ପରାଗଙ୍କୁ ଜବାବ ମାଗିଛି।



ଇଣ୍ଡିଆନ୍ ଏକ୍ସପ୍ରେସ୍‌ର ଏକ ରିପୋର୍ଟ ଅନୁସାରେ ବିସିସିଆଇର ଜଣେ ଅଧିକାରୀ କହିଛନ୍ତି, ଏହି କୃତ୍ୟ ପାଇଁ ବୋର୍ଡ ରିୟାନ୍ ପରାଗଙ୍କୁ ଜବାବ ମାଗିଛି। ଲାଇଭ୍ ବ୍ରଡ୍‌କାଷ୍ଟର ଏହି କ୍ଲିପ୍ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ଭିଡିଓ ରାଜସ୍ଥାନ ଇନିଂସ୍‌ରେ ୧୬ଶ ଓଭର୍‌ର। ଏଥିରେ ଧ୍ରୁବ ଜୁରେଲ୍ ଓ ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ଉପସ୍ଥିତିରେ ପରାଗ କଥିତ ଇ-ସିଗାରେଟ୍ ଟାଣୁଥିବା ଦେଖିବାକୁ ମିଳୁଛି।

ଭରତ ସରକାର ଇ-ସିଗାରେଟ୍ ନିଷେଧ ଅଧିନିୟମ (ପିଇସିଏ) ୨୦୧୯ ଅଧୀନରେ ଭେପ୍ସ ଏବଂ ଇ-ସିଗାରେଟ୍‌ର ଉତ୍ପାଦନ, ଆମଦାନୀ ଏବଂ ବିଜ୍ଞାପନ ଉପରେ ପ୍ରତିବନ୍ଧ ଲାଗୁ କରୁଛନ୍ତି। ଉଲ୍ଲଂଘନରେ ଜୋରିମାନା ଏବଂ ଜେଲ୍ ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ଏପରି ସ୍ଥିତିରେ ଜଣେ ଏଲିଟ୍ ଖେଳାଳି ଏବଂ ଟିମ୍ କ୍ୟାପ୍‌ଟେନ୍‌ଙ୍କ ସାର୍ବଜନୀନ ମଞ୍ଚରେ ଏହାର ବ୍ୟବହାର କରିବା ଆଇନ ଏବଂ ଖେଳର ମର୍ଯ୍ୟାଦାର ଉଲ୍ଲଂଘନ ଭାବେ ଦେଖାଯାଉଛି। ବୋର୍ଡ ଏହାକୁ ଗୁରୁତର ଭାବେ ନେଇ କ୍ୟାପ୍‌ଟେନ୍ ଏବଂ ଫ୍ରାଞ୍ଚାଇଜିଙ୍କୁ ଜବାବ ତଲବ କରିପାରେ।

# ମହାନ୍ ଗଲ୍‌ଫର୍ ବିଜୟ କୁମାରଙ୍କ ନିଧନ



**ଲକ୍ଷ୍ନୌ,୨୯।୪/ଏଜେନ୍ସି:** ଭାରତୀୟ ଗଲ୍‌ଫର ମହାନ୍ ଏବଂ ପୂର୍ବତନ ଇଣ୍ଡିଆନ୍ ଓପନ୍ ଚାମ୍ପିଅନ୍ ବିଜୟ କୁମାରଙ୍କର ୫୭ ବର୍ଷ ବୟସରେ ନିଧନ ହୋଇଛି। ପ୍ରଫେସନାଲ୍ ଗଲ୍‌ଫ ଟୁର୍ ଅଫ୍ ଇଣ୍ଡିଆ (ପିଜିଟିଆଇ) ସୋସିଆଲ୍ ମିଡିଆରେ ତାଙ୍କ ନିଧନ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେବା ସହିତ ଶୋକବ୍ୟକ୍ତ କରିଛି। ବିଜୟ କୁମାରଙ୍କ ଜନ୍ମ ୧୯୬୮ ମସିହା ଡିସେମ୍ବର ୨୯ ତାରିଖରେ ଲକ୍ଷ୍ନୌ ହୋଇଥିଲା। ସେ ୧୯୮୮ରେ ପେସାଦାର ଖେଳାଳି ହୋଇଥିଲେ। ୧୯୯୦ ଦଶକ ମଧ୍ୟରୁ ପରବର୍ତ୍ତୀ ଦଶକ ଆରମ୍ଭ ପର୍ଯ୍ୟନ୍ତ ସେ ଭାରତୀୟ ଘରୋଇ ଗଲ୍‌ଫରେ ନିଜ ଦବ୍‌ଦବା ବଜାୟ ରଖି ବହୁ ଟାଇଟଲ୍ ଜିତି ଏକ ଚମତ୍କାର କ୍ୟାରିୟର୍ କରିଥିଲେ। ସେ ଚାରିଥର (୧୯୯୫-୯୬, ୧୯୯୭-୯୮, ୧୯୯୮-୯୯, ୧୯୯୯-୨୦୦୦) ଇଣ୍ଡିଆନ୍ ପ୍ରଫେସନାଲ୍ ସର୍କିଟ୍‌ରେ ଅର୍ଡର୍ ଅଫ୍ ମେରିଟ୍ ଚାମ୍ପିଅନ୍ ହୋଇଥିଲେ। ଇଣ୍ଡିଆନ୍ ଓପନ୍ ଟାଇଟଲ୍ ଜିତିଥିବା ମାତ୍ର ସାତ ଭାରତୀୟଙ୍କ ମଧ୍ୟରୁ ସେ ଅନ୍ୟତମ। ବିଜୟ କୁମାର ୨୦୦୬ ଇଣ୍ଡିଆନ୍ ଓପନ୍‌ରେ ଯୁଗ୍ମ ରନର୍-ଅପ୍ ହୋଇଥିଲେ।

# ଧୋଇଗଲା ବାଂଲାଦେଶ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି-୨୦

**ଚଟ୍ଟଗ୍ରାମ,୨୯।୪/ଏଜେନ୍ସି:** ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଲଗାଣ ବର୍ଷା କାରଣରୁ ଧୋଇଯାଇଛି। ଖରାପ ପାଗ



ଯୋଗୁଁ ମ୍ୟାଚ୍‌ର ଟସ୍ ମଧ୍ୟ ହୋଇପାରି ନଥିଲା ଏବଂ ଅମ୍ପାୟାର ମ୍ୟାଚ୍ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ମ୍ୟାଚ୍ ରଦ୍ଦ ହେବା ଫଳରେ ତିନି ମ୍ୟାଚ୍‌ର ସିରିଜ୍‌ରେ ଘରୋଇ ଟିମ୍ ବାଂଲାଦେଶ ୧-୦ରେ ଅଜେୟ ଅଗ୍ରଣୀ ହାସଲ କରିଛି। ଆୟୋଜକ ଟିମ୍ ପ୍ରଥମ ମ୍ୟାଚ୍ ୬ ୱିକେଟ୍‌ରେ ଜିତିଥିଲା। ଏବେ ଦୁଇ ଟିମ୍ ମଧ୍ୟରେ ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଶନିବାର ମୀରପୁରରେ ଖେଳାଯିବ। ଟି-୨୦ ସିରିଜ୍ ପୂର୍ବରୁ ହୋଇଥିବା ଦିନିକିଆ ସିରିଜ୍‌ରେ ମଧ୍ୟ ବାଂଲାଦେଶ ଟିମ୍ ଚମତ୍କାର ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡକୁ ୨-୧ରେ ହରାଇଥିଲା।

# ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ସଭାପତି ଶମ୍ମୀ ସିଲ୍‌ଭାଙ୍କ ଇସ୍ତଫା

**କଲମ୍ବୋ,୨୯।୪/ଏଜେନ୍ସି:** ଦୀର୍ଘ ବିବାଦ ଏବଂ ରାଜନୈତିକ ଟଣାଓଟରା ମଧ୍ୟରେ ବୁଧବାର ଶ୍ରୀଲଙ୍କା କ୍ରିକେଟ୍ (ଏସ୍‌ଏଲ୍‌ସି) ଅଧ୍ୟକ୍ଷ ଶମ୍ମି ସିଲ୍‌ଭା ଇସ୍ତଫା ଦେଇଛନ୍ତି। ଏହା ସହିତ ପୂରା କାର୍ଯ୍ୟକାରିଣୀ ମଧ୍ୟ ସାମୂହିକ ଇସ୍ତଫା ପ୍ରଦାନ କରିଛି। ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେଙ୍କ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ବୋର୍ଡ ବିରୋଧରେ ଆର୍ଥିକ ଅନିୟମିତତା ଏବଂ ମିସ୍ ମ୍ୟାନେଜମେଣ୍ଟର ଅଭିଯୋଗ ଥିଲା, ଯାହା ଫଳରେ ତାଙ୍କ ଉପରେ ପଦ ଛାଡ଼ିବାର ଚାପ ରହିଥିଲା। ରିପୋର୍ଟ ଅନୁସାରେ ସରକାର ବୋର୍ଡର ଦୈନିକ କାର୍ଯ୍ୟକଳାପ ପାଇଁ ଏକ ଅନ୍ତରୀଣ କମିଟି ଗଠନ ପ୍ରସ୍ତୁତିରେ ରହିଛନ୍ତି। ଏହାର ଅଧ୍ୟକ୍ଷତା ପୂର୍ବତନ ସାଂସଦ ଏରନ୍ ବିକ୍ରମରତ୍ନେ କରିପାରନ୍ତି। ପୂର୍ବତନ କ୍ରିକେଟର୍ ରୋଶନ୍ ମହାନାମା ଏବଂ ସିଦଥ ବୋଟ୍ଟିମୁନ୍ନୀଙ୍କୁ ମଧ୍ୟ କମିଟିରେ ବଡ଼ ଭୂମିକା ମିଳିପାରେ। ସରକାରଙ୍କ ଉଦ୍ଦେଶ୍ୟ କ୍ରିକେଟ୍ ପ୍ରଶାସନରେ ଦ୍ରୁତ ସୁଧାର କରିବା। ଅବଶ୍ୟ ଏହାର ଆଧିକାରିକ ଘୋଷଣା ବାକି ରହିଛି।



ଶମ୍ମୀ ସିଲ୍‌ଭା ୨୦୧୯ରେ ପ୍ରଥମ ଥର ଅଧ୍ୟକ୍ଷ ହୋଇଥିଲେ। ୭ ବର୍ଷରେ ସେ ଚାରିଥର ନିର୍ବାଚିତ ହୋଇଥିଲେ। ଏହା ମଧ୍ୟରୁ ତିନିଥର ବିନା ପ୍ରତିଦ୍ୱନ୍ଦ୍ୱିତାରେ ଅଧ୍ୟକ୍ଷ ହୋଇଥିଲେ। ତାଙ୍କ କାର୍ଯ୍ୟକାଳରେ ମହିଳା ଏବଂ ପୁରୁଷ ଟିମ୍ ଏସିଆ କପ୍ ଜିତିଥିଲେ। କିନ୍ତୁ ଇତିମଧ୍ୟରେ ପୁରୁଷ ଟିମ୍‌ର ର୍‍ୟାଙ୍କିଙ୍ଗ୍ ହ୍ରାସ ପାଇଥିଲା। ଟିମ୍ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ନବମ ସ୍ଥାନରେ ରହିଥିବା ବେଳେ ୨୦୨୬ ଟି-୨୦ ବିଶ୍ୱକପ୍‌ରେ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଚଳିତ ମାସରେ ଗ୍ୟାରୀ କର୍ଷ୍ଟନ୍‌ଙ୍କୁ ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଥିଲେ ମଧ୍ୟ ନେତୃତ୍ୱ ପରିବର୍ତ୍ତନର ଦାବି ଜାରି ରହିଥିଲା।

ତେବେ ଏହି ପରିବର୍ତ୍ତନରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର 'ଜିରୋ ଟଲରେନ୍ସ' ପଲିସି ବଡ଼ ବାଧା ହୋଇଛି। ଧାରା ୨.୪ (ଡି) ଅନୁସାରେ ବୋର୍ଡରେ ସରକାରୀ ହସ୍ତକ୍ଷେପ ପ୍ରତିବନ୍ଧିତ। ୨୦୨୩ ନଭେମ୍ବରେ କ୍ରୀଡ଼ାମନ୍ତ୍ରୀଙ୍କ ଦ୍ୱାରା ବୋର୍ଡକୁ ବରଖାସ୍ତ କରାଯିବା ପରେ ଆଇସିସି ଶ୍ରୀଲଙ୍କାର ସଦସ୍ୟତା ନିଲମ୍ବିତ କରିଥିଲା ଏବଂ ଅଣ୍ଡର-୧୯ ବିଶ୍ୱକପ୍ ଆୟୋଜନ ଅଧିକାର ମଧ୍ୟ ପ୍ରତ୍ୟାହାର କରିନେଇଥିଲା। ମାତ୍ର ଆଇସିସି ପ୍ରତିବନ୍ଧରୁ ବର୍ତ୍ତିବା ନିମନ୍ତେ ଅନୁରା କୁମାରା ଦିସାନାୟକେଙ୍କ ସରକାର ଅନ୍ୟ ରାସ୍ତା ଚୟନ କରିଛି। ବୋର୍ଡକୁ ବରଖାସ୍ତ କରିବା ପରିବର୍ତ୍ତେ 'ସାମୂହିକ ସ୍ୱୈଚ୍ଛିକ ଇସ୍ତଫା'ର ବିକଳ୍ପ ଗ୍ରହଣ କରାଯାଇଛି। ଆଇସିସି ନିକଟରେ ପ୍ରଶାସନିକ ସଙ୍କଟ ଭାବେ ଉପସ୍ଥାପିତ କରାଯିବ, ନା କି ରାଜନୈତିକ ହସ୍ତକ୍ଷେପ।

# ସ୍ୱାମୀ ବିବେକାନନ୍ଦ ଅଣ୍ଡର-୨୦ ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍: ଓଡ଼ିଶା ଦଳର ଛତିଶଗଡ଼ ଯାତ୍ରା

**କଟକ,୨୯।୪/ଏନ୍‌ଏନ୍‌ଏସ୍:** ଆସନ୍ତା ମାସ ୨ରୁ ୭ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ର ନାରାୟଣପୁରରେ ହେବାକୁ ଥିବା ସ୍ୱାମୀ ବିବେକାନନ୍ଦ ୨୦ ବର୍ଷରୁ କମ୍ ପୁରୁଷ ଜାତୀୟ ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍‌ରେ ଭାଗନେବା ପାଇଁ ୧୮ ଜଣିଆ ଓଡ଼ିଶା ଦଳ ଆଜି ଛତିଶଗଡ଼ ଅଭିମୁଖେ ଯାତ୍ରା କରିଛି। ଏହି ସମ୍ମାନଜନକ ଜାତୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଗ୍ରୁପ୍-ଇ'ରେ ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ଲାକ୍ଷାଦ୍ୱୀପ ସହିତ ସ୍ଥାନ ପାଇଛି। ଓଡ଼ିଶା ମେ' ୨ ତାରିଖରେ ଲକ୍ଷାଦ୍ୱୀପ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ। ଏହାପରେ ଦଳ ମେ' ୪ରେ କର୍ଣ୍ଣାଟକ ଏବଂ ମେ' ୬ରେ ପଶ୍ଚିମବଙ୍ଗ ବିପକ୍ଷରେ ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ଆର୍‌କେ ଆଶ୍ରମ ଗ୍ରାଉଣ୍ଡରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ମେ' ୮, ୯, ୧୮ ଏବଂ ୧୯ ତାରିଖରେ ଅନୁଷ୍ଠିତ ହେବ। ଏହାପରେ ସେମିଫାଇନାଲ୍ ମ୍ୟାଚ୍ ମେ' ୨୧ ଓ ୨୨ ତାରିଖରେ ଏବଂ ଫାଇନାଲ୍ ମ୍ୟାଚ୍ ୨୪ ତାରିଖରେ ଖେଳାଯିବ। ଓଡ଼ିଶା ଫୁଟ୍‌ବଲ୍ ସଂଘ (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଚାମ୍ପିଅନ୍‌ଶିପ୍ ପାଇଁ ଓଡ଼ିଶା ଦଳର ଖେଳାଳି ଏବଂ ଅଫିସିଆଲ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଟି-୨୦ରେ ଦ୍ରୁତ ୧୨୦୦୦ ରନ୍

# କୋହଲି-ଗେଲ୍‌ଙ୍କୁ ପଛରେ ପକାଇଲେ ବାବର

**କରାଚି,୨୯।୪/ଏଜେନ୍ସି:** ପାକିସ୍ତାନର ଷ୍ଟାର୍ ବ୍ୟାଟର୍ ବାବର ଆଜମ୍ ଟି-୨୦ କ୍ରିକେଟ୍‌ରେ ଆଉ ଏକ ଐତିହାସିକ ଉପଲବ୍ଧି ହାସଲ କରିଛନ୍ତି। ପେଶାୱର୍ ଜାଲ୍‌ମୀ ପକ୍ଷରୁ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)ର ଏକ ମ୍ୟାଚ୍‌ରେ ବାବର୍ ୧୨୦୦୦ ରନ୍ ପୂରା କରିଛନ୍ତି ଏବଂ ଏହି ମାଇଲଖୁଣ୍ଟରେ ପହଞ୍ଚିବାରେ ଦ୍ରୁତତମ ବ୍ୟାଟର୍ ହୋଇଛନ୍ତି। କରାଚୀରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବାବର୍ ନିଜ ୩୫୧ତମ ମ୍ୟାଚ୍‌ରେ ୩୩୮ତମ ଇନିଂସ୍‌ରେ ଏହି ରେକର୍ଡ କରିଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ ୱେଷ୍ଟଇଣ୍ଡିଜ୍‌ର କିମ୍ବଦନ୍ତୀ କ୍ରିସ୍ ଗେଲ୍‌ଙ୍କ ନାମରେ ଥିଲା। ଗେଲ୍ ୩୪୩ ଇନିଂସ୍‌ରେ ୧୨ ହଜାର ରନ୍ ପୂରା କରିଥିଲେ। ଏହି ସୂଚୀର ତୃତୀୟ ସ୍ଥାନରେ ଭାରତୀୟ ବ୍ୟାଟର୍ ବିରାଟ କୋହଲି (୩୬୦ ଇନିଂସ୍) ରହିଛନ୍ତି। ବାବର୍‌ଙ୍କୁ ୧୨୦୦୦ ରନ୍ ପୂରଣ କରିବା ପାଇଁ ଆଉ ୧୩ ରନ୍‌ର ଆବଶ୍ୟକତା ଥିଲା, ଯାହା ସେ ଏହି ମ୍ୟାଚ୍‌ର ଚତୁର୍ଥ ଓଭର୍‌ରେ ହିଁ ପୂରା କରିଥିଲେ। ଏହା ସହିତ ସେ ଟି-୨୦ କ୍ରିକେଟ୍‌ରେ ୧୨୦୦୦ ରନ୍ ପୂରା କରିବାରେ ପାକିସ୍ତାନର ଦ୍ୱିତୀୟ ବ୍ୟାଟର୍ ହୋଇଛନ୍ତି। ଏହି ଫର୍ମାଟ୍‌ରେ ପାକିସ୍ତାନ ପାଇଁ ସର୍ବାଧିକ ରନ୍ ଏବେ ବି ସୋଏବ୍ ମଲିକ୍‌ଙ୍କ ନାମରେ ରହିଛି।



## ମହିଳା ଟି-୨୦ ବିଶ୍ୱକପ୍ ୨୦୨୬

# ୧୫ ଜଣିଆ ନ୍ୟୁଜିଲାଣ୍ଡ ଟିମ୍ ଘୋଷିତ

**ୱେଲିଂଟନ୍,୨୯।୪/ଏଜେନ୍ସି:** ଇଂଲଣ୍ଡ ଓ ୱେଲ୍ସରେ ହେବାକୁ ଥିବା ଆଗାମୀ ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ପାଇଁ ବୁଧବାର ୧୫ ଜଣିଆ ନ୍ୟୁଜିଲାଣ୍ଡ ଟିମ୍ ଘୋଷିତ ହୋଇଛି। ଅନୁଭବୀ ଅଲ୍‌ରାଉଣ୍ଡର୍ ଆମେଲି କେର୍‌ଙ୍କ ଟିମ୍‌ର କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଛି। ଏହା ସହିତ ଡିଫେଣ୍ଡିଂ ଚାମ୍ପିଅନ୍ ଟି-୨୦ ବିଶ୍ୱକପ୍ ପାଇଁ ଟିମ୍ ଘୋଷଣା କରିବାରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟିମ୍ ହୋଇଛି। ଏହା ପୂର୍ବରୁ ଆୟୋଜକ ଇଂଲଣ୍ଡ ସୋମବାର ଏହି ମେଗା ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ ନିଜ ଟିମ୍ ଘୋଷଣା କରିଥିଲା। କିୱି ଟିମ୍‌ରେ ଅନୁଭବୀ ଏବଂ ଯୁବ ଖେଳାଳିଙ୍କ ଉନ୍ନତ ମିଶ୍ରଣ ଦେଖିବାକୁ ମିଳିଛି। ଟିମ୍‌ରେ ଅନୁଭବୀ ସୁଜି ବେଟ୍ସ ଏବଂ ସୋଫି ଡିଭାଇନ୍‌ଙ୍କୁ ସାମିଲ କରାଯାଇଛି, ସେମାନେ ନିଜ ନିଜର ଦଶମ ଟି-୨୦ ବିଶ୍ୱକପ୍ ଖେଳିବେ। ଅନ୍ୟପକ୍ଷରେ ନୂଆ ଖେଳାଳି ନାନ୍ସୀ ପଟେଲ୍ ଓ ବ୍ୟାଟର୍ ଇଜି ଶାର୍ପଙ୍କୁ ପ୍ରଥମ ଥର ପାଇଁ ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳିବାର ସୁଯୋଗ ମିଳିଛି। ତେବେ ପ୍ରଥମ ପସନ୍ଦର ସ୍ପିନର୍ ଇଡନ୍ କାର୍ସନ୍‌ଙ୍କୁ କହୁଣୀ ଆଘାତ କାରଣରୁ ଟିମ୍‌ରେ ସାମିଲ କରାଯାଇ ନାହିଁ। ନ୍ୟୁଜିଲାଣ୍ଡ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ବି'ରେ ଆୟୋଜକ ଇଂଲଣ୍ଡ, ଆୟର୍ଲାଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍ ଏବଂ ସ୍କଟ୍‌ଲାଣ୍ଡ ସହିତ ସ୍ଥାନ ପାଇଛି।

## ଦେଶ ବିଦେଶ

## ବେଙ୍ଗଲ୍ ନିର୍ବାଚନ: ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ବେଳେ ବି ହିଂସା

# ଶୁଭେନ୍ଦୁଙ୍କୁ ଘେରିଲେ ଟିଏମ୍‌ସି କର୍ମୀ, ବିଜେପି ପ୍ରାର୍ଥୀଙ୍କ ଗାଡ଼ି ଭଙ୍ଗାରୁଜା

**କୋଲକାତା, ୨୯।୪/ଏଜେନ୍ସି:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସମୟରେ ମଧ୍ୟ ଅନେକ ଆସନରେ ବ୍ୟାପକ ହିଂସା ଏବଂ ମାଡ଼ପିଟ୍ ଘଟଣା ସାମ୍ନାକୁ ଆସିଛି। ବିଭିନ୍ନ ସ୍ଥାନରେ ବିଜେପି ଏବଂ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି।









ରିପୋର୍ଟ ଅନୁସାରେ ନଦିଆ (ଛପରା) ଅଞ୍ଚଳରେ ବିଜେପି ପୋଲିଂ ଏଜେଣ୍ଟ ମୁଶରଫ ମୀରଙ୍କୁ ଟିଏମ୍‌ସି କର୍ମୀମାନେ ରଡ୍ ଏବଂ ବନ୍ଧୁକରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତାଙ୍କ ମୁଣ୍ଡରେ ୬ଟି ସିଲେଇ ହୋଇଥିବା ଜଣାପଡ଼ିଛି। ଏଠାରେ ବିଜେପି କ୍ୟାମ୍ପ ଉପରେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ସେହିପରି ବିଜାପୁର ଅଞ୍ଚଳରେ ଟିଏମସି କାଉନସିଲର ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ମାଡ଼ପିଟ୍ ହୋଇଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଭିଡ଼କୁ ନିୟନ୍ତ୍ରଣ କରିଥିଲା। ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ବାସନ୍ତୀ ଅଞ୍ଚଳରେ ବିଜେପି ପ୍ରାର୍ଥୀ ବିକାଶ ସର୍ଦ୍ଦାରଙ୍କ କାର୍ ଭଙ୍ଗାରୁଜା କରାଯାଇଛି। ତାଙ୍କ ସୁରକ୍ଷାକର୍ମୀଙ୍କ ବନ୍ଧୁକ ଛଡ଼ାଇବାକୁ ମଧ୍ୟ ଚେଷ୍ଟା କରାଯାଇଛି। ହୁଗୁଳି ପ୍ରାନ୍ତରେ ଜଣେ ନକଲି ପୋଲିଂ ଏଜେଣ୍ଟଙ୍କୁ ନେଇ ଟିଏମସି ଏବଂ ଆଇଏସ୍‌ଏଫ୍ କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଯଦି ଭବାନୀପୁର କଥା କହିବା ତେବେ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ଏଠାରେ ବୁଥ୍ ପରିଦର୍ଶନରେ ଯାଇଥିବା ବେଳେ ଟିଏମ୍‌ସି କର୍ମୀମାନେ ତାଙ୍କୁ ଘେରିଯାଇ 'ଚୋର ଚୋର' ବୋଲି ନାରାବାଜି କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସିଆରପିଏଫ୍ ଯବାନ୍‌ଙ୍କୁ ଲାଠିଚାଳନା କରିବାକୁ ପଡିଛି। ଏତଦ୍‌ବ୍ୟତୀତ ପାନିହାଟୀ ଅଞ୍ଚଳରେ ବିଜେପି ପ୍ରାର୍ଥୀ ରତ୍ନା ଦେବନାଥଙ୍କ ଉପରେ ଟିଏମସି କର୍ମୀମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏତଦ୍‌ବ୍ୟତୀତ ଶ୍ୟାମପୁକୁର ଅଞ୍ଚଳ ବିଜେପି ପ୍ରାର୍ଥୀ ପୂର୍ଣ୍ଣିମା ଚକ୍ରବର୍ତ୍ତୀଙ୍କ ବିରୋଧରେ ଟିଏମସି ସମର୍ଥକମାନେ ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷେ ଟିଏମ୍‌ସି କର୍ମୀମାନେ ଡାଇମଣ୍ଡ ହାର୍ବର ଅଞ୍ଚଳରେ ଇଭିଏମ୍‌ରେ ବିଜେପି ବଟନ୍ ଉପରେ ଟେପ୍ ଲଗାଇ ବ୍ଲକ୍ କରିଥିବା ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ନିର୍ବାଚନ କମିଶନ ଏହା ଉପରେ ତଦନ୍ତ ଆରମ୍ଭ କରିଛନ୍ତି।

# ଦୁଇ ପୃଥକ୍ ଘଟଣାରେ ୧୯ ମୃତ

## ପିକ୍‌ଅପ୍ ଭ୍ୟାନ୍ ଓଲଟି ୧୨ଙ୍କ ପ୍ରାଣହାନୀ, କର୍ଣ୍ଣାଟକରେ ବର୍ଷା ନେଲା ୭ ଜୀବନ

**ଧାର (ମଧ୍ୟପ୍ରଦେଶ), ବେଙ୍ଗାଲୁରୁ, ୨୯।୪/ଏଜେନ୍ସି:** ବୁଧବାର ଦୁଇଟି ପୃଥକ୍ ଘଟଣାରେ ୧୯ ଜଣଙ୍କ ପ୍ରାଣହାନୀ ହୋଇଥିବା ଭଳି ଅତ୍ୟନ୍ତ ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ମଧ୍ୟପ୍ରଦେଶର ଧାର ଜିଲ୍ଲାରେ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌ଟିର ଗୋଟିଏ ଟାୟାର ଫାଟିଯିବାରୁ ଭାରସାମ୍ୟ ହରାଇ ଏହା ଏକ ସ୍କର୍ପିଓକୁ ଧକ୍କା ଦେବା ପରେ ଓଲଟି ପଡ଼ିଥିଲା। ଏଥିରେ ଦୁଇଜଣ ଶିଶୁଙ୍କ ସମେତ ୧୨ ଜଣଙ୍କର ମୃତ୍ୟୁ ହୋଇଥିବା ନିଶ୍ଚିତ କରାଯାଇଛି। ସେହିପରି ଏହି ଘଟଣାରେ ଅନ୍ୟ ୧୩ ଜଣ ଗୁରୁତର ଭାବେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ବୁଧବାର ରାତି ପ୍ରାୟ ୮:୩୦ ସମୟରେ ଇନ୍ଦୋର-ଅହମ୍ମଦାବାଦ ଜାତୀୟ ରାଜପଥର ଚିକଲିଆ ଫାଟା ନିକଟରେ ଘଟିଛି। ପିକ୍‌ଅପ୍ ଭ୍ୟାନ୍‌ରେ ପ୍ରାୟ ୩୫ ଜଣ ଶ୍ରମିକ ଥିଲେ। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି।



ସେହିପରି ବେଙ୍ଗାଲୁରୁରେ ପ୍ରବଳ ବର୍ଷା ଆଉ ୭ଜଣଙ୍କ ଜୀବନ ନେଇଛି। ଏଠାରେ ଥିବା ଏକ ମିଳିତ ଚିକିତ୍ସାଳୟର କାନ୍ଥ ପଡ଼ିଯିବାରୁ ୩ ଶିଶୁଙ୍କ ସମେତ ୭ଜଣ ପ୍ରାଣ ହରାଇଛନ୍ତି। ସେହିପରି ଏହି ଘଟଣାରେ ଅନ୍ୟ ୭ ଆହତଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ପ୍ରବଳ ବର୍ଷା ଯୋଗୁଁ 'ବୋରିଂ ଆଣ୍ଡ ଲେଡି କର୍ଜନ ହସ୍ପିଟାଲ' ର କାନ୍ଥ ଦୁର୍ବଳ ହୋଇପଡ଼ିଥିଲା ଏବଂ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଦୁର୍ଘଟଣା ସମୟରେ ରାସ୍ତା କଡ଼ରେ ଥିବା ଛୋଟ ଦୋକାନୀ ଏବଂ ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ କାନ୍ଥର ଭଗ୍ନାବଶେଷ ତଳେ ଚାପି ହୋଇଯାଇଥିଲେ। ମୁଖ୍ୟମନ୍ତ୍ରୀ ସିଦ୍ଧାରମୈୟା ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ସେ ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି।

## ଭାରତୀୟ ଶିକ୍ଷା ବୋର୍ଡର ପ୍ରାଦେଶିକ କାର୍ଯ୍ୟାଳୟ ଉଦ୍‌ଘାଟିତ





# ବିଏସ୍‌ବି ପିଲା କେବେ ବି ଆତଙ୍କବାଦୀ କିମ୍ବା ବ୍ୟଭିଚାରୀ ହେବେ ନାହିଁ: ରାମଦେବ

**ହରିଦ୍ୱାର, ଲକ୍ଷ୍ନୌ, ୨୯।୪/ଏଜେନ୍ସି:** ଉତ୍ତର ପ୍ରଦେଶ ମାଧ୍ୟମିକ ଶିକ୍ଷାମନ୍ତ୍ରୀ ଗୁଲାବ ଦେବୀ, ପୂଜ୍ୟ ସ୍ୱାମୀ ରାମଦେବ ଏବଂ ବିଶିଷ୍ଟ ଅତିଥି ଡଃ ଏନ.ପି. ସିଂଙ୍କ ଉପସ୍ଥିତିରେ ଲକ୍ଷ୍ନୌର ଖ୍ରୀଷ୍ଟିଆନ କଲେଜ ପ୍ରାଙ୍ଗଣରେ ଭାରତୀୟ ଶିକ୍ଷା ବୋର୍ଡ (ବିଏସ୍‌ବି)ର ପ୍ରାଦେଶିକ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ରାମଦେବ କହିଛନ୍ତି ଯେ, ଯେପରି ଯୋଗ କ୍ରାନ୍ତିର ଆରମ୍ଭ ହୋଇଥିଲା, ସେହିପରି ଉତ୍ତର ପ୍ରଦେଶର ଏହି ମାଟିରୁ ଏବେ ଶିକ୍ଷା କ୍ରାନ୍ତିର ଆରମ୍ଭ ହେବାକୁ ଯାଉଛି। ଭାରତୀୟ ଶିକ୍ଷା ବୋର୍ଡ (ବିଏସ୍‌ବି) ଏହାର ମୂଳ ଭିତ୍ତି ଅଟେ। ଏହି ବୋର୍ଡରୁ ଶିକ୍ଷା ଗ୍ରହଣ କରୁଥିବା ପିଲାମାନେ କେବେ ବି ହିଂସା କିମ୍ବା ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ ନାହିଁ। ଆମେ ମାକୋଲେଙ୍କ ଦ୍ୱାରା ପ୍ରଚଳିତ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିର ପ୍ରଭାବକୁ ଶେଷ କରିବୁ। ରାମଦେବ କହିଛନ୍ତି, ଚଳିତ ବର୍ଷ ପ୍ରାୟ ୧ ଲକ୍ଷ ବିଦ୍ୟାଳୟକୁ ଭାରତୀୟ ଶିକ୍ଷା ବୋର୍ଡ ସହିତ ଯୋଡ଼ାଯିବ, ଯେଉଁଥିରେ ଉତ୍ତର ପ୍ରଦେଶରୁ ସର୍ବାଧିକ ସଂଖ୍ୟକ ସ୍କୁଲ ରହିବେ। ବିଏସ୍‌ବିର ଶିକ୍ଷା ଶୈଳୀ ଆଧୁନିକ ଏବଂ ପ୍ରାଚୀନ ଶିକ୍ଷା ପଦ୍ଧତିର ଏକ ଅପୂର୍ବ ସମନ୍ୱୟ। ସେହିପରି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ମନ୍ତ୍ରୀ ଗୁଲାବ ଦେବୀ କହିଛନ୍ତି ଯେ, ଇଂରାଜୀ ସ୍କୁଲଗୁଡ଼ିକରେ ଦିଆଯାଉଥିବା ଶିକ୍ଷା ବର୍ତ୍ତମାନ ଦିଶାହୀନ ହୋଇଯାଇଛି ଏବଂ ଏହା ପାଶ୍ଚାତ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ। ପିଲାମାନେ ନିଜର ସଂସ୍କାର ଭୁଲିଯାଉଛନ୍ତି। ସେ ଆଶ୍ୱାସନା ଦେଇଛନ୍ତି ଯେ ଭାରତୀୟ ଶିକ୍ଷା ବୋର୍ଡ ପାଇଁ ଉତ୍ତର ପ୍ରଦେଶ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ। ମନ୍ତ୍ରୀ ଗୁଲାବ ଦେବୀ ବିଦ୍ୟାଳୟଗୁଡ଼ିକରେ ସଂସ୍କାରର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଶିକ୍ଷା ମନ୍ତ୍ରୀ ନିଜ ଭାଷଣରେ କହିଛନ୍ତି, ଯେଉଁଠାରେ ସ୍ୱାମୀ ରାମଦେବଙ୍କ ଭଳି ସନ୍ଥ ଅଛନ୍ତି, ସେହି ଅନୁଷ୍ଠାନ ସାରା ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିବ ବୋଲି ସେ ଦୃଢ଼ ଆଶାବାଦୀ। ବୋର୍ଡର ଚେୟାରମ୍ୟାନ୍ ଏନ୍.ପି ସିଂହ କହିଛନ୍ତି ଯେ, ଭାରତୀୟ ଜ୍ଞାନ ପରମ୍ପରା ଏବଂ ଆଧୁନିକ ଶିକ୍ଷାର ସମନ୍ୱୟ ରକ୍ଷା କରିବା ପାଇଁ ଏହି ବୋର୍ଡ ଗଠନ କରାଯାଇଛି। ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି ଯେ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମର ନୁହେଁ, ବରଂ ସମସ୍ତ ୧୫୦ କୋଟି ଭାରତୀୟଙ୍କ ପାଇଁ ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମରେ ଡଃ ମହେନ୍ଦ୍ର ସିଂ, ଅଓଧ ଓଝା, ଆଚାର୍ଯ୍ୟ ସ୍ୱଦେଶ, ସାଧ୍ୱୀ ଦେବପ୍ରିୟା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra